# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME-43 ◆ISSUE-313 ◆TUESDAY ◆12 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧୩ ◆ମଙ୍ଗଳବାର ◆୧୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ପ୍ରିୟାଂଶଙ୍କ ବିସ୍ଫୋରକ ଅର୍ଦ୍ଧଶତକ

▸ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE •AMC•ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ । ବଛା ବଛା ମଡେଲ ପାଇଁ ସଞ୍ଚୟ 27 ଏପ୍ରିଲ ରୁ 31 ମଇ 2026 ପର୍ଯ୍ୟନ୍ତ ଅଛି । ପ୍ରଯୁଜ୍ୟ ଅଫର୍‌ଗୁଡ଼ିକ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । E-comm ଅଫର୍‌ଗୁଡ଼ିକ ଯଥାଯୋଗ୍ୟ E-comm ପାର୍ଟନର୍ ଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । E-comm ଅଫର୍‌ଗୁଡ଼ିକ ପ୍ରତି ପାର୍ଟନର୍‌ଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ । ଉଦ୍ଧୃତ ESRP ଗୁଡ଼ିକ ବେସ୍ ଭାରିଆଣ୍ଟ'ର ଅଟେ । ଅଫର୍ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ନିକଟସ୍ଥ ଡୀଲରଶିପ୍ କୁ ଆସନ୍ତୁ । ପଲ୍‌ସର୍ 125 ନିଅନ୍ ଲାଗି ₹2 000 ଛାଡ଼ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili MSB BAJAJ 7077735755** • **Brahmagiri MSB BAJAJ 7008198739 Sakhigopal MSB BAJAJ 9124590859** • **Jankia BHARAT BAJAJ 9348768960** •**Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

# ଅବଧି ସରିବା ପରେ ମଧ୍ୟ ସରୁନି କାମ

କର୍ଯ୍ୟାଁଗୋଲା, ୧୧ା୫(ସମିସ



ସରକାର ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଅନେକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ମନୋବୃତ୍ତି ଯୋଗୁଁ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରୁନି। ଅବଧି ସରିବା ପରେ ମଧ୍ୟ ସମ୍ପୂର୍ଣ୍ଣ ହେଉ ନାହିଁ ପ୍ରକଳ୍ପ। ଏଭଳି କିଛି ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ। ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୬ କୋଟି ୬୩ ଲକ୍ଷ ବ୍ୟୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହେଉଥିବା ୩୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଭବନର କାମ ଆରମ୍ଭ ହୋଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସମାପ୍ତି ନେଇ କୌଣସି ସ୍ପଷ୍ଟତା ଦେଖାଯାଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କାର୍ଯ୍ୟ ସ୍ଥଳରେ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ୧୧-୦୭-୨୦୨୨ ଉଲ୍ଲେଖ ରହିଥିଲେ ମଧ୍ୟ, ଶେଷ ତାରିଖ ୧୦-୦୭-୨୦୨୩ ତାରିଖ ରହିଛି। ଏହି ପ୍ରକଳ୍ପର କାମ ପାଣିକୋଇଲି ପୂର୍ତ୍ତବିଭାଗ ଅଧୀନରେ ଚାଲିଥିବା ବେଳେ, ସରୋଜ କନଷ୍ଟ୍ରକ୍ସନ ଏଜେନ୍ସି ନାମ ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାମର ଗତି ଅତ୍ୟନ୍ତ ମନ୍ଥର ତ କେବେ ବନ୍ଦ ରହୁଛି। ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦଶରଥପୁର ବ୍ଲକର ୧୯ ପଞ୍ଚାୟତରୁ ଊର୍ଦ୍ଧ୍ୱ ସମେତ ପଡ଼ୋଶୀ ବିଞ୍ଝାରପୁର ବ୍ଲକର ବାଙ୍ଗରା, ହଳଦୀଡ଼ିହ, ଆଉଁରୀ, ଉତ୍ତରକୁଳ, କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଗ୍ରାମ, ଭଦ୍ରକ ଜିଲ୍ଲା କିଛି ପଞ୍ଚାୟତ ଲୋକମାନେ ମଧ୍ୟ ନିର୍ଭର କରିଥାନ୍ତି। ଆବଶ୍ୟକତା ଦୃଷ୍ଟିରୁ ପୂର୍ବ ସରକାରଙ୍କ ସମୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କାର୍ଯ୍ୟ ଆରମ୍ଭହୋଇଛି ସତ କିନ୍ତୁ କେବେ ସରିବ ତାର କିଛି ନିର୍ଦ୍ଦିଷ୍ଟତା ରହୁନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ କେବେ ସରିବ ପ୍ରକଳ୍ପ। ପ୍ରକଳ୍ପ ଶେଷ ହେବାରେ ଏତେ ବିଳମ୍ବ କାହିଁକି। ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ସାଲାସୁତୁରା ଚାଲିଛି କି କାମ ଏନେ ସ୍ଥାନୀୟ ଅଞ୍ଚଳ ଅଭିଯୋଗ ଆସିଛି। ତେବେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ଯଥା ଶୀଘ୍ର ଏହି ପ୍ରକଳ୍ପ ଶେଷ କରିବାକୁ ଅଞ୍ଚଳବାସୀ ତରଫରୁ ଦାବି କରିଛନ୍ତି।

## ଜଟିଆ ଷ୍ଟିଲରୁ ପାୱାର କେବୁଲ ଚୋରି; ୨ ଗିରଫ

**ଯଖପୁରା, ୧୧ା୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଜଟିଆ ଷ୍ଟିଲ କାରଖାନାରୁ ପାୱାର କେବୁଲ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। କାରଖାନା ମଧ୍ୟରେ କାର୍ଯ୍ୟରତ ହାଉସ-କିପିଙ୍ଗ ଶ୍ରମିକମାନେ ବେଆଇନ ଭାବେ ପାୱାର କେବୁଲ କାଟି ଦେବା ଫଳରେ ପ୍ଲାଣ୍ଟ ମଧ୍ୟରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ଘଟଣାରେ ଯଖପୁରା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଶନିବାର କାରଖାନାରେ କାମ ଚାଲିଥିବା ସମୟରେ ହଠାତ୍ ପ୍ଲାଣ୍ଟ ମଧ୍ୟରେ 'ସଟ୍ ଡାଉନ୍' ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଦ୍ୟୁତ ସରବରାହ ବନ୍ଦ ହେବାରୁ କମ୍ପାନୀର ଅଧିକାରୀମାନେ ତଦନ୍ତ ଆରମ୍ଭ କରିଥିଲେ। ଅଫିସ କର୍ମଚାରୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ, କାରଖାନା ମଧ୍ୟରେ ହାଉସ ସଫେଇ କାର୍ଯ୍ୟରେ ନିୟୋଜିତ ଦୁଇଜଣ ଶ୍ରମିକ ବେଆଇନ ଭାବେ ପାୱାର କେବୁଲ କାଟୁଛନ୍ତି। ଅଭିଯୁକ୍ତ ଦୁଇଜଣ ହେଲେ କୋରେଇ ଥାନା ଅନ୍ତର୍ଗତ ଖମିଗାଁ (ରଗଡ଼ି) ଗ୍ରାମର ଶୁଭକୁମାର ଦାସ (୨୧) ଏବଂ ସୁକାନ୍ତ ଦାସ (୨୫)। ଜଟିଆ ଷ୍ଟିଲର ମାନବ ସମ୍ବଳ ବିଭାଗ ମୁଖ୍ୟଙ୍କ ଲିଖିତ ଅଭିଯୋଗ ଆଧାରରେ ଯଖପୁରା ଥାନା କେସ ନଂ ୮୭/୨୬ ରୁଜୁ କରିଥିଲା। ପୁଲିସ ଘଟଣାସ୍ଥଳ ଅନୁଧ୍ୟାନ ଓ ସିସିଟିଭି ପ୍ରମାଣ ଭିତ୍ତିରେ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରିଥିଲା। ଆଜି (ସୋମବାର) ଉଭୟଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। କୋଟିଏ ଟଙ୍କାର ଯନ୍ତ୍ରାଂଶ ବିପଦରେ ଥିବା ବେଳେ ୨୨ ଲକ୍ଷର କ୍ଷତି ଚୋରି ହୋଇଥିବା କେବୁଲର ଆନୁମାନିକ ମୂଲ୍ୟ ପ୍ରାୟ ୨୧ ହଜାର ଟଙ୍କା ହୋଇଥିବା ସୂଚନା ମିଳିଛି। ହଠାତ୍ ବିଦ୍ୟୁତ ସଂଯୋଗ କଟିଯିବାରୁ ପ୍ଲାଣ୍ଟରେ ଥିବା ଅନେକ ଅଟୋମେଟିକ ମେସିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଏହି ବିଭ୍ରାଟ ଯୋଗୁଁ କାରଖାନାର ପ୍ରାୟ ୨୨ ଲକ୍ଷ ଟଙ୍କାର କ୍ଷତି ଘଟିଛି। ଏହି ଘଟଣା ପରେ ଶିଳ୍ପାଞ୍ଚଳରେ ନିୟୋଜିତ ଠିକା ଶ୍ରମିକମାନଙ୍କର ଗତିବିଧି ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ବାସୁଦେବ ମଠ ଓ ଶ୍ରୀରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଧର୍ମଶାଳା, ୧୧ା୫(ସମିସ):** କଲଣ ପଞ୍ଚାୟତ ଶୂଳିଆ ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ବିଗ୍ରହ ତଥା ବାସୁଦେବ ମଠ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ କରାଯାଇଥିଲା। ଏହି ଅବସରରେ ଗ୍ରାମର ମହିଳାମାନେ ଏକ ବିଶାଳ ଶୋଭାଯାତ୍ରରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ୧୦୮ ଜଳପୂର୍ଣ୍ଣ କଳସ ଆଣି ସ୍ଥାପନ କରିଥିଲେ। ପଣ୍ଡିତ ଡ. ପ୍ରଭଞ୍ଜନ ପତି, ବିଜୟ କୁମାର ପତି, ନିରାକାର ଦାଶ, କ୍ଷେତ୍ରବାସୀ ପତି, ବଳରାମ ଦାଶ, ନିରଞ୍ଜନ ପତି, ଶୁଭଙ୍କର ଶତପଥୀ, ଜନାର୍ଦ୍ଦନ ଦାଶ, ଦେବାଶିଷ ପତି, ବଳରାମ ଦାଶ ପ୍ରମୁଖ ବ୍ରାହ୍ମଣମାନଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ପ୍ରତ୍ୟକ ଦିନ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ଓ ଯଜ୍ଞକର୍ମ ସାଙ୍ଗକୁ ସନ୍ଧ୍ୟାରେ ଭଜନ ଓ ସଂସ୍କୃତିକ କର୍ଯ୍ୟକର୍ମ ପରିବେଷଣ କରାଯାଇଥିଲା। ଶେଷଦିନରେ ପ୍ରଭୁ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କୁ ମନ୍ଦିର ବିଜେ ସହ ରତ୍ନ ସିଂହାସନ ଆରୋହଣ କରାଯିବା ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ରାଣୀ ଅପର୍ଣ୍ଣା ସିଂ ଧୀର ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବେ ଅମୂଲ୍ୟ କୁମାର ସାହୁ, ଶିକ୍ଷକ ରଶ୍ମୀକାନ୍ତ ସାହୁ, କର୍ତ୍ତୀ ରଶ୍ମିତା ସାହୁ, ପ୍ରଜ୍ଞାପରମିତା ସାହୁ, କମଳିନୀ ସାହୁ ସାମିଲ ହୋଇଥିଲେ।

## ଛଟେଇ ନୋଟିସ୍ ପ୍ରତ୍ୟାହାର ନହେଲେ ଆନ୍ଦୋଳନ



**ଧର୍ମଶାଳା, ୧୧ା୫(ସମିସ):** ଗତ କିଛିଦିନ ଧରି ଟାଟା ପାୱାର ବିରୋଧରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନ ଜୋର ଧରିଛି। ୨୦୨୧ମସିହା ଠାରୁ ବିଦ୍ୟୁତ ବିତରଣ ସଂସ୍ଥାର କିଛି ଅଂଶ ରାଜ୍ୟ ସରକାର ଟାଟା ପାୱାରକୁ ହସ୍ତାନ୍ତର କରିଥିଲେ। ପରେ ସାରା ରାଜ୍ୟରେ ଟାଟା ପାୱାର ମନମାନୀ ଚଳାଇ ଆସୁଛି। ଅନେକ ସମୟରେ ଉପଭୋକ୍ତା ମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ କରିଛନ୍ତି। ଏବେ ଉପଭୋକ୍ତା ନୁହେଁ ନିଜର ପତିଆରା ଜାହିର କରୁଛି ତଳିଆ ଠିକା କର୍ମଚାରୀଙ୍କ ଉପରେ। ଟାଟା ପାୱାର ଉତ୍ତରାଞ୍ଚଳ (ଟିପିଏନ୍ଓଡିଏଲ୍) ଅଧୀନରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ମାନଙ୍କୁ ବିଭିନ୍ନ ଏଜେନ୍ସି ମାନଙ୍କ ଦ୍ୱାରା ବ୍ୟାପକ ଛଟେଇ ପତ୍ର ପ୍ରଦାନ କରୁଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ଓ ନିନ୍ଦନୀୟ ଅଟେ। ଏହାକୁ ଦୃଢ଼ ବିରୋଧ କରିଛି ନେସ୍କୋ ଠିକା ଶ୍ରମିକ ସଙ୍ଘ ଯାଜପୁର। ଏହି ପରିପ୍ରେକ୍ଷୀରେ ସଙ୍ଘ ପକ୍ଷରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ସୋମବାର ଦିନ ଏକ ଦାବିପତ୍ର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ପ୍ରଦାନ କରାଯଇଛି। ବିଦ୍ୟୁତ ବିତରଣ ବିଭାଗରେ ବିଭିନ୍ନ ପଦବୀ ଖାଲି ପଡ଼ିଥିବାବେଳେ ଦୀର୍ଘ ୧୫/୨୦ ବର୍ଷ ଧରି ଠିକା କର୍ମଚାରୀ ଭାବେ ଅନବରତ ଦୈନିକ ୧୨ ରୁ ୧୪ ଘଣ୍ଟା ପର୍ଯ୍ୟନ୍ତ ମାସିକ ସ୍ୱଳ୍ପ ବେତନରେ କାର୍ଯ୍ୟ କରି ଆସୁଥିଲେ। କୌଣସି କାରଣ ନଥାଇ ବେଆଇନ ଭାବେ ଛଟେଇ ପ୍ରକ୍ରିୟା ଜାରି ରହିଛି। ଯାହା ଫଳରେ ଶ୍ରମିକ ଓ କର୍ମଚାରୀ ମାନେ ଏଭଳି ପତ୍ର ପାଇ ମାନସିକ ଓ ଶାରିରୀକ ଭାବେ ଦୁର୍ବଳ ହୋଇ ପଡ଼ିଛନ୍ତି। ଜଁଚଘଡଉଖ ଅଧୀନରେ କାର୍ଯ୍ୟରତ ଠିକାଦାର ମାନେ ବିଦ୍ୟୁତ ଭଳି ଏକ ମାତ୍ର ସେବାକୁ ଅଣଦେଖା କରିବା ଓ ବିଦ୍ୟୁତ ନିୟାମକ ଆୟୋଗ (ଡଜରଉ) ଙ୍କ ନିର୍ଦ୍ଦେଶରେ ଏହା କରାଯାଉଛି ବୋଲି କହିବା ଘଟଣା ସାଧାରଣ କର୍ମଚାରିଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ ଗ୍ରାହକ ମାନଙ୍କୁ ମର୍ମାହତ କରିଛି। ସମସ୍ତ ଘଟଣା ଗୁଡିକୁ ଦୃଷ୍ଟିଗୋଚର କରି ଯାଜପୁର ସର୍କଲ ଅଧୀନରେ ଥିବା ସମସ୍ତ ଡିଭିଜନରେ ଛଟେଇ ନୋଟିସ ଆସନ୍ତା ୩୧ ପୂର୍ବରୁ ପ୍ରତ୍ୟାହାର ନକଲେ ନେସ୍କୋ ଠିକା ଶ୍ରମିକ ସଙ୍ଘ ଯାଜପୁର ପକ୍ଷରୁ ସଙ୍ଘର ସମସ୍ତ ସଭ୍ୟମାନଙ୍କୁ ନେଇ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅହରାତ୍ର ଅନଶନ କରିବାକୁ ସଙ୍ଘ ଚେତାବନୀ ଦେଇଛି। ସଙ୍ଘର ସଭାପତି ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଓଝା, କୋଷାଦକ୍ଷ ଜ୍ୟୋତିପ୍ରକାଶ ପରିଡ଼ା ଓ କାର୍ଯ୍ୟକାରୀ ସଭାପତି ଚନ୍ଦନ ସାହୁଙ୍କ ସହଯୋଗରେ ଆଗାମୀ ଦିନରେ ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲଢେଇ ହେବା ନେଇ ସମସ୍ତ କର୍ମଚାରୀ ମାନଙ୍କୁ ଅବଗତ କରାଇଛନ୍ତି।

## ସିଂହପୁର ଉପ ଡାକଘରୁ ମିଳୁନି ଜମା ଟଙ୍କା
## କଙ୍କାଳ ଧରି ଆସିବାକୁ ଚେତାବନୀ

**ପ୍ରୀତିପୁର, ୧୧ା୫(ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଠାରେ ଥିବା ସିଂହପୁର ଉପ ଡାକଘରେ ଜଣେ ବ୍ୟକ୍ତିଙ୍କୁ ଜମା ଟଙ୍କା ଦେବା ପାଇଁ ବାରମ୍ବାର ଦୌଡାଉଛନ୍ତି। ଏଥିପାଇଁ ଜିତୁ ମୁଣ୍ଡାଙ୍କ ଫର୍ମୁଲା ଆପ୍ଲାଏ କରିବେ ବୋଲି କରି ନିଜର ହକ୍ ଆଦାୟ କରିବା ପାଇଁ ଜନୈକ ଯୁବକ ସବ ପୋଷ୍ଟଅଫିସ କର୍ମକର୍ତ୍ତାଙ୍କୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ ସିଂହପୁର ଗ୍ରାମର ଧ୍ରୁବଚରଣ ସାହୁଙ୍କ ପରଲୋକ ପରେ ବାପାଙ୍କ ନାମରେ ଥିବା ଟଙ୍କା ପାଇବା ପାଇଁ ମାସ ମାସ ଧରି ପୋଷ୍ଟ ଅଫିସକୁ ଯାଇ ସମସ୍ତ କାଗଜପତ୍ର ଯଥା ଡେଥ ସାର୍ଟିଫିକେଟ, ଲିଗାଲ ହେୟାର, କୋର୍ଟ ଆଫିଡିପେଟ, ପୁଅ, ଝିଅଙ୍କ ଆଧାର କାର୍ଡ, ନୋମିନି ଓ ସାକ୍ଷୀଙ୍କ ଆଧାର କାର୍ଡ ସହିତ ଦସ୍ତଖତ ଦେବାପରେ କିଛି ନ୍ୟାୟ ମିଳୁନି। ସେ ମାସ ମାସ ଧରି ଖାଲି ସିଂହପୁର ଉପଡ଼ାକଘରକୁ ଦୌଡୁଛନ୍ତି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ତେଣୁ କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ଭଳି ସିଂହପୁର ଉପଡ଼ାକଘରକୁ ବାପାଙ୍କ କଙ୍କାଳ ବୋହି ଆଣିବାକୁ ବାଧହେବ ବୋଲି ସରୋଜ ସାହୁ ଏକ ବିବୃତ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏ ଦିଗରେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ମହାଡାକପାଳ ହସ୍ତକ୍ଷେପ ପାଇଁ ଲିଖିତ ଆବେଦନ ପଠାଇ ବିହୀତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବାଣ ବିସ୍ଫୋରଣରେ ଶିଶୁ ଗୁରୁତର

**ଯାଜପୁର, ୧୧ା୫(ସମିସ):** ବାହାଘର ରୋଷଣୀରୁ ବଳକା ବାଣ ଫୁଟାଇବାକୁ ଶିଶୁ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଶିଶୁ ଜଣକ ହେଉଛନ୍ତି ଛତିଶ ଦେବିଲ ପଞ୍ଚାୟତ ଅରିକ୍ଷାବାଙ୍କ ଗାଁର ଶ୍ରୀଧର ବେହେରାଙ୍କ ପୁଅ ସାଗର। ଗୁରତର ଅବସ୍ଥାରେ ଶିଶୁଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତ ଅରୀକ୍ଷାବାଙ୍କ ଅଞ୍ଚଳରେ ଗତକାଲି ରାତିରେ ବିବାହ ଉତ୍ସବରେ ବାଣ ଫୁଟାଇ ରୋଷଣୀରେ କନ୍ୟା ଘରକୁ ଯାଉଥିବା ବେଳେ କିଛି ବାଣ ଫୁଟି ନ ଥିଲା। ତେବେ ଆଜି ସାଗର ସେହି ଅଫୁଟା ବାଣକୁ ଫୁଟାଇବାକୁ ଚେଷ୍ଟା କରୁଥିବା ବେଳେ ହାତରେ ବିସ୍ଫୋରଣ ଘଟିଥିଲା।

## ରାମବାଗ ସତ୍‌ସଙ୍ଗ କେନ୍ଦ୍ରରେ ଅଧିବେଶନ



**ପ୍ରୀତିପୁର, ୧୧ା୫(ସମିସ):** ରାମବାଗ ସତ୍‌ସଙ୍ଗ ଉପଯୋଜନା କେନ୍ଦ୍ରରେ ଏକ ବିଶେଷ ସତସଙ୍ଗ ଅଧିବେଶନ ପଲାସାହି ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଦ୍ୱୈତ ପ୍ରସାଦ ପଣ୍ଡାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବିଶେଷ ସତସଙ୍ଗରେ ପ୍ରୀତିପୁର ସତ୍‌ସଙ୍ଗ କେନ୍ଦ୍ରର ସମ୍ପାଦକ ସହ ପ୍ରତିଋତ୍ୱିକ ଭାସ୍କର ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରତିଋତ୍ୱିକ ଅଶୋକ କୁମାର ଧଳ ଯୋଗଦେଇଥିଲେ। ଅଧ୍ୟାପକ ବଳରାମ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବଶିକ୍ଷାବିତ୍ ଅଦ୍ୱୈତ ପ୍ରସାଦ ପଣ୍ଡା ଶ୍ରୀଶ୍ରୀ ଠାକୁରଙ୍କ ଦୟା କରୁଣାର କାହାଣୀ ବର୍ଣ୍ଣନା କରିଥିଲେ। ସହ ପ୍ରତିଋତ୍ୱିକ ରତନଲାଲ ଭୂୟାଁ, ଶିକ୍ଷାବିତ୍ ଅଦ୍ୱୈତ ପ୍ରସାଦ ପଣ୍ଡାଙ୍କ ଚରିତ ଭଜନ ପରିବେଷଣ କରିଥିବା ବେଳେ ପ୍ରୀତିଭୂଷଣ ରାଉତ, ରଙ୍ଗାଧର ଜେନା, ଅଧ୍ୟାପିକା ସୁଲିତା ଜେନା, ଅଧ୍ୟାପକ ବଳରାମ ପଣ୍ଡା ଓ ଯାଜକ କର୍ମୀ କାଶୀନାଥ ଦାସ, ଶତ୍ରୁଘ୍ନ ଜେନା ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ଉପଯୋଜନା କେନ୍ଦ୍ରର ଗୁରୁଭ୍ରାତା ଯାଜକ କର୍ମୀ ଅମୂଲ୍ୟ କୁମାର ପଣ୍ଡା, ମନୋଜ କୁମାର ରାଉତ, ଗୁରୁଚରଣ ସାହାଣୀ, ଲାଲବିହାରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହିମାଚଳରେ ଚାଲୁଛି ଫେଡେରେସନ କପ୍
## ଓଡ଼ିଶା ଲାକ୍ରୋସ୍ ଦଳରେ ଯାଜପୁରର ଖେଳାଳି




**ଯଖପୁରା, ୧୧ା୫(ସମିସ):** ହିମାଚଳ ପ୍ରଦେଶର ସୁନ୍ଦର ନଗରଠାରେ ଆୟୋଜିତ ହେଉଥିବା ୩ୟ ଫେଡେରେସନ କପ୍ ଲାକ୍ରୋସ୍ ଚାମ୍ପିଅନସିପ୍‌ରେ ଭାଗ ନେଇଛି ଓଡ଼ିଶା ଦଳ। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ମୋଟ ୨୨ ଜଣିଆ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧି ଦଳ ହିମାଚଳ ପ୍ରଦେଶ ଅଭିମୁଖେ ଯାଇଛନ୍ତି। ତେବେ ଏହି ଦଳରେ ଯାଜପୁର ଜିଲ୍ଲାର ପ୍ରତିଭାବାନ ଖେଳାଳିଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଯାଜପୁର ଜିଲା ଦାନଗଦି ବ୍ଲକ ଟମକାରୁ ତିନି କ୍ରୀଡ଼ାବିତଙ୍କ ସହିତ ଜଣେ ମ୍ୟାନେଜର ସାମିଲ ହୋଇଛନ୍ତି। ବିଶେଷ କରି ଯାଜପୁର ଜିଲ୍ଲାର ଟମକା ଅଞ୍ଚଳରୁ ତିନି ଜଣ ଉଦୀୟମାନ କ୍ରୀଡ଼ାବିତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡମ୍ବରୁଧର ମହାନ୍ତ, ଦିଲୀପ ମହାନ୍ତ ଏବଂ ଜଗତ ଜୀବନ ମହାନ୍ତ। ମ୍ୟାନେଜର ଦେବାମୃତ ସାହୁ ଅଫିସିଆଲ୍ ଭାବେ ଦଳ ସହିତ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ଓ ୧୯ ତାରିଖରେ କଟକର ଡ୍ରିମ୍ସ ୟୁନିଭରସିଟିଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଲାକ୍ରୋସ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ହେବା ସହ ଏହି ଦଳରୁ ଓଡ଼ିଶା ଦଳକୁ ଖେଳାଳି ମନୋନୟନ ହୋଇଥିଲେ। ଲାକ୍ରୋସ୍ ଭାରତରେ ଏକ ନୂତନ କ୍ରୀଡ଼ା ଭାବେ ଉଭା ହେଉଥିବା ବେଳେ ଓଡ଼ିଶା ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏହି ଖେଳରେ ଏକ ନେଟ୍ ଥିବା ଷ୍ଟିକ ବ୍ୟବହାର କରାଯାଇ ବଲକୁ ଗୋଲ୍ ପୋଷ୍ଟରେ ପହଞ୍ଚାଯାଏ। ଯାଜପୁର ଜିଲ୍ଲାର ଖେଳାଳିମାନେ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବାରୁ କଳିଙ୍ଗନଗର ଓ ଟମକା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ କ୍ରୀଡ଼ା ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

**ମଙ୍ଗଳପୁର, ୧୧ା୫ (ସମିସ):** ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଅର୍ଦ୍ଧାଉଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୟାନିଧି ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ଆଜି ଅର୍ଦ୍ଧାଉଳିଆ ମଙ୍ଗଳାମନ୍ଦିର ନିକଟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ତଥା ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ଶିକ୍ଷକ ନେତା ବିଜୟ କୁମାର ନାୟକ, ଧର୍ମାନନ୍ଦ ମଲ୍ଲିକ, ସଂଗ୍ରାମ ନାୟକ, ବରିଷ୍ଠ ସମାଜସେବୀ ବଟକୃଷ୍ଣ ମେକାପଙ୍କ ସଭାପତିତ୍ୱ ମଣ୍ଡଳୀ ସଭାରେ ଅର୍ଦ୍ଧାଉଳିଆ ଉପ୍ରା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ମଲ୍ଲିକ ଯୋଗଦେଇଥିଲେ। ଏଥିରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବରିଷ୍ଠ ବିଜେପି ନେତା ଗୌତମ ରାୟ, ସୁବାସ ମହାନ୍ତି, ଚିତ୍ତରଞ୍ଜନ ସାମଲ, ସଞ୍ଜୟ ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଦେବାଶିଷ ସାମଲ, ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, କୁଳମଣି ତ୍ରିପାଠୀ, ମହାନ୍ତି ପାଟଣା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବାଜୀ ଚରଣ କୁଅଁର, ୬ନମ୍ବର ଜୋନ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ ନାୟକ, ବରିଷ୍ଠ ସମାଜସେବୀ ଅନିଲ ରାୟ, କଂଗ୍ରେସ ନେତା ଶ୍ୟାମସୁନ୍ଦର କର, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷକ ନେତା, ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

କର୍ଯ୍ୟାଁଗୋଲା, ୧୧ା୫(ସମିସ): ମଙ୍ଗଳପୁର ଥାନା ଅଞ୍ଚଳର କେଶପୁର ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, କେଶପୁର ଗ୍ରାମର ଅଜୟ ବାରିକଙ୍କ ସ୍ତ୍ରୀ ମିନତୀ ବାରିକ ଗତକାଲି ରାତିରେ ଘର ପଛପଟ ବାଡ଼ିକୁ ଯାଇଥିଲେ। ସେହି ସମୟରେ ତାଙ୍କୁ ବିଷାକ୍ତ ସାପ କିମ୍ବା ଅନ୍ୟ କୌଣସି ଜୀବ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ମିନତୀଙ୍କ ଜୀବନ ରକ୍ଷା କରାଯାଇପାରିନଥିଲା। ଏହାକୁ ଏକ ଅପମୃତ୍ୟୁ ବୋଲି ଦର୍ଶାଇ ସ୍ୱାମୀ ଅଜୟ ବାରିକ ମଙ୍ଗଳପୁର ଥାନା ଆଇଆଇସିଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ଆଧାରେ ମଙ୍ଗଳପୁର ପୋଲିସକେଶ ନମ୍ବର ୯/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଦାନଗଦି, ୧୧ା୫(ସମିସ)

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫ଟି, ରେଡକ୍ରସ ସହାୟତା ପାଣ୍ଠିରୁ ୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯାଜପୁର ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର ଦାନଗଦି ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥଲେ।



# ୨୦ରେ ମହିଳା ବିଜେଡିର ନାରୀ ଅଧିକାର ଅଭିଯାନ ସମାବେଶ

କୋରାପୁଟ,୧୧।୫(ସମିସ): ରାଜ୍ୟରେ କ୍ରମାଗତଭାବେ ଦୁଷ୍କର୍ମ, ହିଂସା, ହତ୍ୟା, ଅପହରଣ, ଘରୋଇ ହିଂସା ବୃଦ୍ଧି ପାଇବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାର ବିରୋଧ କରି ଆସନ୍ତା ୨୦ ତାରିଖରେ କୋରାପୁଟ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ ଆୟୋଜନ କରା ଯିବ। ଏହି ଅବସରରେ ସ୍ଥାନୀୟ ବିଜୁ ପାଠାଗାରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହିଳା ବିଜେଡି ଜିଲ୍ଲାସଭାନେତ୍ରୀ ପାର୍ବତୀ ମଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଯୁବ ବିଜେଡ଼ି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇ ରାଜ୍ୟରେ ମହିଳା ବିରୋଧୀ ହିଂସା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିବା ସହ ମୋହନ ମାଝୀ ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଅପରାଧ ନିୟନ୍ତ୍ରଣରେ ସରକାର ବିଫଳ ଓ ଅସହାୟ ହୋଇ ପଡ଼ିଥିବା ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ କେନ୍ଦ୍ର ସରକାର ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ମହିଳାଙ୍କ ସମ୍ମାନ, ରାଜନୈତିକ ଅଧିକାର, ସାମାଜିକ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚି ଥିବା ବିଜେଡି ନେତୃ ମଣ୍ଡଳୀ ଅଭିଯୋଗ କରିଥିଲେ। ମହିଳାଙ୍କ ପ୍ରତି ଏହି ଚରମ ଅବହେଳାର ପ୍ରତିବାଦ ସ୍ୱରୂପ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୦ ତାରିଖରେ 'ନାରୀ ଅଧିକାର ଅଭିଯାନ' ସମାବେଶ କରି ବିକ୍ଷୋଭ ପ୍ରଦର୍ଶନ କରା ଯିବ ବୋଲି ଜିଲ୍ଲା ସଭାନେତ୍ରୀ ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ମହିଳା ବିଜେଡିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ପଞ୍ଚଡ଼ା ଗାଁରେ ପହଞ୍ଚିଲେ ବିଧାୟକ, ପ୍ରଶାସନ

ଲକ୍ଷ୍ମୀପୁର,୧୧।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡା ସଦର ପଞ୍ଚାୟତର ତଳ ସାହିର ତିନି ଜଣ ଯୁବକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକ କାଚ ତିଆରି କାରଖାନାରେ କାମ କରି ଅକାଳରେ ପ୍ରାଣ ହରାଇଛନ୍ତି। ଏହି ଖବର 'ସକାଳ'ରେ ପ୍ରକାଶନ ପରେ ପ୍ରଶାସନ ଗାଁରେ ପହଞ୍ଚିଛି। କାରାଖାନାରୁ ବାହାରୁ ଥିବା 'ଡଷ୍ଟ' ନିଶ୍ୱାସ ପ୍ରଶ୍ୱାସରେ ନେବା ଆଣିବା ଯୋଗୁଁ ଦେହରେ ରୋଗ ହୋଇ ସେମାନେ ମୃତ୍ୟୁ ମୁଖରେ ପଡ଼ି ଥିବା ଆଶଙ୍କା କରାଯାଉଛି। ସେହି ଖବର ପ୍ରସାରଣ ପରେ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା ଓ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ୍ ଉକ୍ତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରି ସମସ୍ତଙ୍କର ଡାକ୍ତରୀ ପରୀକ୍ଷା କରାଇବା ପାଇଁ କହିଛନ୍ତି। ଅନ୍ୟ ପକ୍ଷରେ ମୃତ୍ୟୁବରଣ କରିଥିବା ଯୁବକ ମାନଙ୍କ ସମ୍ପର୍କୀୟଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି। ତାଙ୍କ ସହିତ ଜିଲ୍ଲା ଶ୍ରମ ଅଧିକାରୀ ମଧ୍ୟ ସାଥିରେ ଥିଲେ। ବିଧାୟକ ଓ ପ୍ରଶାସନ ଗାଁରେ ପହଞ୍ଚିବା ପରେ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଦିବା ଯେଉଁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ସେଠାରେ ୧୨ ଘଣ୍ଟାରେ ୮୦ ହଜାରୁ ଅଧିକ ଟଙ୍କା ବିଲ କରି ନିରୀହ ଲୋକଙ୍କୁ ଲୁଟ୍ କରିଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଶ୍ରୀ ସାଉଁନ୍ତା କହିଛନ୍ତି। କାରଣ ସେଠାକୁ ଅନେକ ରୋଗୀ ଚିକିତ୍ସା ପାଇଁ ଯାଉଛନ୍ତି । ନିରୀହ ଲୋକେ ଠକାମୀର ଶିକାର ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୧।୫(ସମିସ) : ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ଓ ନିର୍ଯ୍ୟାତନା ଏବଂ ଧମକ ଚମକ ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ଏହି ମାମଲାରେ ଅଭିଯୁକ୍ତଙ୍କ ବାପା, ମା ଓ ଭଉଣୀକୁ ଆବଶ୍ୟକ ପ୍ରମାଣ ଅଭାବରୁ ନିର୍ଦ୍ଦେଷରେ ଖଲାସ କରାଯାଇଛି। ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ଜଜ୍ ପ୍ରଜ୍ଞା ନଳନୀ ମିଶ୍ର ଏହି ମାମଲାର ବିଚାରଣ କରିବା ସହିତ ତାଙ୍କ ରାୟରେ ଅଭିଯୁକ୍ତ କାକିରିଗୁମ୍ମା ଥାନା ଡି. ପଞ୍ଚଡା ଗ୍ରାମର ଯୁବକ କାଲେବ ଗରଡା (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ପୋକ୍ସ ଏବଂ ଅନ୍ୟାନ୍ୟ ବିଭିନ୍ନ ଦଫାରେ ସର୍ବାଧିକ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଜରିମାନା ବାବଦକୁ ୨୬ ହଜାର ଟଙ୍କା ଏବଂ ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ ୭ ମାସ କାରଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ନାବାଳିକା ଏବଂ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ଏବଂ ଦୋଷୀଙ୍କ ଠାରୁ ଆଦାୟ ଜରିମାନା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବଶ୍ୟକ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କ ବାପା ସାଧୁ ଗରଡା, ମା ମୁକ୍ତା ଗରଡା ଏବଂ ଭଉଣୀ ନନ୍ଧୁ ଗରଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲା ଅନୁଯାୟୀ, କୋରାପୁଟ ଜିଲ୍ଲା କାକିରିଗୁମ୍ମା ଥାନା ଅଞ୍ଚଳରେ ୧୫ ବର୍ଷିୟା ନାବାଳିକା ନଦୀକୁ ଗାଧୋଇ ଯାଉଥିବା ବେଳେ ଅଭିଯୁକ୍ତ ଜୋରଜବରଦସ୍ତ ଉଠାଇ ନେଇ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲେ। ଏହିପରି କିଛି ଦିନ ପରେ ନାବାଳିକା ନିଜ ଘରକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ଅଭିଯୁକ୍ତ ତାଙ୍କ ଗ୍ରାମକୁ ଛାଡିଦେବାକୁ କହି ନିଜ ବାଇକରେ ବସାଇ ଅନ୍ୟ ଏକ ଗ୍ରାମରେ ତାଙ୍କୁ ଦୁଇଦିନ ଏକ ଗୃହରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲେ। ଏହାପରେ ଅଭିଯୁକ୍ତ ନାବାଳିକାଙ୍କୁ ନେଇ ତାଙ୍କ ଗ୍ରାମରେ ଛାଡି ଦେଇଥିଲେ। ଏଥିନେଇ ଗ୍ରାମରେ ଏକ ବୈଠକ ମାଧ୍ୟମରେ ନାବାଳିକାଙ୍କୁ ଅଭିଯୁକ୍ତ ତାଙ୍କ ଘରକୁ ନେଇ ରଖିବା ନେଇ ସହମତି ମାଧ୍ୟମରେ ସମାଧାନ କରାଯାଇଥିଲା। ଏହିପରି ନାବାଳିକା ଅଭିଯୁକ୍ତଙ୍କ ଗୃହରେ କିଛି ଦିନ ରହିବା ପରେ ଅଭିଯୁକ୍ତ, ତାଙ୍କର ବାପା , ମା ଏବଂ ଭଉଣୀ ପୀଡିତଙ୍କୁ ଗାଳିଗୁଲଜ ଏବଂ ମାଡମାରି ଘରରୁ ବାହାର କରିଦେଇଥିଲେ। ଶେଷରେ ନାବାଳିକା ନିଜ ବାପାଘରକୁ ଫେରି ଆସି ଗତ ୨୦୨୫ ମସିହା ଜାନୁୟାରୀ ୧୬ ତାରିଖରେ କାକିରିଗୁମ୍ମା ଥାନାରେ ଏକ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ଥାନା ଅଧିକାରୀ ଡମ୍ବରୁ ବାର୍ତିଆ ତଦନ୍ତ କରିବା ସହିତ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ସୁରେଶ କୁମାର ହଡପ ମାମଲାକୁ ପରିଚାଳନା କରିଥିଲେ।

## ■ ମାଥିଲି ସମବାୟ ସମିତିର ଅର୍ଥ ହେରଫେର ମାମଲା

# ଯୁଗ୍ମ ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ନିଗମ ବିଭାଗ

ମାଥିଲି,୧୧।୫ (ସମିସ): ଗତ ୨୦୨୨-୨୩ ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ଥିବା ବହୁମୁଖୀ ସମବାୟ ସମିତିରେ କୋଟି କୋଟି ଟଙ୍କା ଅର୍ଥ ହେରଫେର ଅଭିଯୋଗ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷ ମାନଙ୍କ ଦ୍ୱାରା ହୋଇଥିଲା। ଏପରି ଅଭିଯୋଗକୁ ଭିତ୍ତିକରି କୋରାପୁଟ ବିଧାୟକ ରଘୁରାମ ମାଛ ଗତ ଫେବ୍ରୁଆରୀ ମାସ ୩ ତାରିଖ ଦିନ ନିଜର ପତ୍ର ସଂଖ୍ୟା-୧୧୨୫ ମାଧ୍ୟମରେ ରାଜ୍ୟ ନିଗମ ବିଭାଗରେ ମାଥିଲି ବହୁମୁଖୀ ସମବାୟ ସମିତିରେ ଅର୍ଥ ହେରଫେରକୁ ଯୁଗ୍ମ ତଦନ୍ତ ପାଇଁ ଦାବି କରିଥିଲେ।ଶ୍ରୀ ମାଛଙ୍କ ଦାବି ଆଧାରରେ ଆସନ୍ତା ମେ ୧୨ ୧ ତାରିଖ ମଙ୍ଗଳବାର ଦିନ ୧୧ଟା ସମୟରେ ଯୁଗ୍ମ ତଦନ୍ତ ପାଇଁ ଆରସିଏସଓ ବ୍ୟାଙ୍କ ୩ ଏମଆଇଏସସି ୦୦୫୮-୨୦୨୪ ଆଧାରରେ ନୋଟିସ ନମ୍ବର-୮୬୬୮ରେ ଜାରି କରିଛି ରାଜ୍ୟ ନିଗମ ବିଭାଗ। ସେହିପରି ପତ୍ର ସଂଖ୍ୟା-୮୬୬୯ ରେ ଲ୍ୟାମ୍ପସର ପରିଚାଳନା କମିଟିର ସଭାନେତ୍ରୀ ମୁନିବତୀ ବୁଡ଼ବାଡେ ଓ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ମାନେ ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ନୋଟିସ ଆସିଛି। ପତ୍ର ସଂଖ୍ୟା-୮୬୭୦ରେ କେସିସି ବ୍ୟାଙ୍କ ପୂର୍ବତନ ପରିଚାଳକ ବିଦ୍ୟାଧର ପ୍ରଧାନ, ଲ୍ୟାମ୍ପସର ଭାରପ୍ରାପ୍ତ ଏମଡି ସନ୍ତୋସି ପରିଡା ଏବଂ କ୍ୟାସିର ପ୍ରଶାନ୍ତ କୁମାର ନାୟକ ଉପସ୍ଥିତ ରହି ଅଭିଯୋଗ ଆଧାରିତ ସମସ୍ତ କାଗଜପତ୍ର ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଛି ବିଭାଗ। ପତ୍ର ସଂଖ୍ୟା-୮୬୭୧ପୂର୍ବରୁ ପ୍ରାଥମିକ ତଦନ୍ତ କରିଥିବା ମାଲକାନଗିରି ଉପଖଣ୍ଡ ଡିଆରସିଏସ ଓ ପତ୍ର ସଂଖ୍ୟା-୮୬୭୨ରେ ମାଥିଲି କେସିସି ବ୍ୟାଙ୍କ ପରିଚାଳକ ଉପସ୍ଥିତ ରହି ତଦନ୍ତ କରିଥିବା ସମସ୍ତ କାଗଜପତ୍ର ଉପସ୍ଥାପନ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ନୌସେନା ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଉମରକୋଟ,୧୧।୫(ସମିସ): ନୌସେନା ଅଧିକାରୀଙ୍କ ବିୟୋଗରେ ଉମରକୋଟ ଉତ୍କଳ କଳା ସଂସଦ ପକ୍ଷରୁ ଆଜି ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କଳା ସଂସଦ କ୍ଲବ୍ ଠାରେ ଅନୁଷ୍ଠିତ ଶୋକସଭାରେ ଉତ୍କଳ କଳା ସଂସଦର ସଭାପତି ବିପିନ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ନୋ÷ସେନା ଅଧିକାରୀ ଜି ଗୋଲ୍ଡ ସ୍ମିଥ୍‌ଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ନିଜନିଜ ମତ ରଖିଥିଲେ। ଶେଷରେ ବିପିନ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନ ୫ ତାରିଖରେ ତାଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କରିବାର ନିଷ୍ପତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଅକ୍ଷୟ କୁମାର ସାହୁ, ପୂର୍ବତନ କ୍ଲବ ସଭାପତି ତପନ କୁମାର ଦାସ, ଆଇନଜୀବୀ ନାରାୟଣ ସାହୁ, କ୍ଲବ କୋଷାଧ୍ୟକ୍ଷ ନକୁଳ ଚାନ୍ଦ, କୁନା ସାହୁ, ରାମ ପ୍ରସାଦ ତୁରୁକ , କ୍ଲବ ଉପସଭାପତି ସୁନିଲ କୁମାର ଜେନା, ପ୍ରଦୀପ କୁମାର ନାୟକ, ହିମାଂଶୁ ବିଶ୍ୱାଳ, ସୁଧାଂଶୁ ବିଶ୍ୱାଳ, ସତ୍ୟନାରାୟଣ ଦାସ, ପବନ ଝା , ରବିନ୍ଦ୍ର ବ୍ରହ୍ମା , ଲିଖନ ଦାସ, ଅଂଶୁମାନ ପାତ୍ର , କାଳିଆ ଓ ଦୀପକ ସରକାର, ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ।



# ଜିଲ୍ଲା ଓକିଲ ସଂଘ ପକ୍ଷରୁ କୋରାପୁଟ ସାଂସଦଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୧୧।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଏକ ରାସ୍ତାରୋକ ମାମଲାରେ ଜୟପୁର ଜେଏମ୍ଏଫସି କୋର୍ଟରେ ହାଜର ହେବାକୁ କୋରାପୁଟ ଲୋକସଭା ସାଂସଦ ଆସିଥିବା ବେଳେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକାଙ୍କୁ ଆଜି ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଓକିଲ ସଂଘର କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପି.ରମେଶ ପାତ୍ର, ଜିଲ୍ଲା ସଂଘର ସଭାପତି ବିଜୟ କୁମାର ରାୟ ଜେନାଦେଓ, ଉପସଭାପତି ଶରତ ମାଝି, ସଂପାଦକ ସହଦେବ ପଟ୍ଟନାୟକ, କୋଷାଧ୍ୟକ୍ଷ ଭି.ରାମାନୁଜ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସାଂସଦଙ୍କ ସହିତ ଜିଲ୍ଲା କଂଗ୍ରେସ ସଭାପତି ରୁପକ ତୁରୁକଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଗତ ଦିନରେ ଜୟପୁର ପାଇଁ ହୋଇଥିବା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନକୁ ସମର୍ଥନ ସହିତ ସାଂସଦ ନିଜ ପକ୍ଷରୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ତାଙ୍କ ଉଦ୍ୟମକୁ ଆଇନଜୀବୀ ସଂଘ ପକ୍ଷରୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଆଇନଜୀବୀଙ୍କ ସ୍ୱାର୍ଥ ପାଇଁ ଲୋକସଭାରେ ମତାମତ ରଖିବାକୁ ଜିଲ୍ଲା ସଂଘର ସଭାପତି ଶ୍ରୀ ଜେନା ଦେଓ ପ୍ରଶଂସା କରିଥିଲେ। ରାଜ୍ୟ ସଦସ୍ୟ ଶ୍ରୀ ପାତ୍ର ଜିଲ୍ଲା ଓକିଲ ସଂଘ ନବ ନିର୍ମିତ କାର୍ଯ୍ୟାଳୟ ପାଇଁ ସାଂସଦ ପାଣ୍ଠି ପ୍ରଦାନ ନିମିତ ଅନୁରୋଧ ରଖିଥିଲେ। ଏହି ଅବସରରେ ସାଂସଦ କହିଥିଲେ ଯେ, ଜୟପୁର ପାଇଁ ସେ ସବୁବେଳେ ଉଦ୍ୟମ ରତ ଏବଂ ଜୟପୁର ଠାରୁ କିଭଳି ଦିନ ବେଳା ଭୁବନେଶ୍ୱର ଟ୍ରେନ୍ ଚାଲିବ ସେ ଦାବି ବାରମ୍ବାର

## ■ କୋର୍ଟରେ ହାଜର ହେଲେ

ରଖୁଥିବା ବେଳେ ଭୁବନେଶ୍ୱର-ବିଶାଖପାଟଣା ବନ୍ଦେ ଭାରତ ଟ୍ରେନ୍ କିଭଳି ଆରକୁ ଦେଇ କୋରାପୁଟ ଯାଏଁ ସଂପ୍ରସାରିତ ହେବ ସେ ସମ୍ପର୍କରେ ସଂସଦରେ ଦାବି ରଖିଛନ୍ତି। ଆଗାମୀ ଦିନରେ ଜୟପୁର ବିମାନଘାଟି ସଂପ୍ରସାରଣ, ମାଲକାନଗିରି-ନବରଙ୍ଗପୁର ଜିଲ୍ଲାର ରେଳଧାରଣା ନିର୍ମାଣ ଏବଂ ଜୟପୁରର ବିକାଶ ପାଇଁ ଉଦ୍ୟମ କରିବେ ବୋଲି କହିବା ସହ ଓକିଲ ସଂଘ ପାଇଁ ଯାହା ଆବଶ୍ୟକ ସେ ନିଶ୍ଚିତ ପ୍ରସ୍ତାବ ଆସିଲେ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ସାଂସଦ ଶ୍ରୀ ଉଲ୍ଲକା ଜିଲ୍ଲା ଓକିଲ ସଂଘର ନବ ନିର୍ମିତ କାର୍ଯ୍ୟାଳୟ ବୁଲି ଦେଖିବା ସହ ଆନୁଷାଙ୍ଗିକ ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସଂପାଦକ ଭୋଳାନାଥ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ତାରିଣୀ ପାଣିଗ୍ରାହୀ, ଦାଶରଥି ପଟ୍ଟନାୟକ, ସୁବାଷ ପଣ୍ଡା, ଲାଲ ମୋହନ ଷଡ଼ଙ୍ଗି, ରାଜେନ୍ଦ୍ର କୁମାର ଗୌଫ, ଅରୁଣ ପଣ୍ଡା, ନଳୀନି ରଥ, ରେଖା ବାଇ, ସୁରେଶ ପଟ୍ଟନାୟକ, ବିଭୁତି ମହାପାତ୍ର, ଶିଶିର ମିଶ୍ର, ଆରତୀ ମହାନ୍ତି, ନାନଜୀ ଆଚାରି ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶ ଯୋଗ୍ୟ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଏବଂ ବିଧାୟକ ମାନଙ୍କ ସଂପୃକ୍ତି ରହିଥିବା ବିଭିନ୍ନ ମାମଲାର ବିଚାରଣା ପାଇଁ ଜୟପୁର ଜେଏମଏଫସି କୋର୍ଟକୁ କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ରମରେ ବିଷମକଟକର ଏକ ରାସ୍ତାରୋକ ମାମଲାରେ ସାଂସଦଙ୍କ ନାମ ରହିଥିବାରୁ ଉକ୍ତ ମାମଲାର ବିଚାର ଜୟପୁର ଜେଏମଏଫସି କୋର୍ଟରେ ଚାଲୁଥିବାରୁ ସାଂସଦ ଉଲ୍ଲକା ଆଜି ଏଥିରେ ହାଜିର ହୋଇଥିଲେ।

# ମାଓବାଦୀଙ୍କ ଗୁପ୍ତ ବଙ୍କର ଠାବ; ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି, ୧୧।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ମାଓ ଦମନ ଅଭିଯାନ ସମୟରେ ପୋଲିସ ଦ୍ୱାରା ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ପିଡିଆ ପୋଲିସ ଓ ଗଙ୍ଗାଲୁର ଥାନା ପୋଲିସର ଦଳ ଦ୍ୱାରା ଏକ ମିଳିତ ମାଓ ଦମନ ଅଭିଯାନ ଡୋଡିତୁମନାର ଜଙ୍ଗଲରେ ଜାରି ରହିଥିଲା। ଏହି ସମୟରେ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିବା ଏକ ବଙ୍କରକୁ ଠାବ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ଅନ୍ୟ ଉପକରଣକୁ ପୋଲିସ ଦ୍ୱାରା ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ବିଜିଏଲ୍ ଲଞ୍ଚର, ୨୯ଟି ବିଜିଏଲ୍ ସେଲ୍, ପ୍ରାୟ ୫୦ ମିଟର କର୍ଡେକ୍ସ ୱାୟାର ସହ ବହୁ ବିସ୍ଫୋରକ ସାମଗ୍ରୀ ରହିଛି। ଏହାସହ ମାଓବାଦୀଙ୍କ ବ୍ୟବହୃତ ଜେନେରେଟର, ସୋଲାର ପ୍ଲେଟ, ବ୍ୟାଟେରୀ, ୱେଲ୍ଡିଂ ମେସିନ ଓ ଲେଥ ମେସିନ ଭଳି ଅନେକ ଉପକରଣ ମଧ୍ୟ ଜବତ କରାଯାଇଛି। ତେବେ ଏହାପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ବେଳେ ଆଖପାଖ ଜଙ୍ଗଲରେ ମଧ୍ୟ ସୁରକ୍ଷାବଳଙ୍କ ପକ୍ଷରୁ ଘନଘନ ସର୍ଚ୍ଚ ଅଭିଯାନ ଜାରି ରହିଛି।



## ■ ମରାଠିଗୁଡା-କପିଳପୁର ଗୁର୍ଜିଆ ରାସ୍ତା ଜବରଦଖଲ ଘଟଣା

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଲୋକେ

ଗୁଣୁପୁର,୧୧।୫ (ସମିସ): ଗୁଣୁପୁର ପୌର ପରିଷଦର ମରାଠିଗୁଡା - କପିଳପୁର ଗୁର୍ଜୀଆ ରାସ୍ତା ଜବରଦଖଲକୁ ହଟାଇବା ପାଇଁ ପୌର ପ୍ରଶାସନ ୩୫ ନୋଟିସ୍ ଜାରି କରିଛି। ୪୮ ଘଣ୍ଟା ମଧ୍ୟରେ ଘର ଖାଲି କରିବା ପାଇଁ ନୋଟିସ୍‌ରେ ଉଲ୍ଲେଖ ରହିଛି। ନୋଟିସ୍ ଜାରି ହେବାପରେ ପ୍ରତିକ୍ରିୟା ଶୀଳ ହୋଇଛନ୍ତି ଜବରଦଖଲକାରୀ। ଆଜି ଜବରଦଖଲ କାରୀ ମାନେ ବୁଦ୍ଧଦେବ ଶବରଙ୍କ ନେତୃତ୍ୱରେ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଗରିବ ଗୁରୁବା, ଘର ନଥିବା ଯୋଗୁଁ ୪ ଡେସିମିଲ୍ ଘରଡିଅ ପଟା ଦେବା ପାଇଁ ଦାବି କରିଛନ୍ତି। ସେମାନଙ୍କ ଘରଡିଅ ନଥିବାରୁ ସେମାନେ ସରକାରୀ ଜାଗାରେ କୁଡିଆ କରି ରହୁଥିବା ଦର୍ଶାଇଛନ୍ତି। ତେଣୁ ସେମାନଙ୍କୁ ଘରଡିଅ ପଟା ପ୍ରଦାନ ନ କରିବା ପର୍ଯ୍ୟନ୍ତ ବିସ୍ଥାପିତ ନ କରିବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ନ ମାନିଲେ ଶାନ୍ତିପୁର୍ଣ୍ଣ ଭାବେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଉପଜିଲ୍ଲାପାଳ ସ୍ମାରକପତ୍ର ଗ୍ରହଣ କରିବା ପରେ ତୁରନ୍ତ ସ୍ଥାନ ଖାଲି କରିବା ପାଇଁ ଜବରଦଖଲକାରୀଙ୍କୁ କଡା ଚେତାବନୀ ଦେଇଛନ୍ତି। ପରଦାପଛରେ ରହି କିଛି ଅଞ୍ଚଳର ମୁଷ୍ଟିମେୟ ନେତା ଓ କୁଜିନେତାମାନେ ସେଠାରେ ରହୁଥିବା ଜବର ଦଖଲକାରୀଙ୍କୁ ଉସୁକାଇ କହିଛନ୍ତି । ଗଣମାଧ୍ୟମରେ ଖବର ପ୍ରକାଶ ଯୋଗୁଁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହି ଜବରଦଖଲ କାରୀଙ୍କ ମନରେ ବିଷ ଭରି ଦେଇଛନ୍ତି। ଫଳରେ ଜବରଦଖଲକାରୀ ମାନେ ଗଣମାଧ୍ୟମକୁ ନିନ୍ଦା କରି ଗାଳି ଗୁଲଜ କରିବା ସହ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି । ଏଭଳି ଚକ୍ରାନ୍ତ ଯୋଗୁଁ ଶାନ୍ତି ପୂର୍ଣ୍ଣ ଗୁଣୁପୁର ସହରରେ ଧୀରେ ଧୀରେ ଅଶାନ୍ତି ବାତାବରଣ ସୃଷ୍ଟି ହେଉଛି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।




## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ସହ ୩ ଅଟକ

# ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ସମ୍ପର୍କୀୟ

ନନ୍ଦପୁର, ୧୧।୫ (ସମିସ): ୨୦୨୫ରେ ପ୍ରେମ ବିବାହ। ୨୦୨୬ ରେ ସ୍ତ୍ରୀର ସନ୍ଦେହଜନକ ମୃତ୍ୟୁ। ଈଶ୍ୱରି ଜାନମଙ୍କ ମୃତ୍ୟୁକୁ ନେଇ ଝିଅର ଦାଦା ଯୌତୁକ ନିର୍ଯାତନା ନେଇ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ନନ୍ଦପୁର ପୁଲିସ ସ୍ୱାମୀ, ଶାଶୂ ଓ ଶଶୁର ଅଟକ ରଖି ପଚରାଉଚରା କରୁଛି । ସେପଟେ ଈଶ୍ୱରି ମର ଶରୀର ଜବତ ପରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗକୁ ହସ୍ତାନ୍ତର କରି ସାରିଛି ନନ୍ଦପୁର ପୁଲିସ । ପୁଲିସ ସୂଚନା ଅନୁସାରେ ୨୦୨୫ ମସିହାରେ ଉଭୟ ମୋଜନ ଚମ୍ପି ଓ ଈଶ୍ୱରି ଜାନମ ପ୍ରେମ ବିବାହ କରିଥିଲେ। ଈଶ୍ୱରିଙ୍କ ଘର ବାଲଡ଼ା ହୋଇଥିବା ବେଳେ ମୋନଜ ଚଂପିଙ୍କ ଘର ଖୂର୍ଜି ପଞ୍ଚାୟତର ନନ୍ଦି ଗାଁରେ। ଉଭୟ ଶାଶୁ ଶଶୁରଙ୍କ ପାଖରେ ରହୁଥିଲେ । ତେବେ ପାଖାପାଖି ଏକ ବର୍ଷ ପରେ ଝିଅର ମୃତ୍ୟୁକୁ ନେଇ ଦାଦା ତ୍ରିଲୋଚନ ଜାନମ ନନ୍ଦପୁର ଥାନାରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଶଶୁର ଘର ଲୋକେ ଝିଆରୀକୁ ସବୁ ବେଳେ ଯୌତୁକ ନିର୍ଯାତନା ଦେଇ ଆସୁଥିବା ବେଳେ ଶେଷ ଗତ ୧୦ ତାରିଖ ରାତିରେ ଶାଶୁ ଶଶୁର ଓ ସ୍ୱାମୀ ମିଶି ଈଶ୍ୱରୀକୁ ହତ୍ୟା କରିଥିବା ନେଇ ନନ୍ଦପୁର ସେ ଏତଲା ଦେଇଥିଲେ ଝିଅ ଦାଦା । ଏତଲାକୁ ଭିତି କରି ନନ୍ଦପୁର ପୁଲିସ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଆଇଆଇସି ତ୍ରିନାଥ ତୋଟା ପାଡିଆ, ଏସଆଇ ବେଦର ସାହୁ, ଏଏସଆଇ ଗୁପ୍ତେଶ୍ୱର ଗୌଡ ନନ୍ଦିଗାଁ ସ୍ଥିତି ବାସଭବନ ପହଞ୍ଚି ଈଶ୍ୱରୀର ଶବ ଉଦ୍ଧାର କରିବା ସହ ଶାଶୁ ଶଶୁର ଓ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି । ଶଶୁର ଘର ଲୋକେ ଈଶ୍ୱରି ଆତ୍ମହତ୍ୟା କରିଥିବା କୁହୁଥିବା ବେଳେ ଈଶ୍ୱରିର ଦାଦା ହତ୍ୟା ଅଭିଯୋଗ ଆଣିଛନ୍ତି । ତେବେ ନନ୍ଦପୁର ଆଇଆଇସି ତ୍ରିନାଥ ତୋଟାପାଡ଼ିଆ କହିଛନ୍ତି ତଦନ୍ତ ଚାଲିଛି ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଜଣାପଡିବ।



# ୧୪ ବର୍ଷରୁ କମ୍ ବୟସ୍କ କ୍ରିକେଟ୍ ଖେଳାଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୧।୫(ସମିସ): ସ୍ଥାନୀୟ ଷ୍ଟାଡିୟମ ପରିସରରେ ତିନି ଦିନିଆ କ୍ରିକେଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଜିଲ୍ଲାର ସମସ୍ତ କ୍ଲବ୍ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଏ ନେଇ ଏକ ଚିଠି କରିଛନ୍ତି। ଏହି ପଞ୍ଜୀକରଣ କାର୍ଯ୍ୟକ୍ରମରେ ୧୪ ବର୍ଷରୁ କମ୍ ଉଭୟ ଛାତ୍ର ଓ ଛାତ୍ରୀ କ୍ରିକେଟ ଖେଳାଳି ଭାଗ ନେଇପାରିବେ। ଉକ୍ତ ସମୟରେ ଖେଳାଳି ମାନେ ନିଜ ଜନ୍ମ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସାଥିରେ ଆଣିବାକୁ ହେବ ଏବଂ ଖେଳାଳି ପଞ୍ଜୀକରଣ ଆସନ୍ତା ୧୨ ତାରିଖ ରୁ ୧୩ ତାରିଖ ପର୍ଯ୍ୟନ୍ତ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହେବ ବୋଲି ସଂଘର ସହ ସମ୍ପାଦକ ଏମ. ବାଲା କୃଷ୍ଣ ରାଓ କହିଛନ୍ତି। ସେହିପରି ଏହି ତିନି ଦିନିଆ ପଞ୍ଜିକରଣ ଶିବିର ପରିଚାଳନା ପାଇଁ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା, ଜିଲ୍ଲା କ୍ରିକେଟ କୋଚ୍ ଜି. ଚନ୍ଦ୍ରଶେଖର ଏବଂ କ୍ରୀଡାବିତ୍ ସୁବ୍ରତ ଗଣ୍ଡଙ୍କୁ ଦାୟୀତ୍ୱ ଦିଆଯାଇଛି ବୋଲି ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନବରଙ୍ଗପୁର ଷ୍ଟାଡିୟମ୍ ପରିସରରେ ଆସନ୍ତା ୧୫ ଠାରୁ ୧୭ ମଇ ପର୍ଯ୍ୟନ୍ତ ତିନି ଦିନ ଧରି ସକାଳ ୭ଘଣ୍ଟ ଠାରୁ ୯ ଘଣ୍ଟା, ସେହିପରି ସନ୍ଧ୍ୟା ୪ ଘଣ୍ଟା ଠାରୁ ୬ ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂଘର କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସୂଚନା ଦେଇଛନ୍ତି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୭ଟି ଅଭିଯୋଗର ଶୁଣାଣି, ୨ଟି ତତ୍କାଳ ସମାଧାନ



**ରାଇରଙ୍ଗପୁର, ୧୧।୫(ସମିସ)**

ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଧନୁର୍ଜୟ ମହାନ୍ତ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ୧୧୭ଟି ଅଭିଯୋଗର ଶୁଣାଣି କରି ୨ଟିର ତତ୍କାଳ ସମାଧାନ କରିଛନ୍ତି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜନସାଧାରଣଙ୍କଠାରୁ ୧୧୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରେ ୯୧ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଓ ୨୬ଟି ବିଭିନ୍ନ ସମସ୍ୟା ଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଉକ୍ତ ଆପତ୍ତି ଅଭିଯୋଗଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର

# ମୟୂରଭଞ୍ଜ ଗାନ୍ଧୀ ଶରତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ବାରିପଦା, ୧୧।୫(ସମିସ):** ମୟୂରଭଞ୍ଜ ପ୍ରଜା ମଣ୍ଡଳ ଆନ୍ଦୋଳନର ମୁଖ୍ୟ ତଥା ଭାରତ ସ୍ୱାଧୀନତା ପରେ ସ୍ୱାଧୀନ ମୟୂରଭଞ୍ଜ ରାଜ୍ୟର ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଗାନ୍ଧୀ ବୋଲାଉଥିବା ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତିରକ୍ଷା ଉଦେଶ୍ୟରେ ତାଙ୍କର ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନା ସହ ତାଙ୍କ ଦ୍ୱାରା ନିର୍ମିତ ମୟୂରଭଞ୍ଜ ସ୍ୱରାଜ ଆଶ୍ରମର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବା ନିମନ୍ତେ ପାଣ୍ଠି ଯୋଗାଇ ଦେବାକୁ ଆଜି ଓଡ଼ିଆ ଜାଗରଣ ମଞ୍ଚର ଏକ ପ୍ରତିନିଧି ଦଳ ମଞ୍ଚର ପ୍ରତିଷ୍ଠା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କୁ ପ୍ରଦାନ କରିଛନ୍ତି। ୧୯୪୮ ମସିହା ପରେ ଶରତ ଚନ୍ଦ୍ର ଦାସ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ରାଜ୍ୟ ବିଧାନ ପରିଷଦ ଗଠନ କରିଥିଲେ ଓ ପ୍ରଜାମାନଙ୍କ ମତ ନେଇ ରାଜ୍ୟ ଶାସନ କରୁଥିଲେ। ୧୯୪୮ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଏହି ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତିପତ୍ର ସ୍ୱାକ୍ଷର କରି ଭାରତ ସହିତ ମିଶ୍ରଣ ହୋଇ ଏହା କେନ୍ଦ୍ରାଞ୍ଚଳ ଭାବେ ଶାସିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ସହିତ ଏହା ଏକ ଜିଲ୍ଲା ଭାବେ ମିଶିଯାଇଥିଲା। ତେଣୁ ଶରତ ଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ରୂପେ ଶାସନ ଭାର ଗ୍ରହଣ କରି ରାଜ୍ୟକୁ ଚଳାଇ ଆସୁଥିଲେ। ୧୯୪୯ ଜାନୁଆରୀ ୧ ତାରିଖ ଦିନ ଓଡ଼ିଶା ସରକାରଙ୍କ ସହିତ ମୟୂରଭଞ୍ଜ ମିଶିଗଲା ଓ ଏହା ଏକ ଜିଲ୍ଲା ଭାବେ ପରିଚାଳିତ ହେଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଭାଗବତ ପଣ୍ଡା, ଆଇନଜୀବୀ ସତ୍ୟନାରାୟଣ ସାହୁ, ନନ୍ଦଲାଲ ସିଂହ, ପୀତାମ୍ବର ମଲ୍ଲିକ ଓ ଗୋଲୋକ ମହାନ୍ତି ପ୍ରମୁଖ ସାମିଲ ଥିଲେ।




### ଶିଶୁ ଶ୍ରମିକ ଘଟଣାର ରାୟ ପ୍ରକାଶ

# ଦୋକାନୀଙ୍କୁ ୨୦ ହଜାର ଜରିମାନା

**ଉଦଳା, ୧୧।୫(ସମିସ):** ନିୟମ ଉଲ୍ଲଙ୍ଘନ କରି ଶିଶୁ ଶ୍ରମିକଙ୍କୁ କାମରେ ଲଗାଇଥିବା ଦୋକାନୀଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ରାୟ ଶୁଣାଣି କରିଛନ୍ତି ଏସଡିଜେଏମ। କପ୍ତିପଦା ଥାନା ନୁଆସାହି ବଜାରରେ ଥିବା ମା' ଦୁର୍ଗା ହୋଟେଲ ଓ ଫାଷ୍ଟଫୁଡ ଦୋକାନର ମାଲିକ ରବିନାରାୟଣ ପରିଡ଼ା ଶିଶୁ ଶ୍ରମିକଙ୍କୁ ଦୋକାନ କାମରେ ଲଗାଇଥିଲେ। ଯାହାକୁ ନେଇ ଗତ ୨୦୨୫ ଜୁନ ମାସ ୨୩ ତାରିଖରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଉଦଳା ଏସଡିଜେଏମ କୋର୍ଟରେ ୨୦୨୬ ଫେବୃଆରୀ ୬ ତାରିଖରେ ଏହି ମାମଲାର ଟ୍ରାଏଲ ଆରମ୍ଭ ହୋଇଥିଲା। ଯାହାକୁ ନେଇ ସୋମବାର ଉଦଳା ଏସଡିଜେଏମ ଅନୁରାଗ ଦେହୁରୀ ଉକ୍ତ ମାମଲାର ଶେଷ ଶୁଣାଣି କରି ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ୩୦ ଦିନ ଜେଲ ଦଣ୍ଡାଦେଶ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ରବିନ କୁମାର ପଟ୍ଟନାୟକ ସରକାରୀ ଓକିଲ ଭାବେ କେଶ ଲଢ଼ିଥିବାବେଳେ ବିପକ୍ଷର ଓକିଲ ଥିଲେ ଦିଲ୍ଲୀପ ପରିଡ଼ା।

### ଯୁବତୀଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡ଼ିଲା

# ଯୁବକଙ୍କୁ ଗଛରେ ବାନ୍ଧି ନିର୍ଘୁମ ପିଟିଲେ ଗ୍ରାମବାସୀ



**ଉଦଳା, ୧୧।୫(ସମିସ):** ରାତିରେ ଗ୍ରାମରେ ପଶି ଯୁବତୀଙ୍କୁ ଦୁର୍ବ୍ୟବହାର ଉଦ୍ୟମ କରିବା ଯୁବକଙ୍କୁ ମହଙ୍ଗା ପଡ଼ିଛି। ଉକ୍ତ ଯୁବକଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ନିର୍ଘୁମ ମାଡ଼ ମାରିଛନ୍ତି। ଉଦଳା ଥାନା ପାଟଶାଣିପୁର ପଞ୍ଚାୟତର ବରହମପୁର ଗ୍ରାମରେ ଘଟିଛି ଏଭଳି ଘଟଣା। ବାରିପଦା ଅଞ୍ଚଳର ଦୁଇଜଣ ଯୁବକ ରାତିରେ ବରହମପୁର ଗ୍ରାମରେ ପଶିଥିଲେ। ଏହି ସମୟରେ ଗ୍ରାମରେ ଏକ ଆଦିବାସୀ ପରିବାରରେ କାର୍ଯ୍ୟକ୍ରମ ଚାଲିଥିଲା। ସେଠାରେ ପହଞ୍ଚି ଦୁଇଜଣ ଯୁବତୀଙ୍କୁ ଦୁର୍ବ୍ୟବହାର କରିବାକୁ ଉଦ୍ୟମ କରିବା ସହିତ ଯୁବତୀଙ୍କୁ ହଇରାଣ କରିଥିଲେ। ଯାହାକୁ ନେଇ ତାତିଥିଲେ ଉପସ୍ଥିତ ଲୋକେ। ଦୁଇ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ଜଣେ ଫେରାର ହୋଇଯାଇଥିଲା। ଅନ୍ୟ ଜଣେ ଯୁବକଙ୍କୁ ଗ୍ରାମବାସୀ କାବୁ କରି ଦଉଡିରେ ଗଛରେ ବାନ୍ଧିଥିଲେ ଓ ମାଡ଼ ମାରିଥିଲେ। ଖବର ପାଇ ଦୀର୍ଘ ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧା ଯାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକ ଜଣଙ୍କ ନିଜ ସ୍ତ୍ରୀକୁ ଖୋଜି ଖୋଜି ଭୁଲରେ ଆସି ଗ୍ରାମରେ ପଶିଥିଲା ବୋଲି ପୁଲିସ କହୁଛି।

### ୨୨ରେ ବିଜେଡିର ମହିଳା ସୁରକ୍ଷା ସମାବେଶ

# ବାରିପଦା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରସ୍ତୁତି ବୈଠକ



**ବାରିପଦା, ୧୧।୫(ସମିସ):** ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ବିଜେପି ଓ କଂଗ୍ରେସ ମିଛ କୁମ୍ଭୀର କାନ୍ଦଣା କାନ୍ଦୁଥିବାବେଳେ ବିଜେପିକୁ କଡ଼ା ଜବାବ ଦେବାକୁ ସାରା ଓଡ଼ିଶାରେ ବିଜୁ ଜନତା ଦଳ ପକ୍ଷରୁ ମେ ୧୦ରୁ ୨୫ ତାରିଖ ମଧ୍ୟରେ ନାରୀ ଅଧିକାର ଅଭିଯାନ ଜିଲ୍ଲା, ନିର୍ବାଚନମଣ୍ଡଳୀ ଓ ବ୍ଲକ ସ୍ତରରେ ହେବାକୁ ଯାଉଛି। ଆଗାମୀ ୨୨ ତାରିଖରେ ବାରିପଦା ନିର୍ବାଚନମଣ୍ଡଳୀ ସ୍ତରୀୟ ମହିଳା ସୁରକ୍ଷା ସମାବେଶ ହେବାକୁ ଯାଉଛି। ଏଥିପାଇଁ ବାରିପଦା ବିଜେଡି କାର୍ଯ୍ୟାଳୟ (ବିଜୁ ଭବନ)ରେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି ଯୋଗଦେଇ ବିଜେପି ସରକାରରେ ମହିଳାମାନେ ସୁରକ୍ଷିତ ନୁହେଁ ବୋଲି ଆରୋପ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ମୟୂରଭଞ୍ଜ ସଦର ସଭାପତି ଡା. ଦେବାଶିଷ ମାର୍ଣ୍ଡି, ଜୋନାଲ ମହିଳା ବିଜେଡି ସଭାନେତ୍ରୀ ପ୍ରତିନନ୍ଦା କାନୁନଗୋ, ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଉପନଗରପାଳ ସୀମା ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁନିତି ମାର୍ଣ୍ଡି, ପୁଷ୍ପଲତା ମାର୍ଣ୍ଡି, ବିଣାପାଣୀ ସାହୁ, ଶ୍ରାବଣୀ ଦାସ, ସବିତା ବେହେରା, ସମ୍ପା ମଜୁମଦାର, ଗୀତାରାଣୀ ବେହେରା, ଅନୀତା ସେଠୀ, ଅଞ୍ଜଳି ଦାସ, ରଞ୍ଜିତା ମହାପାତ୍ର, ମମତା ମହାନ୍ତ, ଅମ୍ବିତା ମାହାନ୍ତି, ମମତା ବେହେରା, କାଉନସିଲର ମହେଶ ଭଞ୍ଜଦେଓ, ତ୍ରୈଲୋକେଶ ପଣ୍ଡା, କୁମାର ମୁଖି, ସୁଧୀର ବାରିକ, ଶିବଶଙ୍କର ପାତ୍ର, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ୍ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାୟକ, ସରୋଜ ବୋଷ, ରତ୍ନାକର ବେହେରା, ଦେବାଶିଷ ଦାସ, ଅନ୍ତର୍ଯ୍ୟାମୀ ବେହେରା, ଲଲାଟେନ୍ଦୁ ବେହେରା, ଜ୍ଞାନରଞ୍ଜନ ଦାସ, ସୁନୀଲ କୁମାର ନାୟକ, ଆଭାସ ଦେ, ଜିତ ପଟ୍ଟନାୟକ, ଅମିତ କୁମାର ବୈଠା, ଦୀପକ ମହୁଆଳ, ହରେକୃଷ୍ଣ ଦାସ, ରାଜୀବ ଜେନା, ପିଙ୍କି ସାର, ସୁଶାନ୍ତ ପଶା, ବିଜୟ ଦାଶ, ସଞ୍ଜୀବ ପରିଡ଼ା, ଦୟପାନ ବେହେରା, ଅଜିତ ବେହେରା, ପୂର୍ଣ୍ଣାନନ୍ଦୁ ପରିଡ଼ା ଓ ପୁନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ବେତନଟୀ, ୧୧।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ରାଗଧା ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସ୍ୱର୍ଗତ ମହାଦେବ ବିନ୍ଧାଣୀଙ୍କ ସ୍ତ୍ରୀ ମୁନି ବିନ୍ଧାଣୀ (୫୮)। ଶନିବାର ରାତିରେ ଖାଇପିଇ ଶୋଇଥିବା ସମୟରେ ଡାହାଣ ହାତରେ ସାପ କାମୁଡ଼ିଥିଲା। ରକ୍ତସ୍ରାବ ହେଉଥିବା ସ୍ଥିତିରେ ରବିବାର ଭୋରରେ ପରିବାର ଲୋକ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ବେତନଟୀ ପୁଲିସ ଏହି ଘଟଣାରେ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସୁରେଇଡିହିରେ ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ



**ବେତନଟୀ, ୧୧।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଗ୍ରାମରେ ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚାରିଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସମଗ୍ର ନାମଯଜ୍ଞକୁ ଆଧ୍ୟାତ୍ମିକ ପରିବେଶ ପ୍ରଦାନ କରିଥିଲେ। ୯ ତାରିଖ ଶନିବାର ଦିନ ଅଧିବାସ ଓ ଘଟ ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୦ ତାରିଖ ରବିବାର ଦିନ ଉଦଯାପନୀ ଉତ୍ସବ ସହିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ରଘୁନାଥପୁର ବାରିପଦା, ଗୁହାଲଡିହି ବଡଯୋଡ, ନୁଆଡିହି ବାରିପଦା ଓ ପଳାସବଧା ମୋରଡାର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଭକ୍ତିମୂଳକ ସଂକୀର୍ତ୍ତନ ପରିବେଷଣ କରି ଉପସ୍ଥିତ ଭକ୍ତଙ୍କୁ ମୁଗ୍ଧ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମିଳିତ ଭାବେ ଆୟୋଜନ କରିଥିଲେ। ମା' ଲକ୍ଷ୍ମୀ ଏସଏଚଜି, ରାଧାକୃଷ୍ଣ ଏସଏଚଜି, ମା ଲଙ୍ଗଳେଶ୍ୱରି ଏସଏଚଜି, ମା ଅମ୍ବିକା ଏସଏଚଜି, ମା ଜଗଦ୍ଧାତ୍ରୀ ଏସଏଚଜି ଏବଂ ଧନେଶ୍ୱର ଏସଏଚଜି ଏହି ଆୟୋଜନର ମୂଳ ସ୍ତମ୍ଭ ଭାବେ କାର୍ଯ୍ୟ କରିଥିଲେ। ସ୍ଥାନୀୟ ଲୋକ ଏହି ପ୍ରଥମ ବାର୍ଷିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିଥିବାରୁ ଖୁସି ପ୍ରକାଶ କରିଛନ୍ତି। ଏହା ଗ୍ରାମର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆହୁରି ବୃହତ୍ତର ରୂପ ନେବ ବୋଲି ଆୟୋଜକ ମଣ୍ଡଳୀ ପ୍ରକାଶ କରିଛନ୍ତି।

# ଆଞ୍ଚଳିକ ହସ୍ପିଟାଲର ପୁନରୁଦ୍ଧାର ଦାବି

**ମୋରଡା, ୧୧।୫(ସମିସ):** ସୋମବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ପକ୍ଷରୁ ମୋରଡା ପଞ୍ଚାୟତରେ ପୂର୍ବରୁ ଅବସ୍ଥିତ ଥିବା ୮ ଶଯ୍ୟା ବିଶିଷ୍ଟ ଆଞ୍ଚଳିକ ହସ୍ପିଟାଲର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଅଧିକାରୀ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଲିଖିତ ଦାବି ମୁତାବକ ମୋରଡା ପଞ୍ଚାୟତରେ ବହୁପୂର୍ବରୁ ଏକ ୮ଶଯ୍ୟା ବିଶିଷ୍ଟ ଆଞ୍ଚଳିକ ହସ୍ପିଟାଲ ଚାଲିଆସୁଥିଲା। ତେବେ ଗତ କିଛିମାସ ହେବ ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ଦର୍ଶାଇ ଆଞ୍ଚଳିକ ହସ୍ପିଟାଲର ମାନ୍ୟତା ହରାଇ ତାହା ବର୍ତ୍ତମାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଚାଲୁଛି। ତେଣୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ଆଗାମୀ ଦିନରେ ମୋରଡା ପଞ୍ଚାୟତ ହସ୍ପିଟାଲର ତା'ର ପୂର୍ବମାନ୍ୟତା ଫେରାଇବା ପାଇଁ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ସହିତ ଯୁବ ନେତା ଅମୀର ଖାନ, ସିପୁ ମୁଦୁଲି, ଶ୍ରବଣ ମହାନ୍ତ, ସରୋଜ ଦାସ, ଭଗବତୀ ଚପିଆର, ସଲମା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



### ଯଶିପୁର ବ୍ଲକରେ ପିଲା ଅଧାରୁ ପାଠ ଛାଡ଼ିବା ଘଟଣା

# ଭଞ୍ଜସେନା ସ୍ଥିତି ଅନୁଧ୍ୟାନ ପରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

**ରାଇରଙ୍ଗପୁର/ବାରିପଦା, ୧୧।୫(ସମିସ)**

ଯଶିପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ପାହାଡ଼ ଗ୍ରାମରେ ଜନଜାତି ପିଲା ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ବାଧ ହେଉଛନ୍ତି। ଏ ନେଇ ଖବର ପ୍ରକାଶ ପାଇବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଶିକ୍ଷାଦାନ ବ୍ୟବସ୍ଥା ନେଇ ଜିଲ୍ଲା ପ୍ରଶାସନର ଟିମ ଉକ୍ତ ଗ୍ରାମମାନଙ୍କରେ ପହଞ୍ଚିଛନ୍ତି। ଜିଲ୍ଲା ପ୍ରଶାସନ ପାଠ ଛାଡ଼ିଥିବା ପିଲାଙ୍କୁ ଭେଟି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

ଯଶିପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ବାଉଁଶନାଳି ପଞ୍ଚାୟତ ଅଧୀନସ୍ଥ ଟାଙ୍କୁରୁସାହି, ରାମସାହି, ମଣ୍ଡାମ, ଗେନ୍ତେଇସାହି ପ୍ରଭୃତି ଅଞ୍ଚଳକୁ ଯାଇଥିଲା ପ୍ରଶାସନିକ ଟିମ୍। ସେହି ଅଞ୍ଚଳରେ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡି ବସିଥିବା କୁନି କୁନି ପିଲା ଓ ସେମାନଙ୍କ ଅଭିଭାବକଙ୍କୁ ଭେଟି ଆଲୋଚନା କରିଥିଲେ। ପାଠ ପଢ଼ିବାକୁ ଇଚ୍ଛା ଥିବା ସତ୍ତ୍ୱେ କେଉଁ କାରଣରୁ ପିଲାମାନେ ଅଧାରୁ ପାଠ ପଢ଼ା ଛାଡ଼ିଛନ୍ତି, ସେ ବାବଦରେ ଅବଗତ ହୋଇଥିଲେ। ପ୍ରତିଷ୍ଠାତା ଶ୍ରୀ ଜେନା ବିଭିନ୍ନ ସରକାରୀ ଅଧିକାରୀଙ୍କ ସହିତ ଉପୁଜିଥିବା ସମସ୍ୟା ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ନିବେଦନ କରିଥିଲେ। ଯାହାକୁ ନେଇ ଉକ୍ତ ଗ୍ରାମରେ ସରକାରୀ ଶିକ୍ଷକ ଟିମ ପହଞ୍ଚିଛନ୍ତି। ବିଭିନ୍ନ ଅସୁବିଧା ଯୋଗୁଁ ଅଧାରୁ ପାଠ ପଢ଼ା ଛାଡୁଥିବା ସହିତ ଡ୍ରପ୍ ଆଉଟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଭେଟି ଅସୁବିଧା ବାବଦରେ ଆଲୋଚନା କରିଥିଲେ। ସୋମବାର ସକାଳୁ ସରକାରୀ ଶିକ୍ଷକମାନେ ପ୍ରତି ଗ୍ରାମକୁ ଯାଇ ଛାତ୍ରଛାତ୍ରୀମାନେ କିଏ କେଉଁ ଆଶ୍ରମ ବିଦ୍ୟାଳୟରେ ରହି ଶିକ୍ଷା ଗ୍ରହଣ କରିବେ, ସେ ବାବଦରେ ଲିଖିତ ଆକାରରେ ତଥ୍ୟ ସଂଗ୍ରହ କରିଥିଲେ। ସମ୍ବଳ ଅଭାବରୁ ନିଜ ନିଜର ସମସ୍ୟା ସମାଧାନ ସକାଶେ ଦାୟିତ୍ୱରେ



### ପିଲାଙ୍କ ଶିକ୍ଷାଦାନ ନେଇ ହେଲା ବ୍ୟବସ୍ଥା

ଥିବା ଅଧିକାରୀଙ୍କୁ ଗ୍ରାମବାସୀମାନେ ଅବଗତ କରିପାରୁ ନ ଥିଲେ। ଭଞ୍ଜସେନା ସହଯୋଗରେ ଉକ୍ତ ସମସ୍ୟା ଦୂର ହେବାର ବ୍ୟବସ୍ଥା ହୋଇଛି। ଯଦ୍ୱାରା ଉକ୍ତ ଅଞ୍ଚଳରେ ହେଉଥିବା ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ ସଂଖ୍ୟା ଉପରେ ରୋକ୍ ଲଗାଇବାରେ ସହାୟକ ହେବ। ଏ ନେଇ ଭଞ୍ଜସେନାକୁ ଗ୍ରାମବାସୀମାନେ ଧନ୍ୟବାଦ ଜଣାଇଛନ୍ତି।





# ଡିଜିଟାଲ ବୋର୍ଡ ଦର୍ଶାଇବ ଏସ୍‌ସିବି ନିରାମୟ କେନ୍ଦ୍ରରେ ଉପଲବ୍ଧ ଔଷଧ

**କଟକ, ୧୧।୫(ସମିସ)**

ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ୬ଟି ନିରାମୟ କେନ୍ଦ୍ରରେ ଡିଜିଟାଲ ପ୍ରଦର୍ଶନ ବୋର୍ଡ ଲଗାଇବା ପ୍ରସଙ୍ଗକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ନିରାମୟ କେନ୍ଦ୍ରରେ ରୋଗୀ ଓ ସମ୍ପର୍କୀୟ ମାନେ ଔଷଧ ପାଇଁ ଧାଡି ବାନ୍ଧି କାଉଣ୍ଟର ପର୍ଯ୍ୟନ୍ତ ପହଞ୍ଚିଲା ବେଳକୁ ଅନେକ ଔଷଧ ନ ଥାଏ ଫଳରେ ସେମାନଙ୍କୁ ନିରାଶରେ ଫେରିବାକୁ ପଡେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉପଲବ୍ଧ ଔଷଧର ବିବରଣୀ ଡିଜିଟାଲ ଡିସପ୍ଲେ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ବିଭାଗ କିଛିଟା ତତ୍ପରତା ପ୍ରକାଶ କରିଥିଲେ ବି ଏପର୍ଯ୍ୟନ୍ତ ସ୍ଥିତି ସ୍ପଷ୍ଟ ହୋଇନାହିଁ। ରାଜ୍ୟ ସରକାରଙ୍କୁ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିଜିଟାଲ ବୋର୍ଡ ପରିଚାଳନା ପାଇଁ ଦୁଇଜଣ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଅର୍ଥ



ବିଭାଗର ଅନୁମୋଦନ ଲୋଡ଼ାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଅଦାଲତଙ୍କୁ ଅବଗତ କରାଇଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଏହି ବାହ୍ୟ ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ପାଇଁ ହାର୍ଡୱେର କ୍ରୟ ଏବଂ ବିଭିନ୍ନ ପ୍ରଶାସନିକସ୍ତରରେ ଆଲୋଚନା ଜାରି ରହିଛି। ଅର୍ଥ ବିଭାଗର ଅତିରିକ୍ତ ସଚିବ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଯେ ୧୦ ଦିନ ମଧ୍ୟରେ ଏହି ପ୍ରସ୍ତାବର ଯାଞ୍ଚ କରାଯାଇ ନିଷ୍ପତ୍ତି ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଦିଆଯିବ। ଔଷଧ ବିତରଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ରୋଗୀଙ୍କ ଅପେକ୍ଷା ସମୟ ହ୍ରାସ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଅଂଶବିଶେଷ ଏହି ପ୍ରକଳ୍ପର ଅଗ୍ରଗତି ନେଇ ଅଦାଲତ ସମୀକ୍ଷା କରିଛନ୍ତି। ଏହି ଡିଜିଟାଲ ବୋର୍ଡଗୁଡ଼ିକ ମାଧ୍ୟମରେ ହସ୍ପିଟାଲ ପରିସରରେ ଥିବା ନିରାମୟ କେନ୍ଦ୍ରଗୁଡ଼ିକରେ

**ହାଇକୋର୍ଟରେ ସତ୍ୟପାଠ ଦେବେ ସରକାର**

କେଉଁ ଔଷଧ ଉପଲବ୍ଧ ଅଛି, ସେ ସମ୍ପର୍କରେ ରୋଗୀମାନେ ସୂଚନା ପାଇପାରିବେ। ଆସନ୍ତା ୧୦ ଦିନରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୯କୁ ଧାର୍ଯ୍ୟ କରାଯାଇଛି।

# ଡ୍ରିମ୍‌ସରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ



**କଟକ, ୧୧।୫(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ପାଳିତ ହୋଇଯାଇଛି। ଆଇକ୍ୟୁଏସି ଦ୍ୱାରା ମୁଖ୍ୟ ପ୍ରଶାସନିକ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଯୁବପିଢ଼ୀଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ସଫଳତା ହାସଲ କରିବା ସହିତ ରାଷ୍ଟ୍ର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଓ ଗବେଷକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ଏହି ଦିବସ ପାଳନର ଯଥାର୍ଥତା ପ୍ରମାଣିତ ହେବ ବୋଲି କହିଥିଲେ। ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜିର 'ଡିନ୍' ଡ. ନୟନ ରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ଡିନ୍' (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ନିର୍ଦ୍ଦେଶକ (ଆଇକ୍ୟୁଏସି) ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



କଟକ, ୧୧।୫(ସମିସ): ନିଆଳି ବିଧାୟକ ଛବି ମଲ୍ଲିକ ଆଜି ବିଧିବଦ୍ଧ ଭାବେ କଟକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲା ଯୋଜନା କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, ଆଗାମୀ ଏକ ମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ବିଭାଗର ସମୀକ୍ଷା କରି ଅଟକି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାମ ଅଗ୍ରଗତି ଦିଗରେ ପଦକ୍ଷେପ ନେବେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦବୋଧନ ଦେଇଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା

**ଅଟକିଥିବା କାମର ଅଗ୍ରଗତି ଉପରେ ଗୁରୁତ୍ୱ**

ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ୍ ସଚେତନତା ଶିବିର




**କଟକ, ୧୧।୫(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର ଭଏସଲେସ୍ ତରଫରୁ ଡ. ଦ୍ୱୀପାୟନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ଲାଷ୍ଟିକ୍ ସଚେତନତା ଶିବିର କଟକ ସ୍ଥିତ ଓଏମ୍‌ପି ଛକଠାରେ କରାଯାଇଛି। କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ ବାଟୋଇଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରି ପ୍ଲାଷ୍ଟିକ ବ୍ୟାଗ ବର୍ଜନ କରିବାକୁ ସଚେତନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ, ଦେବେଶ ରଞ୍ଜନ ଚଇନ୍, ଆଫ୍ରିନ୍ ପରିବିନ, ଅରବଳା ନାୟକ, ସୋମ୍ୟା ଦାସ, ତନ୍ମୟ ସାହୁ, ସେନାଲି ନାୟକ, ତସଲିମା ଦଳାଇ, ସୀମା ରାଉତ, ଅଙ୍କିତା ଆଚାର୍ଯ୍ୟ, ଝରଣା ସାହୁ, ଏସ୍.କେ ନଦିମ୍, ମନୋଜ ହେମ୍ବ୍ରମ, ସୋନାଲି ସାମଲ, ସୁମନ୍ତ ନାୟକ, ରୁଦ୍ରନାରାୟଣ ସାହୁ, ସେକ୍ ଅସରଫ ବକ୍ସ, ଶୁଭମ ଶକ୍ତି ଦଳେଇ, ଅର୍ଜୁନ ମୁଖୀ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୁଜୟଦୀପ ବାର, ସ୍ୱରଣିକା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ମିଶନ ରୋଡ୍‌ରେ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ




**କଟକ, ୧୧।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକର ଅନ୍ୟତମ ଅଗ୍ରଣୀ ସାମାଜିକ ସଂଗଠନ 'କଳିଙ୍ଗ ସୋସିଆଲ ୱାର୍କସ୍ କମିଟି, ସୂତାହାଟ' ପକ୍ଷରୁ ମିଶନ ରୋଡ଼ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ନିକଟରେ ଏକ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ବୋର୍ଡ ଅଫ୍ ୱାକଫ୍‌ର ପୂର୍ବତନ ଅଧ୍ୟକ୍ଷ ସୈୟଦ୍ ଏକ୍ରାମ ହୁସେନ ମୁଖ୍ୟଅତିଥି ଭାବେ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କମିଟିର ସଭାପତି ଜନାବ ୱାସିମୁଲ ହକ୍, ସମ୍ପାଦକ ମହମ୍ମଦ ନିୟାଜ ଅହମ୍ମଦ ଏବଂ ବରିଷ୍ଠ ଉପଦେଷ୍ଟା ଶେଖ କଲାମ ଜଳଦାନ ଭଳି ମହତ କାର୍ଯ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଷ୍ଣୁ ମୋହନ ଦାସ, ସୁଦୀପ୍ତାରାଣୀ ବେଉରା ଏବଂ ମହମ୍ମଦ ହବିବ୍ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ସାଧାରଣ ପଥିକ ଓ ତୃଷାର୍ତ୍ତଙ୍କ ସେବା ପାଇଁ ସଂଗଠନର ଏହି ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି। ଶେଷରେ କମିଟିର ବରିଷ୍ଠ ସଦସ୍ୟ ଜନାବ ମହମ୍ମଦ ଇମ୍ରାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଘାଟିତ



**କଟକ, ୧୧।୫(ସମିସ):** କଟକ ସଦର ଥାନା ଅଧୀନ ରାମନଗର ଗ୍ରାମରେ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ୨୧ତମ ବାର୍ଷିକ ଶ୍ରୀରାମଲୀଳା ମହୋତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସଦର ଥାନାଧିକାରୀ ତୁଷାରକାନ୍ତ ସେଠୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଯୋଗଦେଇ ରାମଲୀଳା ମଞ୍ଚ ସମାଜରେ ଭାଇଚାରା ଓ ଏକତା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ କମିଟି ଉପଦେଷ୍ଟା (ଇଂ) ଶ୍ରୀ ସନ୍ନ୍ୟାସୀଜୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀ ଲକ୍ଷେଶ୍ୱର ରାମଲୀଳା ସମିତିରେ ଦୀର୍ଘ ୨୫ ବର୍ଷ ଧରି ଶ୍ରୀରାମ ଓ ଲକ୍ଷ୍ମଣ ଭୂମିକାରେ ଅଭିନୟ କରିଆସୁଥିବା ସରୋଜ ପଟ୍ଟନାୟକ ଓ ମନୋଜ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜସେବା ପାଇଁ କୃଷ୍ଣଚନ୍ଦ୍ର ବେହେରା ଏବଂ 'ସମର୍ପଣ' ପରିବାର ପକ୍ଷରୁ କଳାକାର ପ୍ରଦୀପ୍ତ ଦାସ ଓ ଲକ୍ଷ୍ମୀଧର ସାହୁଙ୍କୁ ଉତ୍କର୍ଷତା ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ନାୟକଙ୍କ ସ୍ୱାଗତ ଭାଷଣ ଓ ସମ୍ପାଦକ ଲକ୍ଷ୍ମୀଧର ସେଠୀଙ୍କ ଧନ୍ୟବାଦ ଅର୍ପଣ ପରେ ମା' ଫୁଲକମା ରାମଲୀଳା ସମିତିର କଳାକାରମାନଙ୍କ ଦ୍ୱାରା 'ଇନ୍ଦ୍ରଜିତ ବଧ' ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଧେଶ୍ୟାମ ଯୁଝାର ସିଂ, ଅକ୍ଷୟ ବେହେରା, ଆଇନଜୀବୀ ଛବି ବେହେରା ଓ ତୀର୍ଥବାସୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାମଲୀଳା ସମିତିର ଉପଦେଷ୍ଟା ଧରଣୀଧର ବେହେରା ଓ ସଭାପତି ଅଭିରାମ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି ମହୋତ୍ସବକୁ ପରିଚାଳନା କରିଥିଲେ।

**ଭିଡ଼ ହିଂସା ଓ ନାରୀ ନିର୍ଯାତନା ବିରୋଧରେ ଗର୍ଜିଲା ଏସ୍‌ୟୁସିଆଇ-ସି**

# କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




**କଟକ, ୧୧।୫(ସମିସ):** ରାଜ୍ୟରେ ବଢ଼ି ଚାଲିଥିବା ଲୋମହର୍ଷଣକାରୀ ଭିଡ଼ ହତ୍ୟା ଏବଂ ନାରୀ ନିର୍ଯାତନା ଘଟଣା ପ୍ରତିବାଦରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ପ୍ରତିଷ୍ଠା ହେବା ପରେ ଯୋଜନାବଦ୍ଧ ଭାବେ ଘୃଣା ଓ ହିଂସାର ପ୍ରଚାର କରାଯାଉଛି, ଯାହାଫଳରେ ସମାଜର ଅପରାଧ ଘଟୁଛି ବୋଲି ଦଳ ଅଭିଯୋଗ କରିଛି। ପୁଲିସ ପ୍ରଶାସନ ଅପରାଧ ରୋକିବା ପରିବର୍ତ୍ତେ ନିଷ୍କ୍ରିୟ ରହିବା ଏବଂ ନିଜ ହକ ପାଇଁ ଲଢୁଥିବା ଆଦିବାସୀ ଓ ଦଳିତଙ୍କ ଉପରେ ଅତ୍ୟାଚାର କରୁଥିବା ନେଇ ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଛି। ପାର୍ଟିର ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ ଏବଂ ଇଶା ଧରଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଷାକ୍ତ ସାମାଜିକ ପରିବେଶ ଓ ମହିଳାଙ୍କ ପ୍ରତି ବଢୁଥିବା ଅସୁରକ୍ଷା ବିରୋଧରେ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ମଧ୍ୟ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିବାନୀ ସାହୁ, ଶୁଭସ୍ମିତା ସାହୁ ଏବଂ ସିପ୍ରା ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ଶାସକ ଦଳର ପୃଷ୍ଠପୋଷକତାକୁ ତୀବ୍ର ସମାଲୋଚନା କରିଥିଲେ।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**କଟକ, ୧୧।୫(ସମିସ):** ଓଡ଼ିଶାରେ ବଢୁଥିବା ହତ୍ୟା, ଭିଡ଼ ହିଂସା ଏବଂ ମାଫିଆରାଜକୁ ନେଇ ସିପିଆଇ(ଏମ୍) କଟକ ଜିଲ୍ଲା କମିଟି ଗଭୀର ଚିନ୍ତା ପ୍ରକଟ କରିଛି। ବିଶେଷ କରି ଗଞ୍ଜାମରେ ଗର୍ଭବତୀ ଯୁବତୀଙ୍କୁ ହତ୍ୟା, ଓଡ଼ଗାଁରେ ମାଫିଆଙ୍କ ବର୍ବରତା ଏବଂ ଭୁବନେଶ୍ୱର ନିକଟରେ ଘଟିଥିବା ଭିଡ଼ ହିଂସା ରାଜ୍ୟରେ ଆଇନର ଶାସନକୁ ଦୁର୍ବଳ କରିଥିବା ଦଳ ଅଭିଯୋଗ କରିଛି। ବେଆଇନ ଖଣି ଓ ବାଲି ମାଫିଆଙ୍କ ସକ୍ରିୟତା ଯୋଗୁଁ ସାଧାରଣ ଜନତା, ବିଶେଷ କରି ମହିଳା ଓ ଶିଶୁମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦଳର ଅଭିଯୋଗ ଅନୁଯାୟୀ, ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଆଇନ-ଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଅପରାଧୀଙ୍କ ମନରୁ ପୁଲିସ ପ୍ରତି ଭୟ କମିଯାଉଥିବାରୁ ଏହା ଏକ ଗୁରୁତ୍ୱର ପ୍ରଶାସନିକ ବ୍ୟର୍ଥତା ବୋଲି ସିପିଆଇ(ଏମ୍) ଦର୍ଶାଇଛି। ଏହି ପରିପ୍ରେକ୍ଷୀରେ, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ନିରପେକ୍ଷ ତଦନ୍ତ ଦାବି କରି ଡବଲ୍ ଇଞ୍ଜିନ୍ ସରକାରଙ୍କ ବିଫଳତା ବିରୋଧରେ ଜିଲ୍ଲାବ୍ୟାପୀ ପ୍ରତିବାଦ ଆନ୍ଦୋଳନ କରିବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି।

**ସିପିଆଇ-ଏମ୍‌ର ଆନ୍ଦୋଳନ ଚେତାବନୀ**

# ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**କଟକ, ୧୧।୫(ସମିସ):** ନବନିଯୁକ୍ତ କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ଆଜି ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବେଲ୍‌ଭିୟୁ ଛକଠାରୁ ବାରବାଟୀ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ରାଲି ଆୟୋଜିତ ହୋଇଥିଲା, ଯେଉଁଥିରେ ଏକ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ ହୋଇ ଶ୍ରୀ ମଲ୍ଲିକଙ୍କୁ ପାଛୋଟି ଆଣିଥିଲେ। ସିଡିଏ କୃଷକ ବଜାରସ୍ଥିତ ଅଗ୍ନିଶମ କେନ୍ଦ୍ର ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର-କଟକ ନେତା ନୟନ କିଶୋର ମହାନ୍ତି, କଟକ ଗ୍ରାମୀଣ ବିଜେପି ସଭାପତି ରାମ ନାରାୟଣ ମହାନ୍ତି ଏବଂ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ବଡୁ, ଅଭୟ ବାରିକ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ହୃଷିକେଶ ଜେନା ଓ ଗୀତା ଦାସଙ୍କ ସମେତ ବହୁ ମଣ୍ଡଳ ଓ ୱାର୍ଡ ସଭାପତି ଯୋଗଦେଇଥିଲେ। ଶ୍ରୀ ମଲ୍ଲିକ ଭୁବନେଶ୍ୱରରୁ ଆସିବା ବାଟରେ ମଲାଚଣ୍ଡିଆ ଛକଠାରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ରେଖା ଦାସଙ୍କ ନେତୃତ୍ୱରେ ବିଭିନ୍ନ ମଣ୍ଡଳର ସଭାପତିମାନେ ତାଙ୍କୁ ସ୍ୱାଗତ କରିଥିଲେ। ସମ୍ବର୍ଦ୍ଧନା ପରେ ଶ୍ରୀ ମଲ୍ଲିକ ଯୋଜନା ବୋର୍ଡ କାର୍ଯ୍ୟାଳୟକୁ ଯାଇ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ପରଲୋକ



**କଟକ, ୧୧।୫(ସମିସ):** ପ୍ରାକ୍ତନ ସୈନିକ ଭେଟେରାନ୍ ଅନରାରୀ କ୍ୟାପଟେନ୍ ଜୟଦେବ ଦାଶଙ୍କ ଶାଶୂଙ୍କର ଗତ ୮ ତାରିଖ ଅପରାହ୍ନରେ ତ୍ରିଲୋଚନପୁରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଜଣେ ଧର୍ମପରାୟଣା, ସ୍ନେହୀ ଓ ମେଳାପୀ ମହିଳା ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ତାଙ୍କ ପରିବାରର ସଦସ୍ୟ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ରକ୍ତଦାନ ଶିବିର: ୪୬ ୟୁନିଟ୍ ସଂଗ୍ରହ

**କଟକ, ୧୧।୫(ସମିସ):** ଟିପିସିଏଲ ଓ ଓଡ଼ିଶା ରକ୍ତଦାତା ମହାସଂଘଙ୍କ ମିଳିତ ଆନୁକୂଲ୍ୟରେ ଟିପିସିଏଲ ଅଫିସ ରାଣୀହାଟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଜିଆରସି ସଭାପତି ଦୀପକ କୁମାର ରାଉତ ଉଦଘାଟନ କରିଥିଲେ। ଶିବିରରେ କଟକ ରେଡକ୍ରସ ରକ୍ତ କେନ୍ଦ୍ରର ଡା. ବିନାୟକ ପୃଷ୍ଟି ଓ ଡା. ରାମ ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ସରୋଜ ବାବୁ ସର୍ବମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଟିପିସିଏଲର ବରିଷ୍ଠ ଇଞ୍ଜିନିୟର ସଞ୍ଜୟ ମହାନ୍ତି, ରଶ୍ମି ପଟ୍ଟନାୟକ, ରଶ୍ମିପ୍ରଭା କର, ଶାରଦା ଶତପଥୀ, ସୁଜିତ୍ ସାହୁ, ମନୋରଞ୍ଜନ ସ୍ୱାଇଁ, ସମ୍ବିତ୍ ଦାସ, ବିପିନ ସାହୁ ଓ ଓଡ଼ିଶା ରକ୍ତଦାତା ମହାସଂଘର କୋଷାଧ୍ୟକ୍ଷ ରାଜେଶ ନାୟକ ଏବଂ ତ୍ରିଲୋଚନ ଦାସ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ ଓ ପରିଚାଳନା କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଉକ୍ତ ଶିବିରରୁ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଟିପିସିଏଲର ଏହି ସାମାଜିକ ଦାୟିତ୍ୱବୋଧ ଭଳି ମହନୀୟ



କାର୍ଯ୍ୟକୁ ଫେଡେରେସନ୍ ଅଫ ବ୍ଲଡ ଡୋନର ଆସୋସିଏସନର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁ ପ୍ରଶଂଶା କରିଥିଲେ। ପ୍ରତ୍ୟେକ ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଫେଡେରେସନ୍ ଅଫ ବ୍ଲଡ ଡୋନର ଆସୋସିଏସନ୍ ତରଫରୁ ପ୍ରଶଂସାପତ୍ର ଓ ମେମେଣ୍ଟୋ ପ୍ରଦାନ କରାଯାଇଥିଲା।

# ଜୀବନକୁ ବାଜି ଲଗାଇ ଛଅତାଲା କୋଠା ଭାଙ୍ଗୁଛନ୍ତି ଶ୍ରମିକ

**କଟକ, ୧୧।୫(ସମିସ)**

କଟକ ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗର ଅଞ୍ଚଳରେ ସରକାରୀ ନିୟମକୁ ବେଖାତିର କରି ବିପଦଜନକ ଭାବେ ଏକ ବହୁତଳ ପ୍ରାସାଦ ଭଙ୍ଗାଯାଉଥିବା ନେଇ ଅଭିଯୋଗ ହୋଇଛି। କୌଣସି ସୁରକ୍ଷା ବଳୟ କିମ୍ବା ସେଫ୍ଟି କିଟ୍ ନ ଥାଇ ଶ୍ରମିକମାନେ ଛଅତାଲା କୋଠା ଉପରେ ଚଢ଼ି କାର୍ଯ୍ୟ କରୁଥିବା ବେଳେ ଏହାକୁ ନେଇ 'ମୋ କଟକ ସୁରକ୍ଷା ମଞ୍ଚ' ପକ୍ଷରୁ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମରେ ନ ଲଗାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର କଲ୍ୟାଣୀନଗର ସର୍ଭିସ ରୋଡ୍ କଡ଼ରେ ଥିବା ଏହି ପୁରୁଣା କୋଠାକୁ ଭାଙ୍ଗିବା ପାଇଁ ଠିକାଦାର ଶ୍ରମିକମାନଙ୍କୁ ଖରାରେ ନିୟୋଜିତ କରିଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଞ୍ଚଳଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ କୌଣସି ସୁରକ୍ଷା ବାଡ଼ ନ କରି କୋଠା ଭଙ୍ଗାଯାଉଛି, ଯାହା ପଥଚାରୀ, ସ୍କୁଲ ଛାତ୍ରଛାତ୍ରୀ ଓ ଆଖପାଖ ବାସିନ୍ଦାଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପୂର୍ବରୁ କଟକ ସହରରେ ନିର୍ମାଣଧୀନ କାର୍ଯ୍ୟ ସମୟରେ ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ପ୍ରଶାସନ ଏଥିରୁ ଶିକ୍ଷା ଲାଭ କରିନାହିଁ। ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ନିରବତା ଯୋଗୁଁ ପ୍ରଭାବଶାଳୀ ଠିକାସଂସ୍ଥାମାନେ ବେଆଇନ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହାକୁ ବିରୋଧ କରି 'ମୋ କଟକ ସୁରକ୍ଷା ମଞ୍ଚ' ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ଥାନା ଅଧିକାରୀ ସାଗରିକା ମହାନ୍ତି ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଶ୍ରମିକଙ୍କ ସୁରକ୍ଷା ଓ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ବେଆଇନ କାର୍ଯ୍ୟ ବନ୍ଦ କରିବାକୁ ଦାବି ହୋଇଛି। ସରକାରୀ ନୀତିନିୟମ ଅନୁଯାୟୀ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବେ କୋଠା ଭଙ୍ଗାଯାଉ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ସମୟରେ ମାନବାଧିକାର କର୍ମୀ ସନ୍ତୋଷ କୁମାର ସାହୁ ଓ ସମାଜସେବୀ ଡ. ବ୍ୟୋମକେଶ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

**ମଧୁପାଟଣା ଥାନାରେ 'ମୋ କଟକ ସୁରକ୍ଷା ମଞ୍ଚ'ର ଅଭିଯୋଗ**

**ଶ୍ରମ ବିଭାଗ ଓ ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ**

ସକାଳ THE SAKALA



www.sakalaepaper.com

# ଯୋଡ଼ା ପୌରାଞ୍ଚଳରେ ପଶିଲା ଗୋଠଛଡ଼ା ଦନ୍ତା

ଯୋଡ଼ା, ୧୧।୫(ସମିସ): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଯୋଡ଼ା ପୌରାଞ୍ଚଳରେ ହାତୀ ଆସିବା ନେଇ ଲୋକ ଭୟଭୀତ ହେବା ଜଣାପଡିଛି। ଗତକାଲି ସନ୍ଧ୍ୟା ସମୟରେ ଯୋଡ଼ା ପୌରାଞ୍ଚଳର ୧୪ ନଂ ୱାର୍ଡ ଦଲପାହାଡ଼ ବସ୍ତି ଅଞ୍ଚଳକୁ ଏକ ଗୋଠ ଛଡ଼ା ଦନ୍ତା ହାତୀ ପଶି ଆସିଥିଲା। ବସ୍ତିର କିଛି ଲୋକେ ହାତୀ ପଶି ଆସୁଥିବା ଦେଖି ପାଟିକରି ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଗୋଠ ଛଡ଼ା ଦନ୍ତା ଗୋଟିଏ ଘର ଭାଙ୍ଗି ଅଧିଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତାଣ୍ଡବ ରଚାଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅଧିକ କ୍ଷତି କରିବା ପୂର୍ବରୁ ଗୋଠଛଡ଼ା ଦନ୍ତା ହାତୀକୁ ନିକଟସ୍ଥ ଖଣ୍ଡବନ୍ଧ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ବନ ବିଭାଗ ହାତୀଟିର ଗତିବିଧି ଉପରେ ନଜର ରଖିଛି। ଦନ୍ତାଟି ଖାଦ୍ୟ ଅନ୍ୱେଷଣରେ ବସ୍ତି ଭିତରକୁ ପଶି ଆସିଥିବା କୁହାଯାଉଛି। ନିକଟରେ ଦନ୍ତାର ଉପସ୍ଥିତି ଯୋଗୁଁ ବସ୍ତି ବାସିନ୍ଦା ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ବସ୍ ସହ ଟ୍ରେଲର ଧକ୍କା; ଯାତ୍ରୀ ସୁରକ୍ଷିତ

ଯୋଡ଼ା, ୧୧।୫(ସମିସ): ଯୋଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ କଳାପାହାଡ଼ ନିକଟରେ ଯାତ୍ରୀବାହୀ ବସ୍ ସହ ଏକ ଟ୍ରେଲର ଧକ୍କା ଦେଇଥିବାବେଳେ ଭାଗ୍ୟବଶତଃ ବସ୍ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି। ଆଜି ବଡି ଭୋର୍ ସମୟରେ ଭୁବନେଶ୍ୱରରୁ ଯୋଡ଼ା ଅଭିମୁଖେ ଫେରୁଥିବା ଅନିମା ନାମକ ନାଇଟ୍ କୋଚ୍‌କୁ ସାମ୍ନା ପଟୁ ଆସୁଥିବା ଏକ ଟ୍ରେଲର କଳାପାହାଡ଼ ମୋଡରେ କାଟିବା ବେଳେ ଧକ୍କା ହୋଇଥିଲା। ବସ୍‌ର ପଛ ଭାଗରେ ଟ୍ରେଲର ପିଟିବା କାରଣରୁ ଡାହାଣ ପଟ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମୟରେ ବସ୍‌ରେ ୭ରୁ ୮ ଜଣ ଯାତ୍ରୀ ଥିଲେ। ସୌଭାଗ୍ୟବଶତଃ କୌଣସି ଯାତ୍ରୀଙ୍କ ଦୁର୍ଘଟଣାରେ କିଛି କ୍ଷତି ହୋଇନାହିଁ। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମହୁଲିମଦ ଓ ପୋଚ ଜବତ; ୩ ଗିରଫ



ହାଟଡ଼ିହୀ,୧୧।୫(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, ବୀଣାପାଟିଆ, ଆମ୍ବନାଳିଆ, ଡେଙ୍ଗାରୁଆ ଆଦି ଅଞ୍ଚଳରେ ଚଢ଼ଉ କରିଛନ୍ତି। ୨୮୩ ଲିଟର ଦେଶୀ ରନ୍ଧା ମହୁଲି ମଦ ଓ ୨୭ ଶହ ଲିଟର ମହୁଲ ପୋଚ ଜବତ କରିବା ସହ ଉକ୍ତ ଗ୍ରାମର ପାନ ମୁର୍ମୁ, ଫୁଲମଣି ପୂର୍ତ୍ତି ଓ ରୁକ୍ମଣୀ ମୁର୍ମୁଙ୍କୁ ଗିରଫ କରାଯାଇଛି। ଅବକାରୀ ପୁଲିସ କ୍ଷ ହାଟଡିହୀ ଅବକାରୀ ଥାନା ପକ୍ଷରୁ ୩ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ।

# ବୀରଗୋବିନ୍ଦପୁରରୁ ଜବରଦଖଲ ଉଚ୍ଛେଦ ଦାବି



ଆନନ୍ଦପୁର, ୧୧।୫ (ସମିସ): ଘସିପୁରା ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ ପାଇଁ ଏକ ଦାବିପତ୍ର ଘସିପୁରା ତହସିଲଦାର ଓ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ବୀରଗୋବିନ୍ଦପୁର ଗ୍ରାମପଞ୍ଚାୟତକୁ ଯାଇଥିବା ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଲୋକମାନେ ଜବର ଦଖଲ କରିଛନ୍ତି। ଯାହାଫଳରେ ନୂତନ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପୂର୍ବରୁ ସମସ୍ତ ଗ୍ରାମବାସୀ ଜାଗା ଛାଡ଼ିବାକୁ ରାଜି ହୋଇଥିବା ବେଳେ ଜଣେ ବ୍ୟକ୍ତି ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ଏହାକୁ ବିରୋଧ କରୁଥିବା ଅଭିଯୋଗ ହୋଇଛି। ଆଜି ଗ୍ରାମର ମହିଳାମାନେ ଘସିପୁରା ତହସିଲଦାର ଅଭୟ ସ୍ୱାଇଁଙ୍କୁ ଭେଟି ଉଚ୍ଛେଦ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ ଶୀଘ୍ର ଜବରଦଖଲ ଉଚ୍ଛେଦ ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ନେଇ ସରପଞ୍ଚ ଦିଲ୍ଲୀପ କୁମାର ମାଝୀ କହିଛନ୍ତି।

# ବୁଡ଼ିଗଲାଣି ଆଖୁଚାଷ; ଛତିଶଗଡ଼ ଆଖୁରେ ମେଣ୍ଟୁଛି ଶୋଷ

ଆନନ୍ଦପୁର, ୧୧।୫ (ସମିସ)




**ଚାଷଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ**

ଏକଦା ଆନନ୍ଦପୁର ଉପଖଣ୍ଡ ଆଖୁଚାଷ ପାଇଁ ପ୍ରସିଦ୍ଧ ଥିଲା। ଏଠାକାର ଗୁଡ଼ ସାରା ରାଜ୍ୟକୁ ଯାଉଥିଲା। ତେବେ ପ୍ରୋତ୍ସାହନ ଅଭାବରୁ ଆନନ୍ଦପୁର ଉପଖଣ୍ଡରେ ଆଖୁ ଚାଷ ବୁଡ଼ିଯାଇଛି। ଏବେ ଆଖୁ ରସ ପିଇବା ପାଇଁ ଛତିଶଗଡ଼ ଉପରେ ନିର୍ଭର କରିବାକୁ ପଡୁଛି। ବିଶେଷକରି ପ୍ରଳୟଙ୍କାରୀ ୧୯୯୯ ମହାବାତ୍ୟା ମଧ୍ୟ ଅନେକ ଚାଷଜମିକୁ ନଷ୍ଟ କରିଦେବାରୁ ଚାଷ ଉପରେ ଏହାର ପ୍ରଭାବ ପଡିଛି।

ଆନନ୍ଦପୁର ଉପଖଣ୍ଡର ବେଲବାହାଳି ଗ୍ରାମରେ ଘରେଘରେ ଆଖୁ ଚାଷ ହେଉଥିଲା। ଏଠାକାର ଗୁଡ଼ର ମଧ୍ୟ ଚାହିଦା ରହିଥିଲା। ତେବେ ମହାବାତ୍ୟା ସବୁ ଉଜୁଡ଼ାଇ ଦେଇଥିଲା ବୋଲି ସ୍ଥାନୀୟ ବାସିନ୍ଦା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାକର ସାହୁ କହିଛନ୍ତି। ବେଲବାହାଳିରେ ଆଖୁଚାଷ ଏକପ୍ରକାର ବନ୍ଦ ହୋଇଯାଇଛି। ବାରିଗାଁରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କେବଳ ଡିହସାହି ଓ ଟୋଲଙ୍କପଡାରେ କିଛି ଜମିରେ ଆଖୁ ଚାଷ କରାଯାଇଛି। ଘସିପୁରା ବ୍ଲକ ପଦନପୁର ଝାଡ଼େଶ୍ୱର ନନ୍ଦି, କେଦାର ନନ୍ଦି, ଗେଟୁ ସାହୁ, ଅକ୍ଷୟ ମୁଦୁଲି, ପକ୍ଷୀ ମୁଦୁଲି, ଭୀମସେନ ପୃଷ୍ଟି, ଅନାମ ଚରଣ ସାହୁ, ନିର୍ମଳ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ହାଡିବନ୍ଧୁ ପୁହାଣ, ଗୌରହରି ସାହୁ ପ୍ରମୁଖ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚଳିତବର୍ଷ ଆଖୁଚାଷ କରିଥିଲେ। ତେବେ ୧୫ ଦିନ ପୂର୍ବରୁ ସବୁ ଆଖୁ ଶେଷ ହୋଇ ନୂଆ ଆଖୁ ଚାଷ ଆରମ୍ଭ ହେଲାଣି। ଚଳିତବର୍ଷ ଆଖୁଖଣ୍ଡ ବେପାରୀଙ୍କୁ ୧୨ରୁ ୧୫ଟଙ୍କାରେ ବିକ୍ରି ହୋଇଥିବାବେଳେ ବଜାରରେ ୨୦ ଟଙ୍କାରେ ମିଳୁଥିଲା। ଏବେ କିନ୍ତୁ ବଜାରରୁ ଆଖୁ ଏକପ୍ରକାର ଉଭାନ ହୋଇଯାଇଛି। ଫଳରେ ଘସିପୁରା, ଆନନ୍ଦପୁର ବଜାରରେ ଆଖୁରସ ବିକ୍ରି କରୁଥିବା ବ୍ୟବସାୟୀମାନେ ଚଢ଼ା ଦାମରେ ଛତିଶଗଡ଼ ଆଖୁ କିଣୁଛନ୍ତି। ଘସିପୁରା କାର୍ତ୍ତିକେଶ୍ୱର ବଜାରରେ ଆଖୁରସ ବିକ୍ରି କରୁଥିବା ଭବଭୁତି ସାହୁ କହିଛନ୍ତି, ଏବେ ବାହାରୁ ଆସୁଥିବା ୨୦ ଟିକିଆ ଆଖୁବିଡା ୮ଶହ ଟଙ୍କାରେ ମିଳୁଛି। ତେବେ ଆଗରୁ ଯେମିତି ଗ୍ଲାସ୍ ୨୦ ଟଙ୍କାରେ ବିକ୍ରି ହେଉଥିଲା ଏବେବି ସେମିତି ବିକ୍ରି ହେଉଛି। ଫଳରେ ବ୍ୟବସାୟରେ ବିଶେଷ ଲାଭ ହେଉନାହିଁ। ଏପଟେ ଆନନ୍ଦପୁରରେ ଆଖୁର ଚାହିଦା ରହିଥିଲେ ମଧ୍ୟ ଚାଷପ୍ରତି କୌଣସି ପ୍ରୋତ୍ସାହନ ନଥିବା ନେଇ ଟୋଲଙ୍କପଡାର ଧରଣୀଧର ମହାରଣା, ରମି ସାହୁ, ରଞ୍ଜନ ସାହୁ, ଚଗଲା ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# କରଞ୍ଜିଆ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ତଦାରଖ



**'ସକାଳ' ପ୍ରଭାବ**

**▶▶ କାମ ସଠିକ ଢଙ୍ଗରେ କରିବାକୁ ନିର୍ଦ୍ଦେଶ**
**▶▶ ଆକ୍ସନ ମୁଡ୍‌ରେ ଚମ୍ପୁଆ ବିଡିଓ**

ଚମ୍ପୁଆ, ୧୧।୫(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ନିମ୍ନମାନର କରାଯାଉଥିବାକୁ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଚମ୍ପୁଆ ବିଡିଓ ସ୍ମିତିରଂଜନ ସାହୁ କାର୍ଯ୍ୟର ତଦାରଖ କରିବା ସହିତ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କୁ ନିର୍ଦ୍ଧାରିତ ମାନଦଣ୍ଡରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରଞ୍ଜିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୫ମ ଏସଏଫସି ଆର୍ଥିକ ବର୍ଷ ୨୦୨୫-୨୬ରେ ଚମ୍ପୁଆ ପଞ୍ଚାୟତସମିତି ଦ୍ୱାରା ୧୦ ଲକ୍ଷ ବ୍ୟୟ ଅଟକଳରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଉଥିଲା। ମାତ୍ର କରାଯାଉଥିବା କାର୍ଯ୍ୟ ନିମ୍ନମାନର କରାଯାଉଥିବା ତଥା ଢଳେଇ ପରିବର୍ତ୍ତେ ମେଟାଲ ବିଛାଇ ସିମେଣ୍ଟ ମସଲା କରାଯାଉଥିବା ଏବଂ ପିଲରଗୁଡିକ ଠିକ ଭାବରେ କରାଯାଉ ନଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏପରିକି କାର୍ଯ୍ୟ ସମୟରେ ବିଭାଗିୟ ଯନ୍ତ୍ରୀ କୌଣସି କାର୍ଯ୍ୟ ସମୟରେ ଉପସ୍ଥିତ ରହୁ ନଥିବା ଅଭିଯୋଗ ହେଉଛି। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଏବଂ କାମ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବାର ନିୟମ ରହିଥିଲେ ହେଁ କାର୍ଯ୍ୟ ଅଧା ପରେ ତଥା ଅଭିଯୋଗ ପରେ ତରବରିଆ ଭାବରେ ସୂଚନା ଫଳକ ଲଗାଯାଉଛି। ଅନ୍ୟପକ୍ଷରେ କିଛିଦିନ ତଳେ ଉକ୍ତ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ମୁଣ୍ଡା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ଅଣଦେଖା ଅଭିଯୋଗ କରି ନିଜ ପଦରୁ ଇସ୍ତଫା ଦେବାକୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଖବର ପ୍ରକାଶ ପରେ ବିଡିଓ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହିତ ଆଜି ଆକ୍ସନ ମୁଡରେ ବିଡିଓ ଶ୍ରୀ ସାହୁ କରଞ୍ଜିଆ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଉକ୍ତ ନିମ୍ନମାନର କାର୍ଯ୍ୟ ଦେଖି ତାଗିଦ କଲେ କନିଷ୍ଠ ଯନ୍ତ୍ରୀଙ୍କୁ। ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିବା ସହିତ ଠିକାଦାରଙ୍କୁ ପଚାରିବାରୁ ଏହା ମିସ୍ତ୍ରିଙ୍କ ଭୁଲ ବୋଲି ଠିକାଦାର କହିଥିଲେ। ତୁରନ୍ତ କାର୍ଯ୍ୟଟିକୁ ଠିକ ଭାବରେ କର ନହେଲେ ମୂଳରୁ ଭାଙ୍ଗି ପୁଣି ଥରେ କରିବ ବୋଲି ତାଗିଦ କରିଥିବା ଜଣାପଡ଼ିଛି।

# ଯୋଡ଼ା ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି



ଯୋଡ଼ା, ୧୧।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋରଚନ୍ଦ୍ର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିଷ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଯୋଡା ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ମୋଟ ୬୮ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟଜଳ ଯୋଗାଣ, ବିଦ୍ୟାଳୟର ପାଚେରି ନିର୍ମାଣ, ଟ୍ରକ ମାଲିକ ସଙ୍ଘର ସମସ୍ୟା, ଟାଟା ଦ୍ୱାରା ପରିଚାଳିତ ଆରବିସି ହୋଷ୍ଟେଲ ବନ୍ଦ ନ କରିବା, ଜଙ୍ଗଲ ଜମି ପଟ୍ଟା ସମସ୍ୟା ନେଇ ଅଭିଯୋଗ ମାନ ଆସିଥିଲା।

# ଏନ୍‌ଏସ୍ ପୁଲିସ ହାଇସ୍କୁଲ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର, ୧୧।୫(ସମିସ): କେନ୍ଦୁଝର ଏନ୍‌ଏସ୍ ପୁଲିସ ହାଇସ୍କୁଲ ତରଫରୁ ବିଦ୍ୟାଳୟର ଗୌରବ ବଢାଇଥିବା ୫ ଜଣ ଏ-୧ ଏବଂ ୯ ଜଣ ଏ-୨ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷା ବର୍ଷରେ ବିଦ୍ୟାଳୟରୁ ମୋଟ ୧୫୮ ଜଣ ଛାତ୍ରଛାତ୍ରୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇ ସମସ୍ତେ ପାସ୍ କରି ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବେଲା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସଦର ବ୍ଲକ୍ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ଦେଇ, ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ରାଉତ, ଦ୍ୱାରିକାନାଥ ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ଶିବକୁମାର ରାଠୋର, ପୁରାତନ ଛାତ୍ର ତଥା କୃଷି ବୈଜ୍ଞାନିକ ରଞ୍ଜନ କୁମାର ମହାନ୍ତ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ-୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଆଶିଷ ମହାନ୍ତ, ସୁପ୍ରିୟା ଶୀଟ୍, ବିନୀତ କୁମାର ବିଶ୍ୱାଳ, ସୋମ୍ୟରଞ୍ଜନ ସାହୁ, ଓମ୍‌ପ୍ରକାଶ ମହାନ୍ତ ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ଏ-୨ରେ ଉତ୍ତୀର୍ଣ୍ଣ ବିଶ୍ୱଜିତ୍ ସାହୁ, ଏକଲବ୍ୟ ମହାନ୍ତ, ରିଚେଶ୍ କୁମାର ସାହୁ, ଜ୍ଞାନେଶ୍ୱରୀ ମହାନ୍ତ, ତୁଷାରକାନ୍ତ ସାହୁ, ଗୋକୁଳାନନ୍ଦ ମହାନ୍ତ, ସୁରଜ ନାଏକ, ଅନିଲ କୁମାର ନାଏକ, ଅଭିଜ୍ଞାନ ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଏନ୍‌ସିସି ଅଫିସର ବିଜୟ ବେହେରା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ କମଳ ଲୋଚନ ପ୍ରଧାନ, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଯାତ୍ରୀ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ, ଜୁନିଅର୍ ଆସିଷ୍ଟାଣ୍ଟ ସତ୍ୟନାରାୟଣ ମଲ୍ଲିକ, ଶିକ୍ଷା କର୍ମଚାରୀ ଯୋଗେଶ୍ୱର କବାଟ, ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ସହଯୋଗ କରିଥିଲେ।

# ଜିଲ୍ଲା କଳାକାର ସଙ୍ଘ ପକ୍ଷରୁ କେନ୍ଦୁଝର ଉତ୍ସବ




କେନ୍ଦୁଝର,୧୧।୫(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କେନ୍ଦୁଝର ଉତ୍ସବ ୨୦୨୬ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା କଳାକାର ସଂଘ ଓ କେନ୍ଦୁଝର ଜିଲ୍ଲା ଆମେଚର ତାଇକୋଣ୍ଡ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। କେନ୍ଦୁଝର ଜିଲ୍ଲା କଳାକାର ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେନ୍ଦୁଝର ଆମେଚର ତାଇକୋଣ୍ଡ ସଂଘର ସଭାପତି ପ୍ରଦୀପ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସିଟିଜି ଗ୍ରୁପର ଅଧ୍ୟକ୍ଷ ରୋଟାରୀଆନ ଡଃ ରାଜେନ୍ଦ୍ର କୁମାର ପଲେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ସଂଘକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ସମ୍ପାଦକ ନିର୍ମଳଚନ୍ଦ୍ର ନାୟକ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ ଓ ସଂଘର ଯୁଗ୍ମ ସମ୍ପାଦିକା ମାନସୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଭାବେ ଟଙ୍କଧର ନାଏକ, ତୁମୁକି ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୋଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ ସଙ୍ଗୀତ ଗୁରୁ ଅର୍ଜୁନ ଚରଣ ନାୟକ, ନୃତ୍ୟ ଗୁରୁଶ୍ରୀ ଗୁରୁ ଦାସ, କଣ୍ଢେଇ ନୃତ୍ୟ ଗୁରୁ ହରିଶଚନ୍ଦ୍ର ଓରାମ, ଶିଶୁ ସହିତ୍ୟିକ କରୁଣାକର ବାରିକ, ସମାଜସେବା ପାଇଁ ପୁଷ୍ପହାସ ପଟ୍ଟନାୟକ, ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହରେକୃଷ୍ଣ ବେଜ, ସ୍ୱେଚ୍ଛାକୃତ ସମାଜସେବା ପାଇଁ ରମେଶଚନ୍ଦ୍ର ଜେନା, ଶିକ୍ଷାବିତ ପ୍ରଣବ ରାଉତରାୟ, କବୟିତ୍ରୀ ସନ୍ତୋଷିନୀ ଦାଶ, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର ଓ ଯୁବ ସାମ୍ବାଦିକ ବିଜୟ କୁମାର ମିଶ୍ର, ଆନ୍ତର୍ଜାତିକ କ୍ରୀଡାବିତ ଓ ପ୍ରଶିକ୍ଷକ ଦିଗବିଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପାର୍ଥସାରଥୀ ସାହୁ, ଦେବରାଜ ସାହୁ, ରିଧୂମା ଲାୟକ, ସ୍ଥିତିପ୍ରଜ୍ଞା ଗିରି, ପୁଷ୍ପିତା ବାରିକ, ଆସ୍ଥାମଣି ମାଝୀ, ଶ୍ରେୟାଶ୍ରୀ ଦାସ, କ୍ରୀତିକାବ୍ୟା ଦାସ, ମନୋଜ ପାତ୍ର, ଅମ୍ବିତ ହାଁସଦା, ମାନସ ବାରିକ, ଏମଡି ସକିଲ ଓ ଜିତେନ୍ଦ୍ର ଓରାମ ପ୍ରମୁଖ ସହଯୋଗ କରିଥିଲେ।

# ଆନନ୍ଦପୁର କଲେଜ ନୂତନ ହଷ୍ଟେଲ ଉଦ୍‌ଘାଟିତ

ଆନନ୍ଦପୁର, ୧୧।୫ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଆଇଟିଡିଏ ଦ୍ୱାରା ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ କମ୍ପୋଜିଟ ଅର୍ବାନ ମଡର୍ନ ହଷ୍ଟେଲ ସେମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନୀଳମାଧବ ସୁନା ଓ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇଥିଲେ ଉତ୍ସବରେ ଆନନ୍ଦପୁର ପୌରପାଳିକାର ପ୍ରାକ୍ତନ ନଗରପାଳ ରାମଚନ୍ଦ୍ର ସାହୁ, ଶାନ୍ତନୁ ସେଠୀ, ସାଂସଦ ପ୍ରତିନିଧି ନିରାକାର ସାହୁ, ଆନନ୍ଦପୁର ବିଜେପି ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁ, ମଳୟ କୁମାର ମିଶ୍ର, ଆଲୋକ କୁମାର ସେଠୀ, ସୁମତି ଜେନା, ପ୍ରଣୟିନୀ ନାୟକ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସନତ କୁମାର କର,



ବିଜେଡି ସଭାପତି ରମାକାନ୍ତ ବେହେରା, ଶୁଭ୍ରଜିତ୍ ରାମ, ସପନ ବେହେରା, ରାମଚନ୍ଦ୍ର ପଲେଇ, ବିଶ୍ୱଜିତ୍ ସିଂ, ଦେବାଶିଷ ରାମ, ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଡକ୍ଟର ରବୀନ୍ଦ୍ର କୁମାର ସାହୁ, ପୁଷ୍ପଲତା ରାମ, ବିଶ୍ୱଜିତ୍ ରାଉତ, ଅଜିତ୍ କୁମାର ଜେନା, ରଘୁଦୀପ୍ତି ନାୟକ, ଭଗବାନ ସାହୁ, ଅନିତା ଦାସ, ସତ୍ୟବାନ ସେଠୀ, ସତ୍ୟ ନାୟକ, ଦୟାନିଧି ନାୟକ, ସୁଲୋଚନା ସାହୁ, ଗୌରୀଶଙ୍କର ପଣ୍ଡା, ନିରଞ୍ଜନ ସେଠୀ, ଶଶି ଜେନା, ପାର୍ବତୀ ମୁଖୀ, ମନୋଜ କୁମାର ନାୟକ, ଆଦ୍ୟାଦେବ ମହାନ୍ତି, ପ୍ରଭାତ ସେଠୀ, କେଶବ ଜେନା ତଥା ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

# ଛଟେଇର ପ୍ରତିବାଦରେ ଟିପିଏନ୍‌ଓଡିଏଲ୍ କର୍ମଚାରୀଙ୍କ ବିକ୍ଷୋଭ







ଆନନ୍ଦପୁର, ୧୧।୫ (ସମିସ): କର୍ମଚାରୀଙ୍କୁ ଛଟେଇ ନୋଟିସ ପ୍ରତିବାଦରେ ଠିକା କର୍ମଚାରୀମାନେ ଆନ୍ଦୋଳନ କରିବା ସହିତ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ଟିପିଏନଓଡିଏଲ ଅଧୀନରେ କାର୍ଯ୍ୟରତ ଶତାଧିକ ଠିକା କର୍ମଚାରୀ ଆଜି ବିଭାଗୀୟ ଆନନ୍ଦପୁର ଡିଭିଜନ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନେକ କର୍ମଚାରୀଙ୍କୁ ଛଟେଇ ପାଇଁ ନୋଟିସ୍ ଆସିଥିବାରୁ କର୍ମଚାରୀମାନେ ଏହାର ବିରୋଧ କରି ଏଭଳି ପଦକ୍ଷେପ ନେଇଥିବା ଜଣାଯାଇଛି। ଦୀର୍ଘ ଦିନଧରି ଖରା ବର୍ଷାକୁ ଖାତିର ନକରି କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ସ୍ଥାନୀୟ ଅଞ୍ଚଳରେ ଲାଗିରହିଥିବା ବିଦ୍ୟୁତ ସମସ୍ୟାର ଅନେକାଂଶରେ ସୁଧାର ଆସିବା ପରେ ଏବେ କର୍ମଚାରୀମାନେ କମ୍ପାନୀ ପାଇଁ ଅଲୋଡା ପାଲଟି ଯାଇଛନ୍ତି। ତୁରନ୍ତ କର୍ମଚାରୀଙ୍କ ଛଟେଇ ନିଷ୍ପତ୍ତି ପ୍ରତ୍ୟାହୃତ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ମିଳିତ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କର୍ମଚାରୀ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ୟୁନିୟନ ସଭାପତି ଦେବପ୍ରିୟ ପାତ୍ର ଓ ସମ୍ପାଦକ ରାଜେଶ କୁମାର ଦାସ ଚେତାବନୀ ଦେଇଛନ୍ତି।

**ଯୋଡ଼ା:** କେନ୍ଦୁଝର ଜିଲ୍ଲା ଯୋଡ଼ା ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟଳୟ ସମ୍ମୁଖରେ ଶତାଧିକ ଠିକା କର୍ମଚାରୀ ଛଟେଇ ପ୍ରତିବାଦରେ ଧାରଣାରେ ବସିଥିଲେ। ଟାଟା ପାୱାରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ପୂର୍ବରୁ କୌଣସି ସୂଚନା ନଦେଇ ହଠାତ୍ ଛଟେଇ ନୋଟିସ ଜାରି କରିବାରୁ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେଇଛି। ଏହି ଧାରଣାରେ ନେସ୍କୋ ପାୱାର ଏମ୍ପ୍ଲଏଜ୍ ୟୁନିଅନ, ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲଇଜ୍ ୟୁନିଅନ୍, ଓଏସଇବି ବିଜୁଳି କର୍ମଚାରୀ ସଂଘ, କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ, କେନ୍ଦୁଝର ଜିଲ୍ଲା ବିଦ୍ୟୁତ କର୍ମଚାରୀ ସଂଘ, ଓଡ଼ିଶା ରାଜ୍ୟ ବିଦୁ୍ତ କର୍ମଚାରୀ ସଂଘ, ନେସ୍କୋ ୱାର୍କସ ଏମ୍ପ୍ଲଇଜ ୟୁନିଅନ ଓ ନେସ୍କୋ ଫାଇନାନ୍ସ ଏମ୍ପ୍ଲଇଜ୍ ଆସୋସିଏସନ୍ ଭାଗ ନେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଟାଟା ପାୱାର ନୂଆ ନୂଆ କାମ ଆରମ୍ଭ କଲା ବେଳେ ମାତ୍ର ୧୦/୧୫ ହଜାର ବେତନରେ ଏହି କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ସ୍ଥାନୀୟ ବେକାର ଯୁବକଯୁବତୀ ଅନ୍ୟ ଉପାୟ ନ ପାଇ ପରିବାର ପ୍ରତିପୋଷଣ ପାଇଁ କାର୍ଯ୍ୟ କରି ଆସୁଥିଲେ। ଏବେ ଛଟେଇ ହେଲେ ପରିବାର ଚିନ୍ତା ଘାରିଥିବା ନେଇ ଧାରଣାକୁ ଓଲ୍‌ହାଇଥିବା କହିଛନ୍ତି।

ଏହି ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ମାସେ ହେବ କର୍ମଚାରୀଙ୍କୁ ଛଟେଇ ନୋଟିସ କରାଯାଇଛି, ଆଜି ସେଇ ବାବଦରେ ମ୍ୟାନେଜମେଣ୍ଟକୁ ଏକ ଦାବିପତ୍ର ଦେଇଛନ୍ତି।

● ପୌର କର୍ତ୍ତୃପକ୍ଷ- ସଫେଇ କର୍ମଚାରୀ ସଙ୍ଘ ଆଲୋଚନା

## ୧୦ ଦିନ ମଧ୍ୟରେ ଦାବି ପୂରଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଦେବଗଡ଼,୧୧।୫(ସମିସ): ଦେବଗଡ଼ ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଗତ ୨ ମାସର ବକେୟା ଦରମା ମିଳିନଥିବା ଓ ଇପିଏଫ ଟଙ୍କା ମଧ୍ୟ ଠିକ ସମୟରେ ପୈଠ କରାଯାଉନଥିବା ଅଭିଯୋଗ କରି ଗତ ଶୁକ୍ରବାର ଠାରୁ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ପୂର୍ବାହ୍ନରେ ପ୍ରତ୍ୟାହୃତ ହୋଇଛି। ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସହରସାରା କୁଡ଼କୁଡ଼ ଅଳିଆ ଜମା ହୋଇପଡିଥିଲା।

ଏ ସମ୍ପର୍କରେ ଆଜି 'ସକାଳ' ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୌରପରିଷଦରେ ଆଜି ଜଣେ ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥିଙ୍କୁ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରି କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ସଫେଇ କର୍ମଚାରୀମାନେ ନିଜ ଜିଦରେ ଅଟଳ ରହିଥିଲେ। ଶେଷରେ ପୌର ସଫେଇ କର୍ମଚାରି ସଙ୍ଘ ସଭାପତି ତଥା ୬ ନମ୍ବର ୱାର୍ଡ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ହସ୍ତକ୍ଷେପ ପରେ ଆସନ୍ତା ୧୦ ଦିନ ମଧ୍ୟରେ ସଫେଇ କର୍ମଚାରୀଙ୍କ ମାର୍ଚ୍ଚ ମାସର ଦରମା ପ୍ରଦାନ ସାଙ୍ଗକୁ ଏକ ମାସ ମଧ୍ୟରେ ଇପିଏଫ ଅର୍ଥ ପ୍ରଦାନ ପାଇଁ ନିର୍ବାହୀ ଅଧିକାରୀ ଶ୍ରୀ ଶତପଥି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏଥିସହ ପ୍ରତିଶ୍ରୁତି ଖିଲାପ ହେଲେ ପୁଣି ଥରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

## ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ




ଦେବଗଡ଼,୧୧।୫(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବା ଭାରତ ଦେବଗଡ଼ ପକ୍ଷରୁ ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସାୱାନ୍ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଇଂ ରିଷିକେଶ ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଯୁକ୍ତି ବିଜ୍ଞାନ ଓ ସାମ୍ପ୍ରତିକ ପରିସ୍ଥିତିରେ ତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଦୀପକ କୁମାର ରଣା, ପଦାର୍ଥ ବିଜ୍ଞାନର ଅଧ୍ୟାପକ ରଜତ ବେହେରା ପ୍ରମୁଖ ଯୋଗ ଦେଇ ପ୍ରଯୁକ୍ତି ବିଜ୍ଞାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମେରା ଯୁବା ଭାରତର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଯୁବ ସମାଜ ଓ ପ୍ରଯୁକ୍ତି ବିଜ୍ଞାନ ର ଉପାଦେୟତା ଶୀର୍ଷକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ସୁନୟନା ଦେହୁରୀ ପ୍ରଥମ, ପ୍ରଜ୍ଞା ସେନି ଖଡିରତ୍ନ ଦ୍ୱିତୀୟ ଓ ଭୂଦୀପ କୁମାର ପଲେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ଫଦକାର ପ୍ରଥମ, ରବିନ୍ ବେହେରା ଦ୍ୱିତୀୟ ଓ ଅର୍ଚ୍ଚିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଓଡିଆ ଅଧ୍ୟାପକ ସୁଜିତ୍ ଖଡିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ରବି ଶଙ୍କରଙ୍କ ଜନ୍ମଦିବସ

ଦେବଗଡ଼,୧୧।୫(ସମିସ): ଜିଲ୍ଲା ସଂସ୍କୃତି ଭବନଠାରେ ଆର୍ଟ ଅଫ ଲିଭିଙ୍ଗ ରାଜ୍ୟ ଶିକ୍ଷକ ସଂଯୋଜକ ହିମାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବି ଶଙ୍କରଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଆଇନଜୀବୀ ଦିଲୀପ କୁମାର ଗୁରୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



ଏହି ଅବସରରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେସନର ପ୍ରତିଷ୍ଠାତା ରବି ଶଙ୍କରଙ୍କ ଯୋଗ, ଧ୍ୟାନ, ସେବା ଏବଂ ଜ୍ଞାନ ଦ୍ୱାରା ହିଂସାମୁକ୍ତ ଓ ଚାପମୁକ୍ତ ସମାଜ ଗଠନ ଉପରେ ଥିବା ମୂଳ ମନ୍ତ୍ର ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶ୍ରୀ ପଣ୍ଡା ରବି ଶଙ୍କରଙ୍କ ଜୀବନାଦର୍ଶ ସମ୍ପର୍କରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଙ୍ଗର ଜିଲ୍ଲା ସଂଯୋଜକ ରାଜଲକ୍ଷ୍ମୀ ବିଶ୍ୱାଳ, ରତନ୍ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସହକାରୀ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ଗୁରୁ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ନିରଞ୍ଜନ ଦ୍ୱିବେଦୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଡ. ଭାରତ ଭୂଷଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜନ୍ମଜୟ ନାୟକ ସଂଯୋଜନା କରିଥିଲେ।

ସାମାଜିକ କର୍ମୀଙ୍କୁ ହତ୍ୟା ଉଦ୍ୟମ ଘଟଣା

## ୮୫ ଦିନ ପରେ ବି ପୁଲିସ ହାତ ଖାଲି

● ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

● ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଆତ୍ମହତ୍ୟା ଚେତାବନୀ ଦେଲେ ସାମାଜିକ କର୍ମୀ

ଦେବଗଡ,୧୧।୫(ସମିସ)

ଦେବଗଡ ଜିଲ୍ଲାର ଜଣାଶୁଣା ସାମାଜିକ କର୍ମୀ ତଥା ସୂଚନା ଅଧିକାର କର୍ମୀ ଭରତ ସାହୁଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା ଉଦ୍ୟମ କରିବା ଘଟଣାକୁ ଇତିମଧ୍ୟରେ ୮୫ ଦିନ ବିତିଯାଇଛି। ମାତ୍ର ଦେବଗଡ ଆଦର୍ଶ ଥାନା ପୁଲିସ ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧିକୁ ଗିରଫ କରିବାରେ ସଫଳ ହୋଇନାହିଁ। ଅନ୍ୟପକ୍ଷରେ ଅଭିଯୋଗକାରୀ ସାମାଜିକ କର୍ମୀଙ୍କ ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ଦେବଗଡ ଆଦର୍ଶ ଥାନା ପୁଲିସର ସାଧୁତା ଓ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ପୁଲିସ ପ୍ରତି ଲୋକଙ୍କର ଆସ୍ଥା ଦିନକୁ ଦିନ ତୁଟିବାରେ ଲାଗିଛି। ଅନ୍ୟପକ୍ଷରେ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଥିବା ଯୁବକ ଜଣକ ଭୟଭୀତ ଅବସ୍ଥାରେ କାଳ କାଟୁଥିବା ବେଳେ ତାଙ୍କ ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଛି। ଯାହା ତାଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଏହାକୁ ନେଇ ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ବାଧ୍ୟ ହୋଇ ଆଜି ଦେବଗଡ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦେବଗଡ ଆଦର୍ଶ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିବା ସହ ଆତ୍ମହତ୍ୟା ପାଇଁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ରିଆମାଳ ଥାନାଞ୍ଚଳ ପୁରୁମୁଣ୍ଡା ଗ୍ରାମର ସାମାଜିକ କର୍ମୀ ଭରତ ସାହୁ ଦେବଗଡ ଥାନାଞ୍ଚଳ ଟାଙ୍ଗସର ଗ୍ରାମ ସ୍ଥିତ ତାଙ୍କର କଦଳୀ ବଗିଚାରେ ଏକୁଟିଆ ଥିବାବେଳେ ଗତ ଫେବୃୟାରୀ ମାସ ୧୬ ତାରିଖ ଅପରାହ୍ନରେ କେତେକ ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏହାପରେ ଆକ୍ରମଣକାରୀମାନେ କୋଠରୀର ବାହାରୁ ପଟୁ କବାଟ ବନ୍ଦ କରି ସେଠାରୁ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ଉକ୍ତ ବଗିଚାର ଜଗୁଆଳୀ ଓ ଅନ୍ୟଜଣେ ଯୁବକ ସେଠାରେ ପହଞ୍ଚି ଭରତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଜଣେ ସମ୍ପର୍କୀୟ ଏବଂ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କୁ ହତ୍ୟା ଉଦ୍ୟମ ଷଡଯନ୍ତ୍ର କରିଥିବା ଭରତ ଉକ୍ତ ଦିନ ଦେବଗଡ ଆଦର୍ଶ ଥାନା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ବିଡମ୍ବନାର ବିଷୟ ଘଟଣାକୁ ଇତିମଧ୍ୟରେ ୮୫ ମାସ ବିତିଯାଇଥିଲେ ମଧ୍ୟ ଏ ଘଟଣାରେ କାହାରିକୁ ଗିରଫ କରିପାରିନାହିଁ। ଅନ୍ୟପଟରେ ଗୁରୁତର ଆହତ ହୋଇଥିବା ସାମାଜିକ କର୍ମୀ ଭରତ ଡାକ୍ତରଖାନାରେ ଦୀର୍ଘଦିନ ଚିକିତ୍ସିତ ହେବା ପରେ ଘରକୁ ଫେରିଥିଲେ ହେଁ ଆକ୍ରମଣକାରୀମାନେ ଗିରଫ ହୋଇନଥିବାରୁ ଭୟଭୀତ ଅବସ୍ଥାରେ କାଳ କାଟୁଛନ୍ତି। ଭୟରେ ତାଙ୍କର ଫାର୍ମ ହାଉସକୁ ଆଉ ଯାଉନଥିଲେ। ଭୟରେ କୌଣସି ଜଗୁଆଳି ମଧ୍ୟ ସେଠାରେ ଜଗୁନଥିଲେ। ଏହାର ସୁଯୋଗରେ କେତେକ ଦୁର୍ବୃତ୍ତ ତାଙ୍କ ଫାର୍ମ ହାଉସର ତାଲାଭାଙ୍ଗି ବହୁ ଲକ୍ଷଲକ୍ଷ ଟଙ୍କାର ସାମଗ୍ରୀ ସହିତ ସେଠାରେ ଥିବା ବୋଲୱେଲରୁ ମଧ୍ୟ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଆଜି ସେ ଦେବଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

'ସ୍ନେହ-ସେତୁ'

## ୨ ବର୍ଷ ପରେ ପରିବାରକୁ ଫେରିଲେ ରାଜକିଶୋର



ଝାରସୁଗୁଡ଼ା,୧୧।୫(ସମିସ): ଜିଲ୍ଲା ପ୍ରଶାସନର ମାନବୀୟ ଅଭିଯାନ 'ସ୍ନେହ-ସେତୁ' ଆଜି ଏକ ବିଚ୍ଛିନ୍ନ ହୋଇଯାଇଥିବା ପରିବାର ପାଇଁ ଆଶାର ଆଲୋକ ସାଜିଛି। ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଧରି ନିଖୋଜ ଥିବା ସୁନ୍ଦରଗଡ଼ ଜିଲ୍ଲାର ରାଜକିଶୋର ଷଣ୍ଢ (୩୬) ଆଜି ନିଜ ପତ୍ନୀ ଓ ସନ୍ତାନମାନଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭେଟିଛନ୍ତି। ସୁନ୍ଦରଗଡ଼ କିଞ୍ଜିରକେଲା ଅଞ୍ଚଳର ରାଜକିଶୋର ମାନସିକ ଅସୁସ୍ଥତା ଯୋଗୁଁ ଘରୁ ବାହାରି ଆସି ନିଖୋଜ ହୋଇଯାଇଥିଲେ।

ଗତ ୨୨ ଏପ୍ରିଲ ୨୦୨୪ରେ ଝାରସୁଗୁଡ଼ା ବେହେରାମାଲଠାରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ 'ଏଇତ ଜୀବନ ଫାଉଣ୍ଡେସନ'ର ସଭାପତି ସୁଜାତା ମିଶ୍ର ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଶାସନିକ ସହାୟତାରେ ତାଙ୍କୁ 'ମିଶନ ଆଶାଲୋକ'ଠାରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଶ୍ରୀମତୀ ମିଶ୍ରଙ୍କ ଦ୍ୱାରା ପ୍ରସାରିତ ଏକ ସୋସିଆଲ ମିଡିଆ ପୋଷ୍ଟକୁ ଦେଖି ରାଜକିଶୋରଙ୍କ ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, "ସ୍ନେହ-ସେତୁ ଅଭିଯାନ ଓ ସୋସିଆଲ ମିଡିଆର ସଠିକ୍ ବ୍ୟବହାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଭାଗିତା ଯୋଗୁଁ ଆଜି ରାଜକିଶୋର ନିଜ ପରିବାର ସହ ମିଶି ପାରିଛନ୍ତି। ଜିଲ୍ଲା ପ୍ରଶାସନ ସବୁବେଳେ ଏଭଳି ସାମାଜିକ କାର୍ଯ୍ୟ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି। ଏଇତ ଜୀବନ ଫାଉଣ୍ଡେସନର ସଭାପତି ଶ୍ରୀମତୀ ସୁଜାତା ମିଶ୍ର ନିଜର ପ୍ରତିକ୍ରିୟା ରଖି କହିଛନ୍ତି, ଜଣେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ତାଙ୍କ ପରିବାର ସହ ଭେଟ କରାଇବା ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅତୁଳନୀୟ। ସ୍ନେହ-ସେତୁ ଅଭିଯାନ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଯେଉଁ ସହଯୋଗ ପ୍ରଦାନ କରୁଛନ୍ତି, ତାହା ଅଭିନନ୍ଦନୀୟ। ଆଜି ରାଜକିଶୋରଙ୍କ ପିଲାମାନଙ୍କ ମୁହଁରେ ହସ ଦେଖି ଆମର ସବୁ ଶ୍ରମ ସାର୍ଥକ ହେଲା ବୋଲି ମୁଁ ଅନୁଭବ କରୁଛି। ଆଜିର ଏହି ପୁନଃମିଳନ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଆଦିତ୍ୟ ବାଦି ଓ 'ପିପୁଲସ ଫୋରମ'ର ସଦସ୍ୟମାନେ ଉପସ୍ଥିତ ରହି ରାଜକିଶୋରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ତୁରେକେଲ ପୋଲ ନିର୍ମାଣ ପାଇଁ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ

ଭବାନୀପାଟଣା,୧୧।୫(ସମିସ): ତୁରେକେଲ ସେତୁ ନିର୍ମାଣ ଦାବି ନେଇ ସଦର ବିଧାୟକ ସାଗର ଚରଣ ଦାଶଙ୍କ ନିର୍ଦ୍ଦେଶରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ଆଜି ୧୫ ଦିନରେ ପହଞ୍ଚିଛି। ପ୍ରସାଶନର କୌଣସି ନିଷ୍ପତ୍ତି ନିର୍ଭର ପ୍ରତିଶ୍ରୁତି ଦେଇ ନାହାନ୍ତି। ତେଣୁ ସଦର ବ୍ଲକ୍ ସଭାପତି ସୁବାସ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରିବା ପାଇଁ ସୋମବାର ଭବାନୀପାଟଣା ବ୍ଲକ୍‌ର ଗ୍ରାମାଞ୍ଚଳ ବନ୍ଦ ଡାକରା ଦିଆଯାଇଥିଲା।

ବନ୍ଦ ଡାକରା ଯୋଗୁ ଗ୍ରାମାଞ୍ଚଳ ଲୋକେ ସହରକୁ ଯାତାୟତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବ୍ୟାଙ୍କ୍ ଗୁଡିକ ସହ ବିଦେଶୀ ମଦ ଦୋକାନ ବନ୍ଦ ରହିଥିଲା। ପଞ୍ଚାୟତ ମଧ୍ୟରେ ରହୁଥିବା ଯାନବାହାନ ମଧ୍ୟ ବନ୍ଦ ରହିଥିଲା। ଏପରିକି ଗ୍ରାମ ଗୁଡ଼ିକରେ ଥିବା ଛୋଟ ଛୋଟ ଦୋକାନ ଗୁଡିକ ବନ୍ଦ ରହିଥିଲା। କର୍ଲାପଡ଼ା ଠାରେ ଗନ୍ଧର୍ବ ବାଗ, ପୁରୋଜୀତ ବାଗ, ଦୁଷ୍ମନ୍ତ ଯୁଆଡେ, ବୋର୍ଡ ଠାରେ ବିଖ୍ୟ ସେନାପତି, ଆଲୋକ ପଟେଲ ବିକ୍ରମସେନ ଭୋଇ, ଦେପୁର ଠାରେ ସୁଜିତ୍ ନାଗ, ବବଲୁ ଯୋଶୀ, ସଚିନ ନାୟକ ମନୋଜ କରୁଆ, କେଶବ ନାୟକ ପ୍ରମୁଖ ବନ୍ଦ ପାଳନରେ ସହଯୋଗ କରିଥିଲେ।

## ନୂତନ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ଦେବଗଡ,୧୧।୫(ସମିସ): ଦେବଗଡ ପୌରାଞ୍ଚଳ ପୁରୁଣାଗଡ ରଥଦାଣ୍ଡରେ ଆଜି ଠାରୁ ନୂତନ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି। ପାରମ୍ପରିକ ରୀତିନୀତି ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଆଜି ରଥ ନିର୍ମାଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରାଯାଇଥିଲା। ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନ ଓ ଜଗନ୍ନାଥ ପ୍ରେମୀଙ୍କ ସହଯୋଗରେ ରଥ ନିର୍ମାଣ କରାଯାଉଛି। ରଥ ନିର୍ମଣ ନିମନ୍ତେ ବନବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର କାଠ ଯୋଗାଇ ଦିଆଯାଇଛି। ସ୍ଥାନୀୟ ଲୋକଙ୍କୁ ନେଇ ରଥ କାଠ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ପ୍ରତ୍ୟକ୍ଷ ମାର୍ଗଦର୍ଶନରେ କାଠ ସଂଗ୍ରହ ହୋଇ ଗତକାଲି ବଡଦାଣ୍ଡରେ ପହଞ୍ଚିବା ପରେ ଆଜି ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ସ୍ଥାନୀୟ ସେବାୟତ, ରଥ ନିର୍ମାଣ ପାଇଁ ଜିଲ୍ଲା ବାହାରୁ ଆସିଥିବା ମହାରଣା ଓ ଭକ୍ତଙ୍କ ଉପସ୍ଥିତିରେ ରଥଖଳା ଓ ରଥକାଠ ପୂଜନ ସହିତ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା।



ଆସନ୍ତା ଜୁଲାଇ ୧୬ ତାରିଖ ରଥଯାତ୍ରାର ଯଥେଷ୍ଟ ସମୟ ପୂର୍ବରୁ କିଭଳି ରଥ ନିର୍ମାଣ କାର୍ଯ୍ୟ ଶେଷ ହେବ ସେଥିପ୍ରତି କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି। ଦେବଗଡ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ସୁଧିର କପରଦାର, ମନୋଜ କୁମାର ପାଢୀ, ଟିକେଶ୍ୱର ଗୁରୁ ଓ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ସମେତ ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ଗୌରହରି ଷଡଙ୍ଗୀ, ସମ୍ପାଦକ ଅଶୋକ କୁମାର ମିଶ୍ର, ରାମଚନ୍ଦ୍ର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ତେବେ ପୂର୍ବବର୍ଷ ମାନଙ୍କରେ ରଥ ନିର୍ମାଣ ହେଉକି ମରାମତି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଦସ୍ୟ ଏବଂ ସମ୍ପୃକ୍ତ ଅଂଚଳର ବହୁ ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁଙ୍କୁ କାର୍ଯ୍ୟକ୍ରମରୁ ଦୁରେଇ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ପ୍ରେମୀଙ୍କ ଅସନ୍ତୋଷ ଦେଖି କୌଣସି ଅପ୍ରିତିକର ପରିସ୍ଥିତି ଆଶଙ୍କା କରି ରଥ ନିର୍ମାଣ କମିଟି ପକ୍ଷରୁ ପୁଲିସକୁ ସୂଚନା ଦେବା ପରେ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଅନ୍ୟପଟରେ ଜଗନ୍ନାଥ ସେବାରେ ପୁଲିସର ଉପସ୍ଥିତିକୁ ଅଞ୍ଚଳବାସୀ ନାପସନ୍ଦ କରିଥିବା ଶୁଣିବାକୁ ମିଳିଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ଝାରସୁଗୁଡ଼ା,୧୧।୫(ସମିସ): ବେଲପାହାଡ ମୁନିସିପାଲିଟି କାଉନସିଲ ହଲ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିବା ସହ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ମୋଟ ୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ଜଣଙ୍କୁ ସହାୟତା ପାଣ୍ଠିରୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଶିବିରରେ ମୁଖ୍ୟତଃ ଜମିଜମା ବିବାଦ, ପାନୀୟ ଜଳ ଯୋଗାଣ, ଶିକ୍ଷା ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଅଭିଯୋଗମାନ ଆସିଥିଲା। ଜିଲ୍ଲାପାଳ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରି କେତେକ ସମସ୍ୟାର ତତ୍କାଳ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବେଲପାହାଡ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଦେବଗଡ଼: ତିଲେଇବଣି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୧୮ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୯ ଟି ବ୍ୟକ୍ତିଗତ ଏବଂ ୯ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ମଧ୍ୟରେ ଜମି ପଟ୍ଟା ସଂଶୋଧନ, କେନାଲ, ନଳକୂପ ଖନନ, ଝାଲିଆମରା ରାସ୍ତା ନିର୍ମାଣ ଓ କ୍ଲବ୍ ଘର ନିର୍ମାଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପରଦାର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ତହସିଲଦାର କର୍ଣ୍ଣ ମଲିକ୍ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୁରୁଣା କର୍ମଚାରୀ ନିଯୁକ୍ତି ପ୍ରସଙ୍ଗ

## ୧୩ରୁ ଓଡିଶା ମେଟାଲିକ୍ସ ସମ୍ମୁଖରେ ଧାରଣା

ଝାରସୁଗୁଡା,୧୧।୫(ସମିସ)


ଝାରସୁଗୁଡା ସଦର ବ୍ଲକ ମରାକୁଟା ପଞ୍ଚାୟତ ସ୍ଥିତ ବୁଢୀପଦାର ଠାରେ ଥିବା ଓଡିଶା ମେଟାଲିକ୍ସ କମ୍ପାନୀରେ ପୁରୁଣା କର୍ମଚାରୀ ନିଯୁକ୍ତି ପ୍ରସଙ୍ଗକୁ ନେଇ ସୋମବାର ଝାରସୁଗୁଡା ସ୍ଥିତ ପାହାଡି ମନ୍ଦିରଠାରେ ପୁରୁଣା କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦାବି ପୂରଣ ନ ହେଲେ ଆସନ୍ତା ୧୩ ତାରିଖରୁ କମ୍ପାନୀ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି।




ଏଠାରେ ସୂଚନା ଥାଉକି, ପୂର୍ବରୁ ଝାରସୁଗୁଡା ଜିଲ୍ଲାର ମରାକୁଟା ସ୍ଥିତ ଏମଏସପି କମ୍ପାନୀ ୨୦୧୬ରେ ବନ୍ଦ ହୋଇଥିଲା ଓ ପରେ ୨୦୨୧ ମସିହାରେ ଉକ୍ତ କମ୍ପାନୀ ଓଡିଶା ମେଟାଲିକ୍ସ ନାମରେ ପରିବର୍ତ୍ତନ ହୋଇ ଆରମ୍ଭ ହୋଇଥିଲା। ତେବେ କାରଖାନା ଖୋଲିବାର ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏମଏସପିରେ କାର୍ଯ୍ୟ କରୁଥିବା ପୁରୁଣା କର୍ମଚାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ଏହାକୁ ନେଇ କର୍ମଚାରୀମାନେ ନ୍ୟାୟ ପାଇଁ ବର୍ଷ ବର୍ଷ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଶ୍ରମ ଆୟୁକ୍ତ, ଶ୍ରମ ମନ୍ତ୍ରୀ, ବର୍ତ୍ତମାନର ବିଧାୟକ, ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ପାଖରେ ଗୁହାରୀ କରିଆସୁଛନ୍ତି। କିନ୍ତୁ କର୍ମଚାରୀଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରିନଥିଲେ।

ପୁରୁଣା କର୍ମଚାରୀଙ୍କ ମୁଖ୍ୟ ଦାବୀ ଗୁଡିକ ମଧ୍ୟରେ ପୁରୁଣା କର୍ମଚାରୀଙ୍କୁ ପେରୋଲ ଅନୁଯାୟୀ ପୁନଃନିଯୁକ୍ତି ଦିଆଯିବା, ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ଦେଇ ନିଯୁକ୍ତି ଦିଆଯିବା, ବର୍ତ୍ତମାନ ଓଡିଶା ମେଟାଲ୍ଲିକସରେ କାର୍ଯ୍ୟରତ ପୁରୁଣା ଶ୍ରମିକମାନଙ୍କୁ ଠିକା ସଂସ୍ଥା ରୁ ହଟାଇ ପେରୋଲରେ ରଖାଯିବା ଏବଂ ଏଥିରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ପ୍ରମୁଖ ଦାବି ରହିଛି।

ଯଦି ଦାବି ପୂରଣ ନ ହେଲେ ବାଧ୍ୟ ହୋଇ ଓଡିଶା ମେଟାଲ୍ଲିକ୍ସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରଖିବୁ। ଅନୁଷ୍ଠିତ ଏହି ପ୍ରେସ ମିଟରେ ଦେବାନନ୍ଦ ବାରିକ, ଦାଉଦ ନାୟକ, ଆଶିଷ ବଡ଼ପଣ୍ଡା, ଲଳିତ ତନ୍ତି, ଜିତେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱର + କଟକ

# ଏଫ୍‌ଆଇଆର୍ ଆଳରେ ଦୋଷ ଘୋଡ଼ାଇବାକୁ ଉଦ୍ୟମ!

ଭୁବନେଶ୍ୱର ୧୧।୫ (ସମିସ): ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ମବ୍ ଲିଞ୍ଚିଙ୍ଗ୍ ବା ଭିଡ଼ ହତ୍ୟା ଦଫା ନଲଗାଇବାକୁ ନେଇ ହରଡ଼ଘଣାରେ ପଡ଼ିଛି କମିସନରେଟ ପୁଲିସ। ସୌମ୍ୟଙ୍କୁ ବଞ୍ଚାଇ ପାରି ନ ଥିବା ପୁଲିସ ଏବେ ଦଫା ଲଗାଇବାରେ ବି କୋହଳ ମନୋଭାବ ପୋଷଣ କରିଥିବା କଥା ସ୍ପଷ୍ଟ ହୋଇଛି। ସୌମ୍ୟଙ୍କ ବାପା ଦୁଃଶାସନ ସ୍ୱାଇଁ ଦେଇଥିବା ଏତଲାରେ ମବ୍ ଲିଞ୍ଚିଙ୍ଗ୍ ନେଇ ଉଲ୍ଲେଖ କରିନଥିବାରୁ ପୁଲିସ ଦଫା ଲଗାଇ ନାହିଁ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ମବ୍ ଲିଞ୍ଚିଙ୍ଗ୍ ବା ବିଏନ୍‌ଏସ୍ ଦଫା ୧୦୩(୨) ଅନୁସାରେ ୫ କିମ୍ବା ତା'ଠାରୁ ଅଧିକ ବ୍ୟକ୍ତିଙ୍କ ଏକ ଗୋଷ୍ଠୀ ମିଳିତ ଭାବେ ଜାତି, ସମ୍ପ୍ରଦାୟ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ବ୍ୟକ୍ତିଗତ ବିଶ୍ୱାସ କିମ୍ବା ଅନ୍ୟ କୌଣସି କାରଣରୁ ଜଣଙ୍କୁ ହତ୍ୟା କଲେ, ସେ କ୍ଷେତ୍ରରେ ଦଫା ୧୦୩(୨) ଲାଗିପାରିବ। ଯଦିଓ ବର୍ତ୍ତମାନ ସୁଦ୍ଧା ଜାତି, ସମ୍ପ୍ରଦାୟ, ଲିଙ୍ଗ, ଜନ୍ମସ୍ଥାନ, ଭାଷାକୁ ନେଇ ସୌମ୍ୟଙ୍କୁ ହତ୍ୟା କରାଯାଇଥିବାର ପ୍ରମାଣ ସାମ୍ନାକୁ ଆସିନାହିଁ; କିନ୍ତୁ ବ୍ୟକ୍ତିଗତ ବିଶ୍ୱାସ ଯୋଗୁଁ ଲୋକମାନେ ସୌମ୍ୟଙ୍କୁ ପିଟି ପିଟି ହତ୍ୟା କରିଥିବାର କଥା ଜଳ ଜଳ ହୋଇ ଦିଶୁଛି। ସୌମ୍ୟରଞ୍ଜନ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିବାର ବିଶ୍ୱାସ କରି ଲୋକମାନେ ଏଭଳି କାଣ୍ଡ ଭିଆଇଥିବା କଥା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ପ୍ରାଥମିକ ପ୍ରମାଣ ମିଳିଥିଲେ ମଧ୍ୟ ପୁଲିସ ମବ୍ ଲିଞ୍ଚିଙ୍ଗ୍ ବା ବିଏନ୍‌ଏସ୍ ଦଫା ୧୦୩(୨) ଲଗାଇ ନାହିଁ।

କମିସନରେଟ ପୁଲିସର ଅପାରଗତା ବା ଦୋଷ ଲୁଚାଇବାକୁ କ୍ରାଇମବ୍ରାଞ୍ଚ ଏଫ୍‌ଆଇଆର୍‌କୁ ଆଧାର କରିଛି। ସୌମ୍ୟରଞ୍ଜନଙ୍କ ବାପା ଏତଲାରେ ସେଭଳି କୌଣସି ଅଭିଯୋଗ କରିନଥିବାରୁ ପୁଲିସ ୧୦୩(୨) ବିଏନ୍‌ଏସ୍ ଲଗାଇ ନ ଥିବା କୁହାଯାଉଛି। ଅନେକ ଘଟଣାରେ ଅଭିଯୋଗରେ ଉଲ୍ଲେଖ ନ ଥାଇ ମଧ୍ୟ ପୁଲିସ ଅନେକ ନାବାଳିକା ଅପହରଣ ମାମଲାର ତଦନ୍ତ କରି ପରବର୍ତ୍ତୀ ସମୟରେ ପୋକ୍ସୋ ଭଳି ସାଙ୍ଘାତିକ ଦଫା ଲଗାଇଥିବାର ନଜିର ରହିଛି। ଏମିତିକି ଦୁର୍ଘଟଣା ମାମଲାର ଅଭିଯୋଗକାରୀ ଲିଖିତ ଏତଲାରେ କଲପେବଲ୍ ହୋମିସାଇଡ୍ କଥା ଉଲ୍ଲେଖ କରି ନ ଥିଲେ ମଧ୍ୟ ଦୁର୍ଘଟଣା ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀ ପରବର୍ତ୍ତୀ ସମୟରେ କଲପେବଲ୍ ହୋମିସାଇଡ୍ ଦଫା ଯୋଡ଼ିଥିବାର ଉଦାହରଣ ରହିଛି। ଅନେକ ମାମଲାର ଏତଲାରେ ଅଭିଯୋଗ ନ ଥିବା ଦଫା ମଧ୍ୟ ପୁଲିସ ସଂଯୋଗ କରିଛି। ହେଲେ ସୌମ୍ୟରଞ୍ଜନ ହତ୍ୟା ଘଟଣାରେ କାହିଁକି ଏତଲା ବା ଏଫ୍‌ଆଇଆର୍‌କୁ ବାହାନା କରାଯାଉଛି, ତାହା ସନ୍ଦେହ ସୃଷ୍ଟି କରିଛି।



ଆଇନଜୀବୀ ଚିତ୍ତରଞ୍ଜନ ଦାଶ କହିଛନ୍ତି ଯେ ପୁଲିସ ପ୍ରଥମେ ଯୁବତୀଙ୍କ ଅଭିଯୋଗ କ୍ରମେ ସୌମ୍ୟରଞ୍ଜନଙ୍କ ନାମରେ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ କରିଥିଲା। ସ୍ପଷ୍ଟ ଦିବାଲୋକରେ ଶହଶହ ଲୋକଙ୍କ ଉପସ୍ଥିତିରେ ଦୁଷ୍କର୍ମ ଉଦ୍ୟମର ଅଭିଯୋଗକୁ ପୁଲିସ ଗ୍ରହଣ କଲା। ମାତ୍ର ସୌମ୍ୟରଞ୍ଜନଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଲୋକମାନଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଥିଲା। ଅନେକ ଲୋକ ମିଳିତ ଭାବରେ ହତ୍ୟାକାଣ୍ଡ ଘଟାଇଥିଲେ ହେଁ ମବ୍ ଲିଞ୍ଚିଙ୍ଗ୍ ଦଫା ଯୋଡ଼ି ନଥିଲା। ଲୋକମାନେ ନ ଆସିଥିଲେ ସୌମ୍ୟରଞ୍ଜନ କବଳରୁ ମୁଁ ବର୍ତ୍ତି ପାରିନଥାନ୍ତି ବୋଲି ଯୁବତୀ ଗଣମାଧ୍ୟମରେ ବୟାନ ଦେଇଛନ୍ତି। ଏହି ଘଟଣାରେ ପୁଲିସ ୧୧ ଜଣଙ୍କୁ ଗିରଫ କରିଛି। ଯୁବତୀଙ୍କ ବୟାନ ଓ ୧୧ ଅଭିଯୁକ୍ତ ଗିରଫ ହେବାପରେ ମବ୍ ଲିଞ୍ଚିଙ୍ଗ୍ କଥା ସ୍ପଷ୍ଟ ହୋଇସାରିଛି ବୋଲି ସେ କହିଛନ୍ତି।

## ବାଲିଅନ୍ତା ଭିଡ଼ହତ୍ୟା, ଏନ୍‌ଏଚ୍‌ଆରସିରେ ମାମଲା

### ସୌମ୍ୟଙ୍କୁ ଆଇପିଏସ୍ କରିଥିବା ଅତ୍ୟାଚାରର ତଦନ୍ତ ହେବ

ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଲା ବାଲିଅନ୍ତା ଭିଡ଼ହତ୍ୟା ମାମଲା। କମିସନ ଏହି ମାମଲାକୁ ଗୁରୁତର ସହ ନେଇଛନ୍ତି। ତେବେ ଭିଡହତ୍ୟା ସମେତ ଜଣେ ଆଇପିଏସ୍ ଅଧିକାରୀ ମୃତ ସୌମ୍ୟଙ୍କୁ ଘରୋଇ କାର୍ଯ୍ୟରେ ନିୟୋଜିତ କରୁଥିଲେ। ଏଭଳି କରିବା ଗଭୀର ମାନବାଧିକାର ଉଲ୍ଲଙ୍ଘନ। ଏସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଗତ ୮ ତାରିଖରେ ଭଜମନ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଦାୟର କରିଥିଲେ।

**୧୫ ଦିନ ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ ଡିଜିଙ୍କୁ ନିର୍ଦ୍ଦେଶ**

ସୂଚନାଯୋଗ୍ୟ, ଶ୍ରୀ ବିଶ୍ୱାଳ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ ଯେ, ଗତ ୭ ତାରିଖରେ ରେଲୱେ କନ୍‌ଷ୍ଟେବଲ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୁଲିସର ଉପସ୍ଥିତିରେ କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଯାହା ଜଣାପଡୁଛି ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ସହିତ ଅଭିଯୋଗକାରୀ ଉଲ୍ଲେଖ କରିଥିଲେ ଯେ ଜଣେ ଆଇପିଏସ୍ ଅଧିକାରୀ ତାଙ୍କୁ ଘରୋଇ ସହାୟକ ଭାବେ ବ୍ୟବହାର କରୁଥିଲେ। ଏଭଳି କାର୍ଯ୍ୟ ଦର୍ଶାଉଛି ଏହା ଶୋଷଣ ଏବଂ କ୍ଷମତାର ଅପବ୍ୟବହାର। ଏହି ମାମଲାରେ ଅଭିଯୋଗକାରୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

କେବଳ ସୌମ୍ୟ ନୁହେଁ ସମ୍ପୃକ୍ତ ପୁଲିସ ଅଧିକାରୀ ବହୁ ସଂଖ୍ୟକ ପୁଲିସ କର୍ମଚାରୀଙ୍କୁ ସେ ତାଙ୍କ ନିଜସ୍ୱ କାମରେ ନିୟୋଜିତ କରୁଥିବା ଅଭିଯୋଗକୁ ବିଚାରକୁ ନେଇ ରେଜିଷ୍ଟ୍ରିଙ୍କୁ କମିସନର ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ଅଭିଯୋଗକୁ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜିଙ୍କୁ ଅବଗତ କରାଯାଉ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହି ମାମଲାର ସବିଶେଷ ରିପୋର୍ଟ ଦାଖଲ କରାଯାଉ।

## ଆଇଆଇସିଙ୍କ ବଦଳିକୁ ନେଇ ପ୍ରଶ୍ନବାଚୀ

କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାଘଟଣା ପରେ ବାଲିଅନ୍ତା ଆଇଆଇସିଙ୍କ ବଦଳିକୁ ନେଇ ସାଧାରଣରେ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଘଟଣା ସମୟରେ ଆଇଆଇସି ରାଜଧାନୀରେ ଡିସିପିଙ୍କ କାର୍ଯ୍ୟାଳୟରେ ଅପରାଧ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ଖୋଦ୍ ଡିସିପିଙ୍କ ସହ ଅନ୍ୟ ଥାନାର ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପରିସ୍ଥ ଅଧିକାରୀଙ୍କ ସମୀକ୍ଷା ବୈଠକ ଯୋଗୁଁ ସେ ମୋବାଇଲ ସାଇଲେଣ୍ଟ କରି ଦେଇଥିଲେ ଓ ସେହି ସମୟରେ ତାଙ୍କ ପାଖକୁ ଫୋନ୍ ଆସିଥିଲେ ହେଁ ସେ ରିସିଭ୍ କରି ନ ଥିବା କୁହାଯାଉଛି। ଏଥିପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଡିସିପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଫୋନ୍ ଉଠାଇ ନ ଥିବା ଯୋଗୁଁ ଯଦି ଆଇଆଇସିଙ୍କୁ ବଦଳି କରାଗଲା, ତେବେ ଡିସିପି ଓ ପୁଲିସ କମିଶନରଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଲୋକଙ୍କ ମାଡ଼ରେ ଗୁରୁତର ଆହତ ସୌମ୍ୟଙ୍କୁ ମିନି ଟ୍ରକ୍ ଡ଼ାଲାରେ ପଶୁପରି ଡାକ୍ତରଖାନା ବୋହିବା କେଉଁ ପୁଲିସ ମାନୁଆଲରେ ଲେଖା ଅଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ପୁଲିସ ବିଭାଗର ମୁଖିଆମାନେ କାହିଁକି ଏହାର ଉତ୍ତରଦାୟିତ୍ୱ ନେବେ ନାହିଁ ? କାର୍ଯ୍ୟାନୁଷ୍ଠାନ କାହିଁକି କେବଳ ଗୃହରକ୍ଷୀ, କନଷ୍ଟେବଳ, ଏସ୍‌ଆଇ ଓ ଆଇଆଇସିଙ୍କ ପର୍ଯ୍ୟନ୍ତ ସୀମିତ ରହିବ ଓ ଉଚ୍ଚ ଅଧିକାରୀମାନେ କାହିଁକି ବାଦ ପଡ଼ିବେ ଆଦି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନକଲି ମଦ ଜବତ; ବେପାରୀ ଗିରଫ

କଟକ, ୧୧।୫(ସମିସ): ନକଲି ବିଦେଶୀ ମଦ ବିକ୍ରି କରୁଥିବା ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ବାସୁଦେବ ବେହେରା (୩୪)। ଅଭିଯୁକ୍ତ ବାସୁଦେବ ବିଭିନ୍ନ କମ୍ପାନୀର ମଦ ଆଣି ତାହାକୁ ଅପମିଶ୍ରିତ କରି ପୁଣି ବୋତଲରେ ଭର୍ତ୍ତି କରି ବିକ୍ରି କରୁଥିଲା। ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଦୋକାନୀଙ୍କୁ ସେ ଏହି ଅପମିଶ୍ରିତ ମଦ ଯୋଗାଣ କରୁଥିଲା। ସୋମବାର ପୂର୍ବାହ୍ନରେ ସେ ପିପିଲି ଜଗନ୍ନାଥ ଛକ ନିକଟରେ ଅପମିଶ୍ରିତ ମଦ ଧରି ଗ୍ରାହକଙ୍କ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ବାସୁଦେବକୁ ମାଡି ବସିଥିଲା। ଯାଞ୍ଚ ପରେ ତା' ପାଖରୁ ପ୍ରାୟ ୧୭ ଲିଟରର ନକଲି ବିଦେଶୀ ମଦ ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୧୭ ହଜାର ଟଙ୍କା ହେବ। ତତସହିତ ଅଭିଯୁକ୍ତ ପାଖରୁ ଗୋଟିଏ ବାଇକ ଓ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## କଟକରୁ ନିଖୋଜ ନାବାଳକ ପଶ୍ଚିମବଙ୍ଗରୁ ଉଦ୍ଧାର

କଟକ, ୧୧।୫(ସମିସ): କଟକରୁ ନିଖୋଜ ଥିବା ଜଣେ ନାବାଳକକୁ ଆରପିଏଫ ଠାବ କରିବାରେ ସଫଳ ହୋଇଛି। ପଶ୍ଚିମବଙ୍ଗ ହିଜିଳି ଷ୍ଟେସନରୁ ନାବାଳକକୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ପୁରୀଘାଟ ଅଞ୍ଚଳର ସୂର୍ଯ୍ୟନାରାୟଣ ଦାଶଙ୍କ ପୁଅ ଓମକାର(୧୬) ସୋମବାର ସକାଳୁ କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ପୁଅର ସନ୍ଧାନ ନମିଳିବାରୁ ପରିବାର ଲୋକେ ପୁରୀଘାଟ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ମଧ୍ୟ ନିଖୋଜ ଓମକାରଙ୍କ ଫଟୋକୁ ବିଭିନ୍ନ ଥାନାକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। କାଳେ ପୁଅ ଟ୍ରେନରେ ଚଢି କେଉଁଆଡେ ଯାଇଥିବା ଭାବି ପରିବାର ଲୋକେ କଟକ ରେଳ ଷ୍ଟେସନରେ ପହଞ୍ଚିଥିଲେ। ଷ୍ଟେସନ ଭିତରେ ପୁଅର ସନ୍ଧାନ ନମିଳିବାରୁ ଆରପିଏଫ ପୋଷ୍ଟକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ଆରପିଏଫ ପକ୍ଷରୁ ଷ୍ଟେସନରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଜଣାପଡ଼ିଥିଲା ଯେ କିଛି ସମୟ ପୂର୍ବରୁ ଓମକାର ରେଳଷ୍ଟେସନ ଭିତରକୁ ଆସି ୨ନଂ ପ୍ଲାଟଫର୍ମରେ ବୁଲାବୁଲି କରିଥିଲେ। ପରେ ସେ ପୁରୀ-ନନ୍ଦନକାନନ ଏକ୍ସପ୍ରେସର ଜେନେରାଲ କୋଚରେ ଚଢିଥିଲେ। ଏହି ଟ୍ରେନଟି ପଶ୍ଚିମବଙ୍ଗ ଅଭିମୁଖେ ଯାଇଥିବାରୁ ଆରପିଏଫ ପକ୍ଷରୁ ତୁରନ୍ତ ବାଲେଶ୍ୱର, ଜଲେଶ୍ୱର, ପଶ୍ଚିମବଙ୍ଗର ହିଜିଳି ଓ ଖଡଗପୁର ଆରପିଏଫ ପୋଷ୍ଟକୁ ଅବଗତ କରାଯାଇଥିଲା। ନିଖୋଜ ନାବାଳକର ଫଟୋ ପଠାଇ ତାଙ୍କୁ ଉଦ୍ଧାର କରିବାକୁ କୁହାଯାଇଥିଲା। ଏହାର କିଛି ଘଣ୍ଟା ପରେ ଖଡଗପୁର ନିକଟ ହିଜିଳି ଷ୍ଟେସନରୁ ନିଖୋଜ ଓମକାରକୁ ସ୍ଥାନୀୟ ଆରପିଏଫ କର୍ମଚାରୀ ଠାବ କରିଥିଲେ। ସେଠାରୁ ଫୋନ ଯୋଗେ ଓମକାର ସହ ତାଙ୍କ ବାପା ସୂର୍ଯ୍ୟନାରାୟଣ କଥା ହୋଇଥିଲେ। ଓମକାରକୁ ଆଣିବା ପାଇଁ କଟକରୁ ଏକ ଟିମ ହିଜିଳି ଯାଇଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

କଟକ, ୧୧।୫(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଏକ ଭଙ୍ଗା ଘର ଭିତରକୁ ନେଇ ଦୁଷ୍କର୍ମ କରାଯାଇଛି। ନାବାଳିକା ଜଣକ ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ମଧୁପାଟଣା ଥାନାରେ ପୀଡ଼ିତାଙ୍କ ମା ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କଲ୍ୟାଣୀନଗର ଅଞ୍ଚଳରେ ରହୁଥିବା ଗଜପତି ଜିଲ୍ଲା ଗୁରାଣ୍ଡିର କାଳିଆ ବାରିକ(୫୦)କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, କଲ୍ୟାଣୀନଗର ଅଞ୍ଚଳରେ ଜଣେ ୮ ବର୍ଷୀୟା ନାବାଳିକା ଘରେ ଥିବା ବେଳେ ଗତ ୭ ତାରିଖ ସନ୍ଧ୍ୟା ବେଳେ ପଡ଼ୋଶୀ କାଳିଆ ତାଙ୍କୁ ଫୁସୁଲାଇ ନେଇ ବାରମ୍ବାର ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ ମା' ଗତକାଲି ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାପରେ ପୀଡ଼ିତାଙ୍କୁ ସିଡବ୍ଲୁସିରେ ହାଜର କରାଯିବା ପରେ ବସୁନ୍ଧରାରେ ଛଡ଼ାଯାଇଥିବା ମଧୁପାଟଣା ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସତୀଚଉରା ଛକରେ ଦୁର୍ଘଟଣା: ଜଣେ ଆହତ

କଟକ, ୧୧।୫(ସମିସ): ସତୀଚଉରା ଛକରେ କାର୍ ଧକ୍କାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ କିଛି ଲୋକ କାର୍‌କୁ ଘେରିଯାଇଥିଲେ। ଏପରିକି ପରିସ୍ଥିତିକୁ ଆୟତ କରିବା ସମୟରେ କାର୍‌ଟି ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଆହତଙ୍କୁ ସ୍ଥାନୀୟ ହାସପାତାଳରେ ଭର୍ତ୍ତି କରାଯାଇଥିବାବେଳେ କାର୍‌କୁ ଠାବ କରିବା ଲାଗି ପୁଲିସ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ ଚଳାଇଛି। ସୋମବାର ରାତିପ୍ରାୟ ସାଢ଼େ ୯ଟା ସମୟରେ ଏକ କାର ଦ୍ରୁତଗତିରେ ସତୀଚଉରା ଛକ ବୁଲି ମର୍କତନଗର ଆଡକୁ ଯିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ବ୍ୟକ୍ତିଜଣକ ଦୂର୍‌କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କାର୍‌କୁ ଘେରିଯାଇଥିଲେ। ଏହାପରେ ଚାଳକକୁ ଆକ୍ରମଣ ଉଦ୍ୟମ କରିବା ସମୟରେ ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବାବେଳେ ଚାଳକ ଜଣକ କାର୍‌ନେଇ ଚମ୍ପଟ ମାରିଛନ୍ତି। ପୁଲିସ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଛି। ଆହତଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା କାର୍‌ରେ ଚାଳକକୁ ମିଶାଇ ୩ରୁ ଅଧିକ ଥିବାବେଳେ ସମସ୍ତେ ନିଶାସକ୍ତ ଅବସ୍ଥାରେ ଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ବୁଲିଲା ଖଣ୍ଡା

ଫୁଲନଖରା, ୧୧।୫(ସମିସ): କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମରେ ଅପେରା ଚାଲୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରାଯାଇଛି। ଆକ୍ରମଣରେ ପ୍ରକାଶଚନ୍ଦ୍ର ସାହୁ (୩୨) ଗୁରୁତର ଆହତ ହୋଇଥିବା ବେଳେ ପୁଲିସ ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ପ୍ରକାଶ ଚନ୍ଦ୍ର ସାହୁ ଓ ତାଙ୍କ ବନ୍ଧୁ ମାନସ ରଞ୍ଜନ ସ୍ୱାଇଁ ଯାତ୍ରା ଦେଖିବାକୁ ଯାଉଥିବା ବେଳେ କେନାଲ ବନ୍ଧ ଛକ ନିକଟରେ ଅକ୍ଷୟ କୁମାର ସାହୁ ଓ ଅଶୋକ କୁମାର ସାହୁ ସେମାନଙ୍କୁ ଅଟକାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ପପୁ ବରାଳ ଓ ଚନ୍ଦନ କୁମାର ସାହୁ ଏକ ସ୍କୁଟିରେ ସେଠାରେ ପହଞ୍ଚିଥିଲେ। କିଛି ବୁଝିବା ପୂର୍ବରୁ ଚନ୍ଦନ ଏକ ଖଣ୍ଡା ବାହାର କରି ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ପ୍ରକାଶଙ୍କ ପିଠିରେ ପ୍ରାୟ ୧୦ ଇଞ୍ଚ ଲମ୍ବର ଗଭୀର କ୍ଷତ ସୃଷ୍ଟି ହୋଇଛି। ଲୋକଙ୍କ ଗହଳି ବଢ଼ିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯାତ୍ରା ପଡ଼ିଆରେ ମୁତୟନ ଥିବା ପୁଲିସ ତୁରନ୍ତ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମହାଧରପଡ଼ା ଡାକ୍ତରଖାନାକୁ ପଠାଇଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ଆକ୍ରମଣ ପଛରେ ପୂର୍ବରୁ ଚାଲିଥିବା ଏକ ପ୍ରେମ ବ୍ୟାପାର ରହିଥାଇପାରେ। ଅନ୍ୟପଟେ କୁଆଖାଇ ନଦୀରୁ ଚୋରା ବାଲି ଉଠାଣକୁ ନେଇ ମଧ୍ୟ ଉଭୟଙ୍କ ମଧ୍ୟରେ ଶତ୍ରୁତା ଥିବା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ସଦର ପୁଲିସ ସିସିଟିଭି ଫୁଟେଜ୍ ଓ ଏଫ୍‌ଆଇଆର୍ ଆଧାରରେ ତଦନ୍ତ କରି ଅଶୋକ କୁମାର ସାହୁ (୪୨) ଓ ରଞ୍ଜନ ସାହୁ (୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ମୁଖ୍ୟ ଅଭିଯୁକ୍ତମାନେ ଧରାପଡ଼ିଲେ ହିଁ ଘଟଣାର ପ୍ରକୃତ ସତ୍ୟତା ସାମ୍ନାକୁ ଆସିବ ବୋଲି ଆଇଆଇସି ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି।



ଜଣେ ଗୁରୁତର, ୨ ଗିରଫ

## ଥାନାୱାରୀ 'ବ୍ରିଫିଙ୍ଗ୍ ପରେଡ୍' ଆରମ୍ଭ




କଟକ, ୧୧।୫(ସମିସ): ରାଜ୍ୟ ପୁଲିସ ମୁଖ୍ୟାଳୟର ଚିଠି ତଥା ଡିଜିପି ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ କଟକ ଯୁପିଡିର ସମସ୍ତ ଥାନାରେ ଆଜିଠାରୁ ବ୍ରିଫିଂ ପରେଡ୍ ଆରମ୍ଭ ହୋଇଛି। ଥାନାୱାରୀ ଏହି ପରେଡ୍ କରାଯାଉଥିବା ବେଳେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଆଇଆଇସିଙ୍କ ନେତୃତ୍ୱରେ ଏହି ପରେଡ୍ କରାଯାଇଥିଲା। ଜନସାଧାରଣ ଓ ପୁଲିସ ମଧ୍ୟରେ ଆସ୍ଥା ଓ ସମନ୍ୱୟ ମଜବୁତ୍ କରିବା ଉଦ୍ଦେଶ୍ୟରେ ଏହି ପରେଡ୍ କରାଯାଉଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି। ସଚେତନତା ଓ କୁଇକ୍ ରେସପନ୍ସକୁ ଅଧିକ ଗୁରୁତ୍ୱ ଦିଆଯାଇ ଏହି ବ୍ରିଫିଂ କରାଯାଉଛି। ଯଦି କୌଣସି ଥାନା ପକ୍ଷରୁ ଏହି ପରେଡ୍ କରାନଯାଏ, ତେବେ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଆଜି ସକାଳ ୯ଟାରୁ ଥାନାରେ ସମସ୍ତ ଅଫିସର, ହାବିଲଦାର୍, କନେଷ୍ଟବଳ, ହୋମ୍‌ଗାର୍ଡ ଉପସ୍ଥିତ ରହି ଏହି ପରେଡ୍‌ରେ ଅଂଶ ଗ୍ରହଣ କରିଥିଲେ। ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର, ଜଗତପୁର ଓ ସଦର ଥାନାରେ ଏହି ପରେଡ୍ କରାଯାଇଥିଲା। ଭୁବନେଶ୍ୱର ଯୁପିଡିର ବାଲିଅନ୍ତା ଥାନା ଅଞ୍ଚଳରେ ଭିଡ଼ ହିଂସା ପରେ ଏହି ପରେଡ୍ କରି ପୁଲିସ ଆକ୍ସନ୍‌ମୋଡ୍‌କୁ ଆସିଛି।

**ଥାନାର ପରିଚାଳନା ଢାଞ୍ଚାକୁ ପରିବର୍ତ୍ତନ କରିବାକୁ ପ୍ରୟାସ**

# ଏଣିକି ଡିସିପି ଯାଞ୍ଚ କରିବେ 'ବଡି-କ୍ୟାମେରା'

କଟକ, ୧୧।୫(ସମିସ)

ରାଜ୍ୟରେ ପୁଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ଓ ଭରସା କ୍ରମଶଃ କମିବାରେ ଲାଗିଛି। ଭୁବନେଶ୍ୱର ଯୁପିଡ଼ି ଅଧିନସ୍ଥ ବାଲିଅନ୍ତା ଓ ବାଲିପାଟଣା ଥାନା ଅଞ୍ଚଳରେ ହୋଇଥିବା ୨ଟି ହତ୍ୟାକାଣ୍ଡ ଘଟଣାରେ ପରେ ଆକ୍ସନମୋଡ୍‌କୁ ଆସିଛି କମିଶନରେଟ୍ ପୁଲିସ। ଡିଜିପି ୱାଇବି ଖୁରାନିଆ ସମସ୍ତ ଥାନାର ପରିଚାଳନା ଢାଞ୍ଚାକୁ ପରିବର୍ତ୍ତନ କରି ଜନସାଧାରଣ ଓ ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଆଜି ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଦାୟିତ୍ୱରେ ଥିବା ପୁଲିସ ବଡ଼ି କ୍ୟାମେରା ପିନ୍ଧୁଛି କି ନାହିଁ, ତାହା କଡ଼ାକଡ଼ି ଯାଞ୍ଚ କରାଯିବ। ସମ୍ପୃକ୍ତ ପୁଲିସ କର୍ମଚାରୀ ବଡ଼ି କ୍ୟାମେରା ପିନ୍ଧୁନଥିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ଚେତାବନୀ ଦେଇଛନ୍ତି।

କଟକ ଯୁପିଡ଼ିରେ ପୁଲିସର ଥାନା ପରିଚାଳନା ଢାଞ୍ଚାରେ କୌଣସି ପରିବର୍ତ୍ତନ ଆସି ପାରୁନାହିଁ। କମିଶନରେଟ୍ ପୁଲିସ ଅନେକ ବିବାଦ ଘେରରେ ଛନ୍ଦି ହେବା ପରେ ଏବେ ସେଥିରେ ସୁଧାର ଆଣିବାକୁ ପ୍ରଚେଷ୍ଟା କରୁଛି ବୋଲି ଡେଙ୍ଗୁରା ପିଟୁଛି। ନିର୍ଦ୍ଦିଷ୍ଟ କେତେ ଜଣ ପୁଲିସ ଅଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ବିଭାଗ ବଦନାମ ହେଉଛି। କିନ୍ତୁ ବାସ୍ତବରେ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ। ପ୍ରତ୍ୟେକ ଥାନା ରିସେପସନ୍ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଆଇଆଇସି ବଡି କ୍ୟାମେରା ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହି କ୍ୟାମେରାରେ ଉଭୟ ଅଡିଓ ଓ ଭିଡିଓ ରେକର୍ଡିଂ କରାଯିବ ବୋଲି ନିର୍ଦ୍ଦେଶ ରହିଥିଲା। ଏଥି ସହିତ କ୍ୟାମେରାର ସଂଯୋଗ ସିପି ଏବଂ ଡିସିପିଙ୍କ କାର୍ଯ୍ୟାଳୟ ସହିତ ରହିଥିଲା। ଥାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ପୁଲିସ କେଉଁ ଭଳି ବ୍ୟବହାର କରୁଛି ଏବଂ ସମ୍ପୃକ୍ତ ଅଭିଯୋଗକାରୀମାନେ ପୁଲିସ ସହିତ କେଉଁ ଭଳି ବ୍ୟବହାର କରୁଛନ୍ତି, ତାହାକୁ ଯାଞ୍ଚ କରାଯାଉଥିଲା। ଯଦି କୌଣସି ଅଭିଯୋଗକାରୀ ପୁଲିସକୁ ଖରାପ ବ୍ୟବହାର କରନ୍ତି, ତେବେ କ୍ୟାମେରାରେ ଥିବା ପାନିକ୍ ବଟନ୍ ଦବାଇଲେ, ରେକର୍ଡିଂ ଆରମ୍ଭ ହେଉଥିଲା। ମୁଖ୍ୟତଃ ଥାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ରିସେପ୍‌ସନ୍‌ରେ ଅଟକି ସେଠାରେ ନିଜର ଅଭିଯୋଗ କରିଥାଆନ୍ତି। ଏଣୁ ରିସେପସନ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ବଡି କ୍ୟାମେରା ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଏବେ ହଜିଗଲା କି ବଡି-କ୍ୟାମେରା? ଏମିତି ଅଭିଯୋଗ ଏବେ ଖୋଦ ପୁଲିସ ବିଭାଗରେ ଚର୍ଚ୍ଚାର ବିଷୟ ପାଲଟିଥିଲା।



ଏସବୁକୁ ଦୃଷ୍ଟିରେ ରଖି ଡିସିପି ନିଜେ ଥାନାୱାରୀ ଯାଞ୍ଚ କରିବାକୁ କହିଛନ୍ତି। ପ୍ରଥମେ ଗତ ୨୦୨୪ ମସିହା ଅକ୍ଟୋବର ମାସରୁ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏହି ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା। ଯେଉଁ ଥାନା ଏହି ନିୟମକୁ ଉଲ୍ଲଂଘନ କରିବେ, ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ହେଲେ କଟକ ଯୁପିଡିରେ ରହିଥିବା ଅନେକ ଥାନାରେ ରିସେପସନ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ବଡି କ୍ୟାମେରା ପିନ୍ଧୁନଥିବା ଅଭିଯୋଗ ହୋଇଥିଲା। ଏହାପରେ ଡିସିପି ଏହାକୁ କଡ଼ାକଡ଼ି କରିବାକୁ କହିଛନ୍ତି।

ବିଭିନ୍ନ ସମୟରେ ଥାନା ଗୁଡ଼ିକରେ ପୁଲିସ ଅଭିଯୋଗକାରୀଙ୍କୁ ନାଲି ଆଖି ଦେଖାଉ ଥିବାର ଅଭିଯୋଗ ହେଉଥିବାରୁ ପୁଲିସର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସାଧାରଣ ଜନତା ତଥା ଅଭିଯୋଗକାରୀଙ୍କ ପ୍ରତି ପୁଲିସ ନରମ ବ୍ୟବହାର ପ୍ରଦର୍ଶନ କରିବାକୁ ପଦାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଥାନାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ଉତ୍ତମ ବ୍ୟବହାର କରିବା ସହିତ ଅତିଥି ଭଳି ଚର୍ଚ୍ଚା କରାଯିବ। ପୁଲିସ ଓ ଜନତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ବଜାୟ ରଖାଯିବାକୁ ଥାନାୱାରୀ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଯଦି ଥାନାକୁ ଆସୁଥିବା ସାଧାରଣ ଜନତା କିମ୍ବା ଅଭିଯୋଗକାରୀ ପୁଲିସ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସବୁର ଯୋଗସୂତ୍ର ବଡି କ୍ୟାମେରା ଦ୍ୱାରା ସମ୍ଭବ ହୋଇ ପାରିବ। ସାଧାରଣ ଭାବେ ବଡି-କ୍ୟାମେରାକୁ ୩ଟି ସ୍ଥାନରେ ଖଞ୍ଜାଯାଏ। ପିନ୍ଧିଥିବା ପୋଷାକ, ହେଲମେଟ୍ ଏବଂ ଚଷମା'ରେ ଏହି କ୍ୟାମେରା ଲଗାଯାଇପାରିବ। ଏଥିରେ ଜିପିଏସ୍ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବସ୍ଥା ରହିଛି। ଅଟୋମେଟିକ୍ ଷ୍ଟୋରେଜ୍, ଲାଇଭ୍ ଷ୍ଟ୍ରିମିଙ୍ଗ୍, ଉନ୍ନତମାନର ଭିଡିଓ ରେକର୍ଡିଂ, ଅଡିଓ ରେକର୍ଡିଂ ଭଳି ସୁବିଧା ଉପଲବ୍ଧ କରାଯାଇଛି।

# ଆଦିବାସୀ ମହିଳାଙ୍କ ଧାରଣା ୧୨୭ ଦିନରେ

ଅନୁଗୋଳ,୧୧।୫(ସମିସ):



ଚାରିପଟେ କୋଇଲା ଖଣି। ମଝିରେ ଗାଁ। ଗାଁରେ ଏବେ ବି ବାସ କରୁଛନ୍ତି ୪ଶହରୁ ଅଧିକ ଆଦିବାସୀ ପରିବାର। ଖଣିରୁ କୋଇଲା ଉତ୍ତୋଳନ ପାଇଁ ଅଧିକାଂଶ ସମୟରେ ବ୍ଲାଷ୍ଟିଂ ହେଉଥିବାରୁ ସବୁ ଘରର କାନ୍ଥ ଓ ଛାତ ଫାଟି ଆଁ କଲାଣି। ତଥାପି ଲୋକେ ବିପଦସଙ୍କୁଳ ଅବସ୍ଥାରେ ରହିଛନ୍ତି। ଖଣି ପାଇଁ ସବୁକିଛି ହରାଇଥିବାରୁ ନିଯୁକ୍ତି ଓ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ଜୀବନ ଯିବ ପଛେ ଗାଁ ଛାଡ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜିକୁ ୧୨୭ ଦିନ ହେଲା ଗାଁର ମହିଳାମାନେ ପିଲାଛୁଆଙ୍କୁ ନେଇ ଖଣି ଖନନ ହେଉଥିବା ସ୍ଥାନରେ ଧାରଣା ଦେଇଛନ୍ତି। ଏହା ମଧ୍ୟରେ ଅନେକ ଥର ଧାରଣାସ୍ଥଳରେ ଥିବା କୁଡ଼ିଆ ଭାଙ୍ଗି ଦିଆଯାଇଛି। ଧାରଣରୁ ଓହରିବା ପାଇଁ ଧମକ ଚମକ ଦିଆଯାଇଛି। ଶେଷରେ ଗାଁର ୧୫ରୁ ଅଧିକ ଲୋକଙ୍କ ନାଁରେ ମକଦମା ରୁଜୁ କରି ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତଥାପି ଏହି ଆଦିବାସୀ ମହିଳାମାନେ ନିଜ ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏଠାରେ ଏମିତି ମରିବୁ ପଛେ ହକ୍ ନ ମିଳିବା ପର୍ଯ୍ୟନ୍ତ ଆମ ମାଟି ଛାଡ଼ିବୁ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ଛେଣ୍ଡିପଦା ବ୍ଲକରେ ଉତ୍କଳ-ଇ କୋଇଲା ଖଣି ପାଇଁ ବିସ୍ଥାପିତ ହେବାକୁ ଥିବା ଗୋପିବଲ୍ଲଭପୁର ଗାଁରୁ ଆସିଛି ଏହି ଚିତ୍ର।

ଛେଣ୍ଡିପଦା ବ୍ଲକରେ ଉତ୍କଳ-ଡି ଏବଂ ଉତ୍କଳ-ଇ ଏହି ଦୁଇଟି କୋଇଲା ବ୍ଲକ ନାଲକୋକୁ ମିଳିଛି। ୨ଟି ଯାକ ବ୍ଲକରୁ ବାର୍ଷିକ ୨ ମିଲିଅନ ଟନ ଲେଖାଏଁ କୋଇଲା ଉତ୍ତୋଳନ ପାଇଁ ଅନୁମତି ମିଳିଛି। ବର୍ତ୍ତମାନ ଡି ବ୍ଲକରୁ କୋଇଲା ଖନନ ଚାଲିଛି। ଇ ବ୍ଲକରୁ କୋଇଲା ଖନନ ପାଇଁ ପ୍ରସ୍ତୁତି ଚାଲିଛି। ଡି ବ୍ଲକ ପାଇଁ ଧୋବାମଲିହା ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇସାରିଛି। ଇ ବ୍ଲକ ପାଇଁ ଏକମାତ୍ର ଗୋପିବଲ୍ଲଭପୁର ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହେବ। ଗୋପିବଲ୍ଲଭପୁର ଗାଁରେ ୫ଶହରୁ ଅଧିକ ପରିବାର ବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଶହେ ପରିବାର କ୍ଷତିପୂରଣ ରାଶି ନେଇ ଅନ୍ୟତ୍ର ଚାଲି ଯାଇଛନ୍ତି। ଅବଶିଷ୍ଟ ୪ଶହରୁ ଅଧିକ ପରିବାର ଗାଁ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି। କାରଣ କମ୍ପାନୀ ଜମିର କ୍ଷତିପୂରଣ ସହ ନିଯୁକ୍ତି ପାଇଁ ଅଧିକ ୨୦ଲକ୍ଷ ଟଙ୍କା ଦେବାକୁ କହୁଛି। କିନ୍ତୁ ଗ୍ରାମବାସୀ ଅଧିକ ୨୦ଲକ୍ଷ ଟଙ୍କା ନେବାକୁ ଚାହୁଁନାହାନ୍ତି। ପରିବାରର ଜଣକୁ ସ୍ଥାୟୀ ନିଯୁକ୍ତି ଦାବି କରୁଛନ୍ତି। ଏବଂ ଗାଁ ଛାଡ଼ି ଯାଉନାହାନ୍ତି। ଫଳରେ ସେହି ସ୍ଥାନରୁ କୋଇଲା ଉତ୍ତୋଳନ ହୋଇପାରୁନାହିଁ। ଏଥିପାଇଁ ବହୁବାର ଆନ୍ଦୋଳନ କରିଛନ୍ତି। ଖଣିକାର୍ଯ୍ୟ ବନ୍ଦ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁକରି ଜେଲ ପଠାଇଛି। ବିଧାନସଭା ସମ୍ମୁଖରେ ମଧ୍ୟ ପୂର୍ବରୁ ଧାରଣା ଦେଇଛନ୍ତି। କିନ୍ତୁ ସେମାନଙ୍କ ଗୁହାରି କେହି ଶୁଣିନାହାନ୍ତି। ଶେଷରେ ସେମାନେ ଜୀବନ ଦେବେ ପଛେ ଗାଁ ମାଟି ଛାଡ଼ି ଯିବେନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଛନ୍ତି।

ବର୍ତ୍ତମାନ ଡି ବ୍ଲକ ଖଣିରୁ କୋଇଲା ଖନନ କରାଯାଉଛି। ଫଳରେ ଚାରି ପଟେ ଖଣି। ମଝିରେ ରହିଛି ଗାଁ। ଗାଁକୁ ଯେଉଁ ସବୁ ରାସ୍ତା ଥିଲା ତାହା ଆଉ ନାହିଁ। ପଞ୍ଚାୟତ ରାସ୍ତାକୁ କୋଇଲା ପରିବହନ ପାଇଁ ବ୍ୟବହାର କରାଯାଉଛି। ଖଣି ଖନନ ଯୋଗୁଁ ଗାଁର କୂଅ ପୋଖରୀ ସବୁ ଶୁଖିଯାଇଛି। ଲୋକେ ହନ୍ତସନ୍ତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି କୋଇଲା ଖଣିରେ ପ୍ରତ୍ୟକ ଦିନ ବଡ଼ ଧରଣର ବ୍ଲାଷ୍ଟିଂ କରାଯାଉଛି। ପ୍ରଚଣ୍ଡ ଶବ୍ଦରେ ଫାଟି ପଡୁଛି ଗାଁ। ଘର କାନ୍ଥ ଓ ଛାତ ଫାଟିଗଲାଣି। ପିଲାଛୁଆଙ୍କୁ ନେଇ ଘର ଭିତରେ ଶୋଇଥିବା ବେଳେ ବ୍ଲାଷ୍ଟିଂ ହେଲେ ଭୟରେ

## ତଥାପି ଚେତୁନି ପ୍ରଶାସନ

ବାହାରକୁ ପଳାଇ ଆସୁଛନ୍ତି ଲୋକେ। ଏଭଳି ଭୟ ଓ ଆତଙ୍କରେ ରହୁଛନ୍ତି ଗ୍ରାମବାସୀ। ଗାଁର ଜମି ଅଧିଗ୍ରହଣ ସରିଥିବାରୁ କମ୍ପାନୀ ଓ ପ୍ରଶାସନ ଗ୍ରାମବାସୀଙ୍କ ଅସୁବିଧା ପ୍ରତି ଆଉ ଦୃଷ୍ଟି ଦେଉନାହାନ୍ତି। କୌଣସି ଉପାୟ ନ ପାଇ ଗାଁର ୨୮୦ ପରିବାର ଓଡ଼ିଶା ମାନବାଧିକାର କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ହାଇକୋର୍ଟଙ୍କ ନିକଟରେ ମଧ୍ୟ ଗ୍ରାମବାସୀ ଗୁହାରି କରିଛନ୍ତି। ଏସବୁ କମ୍ପାନୀ ଓ ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନାହିଁ। ଖଣି ପାଇଁ ଲୋକେ ଭିଟାମାଟି, ଘର, ଜମି ସବୁକିଛି ହରାଉଛନ୍ତି। କମ୍ପାନୀମାନେ ମାଲାମାଲ ହେଉଛନ୍ତି। ହେଲେ ଲୋକଙ୍କ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

## ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଯାତ୍ରୀ ବିଶ୍ରାମାଗାର

କିଶୋରନଗର,୧୧।୫(ସମିସ): ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ପଞ୍ଚାୟତ ଅଖରକଟା ରହଣୀ ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି



ବିଶ୍ରାମାଗାରରେ ଗଦା ଗଦା ମଦ ବୋତଲ ପଡ଼ିରହିଛି। ଯାତ୍ରୀ ମାନେ ବସିବା ତ ଦୂରକଥା ଭିତରକୁ ପଶିବା ପାଇଁ ନାକ ଟେକୁଛନ୍ତି। ଏଥିସହ କାନ୍ଥବାଡ଼ କଥା ନ କହିବା ଭଲ। ଏତେ ଅଶ୍ଳୀଳ ଭାଷାରେ ଲେଖାଯାଇଛି ଯେ ମହିଳା ଯାତ୍ରୀ ମୁହଁ ଫେରାଉଛନ୍ତି। ଏଠି ଅବକାରୀ ଗାଡ଼ି ଘନ ଘନ ବୁଲୁଛି କିନ୍ତୁ ମଦ ମାଫିଆ କିମ୍ବା ମତ୍ୟପଙ୍କୁ ଧରିବାରେ ସଫଳ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ



ବଅଁରପାଳ,୧୧।୫(ସମିସ): ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବଅଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୨୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଲ, ବଅଁରପାଳ ବିଡିଓ ଲୋଚନ ଦାସ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଅମ୍ବର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୧୧।୫(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୮ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୩ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଉରୁକୁଳା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୧୧।୫(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହ ସମାଧାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁରୁଚି ସମ୍ପର୍ଣ୍ଣା ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ବିପିସି (ଓଏଲଏମ) ସୁଜିତ ପ୍ରଧାନ, ଜେଏଫଟିଏ ଚିନ୍ମୟ କୁମାର ଦାଶ, ଏସିପି (ମନରେଗା) ସତ୍ୟବ୍ରତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ବ୍ୟବହାର ନେଇ ଉଦବେଗ



କିଶୋରନଗର/ବଇଣ୍ଡା,୧୧।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳୀସ୍ଥିତ ବ୍ୟାଙ୍କ ଅଫ ବରୋଦାରେ ଗ୍ରାହକଙ୍କୁ ସଠିକ ସେବା ମିଳୁ ନ ଥିବା ବେଳେ କର୍ମଚାରୀମାନେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସୋମବାର ବ୍ୟାଙ୍କର ଉଚ୍ଚ ଅଧିକାରୀମାନେ ଶାଖା ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଶେଷ କରି ଉକ୍ତ ବ୍ୟାଙ୍କରେ କିପରି ସେବା ଯୋଗାଇ ଦିଆଯାଉଛି ସେ ନେଇ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବ୍ୟାଙ୍କର ଜଣେ କର୍ମଚାରୀ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିସହ ବ୍ୟାଙ୍କରେ ନେଟୱର୍କ ରହୁ ନ ଥିବା ଦର୍ଶାଇ ଅନେକ ସମୟରେ କର୍ମଚାରୀମାନେ ଗ୍ରାହକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କ ପରିସରରେ ଏକ ଏଟିଏମ ସ୍ଥାପନ ସହ ଉତ୍ତମ ସେବା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ତୁରନ୍ତ ସମସ୍ୟାଗୁଡ଼ିକ ସମାଧାନ କରାଯିବା ସହ କର୍ମଚାରୀମାନେ କିପରି ଉଚିତ ବ୍ୟବହାର ପ୍ରଦର୍ଶନ କରିବେ ସେ ନେଇ ଦୃଷ୍ଟି ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ପ୍ରତିବାଦ ଦିବସ

● ବିଡିଓଙ୍କୁ ଦାବିପତ୍ର ପ୍ରଦାନ

କଣିହାଁ,୧୧।୫(ସମିସ): ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ଶିଶୁ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଘଟଣା, ଟେଟ୍ରାପ୍ୟାକ ମଦ ବିକ୍ରି ନିଷ୍ପତ୍ତି ଏବଂ ଉଦବେଗଜନକ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନକ୍ରମେ ସୋମବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ସଂଗଠନର କଣିହାଁ ବ୍ଲକ କମିଟି ପକ୍ଷରୁ କଣିହାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ




ପ୍ରତିବାଦ କରାଯାଇଛି। ଟେଟ୍ରାପ୍ୟାକ ମଦ ସହ ଡ୍ରଗ୍ସ ଓ ସମସ୍ତ ମାଦକଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଅବିଳମ୍ବେ ମଦ ନିଲାମ ବନ୍ଦ କରିବା, ଅନୁଗୋଳ ଜିଲ୍ଲାକୁ ମଦମୁକ୍ତ କରିବା ସହ ମହିଳା ଓ ଛାତ୍ରୀମାନଙ୍କ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ଅନୁଗୋଳ ଜିଲ୍ଲା ସମ୍ପାଦିକା ମାନସୀ ସ୍ୱାଇଁ, ବ୍ଲକ ସମ୍ପାଦିକା ମିନତୀ ସାମଲ, ସଂଗଠିକା କାବେରୀ ଜେନା ଓ ଲିଲି ସାହୁ ଉପସ୍ଥିତ ଥିଲେ।

■ କଷ୍ଟ କଟିଂ ନାଁରେ ଓଡ଼ିଆ ଶ୍ରମିକଙ୍କୁ ଛଟେଇର ପ୍ରତିବାଦ

## ଉତ୍କଳ ବିଦ୍ୟୁତ କର୍ମଚାରୀ ସଙ୍ଘର ଦାବିପତ୍ର

ଅନୁଗୋଳ,୧୧।୫(ସମିସ): ଦୀର୍ଘବର୍ଷ ଧରି ବିଦ୍ୟୁତ୍ କ୍ଷେତ୍ରରେ ହଜାର ହଜାର ଓଡ଼ିଆ ଠିକା ଶ୍ରମିକ ନିଷ୍ଠା ଓ ଦାୟିତ୍ୱର ସହ କାର୍ଯ୍ୟକରି ଜନସାଧାରଣଙ୍କୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିଆସୁଛନ୍ତି। ୨୦୨୦ରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ଟାଟା ପାୱାର ଗ୍ରହଣ କରିବା ପରେ ଠିକା ଶ୍ରମିକମାନଙ୍କ କଲ୍ୟାଣ, ଚାକିରି ସୁରକ୍ଷା ଏବଂ କାର୍ଯ୍ୟ ପରିବେଶରେ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଶ୍ରମିକମାନେ ଆଶାବ୍ୟକ୍ତ କରିଥିଲେ। କିନ୍ତୁ ଚିନ୍ତାର ବିଷୟ ଯେ କଷ୍ଟ କଟିଂ ନାଁରେ ବହୁ ଓଡ଼ିଆ ଠିକା ଶ୍ରମିକଙ୍କୁ ଛଟେଇ କରାଯାଉଛି। ଯାହା ତାଙ୍କ ଜୀବିକା ଓ ପରିବାରର ଭବିଷ୍ୟତ ଓ ସାମାଜିକ



ସୁରକ୍ଷାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଟିପିସିଓଡିଏଲର ଉପରିସ୍ଥ ଅଧିକାରୀମାନେ କୋଟି କୋଟି ଟଙ୍କା ବେତନ ନେଉଥିବା ବେଳେ କଷ୍ଟ କଟିଂ ନାଁରେ ସ୍ୱଳ୍ପ ପାରିଶ୍ରମିକ ନେଉଥିବା ନିରୀହ ଓଡ଼ିଆ ଠିକା ଶ୍ରମିକଙ୍କ ଛଟେଇ କେତେଦୂର ଯୁକ୍ତିଯୁକ୍ତ ବୋଲି ବିଦ୍ୟୁତ କର୍ମଚାରୀ ସଙ୍ଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତୁରନ୍ତ ଓଡ଼ିଆ ଶ୍ରମିକଙ୍କ ଛଟେଇ ପ୍ରକ୍ରିୟା ବନ୍ଦ କରିବା ପାଇଁ ଟାଟା ପାୱାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି। ଅନ୍ୟଥା ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବିଦ୍ୟୁତ କର୍ମଚାରୀ ସଙ୍ଘ ବ୍ୟାପକ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କିତ ଦାବିପତ୍ର ଟିପିସିଓଡିଏଲର ଏସଡିଓଙ୍କୁ ପ୍ରଦାନ କରାଯାଇଥିବା ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ ସଙ୍ଘ ସାଧାରଣ ସମ୍ପାଦକ ସୁଧୀର ସାହୁ ପ୍ରକାଶ କରିଛନ୍ତି।

## ରାଜ୍ୟସ୍ତରୀୟ ପେନଚାକ ସିଲାଟ ଚାମ୍ପିଅନସିପ୍: ଝାରସୁଗୁଡ଼ା ଚାମ୍ପିଅନ

ଅନୁଗୋଳ,୧୧।୫(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ପେନଚାକ ସିଲାଟ ଚାମ୍ପିଅନସିପ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଗୋଳ ଜିଲ୍ଲା ପେନଚାକ ସିଲାଟ ଆସୋସିଏସନ ସଭାପତି ରାଜେଶ ଦାସ, ଓଡ଼ିଶା ପେନଚାକ ସିଲାଟ ଆସୋସିଏସନ ସଭାପତି ତାପସ କୁମାର ରାୟଚୌଧୁରୀ ଏବଂ ଗୁରୁ ପ୍ରେମ ସିଂ ଥାପ୍ପା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାକୁ ସଫଳ କରିଥିବା ଅଧିକାରୀ ଓ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ାବିତମାନଙ୍କ ଦ୍ୱାରା ପ୍ରଦର୍ଶିତ ପେନଚାକ ସିଲାଟର ଚିତ୍ତାକର୍ଷକ ସମରକଳା କୌଶଳ




ଦର୍ଶକଙ୍କୁ ବିମୋହିତ କରିଥିଲା। ଝାରସୁଗୁଡ଼ା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିଅନ ଟ୍ରଫି ହାସଲ କରିଛି। ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧା ତୃତୀୟ ସ୍ଥାନରେ ରହିଛି। ଶେଷରେ ଅନୁଗୋଳ ପେନଚାକ ସିଲାଟ ଆସୋସିଏସନର ସାଧାରଣ ସମ୍ପାଦକ ସୁଧାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କୋଇଲା ଖଣିରେ ସଂଘବଦ୍ଧ ଆକ୍ରମଣ: ଗିରଫଦାରୀ କେବେ?

ତାଳଚେର,୧୧।୫(ସମିସ): ଭୁବନେଶ୍ୱର ବାଲିଅନ୍ତା ସଂଘବଦ୍ଧ ଆକ୍ରମଣ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଏବେ ତାଳଚେର ବଳରାମ କୋଇଲା ଖଣିରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ୩ ଦିନ ପୂରିଥିଲେ ମଧ୍ୟ ପୁଲିସ୍ ହାତ ଖାଲି ରହିଛି। ଏ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଘଟଣାରେ ଆହତ ଦୁଇଜଣଙ୍କ ମଧ୍ୟରୁ ଜଣେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଏପଟେ ପୁଲିସ୍ ନିରବଦ୍ରଷ୍ଟା କାହିଁକି ବୋଲି ପ୍ରଶ୍ନ ଉଠିଛି।

ତାଳଚେର ବ୍ଲକ ଅନ୍ତର୍ଗତ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମର ଦୁଇଜଣ ଟ୍ରକ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଅଞ୍ଚଳରେ ଚହଳ ପକାଇ ଦେଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ସୋଲଡ଼ା ଗ୍ରାମର ଟ୍ରକ ମାଲିକ ସୁଧୀରରଞ୍ଜନ ପ୍ରଧାନ (୫୮) ଓ ଆକାଶ ଜେନା (୩୨) ବଳରାମ ଖଣିର ଲୋଡିଂ ପଏଣ୍ଟକୁ ଯାଉଥିଲେ। ସେଠାରେ କିଛି ବ୍ୟକ୍ତି କୋଇଲା ବୋଝେଇ ଟ୍ରକରୁ ବେଆଇନ ଚାନ୍ଦା ଆଦାୟ କରୁଥିଲେ। ଏହି ସମୟରେ ଚାନ୍ଦା ଆଦାୟ କରୁଥିବା ୩୦ରୁ ୪୦ଜଣ ବ୍ୟକ୍ତି ସେମାନଙ୍କୁ ଲୁହା ରଡ୍‌ରେ ଆତର୍କିତ ଆକ୍ରମଣ କରିଥିଲେ। ଉଭୟ ସେଠାରେ ଅଚେତ ହୋଇ ପଡ଼ିବା ଫଳରେ ସେମାନେ ମରିଗଲେ ବୋଲି

**୩ ଦିନ ପରେ ବି ପୁଲିସ୍ ହାତ ଖାଲି**

ଭାବି ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। କିଛି ସମୟ ପରେ ଜଣଙ୍କ ଚେତା ଫେରିଥିଲା। ସେ ତାଙ୍କ ସମ୍ପର୍କୀୟଙ୍କୁ ଡାକିବାରେ ସେମାନେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁଧୀରରଞ୍ଜନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଘରୋଇ ହସ୍ପିଟାଲକୁ ନିଆଯାଇଛି। ଆକାଶ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଗୋପାଳ ପ୍ରସାଦ ଥାନାରେ ଟ୍ରକ ମାଲିକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ଏହି ଘଟଣାକୁ ୩ଦିନ ବିତିଥିଲେ ହେଁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ପୁଲିସ ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି।

ସୂଚନାଯୋଗ୍ୟ, ଗତ କିଛିମାସ ହେବ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମବାସୀ ଏବଂ ସୋଲଡ଼ା ସେକ୍ଟରର ପୁରୁଣା ଟ୍ରକ ମାଲିକ ସଂଘ ମଧ୍ୟରେ ଟ୍ରକ ଚାନ୍ଦା ଆଦାୟକୁ ନେଇ ବିବାଦ ଲାଗି ରହିଥିଲା। ଏହାର ସମାଧାନ ପାଇଁ ଗୋପାଳପ୍ରସାଦ ଥାନା ଅଧିକାରୀ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନେକ ଥର ବୈଠକ ବସିଛି। ପୁରୁଣା ଟ୍ରକ ମାଲିକ ସଂଘ ସଦସ୍ୟମାନେ ବେଆଇନ ଭାବେ ଚାନ୍ଦା ଦେବାକୁ ରାଜି ନ ଥିବା ବେଳେ ସୋଲଡ଼ା ଗ୍ରାମବାସୀ ଟ୍ରକପିଛା ୩୮୦ ଟଙ୍କା ଯୋରଜବରଦସ୍ତ ନେବାକୁ ଦାବି କରୁଛନ୍ତି। ଯାହାକୁ ନେଇ ଆଜକୁ ୬ମାସ ହେବ ଖଣି ପରିସରରେ ଉତ୍ତେଜନା ଲାଗି ରହିଛି।

## ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଅନୁଗୋଳ,୧୧।୫(ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ୭ ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି। ତାଳଚେର ଥାନା ଇନ୍ସପେକ୍ଟର ଦିଗବିଜୟ ବିଶ୍ୱାଳଙ୍କୁ ଛେଣ୍ଡିପଦା ଥାନାକୁ ବଦଳି କରାଯାଇଛି। ଛେଣ୍ଡିପଦା ଥାନା ଇନ୍ସପେକ୍ଟର ବିଭୁଦତ୍ତ ରାଉତରାୟଙ୍କୁ ତାଳଚେର ଥାନାକୁ ବଦଳି କରାଯାଇଛି। ଆଠମଲ୍ଲିକ ଥାନା ଇନ୍ସପେକ୍ଟର ସନ୍ତୋଷ ସେଠୀଙ୍କୁ ଠାକୁରଗଡ଼ ଥାନା, ହେଡ କ୍ୱାର୍ଟରରୁ ଇନ୍ସପେକ୍ଟର ସ୍ୱରୂପ କିଷାନଙ୍କୁ ଆଠମଲ୍ଲିକ ଥାନା, ଠାକୁରଗଡ଼ ଥାନାରୁ ଇନ୍ସପେକ୍ଟର ଶଶିଭୂଷଣ ବେହେରାଙ୍କୁ ତାଳଚେର ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ, ଗୋପାଳପ୍ରସାଦ ଥାନା ଇନ୍ସପେକ୍ଟର ସରୋଜ କୁମାର ନାଏକଙ୍କୁ ଜିଲ୍ଲା ହେଡ୍ କ୍ୱାଟରକୁ ଏବଂ ଅତିରିକ୍ତ ତାଳଚେର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶ୍ୟାମଲାଲ ଓରାମଙ୍କୁ ଠାକୁରଗଡ଼ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି।

## ୧୫୦୦ କୋଟି ଖର୍ଚ୍ଚ ସତ୍ତ୍ୱେ ମିଳୁନି ପାଣି

**ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର**

ତାଳଚେର,୧୧।୫(ସମିସ):

ତାଳଚେରରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ଅଞ୍ଚଳବାସୀ ପାନୀୟ ଜଳରୁ ବଞ୍ଚିତ ହେବା ନେଇ ରାଜ୍ୟ ମୁଖ୍ୟ



ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଗତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ତାଳଚେର ବର୍ତ୍ତମାନ ସ୍ଥିତିରେ ତାପମାତ୍ରାରେ ସର୍ବଭାରତୀୟ ସ୍ତରରେ ଏକ ନମ୍ବରରେ ଥିବାବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତବର୍ଷ ତାଳଚେର ଉପଖଣ୍ଡର ତାଳଚେର ବ୍ଲକ, କଣିହାଁ ବ୍ଲକ, ତାଳଚେର ପୌର ପରିଷଦ ଅଞ୍ଚଳରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଡିଏମ୍‌ଏଫ୍ ଓ ସିଏସ୍‌ଆର ବିନିଯୋଗରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ପାନୀୟ ଜଳ ପାଇଁ ବାରମ୍ବାର ପାଇପ୍ ବିଛାଯାଇଛି। ଥରେ ନୁହେଁ କି ଦୁଇ ଥର ନୁହେଁ, ଅନେକ ଥର ପାଇପ୍ ବିଛା ହୋଇଥିଲେ ମଧ୍ୟ ସେଥିରେ ପାଣି ଆସୁନି। ଏନେଇ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ, ତାଳଚେର ଉପଜିଲ୍ଲାପାଳ, ଆରଡବ୍ଲ୍ୟୁଏସ୍‌ଏସ୍‌ର ଉଚ୍ଚ ଅଧିକାରୀ ଏବଂ ଏମ୍‌ସିଏଲ୍‌ର ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଦାବିପତ୍ର ଦେବା ସହ ଅଭିଯୋଗ କରାଯାଇଛି। କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ତାଳଚେରବାସୀ ଜଳ ସଙ୍କଟର ଶିକାର ହେଉଛନ୍ତି। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପାନୀୟ ଜଳ ସଙ୍କଟର ନିରାକରଣ ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ୍ ନେତା ରାଜକିଶୋର ସାହୁ, ତାଳଚେର ବ୍ଲକ କଂଗ୍ରେସ୍ ସଭାପତି ବିମ୍ବାଧର ବେହେରା, ବଅଁରପାଳ ବ୍ଲକ କଂଗ୍ରେସ୍ ସଭାପତି ବିନୋଦ ବିହାରୀ ବେହେରା, ଯୁବ କଂଗ୍ରେସ୍ ନେତା କୀର୍ତ୍ତି ରଞ୍ଜନ ବିଶୋଇ, ଜଗା ସାମଲ, ବେଡ଼ା କାଞ୍ଜି, ସୁନୀଲ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



# ସତ୍ୟନଗର ଶ୍ମଶାନରେ ଅଚଳ ବିଦ୍ୟୁତ୍ ଚୁଲା

ଭୁବନେଶ୍ୱର, ୧୧।୫(ସମିସ)

ବର୍ତ୍ତମାନ ସାରା ରାଜ୍ୟରେ ଗ୍ୟାସ୍ ସଙ୍କଟ ସମସ୍ୟା ଦୂର ହୋଇନଥିବା ବେଳେ ଶ୍ମଶାନରେ ରହିଥିବା ବିଦ୍ୟୁତ ଚୁଲା ବି ବନ୍ଦ ହୋଇପଡ଼ିଛି। ଫଳରେ ଲୋକମାନେ ପୂର୍ବଭଳି କାଠ କିଣାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମଳିଛି ସତ୍ୟନଗର ଶ୍ମଶାନରେ। ପ୍ରତିଦିନ ଶବଦାହ କରିବାକୁ ଆସି ଫେରୁଛନ୍ତି ବହୁ ସଂଖ୍ୟାରେ ଲୋକେ। ତେବେ ଗ୍ୟାସ୍ ଅଭାବରୁ ଶବଦାହ କାର୍ଯ୍ୟରେ

## ଧର୍ମବିହାରକୁ ଭରସା

ବାଧା ସୃଷ୍ଟି ହୋଇଛି। କାଠ ବ୍ୟବହାରରେ ଅଧିକ ଖର୍ଚ୍ଚ ହେଉଥିବା ବେଳେ ଯେଉଁମାନେ ବିଦ୍ୟୁତ ଚୁଲାରେ ଶବଦାହ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଖଣ୍ଡଗିରି ସ୍ଥିତ ଧର୍ମବିହାର ଶ୍ମଶାନକୁ ସ୍ଥାନାନ୍ତର କରାଯାଉଛି। ଏଥିପାଇଁ ମଧ୍ୟ ଲୋକମାନଙ୍କୁ ଗାଡ଼ି ଭଡ଼ା ବାବଦକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି।

କୁଇଣ୍ଟାଲ୍ କୁଇଣ୍ଟାଲ୍ କାଠ ପୋଡ଼ିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ନକରିବା, ପରିବେଶ ପ୍ରଦୂଷଣ ନହେବା, ସ୍ଥାନୀୟ ଲୋକମାନେ ଦୁର୍ଗନ୍ଧରୁ ବର୍ତ୍ତିବା, କମ୍ ସମୟ ମଧ୍ୟରେ ଶବଦାହ କାର୍ଯ୍ୟ କରିବା, ଶବଦାହ ପାଇଁ ଅଧିକ ପରିମାଣରେ ଖର୍ଚ୍ଚାନ୍ତ ନହେବା ଆଦି ସାଧାରଣ ଲୋକଙ୍କ ହିତ ପାଇଁ ବିଏମ୍‌ସି ପକ୍ଷରୁ ସତ୍ୟନଗର ଶ୍ମଶାନରେ ସ୍ଥାପନ କରାଯାଇଥିଲା ବୈଦ୍ୟୁତିକ ଶବଦାହ ଚୁଲା। ପ୍ରଥମେ ୧୯୯୬ ମସିହାରେ ସତ୍ୟନଗର ଶ୍ମଶାନ ପରିସରରେ ଏହି ବଦ୍ୟୁତ୍ ଶବଦାହ ଚୁଲାର ଭିତ୍ତିପ୍ରସ୍ତର




ସ୍ଥାପନ ହେବାପରେ ୧୯୯୯ ମସିହା ଏପ୍ରିଲ୍ ୧୩ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ମାତ୍ର ଏହା ସ୍ଥାପନ ପରେ ମଧ୍ୟ ବାରମ୍ବାରେ ଖରାପ ହେଉଥିବାରୁ ଲୋକଙ୍କ କାମରେ ଆସୁନଥିଲା। ତେବେ ୨୦୨୫ ଡିସେମ୍ବର ମାସରେ ଶ୍ମଶାନର ପୁନଃରୁଦ୍ଧାର କାର୍ଯ୍ୟ କରାଯାଇ ନୂତନ ବିଦ୍ୟୁତ ଶବଦାହ ଚୁଲା ସ୍ଥାପନ କରାଯାଇଥିଲା। ହେଲେ ତାହା ବି ଏବେ ଚାଲୁନଥିବା ଦେଖିବାକୁ ମିଳିଛି। ଫଳରେ ଆଖପାଖ ଅଞ୍ଚଳର ଲୋକମାନେ ଏଠାକୁ ଆସି ନିରାଶ ହେଉଥିବା ଅଭିଯୋଗ କରିଛନ୍ତି। କାରଣ ବର୍ତ୍ତମାନ ଟେକ୍ନିକାଲ ସମସ୍ୟା ଓ ଗ୍ୟାସ୍ ଅଭାବ ପାଇଁ ମଧ୍ୟ ଏହି ଚୁଲା ବନ୍ଦ ରହିଛି। ଯେଉଁମାନେ ବିଦ୍ୟୁତ ଚୁଲାରେ ଶବଦାହ କରିବାକୁ ଚାହୁଁଛନ୍ତି ଖଣ୍ଡଗିରି ଧର୍ମବିହାରକୁ ଯିବା ପାଇଁ ଏଠାରେ ଦାୟିତ୍ୱରେ ରହିଥିବା ଅଧିକାରୀ ପରାମର୍ଶ ଦେଉଛନ୍ତି। ଏନେଇ ଶ୍ମଶାନ ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି, ନିକଟରେ କାଳବୈଶାଖୀ ଘଡ଼ଘଡ଼ିରେ ମଧ୍ୟ ପ୍ୟାନେଲ ପୋଡ଼ି ଯିବାରୁ ଚୁଲା ବନ୍ଦ ରହିଥିଲା। ମରାମତି କରାଯିବା ପରେ ଏବେ ଗ୍ୟାସ ସଙ୍କଟ ଯୋଗୁଁ ଗ୍ୟାସ ଚୁଲାରେ ଶବଦାହ କରାଯାଉ ନାହିଁ। ବର୍ତ୍ତମାନ ଗ୍ୟାସ୍ ସମସ୍ୟା ପାଇଁ ଅନେକ ସମୟରେ ଗ୍ୟାସ୍ ମିଳୁନି। ଏପଟେ ସିଲିଣ୍ଡର ଗୋଟାକ ୩ହଜାର ଟଙ୍କାରୁ ୩୨୦୦ ଟଙ୍କା ପଡୁଥିବା ବେଳେ ଶବଦାହ ବାବଦକୁ ୨ହଜାର ଟଙ୍କା ରହିଛି। ଗୋଟେ ଶବଦାହ ପାଇଁ ପାଖାପାଖି ୨ଟି ସିଲିଣ୍ଡର କିମ୍ବା ୨ଟି ଶବଦାହ ପାଇଁ ପ୍ରାୟ ୩ଟି ସିଲିଣ୍ଡର ଆବଶ୍ୟକତା ପଡୁଛି। ଯାହାର ଦାମ୍ ଗୋଟିଏ ଶବଦାହ ପିଛା ପ୍ରାୟ ୫ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏପଟେ ସତ୍ୟବିହାରରେ ଶବଦାହ ଚୁଲା ସିଲିଣ୍ଡର ବ୍ୟବହାର କରାଯାଉଥିବା ବେଳେ ଧର୍ମବିହାର ଶ୍ମଶାନରେ (ଗେଲ୍ ଇଣ୍ଡିଆ) ଅଣ୍ଡଗ୍ରାଉଣ୍ଡ ପାଇପଲାଇନ୍ ଦ୍ୱାରା ଗ୍ୟାସ ସପ୍ଲାଏ ହେଉଥିବାରୁ ସେଠାରେ କୌଣସି ସମସ୍ୟା ନାହିଁ। ନିଟକରେ କୌଣସି ସିଏନଜି ଷ୍ଟେସନ୍ ନଥିବାରୁ ଏହି ସବୁିଧା ହୋଇ ନାହିଁ। ଆଗାମୀ ଦିନରେ ସତ୍ୟନଗର ମଧ୍ୟ ଏହି ସୁବିଧା କରିବାକୁ ଯୋଜନା ରହିଛି। ଏଠାରେ ଅଣ୍ଡଗ୍ରାଉଣ୍ଡ ପାଇପ୍ଲାଇନ୍ ଦ୍ୱାରା ଗ୍ୟାସ୍ ସଂଯୋଗ ହେଲେ କୌଣସି ସମସ୍ୟା ହେବନି। ତେବେ କାଠଚୁଲା ପାଇଁ ପ୍ରଚୁର ପରିମାଣରେ କାଠ ଉପଲବ୍ଧ ରହିବା ସହ ଶବଦାହ ପାଇଁ ରହିଥିବା ଦେୟର ପରିମାଣ ମଧ୍ୟ ଅପରିବର୍ତ୍ତିତ ରହିଥିବା ସେ କହିଛନ୍ତି।

## ଆଇଆଇଏମ୍‌ଟି ପକ୍ଷରୁ 'ଲେକ୍‌ଚର୍ ନୋଟ୍' ଉନ୍ମୋଚିତ



ଭୁବନେଶ୍ୱର, ୧୧।୫(ସମିସ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜି (ଆଇଆଇଏମଟି) ପକ୍ଷରୁ ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟାରେ ବିକଶିତ କ୍ୟାରିଅର ବିଷୟରେ ପ୍ରସ୍ତୁତ ଆଇଆଇଏମଟି 'ଲେକ୍‌ଚର୍ ନୋଟ୍' ଉନ୍ମୋଚିତ ହେବା ସହିତ ଜଳ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଉଦଘାଟନ ହୋଇଛି। ଆଇଆଇଏମଟି ଚେୟାରମ୍ୟାନ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପରାମର୍ଶରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଏବଂ ଅଏଲ୍ ମ୍ୟାକ୍ସ ଏନର୍ଜି ପ୍ରା. ଲିମିଟେଡର ସିଇଓ ଡ. ରବି ବସ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରକାଶନରେ ଏୟାର କମୋଡୋର ନିରଞ୍ଜନ କୁମାର ପରିଡ଼ା, ଏୟାର କମୋଡୋର ତୁହିନ ଦେ, ଇଞ୍ଜିନିୟର ରାଧାମୋହନ ରାଉତ, ଇଞ୍ଜିନିୟର ପାର୍ଥ ସାରଥୀ ଦାସ, ଇଞ୍ଜିନିୟର ପ୍ରକାଶ କୁମାର ପତି, ଡ. ଦେବଦତ୍ତ ମିଶ୍ର, ପ୍ରଫେସର ଦେବାଶିଷ ମହାପାତ୍ର ଏବଂ ପ୍ରଫେସର ବିଭୁ ପ୍ରସାଦ ରାଉତରାୟ ପ୍ରମୁଖଙ୍କ ଅବଦାନ ରହିଛି। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ସ୍ୱାଗତଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ୍ ପ୍ରଫେସର ଡ. କବିରାଜ ସେଠୀ ଧନ୍ୟବାଦ ଦେଇଥିଲେ।

## ଉତ୍ତର ପୁରୁଷ ନାଟ୍ୟ କାର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର, ୧୧।୫(ସମିସ): ଭୁବନେଶ୍ୱରର ସର୍ବ ପ୍ରାଚୀନ ନାଟ୍ୟ ସଂସ୍ଥା ଉତ୍ତର ପୁରୁଷ ପକ୍ଷରୁ ନାଟକ କର୍ମଶଳା 'ରଙ୍ଗ ଭାରତୀ-୧୭' ଉତ୍କଳ କରାଟେ ସ୍କୁଲ ପ୍ରେକ୍ଷାଳୟରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତ୍ରୀ ଭାସ୍ୱତି ବସୁ, ବରିଷ୍ଠ ନିର୍ଶେକ ପ୍ରଦୀପ ବିଶ୍ୱାଳ, ନାଟ୍ୟ ଗରୁ ଚୌଧୁରୀ ଜୟପ୍ରକାଶ ଦାସ, ବରିଷ୍ଠ ନିର୍ଦ୍ଦେଶକ ଧୀର ମଲ୍ଲିକ, ଉତ୍ତର ପୁରୁଷ ସଭାପତି ଡ. ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ୨୧ ଦିନ ଧରି ଚାଲିବାକୁ ଥିବା ଏହି ନାଟ୍ୟ କର୍ମଶାଳାରେ ୨୧ ଜଣ ଯୁବ ପ୍ରଶିକ୍ଷାର୍ଥୀ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୫ ଜଣ ଯୁବତୀ। ଏହି ଶିକ୍ଷାର୍ଥୀଙ୍କୁ ନାଟକର ପାଠ ପଢ଼ାଇବେ ବିଶିଷ୍ଟ ନାଟ୍ୟବିଦ୍ ତଥା ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚୌଧୁରୀ ଜୟପ୍ରକାଶ ଦାସ। ଏଥି ସହିତ ଶିକ୍ଷାର୍ଥୀମାନଙ୍କୁ ରୂପକଳା, ମଞ୍ଚସଜା, ଅଭିନୟ, ଆଲୋକ ସମ୍ପାତ, ସଙ୍ଗୀତ ଉପରେ ବିଶେଷଜ୍ଞମାନେ ଶିକ୍ଷା ଦେବେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ଦେବଦତ୍ତ ପତି।

## ତିନିଦିନିଆ ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୧୧।୫(ସମିସ): ରୟାଲ କଲେଜ ଅଡ଼ିଟୋରିଅମ୍‌ଠାରେ ୩୧ତମ ଇଟିକିଲି ମିଟିକିଲି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିନ ଆୟୋଜିତ ହୋଇଥିଲା ଶିଶୁ-ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ। ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତଭତ୍ତିକ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ ଥିଲା 'ବହିଠାରୁ ଡିଜିଟାଲ୍ ଯୁଗ- ପିଲାଙ୍କ ପାଇଁ କ'ଣ ଆକର୍ଷଣ ହେବା ଆବଶ୍ୟକ'। ଏହି ଆଲୋଚନାରେ ଡ. ସଂଘମିତ୍ରା ମିଶ୍ର, ବଙ୍କିମ ଚନ୍ଦ୍ର ନାୟକ ଓ ମାନସ ରଞ୍ଜନ ସାମଲ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଶିଶୁ-ସାହିତ୍ୟିକମାନଙ୍କୁ ନେଇ ପିଲାଙ୍କ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଡ. ଲିଙ୍ଗରାଜ ରଥ ଓ ଶିଶୁସାହିତ୍ୟିକ ହରିହର ଶୁକ୍ଳ ଯୋଗଦାନ କରିଥିଲେ। ପରିଶେଷରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମଞ୍ଚସ୍ଥ ହେଲା 'ଶେଷ ଠିକଣା'



ଭୁବନେଶ୍ୱର, ୧୧।୫(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଓ ସାଂସ୍କୃତିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସାଂସ୍କୃତିକ ସଂସଦର ସଭାପତି ତଥା ବିଭାଗୀୟ ଉପ-ଶାସନ ସଚିବ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ବିଭାଗର ସାଂସ୍କୃତିକ ଉତ୍ତରଣ ଓ ସଂସଦର ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କର୍ମମୟ ଜୀବନର କ୍ଳାନ୍ତି ମଧ୍ୟରେ କଳା ଓ ସଂସ୍କୃତି ମଣିଷକୁ ମାନସିକ ଶାନ୍ତି ଓ ନୂତନ ଉର୍ଜା ପ୍ରଦାନ କରିଥାଏ ବୋଲି ଅତିଥିମାନେ ମତାବ୍ୟକ୍ତ କରିଥିଲେ। ଉତ୍ସବର ସବୁଠାରୁ ଆକର୍ଷଣୀୟ ଅଧ୍ୟାୟ ଥିଲା ବିଭାଗୀୟ କଳାକାରଙ୍କ ଦ୍ୱାରା ପ୍ରଯୋଜିତ ଭାବପୂର୍ଣ୍ଣ ନାଟକ 'ଶେଷ ଠିକଣା'। ଏହା କେବଳ ଏକ ନାଟକ ନୁହେଁ, ବରଂ ମଣିଷ ଜୀବନର ସତ୍ୟାସତ୍ୟକୁ ନେଇ ଏକ ମର୍ମସ୍ପର୍ଶୀ ଆଲେଖ୍ୟ। 'ଘର' ଯାହା ଇଟା-ବାଲିର କଂକ୍ରିଟ୍ ଗଠନ ନୁହେଁ, ବରଂ ସ୍ନେହ ଓ ଆତ୍ମୀୟତାର ଏକ ଅକ୍ଷୟ ଆଳୟ। ମାତ୍ର ଜୀବନର ଅପରାହ୍ନରେ ନିଜ ହାତଗଢ଼ା ସେଇ ଆପଣାର ଘରଟି କେମିତି ଅପରିଚିତ ହୋଇଯାଏ ଏବଂ ମଣିଷ ନିଜର 'ସତ୍ୟ ଠିକଣା' ଖୋଜିବାକୁ ବ୍ୟାକୁଳ ହୁଏ, ତାହା ଏହି ନାଟକରେ ଅତି ନିଖୁଣ ଭାବେ ରୂପାୟନ କରାଯାଇଛି। ବାର୍ଦ୍ଧକ୍ୟ ଓ ସମ୍ପର୍କର ଜଟିଳତାକୁ ନେଇ ପ୍ରସ୍ତୁତ ଏହି ନାଟକ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ନାଟକର ଶେଷରେ 'କେଉଁଠି ମୋର ସତ୍ୟ, ଶେଷ ଠିକଣା, ଏହି ନିରବ ପ୍ରଶ୍ନ ପ୍ରତ୍ୟେକ ଦର୍ଶକଙ୍କୁ ଭାବପ୍ରବଣ କରିଦେଇଥିଲା।

## ସମ୍ପ୍ରଦା ନୃତ୍ୟ ଅନୁଷ୍ଠାନର ବାର୍ଷିକ ନୃତ୍ୟ ଉତ୍ସବ




ଭୁବନେଶ୍ୱର, ୧୧।୫(ସମିସ): ନୃତ୍ୟ ଅନୁଷ୍ଠାନ ସମ୍ପ୍ରଦାର ବାର୍ଷିକ ନୃତ୍ୟ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଅତିଥି ଭାବେ ନୃତ୍ୟ ଶିଳ୍ପୀ ଗବେଷିକା କସ୍ତୁରୀ ପଟ୍ଟନାୟକ, ପ୍ରାକ୍ତନ ଆସୋସିଏଟ ପ୍ରଫେସର ତଥା ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ନୃତ୍ୟ ଗୁରୁ ମନୋଜ ରଞ୍ଜନ ପ୍ରଧାନ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆସୋସିଏଟ ପ୍ରଫେସର ସଙ୍ଗୀତଜ୍ଞ ଗୁରୁ ଡ. ଧୀରଜ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ପ୍ରଥମେ ସମ୍ପ୍ରଦା ନୃତ୍ୟ ଅନୁଷ୍ଠାନର କନିଷ୍ଠ ପିଲାମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ଦଳଗତ ନୃତ୍ୟ ମଙ୍ଗଳାଚରଣ ପରିବେଷଣ କରିଥିଲେ। ଏହିସବୁ ନୃତ୍ୟରେ ସଂଯୋଜନା ଆଦିଗୁରୁ ପଙ୍କଜ ଚରଣ ଦାସ, ନିର୍ଦ୍ଦେଶନା ଦେଇଥିଲେ ସୁହାଗ ନଳିନୀ ଦାସ ଏବଂ ଅନୁଷ୍ଠାନର ଅଧକ୍ଷ ଶରତ ଦାସ ଉପସ୍ଥିତ ଥିଲେ।

## ହିଂସା ଓ ବର୍ବର ଆକ୍ରମଣ ବିରୋଧରେ ପ୍ରତିବାଦ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୧।୫(ସମିସ)

ବିଗତ କିଛି ସପ୍ତାହ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଘଟୁଥିବା ହତ୍ୟା, ଭିଡ଼ ହିଂସା, ମହିଳାଙ୍କ ଉପରେ ନିର୍ମମ ହିଂସା ଓ ମାଫିଆମାନେ କରୁଥିବା ଆତଙ୍କ ଘଟଣାଗୁଡ଼ିକ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ଗଭୀର ଭାବେ ଚିନ୍ତାଜନକ କରିଛି। ଏହି ସମସ୍ତ ଘଟଣା କେବଳ ସାଧାରଣ ଅପରାଧ ନୁହେଁ ବରଂ ରାଜ୍ୟରେ ଭିଡ଼ ହିଂସା ଦ୍ୱାରା ନିଜେ ନ୍ୟାୟ କରିବାର ଭୟଙ୍କର ପ୍ରବୃତ୍ତି ବଢୁଥିବାର ସୂଚନା ଦେଉଛି। ସାଧାରଣ ଲୋକ, ବିଶେଷକରି ମହିଳାମାନେ, ନିଜ ସୁରକ୍ଷା ନେଇ ଗଭୀର ଅସୁରକ୍ଷା ବୋଧ କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଗର୍ଭବତୀ ଯୁବତୀଙ୍କୁ ନିର୍ମମ ଭାବେ ଖରିଡ଼ା ଗାଁ ଦାଣ୍ଡରେ ହତ୍ୟା କରାଯାଇଥିବା ଘଟଣା ସମଗ୍ର ସମାଜକୁ ସ୍ତବ୍ଧ ଦେଇଛି। ପୁରୀ ଜିଲ୍ଲାର କଣାସ ଥାନା ପାଖରେ ଜଣେ ଯୁବକଙ୍କୁ ଗୁରୁତର ଭାବେ ଆକ୍ରମଣ କରାଯିବା ଘଟଣା ଗୁଣ୍ଡା ତତ୍ତ୍ୱର ଦାଦାଗିରିକୁ ପ୍ରକାଶ କରୁଛି। ଭୁବନେଶ୍ୱର ନିକଟରେ ଘଟିଥିବା ଭିଡ ହିଂସା ଘଟଣା ରାଜ୍ୟରେ ଆଇନର ଶାସନ ଦୁର୍ବଳ ହୋଇଥିବାର ଭୟଙ୍କର ଉଦାହରଣ ଅଟେ। ହିଂସା ଓ ଆକ୍ରମଣ ଘଟଣା ଦୀର୍ଘଦିନ ଧରି ଚାଲିଆସୁଥିବା ସତ୍ତ୍ୱେ ସେଗୁଡ଼ିକୁ ରୋକିବାରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ପରିସ୍ଥିତି ଦର୍ଶାଉଛି ଯେ ପୋଲିସ୍ ବ୍ୟବସ୍ଥା ପ୍ରତି ଭୟ କମିଯାଇଛି, ଆଇନର ଶାସନ ବିପର୍ଯ୍ୟସ୍ତ ହୋଇଛି ଏବଂ ଗ୍ରାମାଞ୍ଚଳ ଠାରୁ ସହର ପର୍ଯ୍ୟନ୍ତ ଅପରାଧ ତତ୍ତ୍ୱମାନଙ୍କ ସକ୍ରିୟତା ବଢ଼ିଛି। ଏହା ରାଜ୍ୟର ଶାସନ ବ୍ୟବସ୍ଥାର ଗୁରୁତର ବିଫଳତା, ବ୍ୟର୍ଥତା ଏବଂ ଅପାରଗତାକୁ ପ୍ରକାଶ କରୁଛି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଅନୁଯାୟୀ ଏହି ପରିସ୍ଥିତିକୁ ସାଧାରଣ ଘଟଣା ଭାବି ଅବହେଳା କରାଯାଇପାରିବ ନାହିଁ। ବିଜେପି ସରକାରଙ୍କ ଏହି ବିଫଳତା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଦଳର ସମସ୍ତ କମିଟିକୁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ କରିଛି।

## ସମ୍ ପକ୍ଷରୁ ଅନ୍ତର୍ଜାତୀୟ ନର୍ସେସ ଦିବସ





ଭୁବନେଶ୍ୱର, ୧୧।୫(ସମିସ):ଫୁଲନଖରାସ୍ଥିତ ସମ ନର୍ସିଂ କଲେଜ-୨ ପକ୍ଷରୁ ଅର୍ନ୍ତଜାତୀୟ ନର୍ସେସ୍ ଦିବସ ପାଳନ କରାଯାଇଛି। ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ସରକାରୀ ନର୍ସିଂ କଲେଜର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ରେଣୁକା ଦାସ, ରାଜ୍ୟ ସରକାରଙ୍କ ଯୁଗ୍ମ ଡିଏମ୍‌ଇଟି ଡାକ୍ତର ରୋମା ରତନ ସାହୁ, ଭୁବନେଶ୍ୱର ଏମ୍ସର ନର୍ସିଂ ସୁପରିଟେଣ୍ଡେଣ୍ଟ ତଥା ଆସିଷ୍ଟାଣ୍ଟ ପ୍ରଫେସର ଗୀତାରାଣୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ଏବଂ ସମ୍ ନର୍ସିଂ କଲେଜ-୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରୁସ୍କୃତ କରାଯାଇଥିଲା।

## କୋଠଘର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୧୧।୫(ସମିସ): ଆସନ୍ତା ଜୁନ୍ ୧୪ ତଥା ପ୍ରଥମ ରଜ ଦିନ କୋଠଘର ଆମ ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାର କୋଣ ଅନୁକୋଣରୁ ନିମନ୍ତ୍ରିତ କବି ସାହିତ୍ୟିକମାନେ ଯୋଗ ଦେବାର ଯୋଜନା ରହିଛି। ଏଥିପାଇଁ କୋଠଘର ପ୍ରତିଷ୍ଠାତା, ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସ୍ଥାନୀୟ ଆଇଜି ପାର୍କ ପରିସରରେ କରାଯାଇଥିଲା। ବୈଠକରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର, ଯୁଗ୍ମ ସମ୍ପାଦକ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରହରାଜ ଜୟ ନାରାୟଣ ନନ୍ଦ, ପ୍ରଶାସିକା ମମତା ବାରିକ୍ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ କିପରି ସୂଚାରୁ ରୂପେ ସମ୍ପାଦନ ହେବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଓଡ଼ିଶାର ୬ଜଣ ଲେଖକ, କବି ଯଥା ରକ୍ଷକ ନାୟକ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଲକ୍ଷ୍ମୀ ଚାନ୍ଦ, ସବିତା ରାଣୀ ବେହେରା, ଡ. ଶଶିଭୂଷଣ ମହାପାତ୍ରଙ୍କୁ କୋଠଘର ସାରସ୍ୱତ ସମ୍ମାନ ଦିଆଯିବ ବୋଲି ଘୋଷଣା କରାଯାଇଛି। ବର୍ଷିୟାନ୍ ଲେଖକ ଅଚ୍ୟୁତା ନନ୍ଦ ପତି ପାଇବେ କୋଠଘର ଶୈଳବାଳା ବିମ୍ବାଧର ସ୍ମୃତି ସମ୍ମାନ।

ଆମ ରାଜଧାନୀ ଆମ ଐତିହ୍ୟ

## ନବମ ଶତାବ୍ଦୀରେ ନିର୍ମିତ ମୋହିନୀ ମନ୍ଦିର



ଭୁବନେଶ୍ୱର, ୧୧।୫(ସମିସ): ଓଡ଼ିଶାର ଐତିହ୍ୟ ଓ ଗୌରବର ଗାଥା ଇତିହାସ ପୃଷ୍ଠାରେ ହିଁ ସାଇତି ହୋଇ ରହିଥାଏ। ଯାହାକୁ ଦେଖି ମନେ ପଡ଼ିଯାଏ ଓଡ଼ିଶାର ପୁରାତନ କୀର୍ତ୍ତିରାଜି। ଏପରି ଅନେକ ଐତିହ୍ୟ ମନ୍ଦିର ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ନବମ ଶତାବ୍ଦୀରେ ନିର୍ମିତ ମୋହିନୀ ମନ୍ଦିର।

ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱରେ ରହିଛି ନବମ ଶତାବ୍ଦୀର ମୋହିନୀ ମନ୍ଦିର। ଏହା ରାଜଧାନୀର ପ୍ରମୁଖ ଶକ୍ତି ପୀଠ ମଧ୍ୟରୁ ଅନ୍ୟତମ। ମନ୍ଦିରଟି ମା' ଚାମୁଣ୍ଡୀ ଦେବୀଙ୍କୁ ସମର୍ପିତ। ଭୌମ ରାଜା ଦ୍ୱିତୀୟ ଶୀବାକର ଦେବଙ୍କ ରାଣୀ ମୋହିନୀଙ୍କ ଦ୍ୱାରା ଏହି ମନ୍ଦିରଟି ନିର୍ମାଣ କରାଯାଇଥିବାରୁ ଏହାକୁ ମୋହିନୀ ମନ୍ଦିର ଭାବରେ ନାମିତ କରାଯାଇଛି। ଏହି ମନ୍ଦିରର ନିର୍ମାଣ ଶୈଳୀରେ ପର୍ଶୁରାମେଶ୍ୱର ମନ୍ଦିର ସହ ସମାନତା ରହିଥିବା ଦେଖିବାକୁ ମିଳେ। ମନ୍ଦିରର ପାର୍ଶ୍ୱ ଦେବତା ଭାବେ ଗଣେଶ, କାର୍ତ୍ତିକ, ପାର୍ବତୀ ଏବଂ ଦୁର୍ଗାଙ୍କୁ ପୂଜା କରାଯାଇଥାଏ।

ମନ୍ଦିରର ଗର୍ଭଗୃହରେ ରେଖାଶୈଳୀର ବିମାନ ଏବଂ ଜଗମୋହନ ପୀଠ ଶୈଳୀରେ ଅଛନ୍ତି। ପୀଠରେ ପୂଜା ପାଉଥିବା ଦେବୀ ତାନ୍ତ୍ରୀକ ରୂପରେ ଚିତ୍ରିତ ଅଛନ୍ତି। ଯେଉଁଠି ସେ ଖପୁରୀର ମାଳା ସହ ଏକ ଶବ ଉପରେ ଠିଆ ହୋଇ ରହିଛନ୍ତି। ସେହି ଗର୍ଭଗୃହ ତଳ ପାର୍ଶ୍ୱରେ ଶୋଇରହିଥିବା ମହିଶାସୁରମାର୍ଦ୍ଦିନୀଙ୍କ ଛଅଟି ଶସସ୍ତ୍ର ପ୍ରତିମୂର୍ତ୍ତି ପଡ଼ି ରହିଛି। ଜଗମୋହନରେ କିଛି ପ୍ରତିମା ଯେପରି ୮ ଟି ସଶସ୍ତ୍ର ଦୁର୍ଗାଙ୍କ ପ୍ରତିମା ରହିଛି। ମୋହିନୀଙ୍କୁ ବିଷ୍ଣୁଙ୍କର ଏକ ରୂପ ବୋଲି କୁହାଯାଏ। ତେଣୁ ମୋହିନୀ ଏକାଦଶୀରେ ଭଗବାନ ବିଷ୍ଣୁଙ୍କୁ ପୂଜା କରିବା ଶୁଭ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନ ଉପବାସ ରହି ଏଠାରେ ପୂଜା କଲେ ସବୁ ପାପ ଦୂର ହୁଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

### ଏବେ କେମିତି ରହିଛି



ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଆସୁଥିବା ପୁରାତନ ମନ୍ଦିର ମଧ୍ୟରୁ ମୋହିନୀ ମନ୍ଦିର ଅନ୍ୟତମ। ଏହା ନବମ ଶତାବ୍ଦୀର ହୋଇଥିବାରୁ ମନ୍ଦିର ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବା ବେଳେ ତାର ବର୍ତ୍ତମାନ ସ୍ଥିତି ଦେଖିଲେ ଏହାର ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନ ଉଠୁଛି। ମନ୍ଦିରର ବାହାର ପାର୍ଶ୍ୱରେ ଥିବା ପାର୍ଶ୍ୱଦେବାଦେବୀଙ୍କ ପ୍ରତିମା ଭଗ୍ନ ଅବସ୍ଥାରେ ପରିଲକ୍ଷିତ ହେଉଛି। ମନ୍ଦିର ଉପରେ ଅନାବନା ଗଛ ଉଠିବା ସହ ମନ୍ଦିର ରଙ୍ଗ ପରିବର୍ତ୍ତନ ଏବଂ କିଛି ଅଂଶ କ୍ଷୟ ହେବାରେ ଲାଗିଲାଣି। ଏତିପ୍ରତି ଯଥାଶୀଘ୍ର ପଦକ୍ଷେପ ନେବା ସହ ମରାମତି ଆବଶ୍ୟକ କରୁଛି ନଚେତ୍ ଐତିହ୍ୟକୁ ନଷ୍ଟ ହେବାରେ ସମୟ ଲାଗିବ ନାହିଁ ମନ୍ଦିର ପୂଜାରୀଙ୍କ ପାଖରୁ ଶୁଣିବାକୁ ମିଳିଥିଲା।



# ଭୁବନେଶ୍ୱର ସିଟି

## ବିଶ୍ୱ ଥାଲାସେମିଆ ଦିବସ



ଭୁବନେଶ୍ୱର, ୧୧।୫(ସମିସ): ନିୟୁଏଜ୍ ଡାଇଗ୍ନୋଷ୍ଟିକସ୍ ଓ ଓଡ଼ିଶା ଥାଲାସେମିଆ ପେସେଣ୍ଟସ୍ ଆଡଭୋକେସି ଆୱାରନେସ ଗ୍ରୁପ୍ ମିଳିତ ଆନୁକୂଲ୍ୟରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଛି। ଏହି ଅବସରରେ ନିୟୁଏଜ୍ ଡାଇଗ୍ନୋଷ୍ଟିକସ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିୟୁଏଜ୍ ଡାଇଗ୍ନୋଷ୍ଟିକସ୍‌ର ପ୍ରତିଷ୍ଠାତା ଡ. ରାଜେଶ କୁମାର ଭୋଳ ଏଥିରେ ଅଧ୍ୟକ୍ଷତା କରି ଥାଲାସେମିଆ ରୋଗର ନିଦାନ ଓ ରୋଗୀଙ୍କ ପ୍ରତି ସାମାଜିକ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ନକଲି ପୁଲିସକୁ ବାନ୍ଧିଲା ଅସଲି

ଭୁବନେଶ୍ୱର, ୧୧।୫(ସମିସ): ରାଜଧାନୀରେ ପୁଣି ନକଲି ପୁଲିସର ଦୌରାତ୍ମ୍ୟ। ନିଜକୁ ପୁଲିସ ପରିଚୟ ଦେଇ ପୁଲିସର ଲୋଗୋ ବ୍ୟବହାର କରି ପତିଆରା ଦେଖାଉଥିଲା। ହେଲେ ପୁଲିସ ହାତରେ ଧରାପଡ଼ିଗଲା। ଚନ୍ଦ୍ରଶେଖରପୁର ଥାନା ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାନନ୍ ବିହାର ଫେଜ୍-୧ ଆଦିତ୍ୟ ସେଠୀ। ତାଙ୍କ ଠାରୁ ପୁଲିସ ଏକ ନକଲି ପରିଚୟପତ୍ର, ପୁଲିସ ଲୋଗୋ ଥିବା ଏକ ଗାଡ଼ି ଜବତ କରିଛି।

ସୂଚନାଯୋଗ୍ୟ ଯେ, ୧୦ ରାତିରେ ଚନ୍ଦ୍ରଶେଖରପୁର ଥାନାର ଏସଆଇ ମନୋଜ କୁମାର ସେନାପତି ପୁଲିସ କର୍ମଚାରୀମାନଙ୍କ ସହିତ ଥାନା ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିବା ବେଳେ ରାତି ଗୋଟାଏରେ ପଟିଆ ଗାଁ ନିକଟରେ ଏକ ସନ୍ଦେହଜନକ ଗାଡ଼ିକୁ ଦେଖିଥିଲେ, ଯେଉଁଥିରେ ବେଆଇନ ଭାବେ ପୁଲିସ ଲୋଗୋ ବ୍ୟବହାର କରାଯାଇଥିଲା। ଗାଡ଼ିଟିକୁ ଅଟକାଇବା ପରେ, ସେଥିରେ ଥିବା ବ୍ୟକ୍ତି ନିଜ ପରିଚୟ ଆଦିତ୍ୟ ସେଠୀ, ଜିଲ୍ଲା ବାଲେଶ୍ୱର ଏବଂ ବର୍ତ୍ତମାନ ପଟିଆସ୍ଥିତ କାନନ ବିହାର ଫେଜ୍-୧ ର ବାସିନ୍ଦା ବୋଲି ଦେଇଥିଲେ। ଯାଞ୍ଚ ସମୟରେ ସେ ପୁଲିସ ବିଭାଗ ସହିତ ତାଙ୍କର କୌଣସି ସମ୍ପୃକ୍ତି ଥିବାର ପ୍ରମାଣ ଦେଇପାରି ନ ଥିଲେ। ତଲାସୀ ସମୟରେ ଶରତ କୁମାର ସେଠୀ ନାମରେ ଏକ ଜାଲ ପରିଚୟ ପତ୍ର ଉଦ୍ଧାର ଓ ଜବତ କରାଯାଇଥିଲା, ଯେଉଁଥିରେ ତାଙ୍କୁ ଓଡ଼ିଶା ଫାୟାର ଏଣ୍ଡ ଇମରଜେନ୍ସି ସର୍ଭିସର ଫାୟାରମ୍ୟାନ ଭାବେ ଦର୍ଶାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ବେଆଇନ ଭାବେ ପୁଲିସ ଚିହ୍ନ ଏବଂ ଜାଲ ପରିଚୟପତ୍ର ବ୍ୟବହାର କରି ନିଜକୁ ପୁଲିସ ଅଧିକାରୀ ଭାବେ ପରିଚୟ ଦେଇ ସାଧାରଣ ଲୋକଙ୍କୁ ପ୍ରତାରଣା କରିବାକୁ ଉଦ୍ଦେଶ୍ୟ ରଖିଥିଲେ। ତଦନ୍ତ ସମୟରେ ସମ୍ପୃକ୍ତ ପୁଲିସ ଲୋଗୋ ଲାଗିଥିବା ଗାଡ଼ି ଏବଂ ଶରତ କୁମାର ସେଠୀ ନାମରେ ଥିବା ଜାଲ ପରିଚୟ ପତ୍ରକୁ ଜବତ କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ।

## ଏଫ୍‌ଏଫ୍‌ସି ଏବଂ ଫେମି ୱାକର୍ସ କ୍ଲବ୍‌ର 'ବିଶ୍ୱ ମାତୃଦିବସ'



ଭୁବନେଶ୍ୱର, ୧୧।୫(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ଏବଂ ଫେମି ମହିଳା ୱାକର୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଏନ୍-୩ ଯୁଧିଷ୍ଠିର ଦାସ ପାର୍କରେ ବିଶ୍ୱ ମାତୃଦିବସ ପାଳିତ ହୋଇଛି। ନିମନ୍ତ୍ରିତ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଦାଶ, ଇନ୍ଦ୍ରାଣୀ ମିଶ୍ର, ପ୍ରିୟମ୍ବଦା ପ୍ରଧାନ, ଡ. ରଙ୍ଗାଧର ସାହୁ, ଇଂ ସୁକୁମାର ପରିଡ଼ା, ପ୍ରଣତି ଶତପଥୀ ପ୍ରମୁଖ ବକ୍ତାମାନେ 'ମା' ହିଁ ମାତୃଶକ୍ତି, ଜନ୍ମଦାତ୍ରୀ ଓ ଧରିତ୍ରୀ ଭଳି ସହନଶୀଳତା ଏବଂ ତ୍ୟାଗର ଗନ୍ତାଘର ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଏଫ.ଏଫ.ସି.ର ସଭାପତି ସୁଧାକର ଷଡଙ୍ଗୀ, ସମ୍ପାଦକ ସୌଭାଗ୍ୟ ନାୟକ, ପ୍ରାକ୍ତନ ସଭାପତି ଆଶିଷ ପଟ୍ଟନାୟକ, କେଦାର ପଟ୍ଟନାୟକ, ପ୍ରଦୀପ୍ତ ପଣ୍ଡା, ଭବାନୀ ପଟ୍ଟନାୟକ, ଉପଦେଷ୍ଟା ପ୍ରେମାନନ୍ଦ ପୃଷ୍ଟି ଏବଂ ଫେମିର ସଭାପତି ସଂଯୁକ୍ତା ପଣ୍ଡା, ଜୟନ୍ତୀ ସିଂହ, ପ୍ରଭାତୀ ସାହୁ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା।

**ପରିବହନ ବିଭାଗର ଫାଇନ ଆଦାୟ ପ୍ରସଙ୍ଗ: ସରକାରଙ୍କୁ ବିଜେଡିର ଟାର୍ଗେଟ**

## ଜରିମାନା ଆଳରେ ରାଜ୍ୟବାସୀଙ୍କୁ ଶୋଷଣ କରୁଛନ୍ତି ସରକାର

ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟି ଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ପରିବହନ ବିଭାଗର ଅପାରଗତା କାରଣରୁ ରାଜ୍ୟରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି। ସାଧାରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଯେଣତେଣ ଉପାୟରେ କେମିତି ଲୋକଙ୍କ ଠାରୁ ଫାଇନ ଆଦାୟ କରାଯିବ, ସେଥିରେ ବ୍ୟସ୍ତ ରହୁଛି। ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧାରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ ତାକୁ ତର୍ଜମା ନକରି ଫାଇନ ଆଦାୟରେ ପରିବହନ ବିଭାଗ ମାତିଛି ବୋଲି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉଦବେଗ ପ୍ରକାଶ କରିଛନ୍ତି।



- ସଡ଼କ ଦୁର୍ଘଟଣା ରୋକିବାରେ ପରିବହନ ବିଭାଗ ବିଫଳ
- ଫାଇନ ଆଦାୟ ନାଁରେ ଜନତାଙ୍କ ଠାରୁ ଜିଜିଆ କର ଆଦାୟ କରୁଛନ୍ତି ସରକାର

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଥିଲେ ଯେ ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ ରାଜ୍ୟର ସମସ୍ତ ଆରଟିଓ ମାନଙ୍କ ପାଇଁ ଏକ ନିର୍ଦ୍ଦେନାମା ଜାରି କରି ଅର୍ଥ ଆଦାୟ ପାଇଁ ଟାର୍ଗେଟ ଦେଇଛନ୍ତି। ସେଥିପାଇଁ ଲୋକଙ୍କଠାରୁ ମୋଟା ଅଙ୍କର ଫାଇନ ବିଭିନ୍ନ ଆଳ ଦେଖାଇ ଆଦାୟ କରାଯାଉଛି। ଟ୍ରାଫିକ ବ୍ୟବସ୍ଥା ରାଜ୍ୟରେ ଠିକ୍ ଭାବେ ଚାଲୁଛି କି ନ ଚାଲୁଛୁ ତାକୁ ଅନୁଧ୍ୟାନ ନ କରି କେମିତି ସାଧାରଣ ଜନତାଙ୍କ ଠାରୁ ମୋଟା ଅଙ୍କର ଫାଇନ ଆଦାୟ ହେବ ସେଥିପାଇଁ ପରିବହନ କମିଶନର ଖସଡ଼ା ପ୍ରସ୍ତୁତ କରିଛନ୍ତି। ଦୁଃଖ ଓ ପରିତାପର ବିଷୟ ରାଜ୍ୟରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅକାଳରେ ନିରୀହ ଜୀବନ ଚାଲିଯାଉଛି। ସରକାରଙ୍କ ଏଥିପ୍ରତି ଟିକେ ହେଲେ ନିଘା ନାହିଁ। ରାତି ୧୦ଟା ପରେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରିବାର ନିୟମ ଥିବାବେଳେ ସନ୍ଧ୍ୟା ହେଲେ ପୁଲିସକୁ ହାତଗୁଞ୍ଜା ଦିଆଯାଇ ବେଧଡ଼କ ଭାବେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରୁଛି । କିଛି ଦିନ ତଳେ ଏକ ହାଇୱା ସହର ମଧ୍ୟରେ ୩ ଜଣ ନିରୀହ ପିଲାଙ୍କ ଉପରେ ଚଢ଼ାଇ ମାରିଦେଲା । ପରିବହନ କମିଶନର, ପୁଲିସ କମିଶନର ଓ ସହରରେ ପ୍ରତି ଛକରେ ଲାଗିଥିବା ଏଆଇ କ୍ୟାମେରା ଏପର୍ଯ୍ୟନ୍ତ ସେ ଗାଡ଼ିଟିକୁ ଧରିବାକୁ ସକ୍ଷମ ହେଲେ ନାହିଁ। ଛୋଟ ଛୋଟ ଭୁଲ୍ ପାଇଁ ଗାଡ଼ି ଚାଳକମାନେ ଲୋକ ଅଦାଲତରେ ଦୋଷ ସ୍ୱୀକାର କରି ଦେଉଥିବା ଫାଇନକୁ ଆଇନ ମନ୍ତ୍ରୀ କନଭିକ୍ସନ୍ ରେଟ୍ ବଢ଼ିଥିବା ନେଇ ଗଣମାଧ୍ୟମରେ ସୂଚନା ଦେବା ନିନ୍ଦନୀୟ। ଫାଇନ ଆଦାୟ ନାଁରେ ସରକାର ସାଧାରଣ ଜନତାଙ୍କ ଠାରୁ ଜିଜିଆ କର ଆଦାୟ କରିବା ବନ୍ଦ କରନ୍ତୁ। ନଚେତ୍ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀରେ କହିଛନ୍ତି।

## ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'



ଭୁବନେଶ୍ୱର, ୧୧।୫(ସମିସ):ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଯୋଗ ଦେଇଥିଲେ। ଏହି ଅବସରରେ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଅନ୍ୟ ଅତିଥିଙ୍କ ମଧ୍ୟରେ ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

## 'ମନ୍ତ୍ରମୁଗ୍ଧ' ୧୦ ଦିନରେ କଲା ୨ କୋଟି ବ୍ୟବସାୟ



ଭୁବନେଶ୍ୱର, ୧୧।୫(ସମିସ): ପାରମ୍ପରିକ ଧାରାକୁ ଭାଙ୍ଗି ଏକ ନୂଆ ଇତିହାସ ରଚିଛି ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'। କୌଣସି ବଡ଼ ଷ୍ଟାର କିମ୍ବା ଉତ୍ସବର ମାହୋଲ ନଥାଇ ମଧ୍ୟ ଏହି ଚଳଚ୍ଚିତ୍ରଟି ମାତ୍ର ୧୦ ଦିନ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଛି। 'ପ୍ରତୀକ୍ଷା' ପରି ଜାତୀୟ ପୁରସ୍କାର ପ୍ରାପ୍ତ ସିନେମା ପରେ ଏବେ 'ମନ୍ତ୍ରମୁଗ୍ଧ' ଜାତୀୟ ସ୍ତରର ମନୋରଞ୍ଜନ ପ୍ରଦାନ କରିବାରେ ସଫଳ ହୋଇଛି। ଏଥିରେ ଅଭିନୟ କରିଥିବା ପ୍ରତ୍ୟେକ ନବାଗତ କଳାକାର ନିଜର ଶ୍ରେଷ୍ଠ ଅଭିନୟ ଜରିଆରେ ନିଜକୁ ଜଣେ ଜଣେ ସୁପରଷ୍ଟାର ଭାବେ ପ୍ରମାଣିତ କରିଛନ୍ତି। ସିନେ ସମୀକ୍ଷକଙ୍କ ମତରେ, ଓଡ଼ିଆ ସିନେମାରେ ଏବେ 'କାହାଣୀ ହିଁ ପ୍ରକୃତ ହିରୋ'। ବିଗତ ଦିନର ସମସ୍ତ ବ୍ୟବସାୟିକ ରେକର୍ଡକୁ ଭାଙ୍ଗି 'ମନ୍ତ୍ରମୁଗ୍ଧ' ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି।

## ୧୨ ଜଣଙ୍କୁ ମିଳିଲା ପରିଚୟ ମାତୃଶକ୍ତି ସମ୍ମାନ

ଭୁବନେଶ୍ୱର, ୧୧।୫ (ସମିସ): ମାତୃ ଦିବସ ଅବସରରେ 'ପ୍ରୟାସ' ଓ 'ବ୍ରାଇଟ ଓଡ଼ିଶା ଫାଉଣ୍ଡେସନ'ର ମିଳିତ ଆୟୋଜନ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ର ସହଯୋଗରେ "ପରିଚୟ ମାତୃଶକ୍ତି ସମ୍ମାନ–୨୦୨୬" କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଶକ୍ତିର ଗୌରବ ଏବଂ ସମାଜ ଗଠନରେ ମାଆଙ୍କ ଅପରିସୀମ ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ସାହିତ୍ୟିକ, ପ୍ରାବନ୍ଧିକ ଓ ବକ୍ତା ପ୍ରଫେସର ଦାଶ ବେନହୁର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆନ୍ତର୍ଜାତୀୟ ସିପୋର୍ଟ ଡ୍ରେଜିଂ ପ୍ରାଇଭେଟ୍ ଲିମିଟେଡ୍ (ଆଇଏସଡିପିଏଲ୍), ଜର୍ମାନୀର ପରିଚାଳନା ନିର୍ଦ୍ଦେଶକ ବ୍ରାମ ଭାଣ୍ଡେପିଟେ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଡ଼ଃ ଭାଗ୍ୟଲିପି ମଲ୍ଲ, "ପରିଚୟ ମାତୃଶକ୍ତି ସମ୍ମାନ"ର ଆବାହକ ତଥା ପ୍ରୟାସ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରିୟଦର୍ଶୀ ମିଶ୍ର, 'ପରିଚୟ'ପ୍ରତିଷ୍ଠାନର ପ୍ରତିଷ୍ଠାତା ସଭାନେତ୍ରୀ ଡ଼ଃ ରୋଜାଲିନ ପଟ୍ଟଶାଣୀ ମିଶ୍ର, 'ବ୍ରାଇଟ ଓଡ଼ିଶା ଫାଉଣ୍ଡେସନ'ର ସଂସ୍ଥାପକ ସଞ୍ଜୟ କୁମାର ମହାକୁଡ଼ଙ୍କ ସହ ବହୁ ବିଶିଷ୍ଟ ଅତିଥି, କଳାକାର ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

ସମାଜର ବିଭିନ୍ନ କ୍ଷେତ୍ରରେ ନିଜ କୃତୀତ୍ୱ ଓ ସଫଳତା ମାଧ୍ୟମରେ



ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ୧୨ ଜଣ କୃତୀ ମହିଳାଙ୍କୁ "ପରିଚୟ ମାତୃଶକ୍ତି ସମ୍ମାନ–୨୦୨୬"ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଗାୟିକା ଡ଼ଃ ଜୟଶ୍ରୀ ଧଳଙ୍କ ଦ୍ୱାରା ମାତୃଶକ୍ତିକୁ ସମର୍ପିତ ସୁମଧୁର ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା। ଏହି ଗୀତର ଗୀତିକାର ଡ଼ଃ ଭାଗ୍ୟଲିପି ମଲ୍ଲ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶାଶ୍ୱତ ତ୍ରିପାଠୀ।

## କିମ୍‌ସକୁ ଶରୀର ଦାନ କଲେ ଶିକ୍ଷାବିତ୍ ଡ. ରାମକୃଷ୍ଣ ପଣ୍ଡା



ଭୁବନେଶ୍ୱର, ୧୧।୫(ସମିସ):ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଡ. ରାମକୃଷ୍ଣ ପଣ୍ଡା ଭୁବନେଶ୍ୱରର କିମ୍‌ସର ଶରୀର ବିଜ୍ଞାନ ବିଭାଗକୁ ତାଙ୍କ ଶରୀର ଦାନ କରିଛନ୍ତି। ୨୮ ତାରିଖରେ ଡ. ପଣ୍ଡାଙ୍କ ଦେହାନ୍ତ ପରେ ସମାଜରେ ଅବଦାନ ରଖିବାର ତାଙ୍କର ଇଚ୍ଛା ଅନୁଯାୟୀ ପରିବାର ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ କିମସକୁ ହସ୍ତାନ୍ତର କରାଯାଇଥିଲା। ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ବିଦ୍ୱାନ ଓ ଜଣେ ଦରଦୀ ମଣିଷ ଭାବରେ ଜଣାଶୁଣା ଡ. ପଣ୍ଡାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ମଧ୍ୟ ସମାଜର ସେବା ଜାରି ରଖିବା ଓ ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କୁ ତାଙ୍କ ମହାନ ଅବଦାନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା। ୧୯୪୬ ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିବା ଡ. ପଣ୍ଡା ୧୯୬୬ରେ ଶିକ୍ଷା ସମାପ୍ତ କରିବା ପରେ ସେ ୧୯୬୭ରେ ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଶିକ୍ଷାଗତ କ୍ୟାରିଅରରେ ସେ ବସ୍ତୁ ବିଜ୍ଞାନରେ ତାଙ୍କର ଅବଦାନ ଏବଂ ଶିକ୍ଷାଦାନ ଓ ଗବେଷଣା ପ୍ରତି ତାଙ୍କର ଉତ୍ସର୍ଗ ପାଇଁ ବହୁ ସମ୍ମାନ ଅର୍ଜନ କରିଥିଲେ। ୨୦୦୬ ଜୁଲାଇ ୩୧ରେ ସେ ପ୍ରଫେସର ଭାବରେ ଅବସର ନେବା ପୂର୍ବରୁ ଆମେରିକାରେ ଉନ୍ନତ ଗବେଷଣା ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ।

## ସୁରତରଙ୍ଗ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୧।୫(ସମିସ):ସୁରତରଙ୍ଗ ମ୍ୟୁଜିକ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପୀୟୁଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପିପିଏଲ କର୍ପୋରେଟ ଅଫେୟାର୍ସ ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ, ଇମ୍ଫାର ଅଶ୍ୱିନୀ ମହାନ୍ତି ଓ ଜିନ୍ଦଲର ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ, ସଙ୍ଗୀତ ଶିକ୍ଷାର କୌଣସି ବୟସ ସୀମା ନଥାଏ ଏବଂ ସଙ୍ଗୀତ ଏକ ମାଧ୍ୟମ ଯାହାକି ମଣିଷର ଶରୀର ଓ ମାନସିକ ସ୍ଥିତିକୁ ସୁସ୍ଥ ରଖିବା ସହିତ ମନରେ ସ୍ଥିରତା ଆଣିଥାଏ। ଏହି ଅବସରରେ ମ୍ୟୁଜିକ ସ୍କୁଲରେ ଶିକ୍ଷାଲାଭ କରୁଥିବା ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୯ ଜଣ କୃତି ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ସମ୍ମାନିତ କରାଯାଇଥିଲା।

**● ୨୫ ଲକ୍ଷ ଲାଞ୍ଚ କାରବାର**

## ଆଇଆର୍‌ଏସ୍ ଦମ୍ପତିଙ୍କ ବିରୋଧରେ ନୂଆ ମାମଲା

ନୂଆଦିଲ୍ଲୀ (ଏଜେନ୍ସି) ପ୍ରାୟ ଏକ ବର୍ଷ ପୂର୍ବେ ଏକ ପିଜା ଫ୍ରାଞ୍ଚାଇଜି ବିବାଦ ମାମଲାରେ ୨୫ ଲକ୍ଷ ଟଙ୍କାର ଲାଞ୍ଚ ନେଇ ଗିରଫ ବରିଷ୍ଠ ଆଇଆର୍‌ଏସ୍‌ଙ୍କ ବିରୋଧରେ ସିବିଆଇ ରୁଜୁ କରିଛି ନୂଆ ମାମଲା। ଆୟ ତୁଳନାରେ ସେ ଯଥେଷ୍ଟ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ସିବିଆଇ ନୂଆ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି।

ସୂଚନା ଅନୁସାରେ କେନ୍ଦ୍ରୀୟ ପରୋକ୍ଷ କର ଓ ଶୁଳ୍କ ବୋର୍ଡ଼ ଅଧୀନସ୍ଥ ଡ଼ାଇରେକ୍ଟରେଟ୍ ଜେନେରାଲ ଅଫ୍ ଟ୍ୟାକ୍ସ ସର୍ଭିସେସ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ୨୦୦୭ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ଅମିତ୍ କୁମାର ସିଂଘଲ ଓ ତାଙ୍କ ପତ୍ନୀ ଅନୁପମା ସିଂଲା ନିଜର ଆୟ ତୁଳନାରେ ଅଧିକ ୪.୫୭ କୋଟି ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଅଭିଯୋଗ ହୋଇଛି। ଏହି ସମ୍ପତ୍ତି ତାଙ୍କ ବୈଧ ଆୟରୁ ୧୩୯.୧୫ ପ୍ରତିଶତ ଅଧିକ ବୋଲି ସିବିଆଇ ଦାବି କରିଛି। କୌତୂହଳର କଥା ହେଉଛି ଅମିତ୍ କୁମାର ସିଂଘଲଙ୍କ ପତ୍ନୀ ଅନୁପମା ସିଂଲା ମଧ୍ୟ ଜଣେ ଆଇଆର୍‌ଏସ୍ ଅଧିକାରୀ ଓ ସେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ଼ ଅଧୀନରେ ଆୟକର କମିଶନର ରୂପେ କାର୍ଯ୍ୟ କରୁଥିଲେ। ଏହି ମାମଲାରେ ସିବିଆଇ ଚଣ୍ଡୀଗଡ଼ସ୍ଥିତ

**ଆୟ ତୁଳନାରେ ୪.୫୭ କୋଟି ଅଧିକ ସମ୍ପତ୍ତି**

ଆଣ୍ଟି କରପ୍ସନ ବ୍ୟୁରୋ ଅଧିକାରୀ ମନେଶ କୁମାରଙ୍କ ଅଭିଯୋଗ ଆଧାରରେ ମୁମ୍ବାଇରେ ନିୟମିତ ମାମଲା ରୁଜୁ ହୋଇଛି। ମୁମ୍ବାଇ ଏସିବିର ଡିଏସପି ସୁଧୀର ଢାଣ୍ଡା ଏହି ଘଟଣାର ତଦନ୍ତ କରୁଛନ୍ତି। ସିବିଆଇ ଅଭିଯୁକ୍ତ ଆଇଆର୍‌ଏସ୍ ଦମ୍ପତିଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ବ୍ୟାଙ୍କ କାରବାର, ନିବେଶ ଓ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କରେ ତଦନ୍ତ ଚଳାଇଛି।

## 'ନଅ ବାୟା'ର ମହୁରତ

ଭୁବନେଶ୍ୱର, ୧୧।୫ (ସମିସ): ସିଆରପିଏଫ୍ ଛକସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଚଳଚ୍ଚିତ୍ର 'ନଅ ବାୟା'ର ମହୁରତ ଅନୁଷ୍ଠିତ ହେଇଯାଇଛି। ଡିଏମ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଦେବାଶିଷ ମହାନ୍ତିଙ୍କ ପ୍ରଯୋଜିତ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ଏଥିରେ ଅମନ୍ ଓ ମନିଷା, ଦେବସ୍ମିତା, ଚୌଧୁରୀ ଜୟପ୍ରକାଶ ଦାସ, ଦେବୁ ବ୍ରହ୍ମା, କୁନାଲ, ସୁମନ, ପ୍ରଶାନ୍ତ, ସୋମୁ, ଭକ୍ତି, ଗୋପାଳ, ମିଟୁ, ପ୍ରୀତିରଞ୍ଜନ, ସ୍ମୃତି, ଦେବବ୍ରତ, ଡାଙ୍ଗ, ଲିପ୍ସା, ବିଭୁ, ଶଙ୍କର ଅଭିନୟ କରୁଛନ୍ତି। ଏହାର ଟାଇଟଲ୍ ଗୀତକୁ ବିଷ୍ଣୁ, ସତ୍ୟଜିତ୍, ତାରିକ୍, ସଂଗ୍ରାମ, ବୈଭବ, ଚିରାଗ, ଏସ୍. ଜିତୁ, ଜେମ୍ସ ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ୯ ଜଣ କଣ୍ଠଶିଳ୍ପୀ ଗାଇଥିବା ବେଳେ 'ନଅ ବାୟା'କୁ ସଙ୍ଗୀତରେ ସଜେଇଛନ୍ତି ବିଷ୍ଣୁ ମୋହନ କବି।

## ୧୨ ମହିଳାଙ୍କୁ ଶାନ୍ତିସ୍ତୂପ ସମ୍ମାନ

ଭୁବନେଶ୍ୱର, ୧୧।୫(ସମିସ)

ମାସିକ ଓଡ଼ିଆ ଖବରକାଗଜ ଶାନ୍ତିସ୍ତୂପର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରାଜ୍ୟବାସୀଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ଶାନ୍ତିସ୍ତୂପ ତାର ପ୍ରଭାବ ବିସ୍ତାର କରିଚାଲିଛି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ. ଅରବିନ୍ଦ ଢାଲୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତିଭୂଷଣ କର, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରକାଶକ ତଥା ଉଦ୍ୟୋଗପତି ଅମିତ ମଲ୍ଲିକ, ସଂସ୍କୃତି ଗବେଷକ ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସଂଳାପକାର ତଥା



ଶିକ୍ଷାବିତ୍ ଡଃ ରଜନୀ ରଞ୍ଜନ ଦାଶ, ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ଜଣ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୂପ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ 'ଚଉଷଠି ଯୋଗିନୀ : ପ୍ରାଚୀନ ଓଡ଼ିଶାରେ ନାରୀ ଶକ୍ତିର ଆରାଧନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀ, ଓଡ଼ଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ମାର୍କଫେଡ଼ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ବରିଷ୍ଠ ସାମ୍ବାଦିକ ଅରୁନ୍ଧତୀ ମଲ୍ଲିକ, ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ପ୍ରମୁଖ ଯୋଗଦେଇ ନାରୀଶକ୍ତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶାନ୍ତିସ୍ତୂପର ସହ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଉପସ୍ଥାପନା କରିଥିଲେ ଶୁଭୋଜିତ ପଣ୍ଡା। ଗୋପାଳ ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ତପନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗଁଦିଆକୁ ଉପଖଣ୍ଡ ମାନ୍ୟତା ଦାବି

**ଗଁଦିଆ,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଅଞ୍ଚଳକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବି କରିଛନ୍ତି। ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଇ-ମେଲ ଜରିଆରେ ପ୍ରେରଣ କରି ନନ୍ଦ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୋଳ ବ୍ଲକ ଚାରି ଦଶନ୍ଧି ପୂର୍ବରୁ ଉପଖଣ୍ଡ ମାନ୍ୟତା ପାଇଥିବାବେଳେ ଗନ୍ଦିଆ ବ୍ଲକ ବର୍ତ୍ତମାନ ସମସ୍ତ ପ୍ରଶାସନିକ ମାନଦଣ୍ଡ ପୂରଣ କରୁଛି। ଏହାକୁ ଉପଖଣ୍ଡ ମାନ୍ୟତା ଦିଆଯିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୃଢ଼ ଦାବି ଜଣାଉଛି। ଗନ୍ଦିଆ ଅଞ୍ଚଳ ଐତିହ୍ୟ, ଧାର୍ମିକ ଓ ପ୍ରଶାସନିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ଏଠାରେ ରାଜ୍ୟର ପ୍ରସିଦ୍ଧ କପିଳାସ ଶୈବପୀଠ ଓ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ପୀଠ ଅବସ୍ଥିତ ଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସମ୍ପ୍ରତି ରାଜ୍ୟ ସରକାର ଗନ୍ଦିଆ ଅଞ୍ଚଳର ଦୁଇଟି ଗ୍ରାମ ପଞ୍ଚାୟତକୁ ଏନ୍ଏସି ମର୍ଯ୍ୟାଦା ପ୍ରଦାନ କରିଥିବାରୁ ଏହି ଅଞ୍ଚଳର ଦ୍ରୁତ ସହରୀକରଣ ଓ ପ୍ରଶାସନିକ ଆବଶ୍ୟକତା ସ୍ପଷ୍ଟ ହେଉଛି। ତୁଳନାତ୍ମକ ଭାବେ ହିନ୍ଦୋଳ ଉପଖଣ୍ଡରେ କେବଳ ଗୋଟିଏ ବ୍ଲକ ଓ ଗୋଟିଏ ଏନ୍ଏସି ରହିଛି। ଗନ୍ଦିଆ ବ୍ଲକରେ ବର୍ତ୍ତମାନ ଦୁଇଟି ଥାନା କାର୍ଯ୍ୟରତ ଥିବା ସହ ଯୋରନ୍ଦା ଫାଣ୍ଡିକୁ ଶୀଘ୍ର ଥାନାରେ ଉନ୍ନୀତ କରାଯିବାକୁ ଯାଉଛି। ଆବଶ୍ୟକ ସଂଖ୍ୟକ ରାଜସ୍ୱ ସର୍କଲ ମଧ୍ୟ ଏଠାରେ କାର୍ଯ୍ୟରତ ଅଛି। ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ଢେଙ୍କାନାଳ ସଦର ବ୍ଲକର ପ୍ରାୟ ୯ ଟି ପଞ୍ଚାୟତ କାମାକ୍ଷାନଗର ବିଧାନସଭା କ୍ଷେତ୍ରରେ ମିଶିଥିଲା ଯେଉଁମାନେ ଭୌଗୋଳିକ ଓ ସାମାଜିକ ଭାବେ ଗନ୍ଦିଆ ଅଞ୍ଚଳ ସହ ସମ୍ପୃକ୍ତ ଅଟେ। ତେଣୁ ଗନ୍ଦିଆକୁ ଉପଖଣ୍ଡ ମର୍ଯ୍ୟାଦା ଦିଆଯାଇ ପାରିଲେ ସାଧାରଣ ଲୋକେ ଉତ୍ତମ ପ୍ରଶାସନିକ ସେବା ପାଇପାରିବେ। ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗନ୍ଦିଆକୁ ଉପଖଣ୍ଡ ଘୋଷଣା କରିବା ଦିଗରେ ସକାରାତ୍ମକ ପଦକ୍ଷେପ ନେବେ ବୋଲି ପୂର୍ବତନ ବିଧାୟକ ଆଶାପୋଷଣ କରିଛନ୍ତି।

## ସୁରପ୍ରତାପପୁରରେ ଜନଆକ୍ରୋସ ଶୋଭାଯାତ୍ରା




**ଭୁବନ,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଆଁ (ଖ) ମଣ୍ଡଳ ପକ୍ଷରୁ ସୁରପ୍ରତାପପୁରରେ ମହିଳା ଜନଆକ୍ରୋସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ସମ୍ବୋଧିତ କରିଥିଲେ। ମହିଳା ସଶକ୍ତୀକରଣ ଓ ସେମାନଙ୍କ ଅଧିକାର ପାଇଁ କେନ୍ଦ୍ର ସରକାର ସର୍ବଦା ପ୍ରତିବଦ୍ଧ। ସରକାର ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବିଲ୍ ଆଣି ଦେଶର ମହିଳାମାନଙ୍କୁ ନୂତନ ଶକ୍ତି ଦେବାର କାମ କରିଥିଲା। କିନ୍ତୁ ବିରୋଧୀମାନେ ଏହାକୁ ପାର୍ଲାମେଣ୍ଟରେ ବିରୋଧ କରିବାରୁ ବିଲ୍ ଖାଇଲା ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁରପ୍ରତାପପୁର ସରପଞ୍ଚ ସୋନି ସାମଲ, ଜିଲ୍ଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ପ୍ରଭାରୀ ଜଗବନ୍ଧୁ ପୃଷ୍ଟି, ସଞ୍ଜୟ ଦାସ, ବୀରେନ୍ଦ୍ର ପ୍ରତାପ ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲେଟ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ପରଜଙ୍ଗ,୧୧।୫(ସମିସ):** ପରଜଙ୍ଗ ଥାନା କଲଦା ପଞ୍ଚାୟତ ଓ ସିଙ୍ଗଡ଼ା ନୂଆସାହି ରାସ୍ତାରେ ବୁଲେଟ ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସିଙ୍ଗଡ଼ା ପୁରୁଣା ଗାଁର ପ୍ରମୋଦ ନାଏକ (୫୫)। ସୋମବାର ସନ୍ଧ୍ୟାରେ ପ୍ରମୋଦ କୌଣସି କାମରେ ଛକକୁ ଆସି ଘରକୁ ଫେରୁଥିବା ବାଟରେ ଏକ ବୁଲେଟ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

■ ମାଟି ଚୋରା ଚାଲାଣର ହବ୍ ପାଲଟିଛି ପରମହଂସପୁର

## ଅନୁମତିଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍

**ପରଜଙ୍ଗ,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଲୋ ମୌଜା ପରମହଂସପୁର ଅଞ୍ଚଳ ଚୋରା ମାଟି ଚାଲାଣର ହବ୍ ପାଲଟିଛି। ତେବେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ସରକାରର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି।



ତାଳଚେର ଅଞ୍ଚଳରେ ଏକ କାରଖାନା ନିର୍ମାଣ ପାଇଁ ଲକ୍ଷାଧିକ ଘନଫୁଟ ମାଟି ଆବଶ୍ୟକ ଥିବା ବେଳେ କିଛି ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଧରି କିଛିଠିକା ସଂସ୍ଥା ପରମହଂସପୁର ଗ୍ରାମର ସରକାରୀ ଜମି ଓ ଗ୍ରାମ ପୋଖରୀଗୁଡ଼ିକରୁ ମାଟି ଉତ୍ତୋଳନ ନିମନ୍ତେ ଖଣି ବିଭାଗ ପାଖରେ ଆବେଦନ କରିଥିଲା। ବିଭାଗ ପକ୍ଷରୁ ୩-୪ ହଜାର ଘନଫୁଟ ଖନନ ପାଇଁ ଅସ୍ଥାୟୀ ଅନୁମତି ଆଣି ବହୁଳ ପରିମାଣରେ ମାଟି ସାଙ୍ଗକୁ ମୋରମ ଚାଲାଣ କରାଯାଇଛି। ଏଥିପ୍ରତି ଜିଲ୍ଲା ଖଣି ବିଭାଗ, ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ହିନ୍ଦୋଳ ବ୍ଲକ ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା

# ଦୁଇ ଗୋଷ୍ଠୀକୁ ୧୫ ବର୍ଷଧରି ଛତୁଆ ବଣ୍ଟନ ଦାୟିତ୍ୱ

**ହିନ୍ଦୋଳ,୧୧।୫(ସମିସ):**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଙ୍ଗନବାଡ଼ି କେନ୍ଦ୍ରରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି। କୋମଳମତି ଶିଶୁଙ୍କ ପାଇଁ ମୌଳିକ ସୁବିଧା ନ ଥିବା ବେଳେ ଗୁଣାତ୍ମକ ଶିକ୍ଷା ତ ଦୂର କଥା କେନ୍ଦ୍ରରେ ୫ ଜଣ ପିଲା ଉପସ୍ଥିତ ଥିଲେ ଅଧିକ ଉପସ୍ଥାନ ଦର୍ଶାଇ ଖାଦ୍ୟ ହରିଲୁଟ ହେଉଛି। ଦୀର୍ଘ ୧୫ ବର୍ଷ ହେବ ନିର୍ଦ୍ଦିଷ୍ଟ ୨ ଗୋଷ୍ଠୀକୁ ଛତୁଆ ବଣ୍ଟନ ଦାୟିତ ପ୍ରଦାନ କରାଯାଇଥିବାରୁ ସେମାନେ ମନମାନି କରୁଛନ୍ତି। ପିଲାଙ୍କ ପାଇଁ ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଛନ୍ତି। ହିତାଧିକାରୀ ଏହି ଛତୁଆ ନେଇ ଗୋରୁଙ୍କୁ ପ୍ରଦାନ କରୁଥିବା ଅଭିଯୋଗ ହେଉଛି।

ହିନ୍ଦୋଳ ଉପଖଣ୍ଡ ସମନ୍ୱିତ ଶିଶୁବିକାଶ ବିଭାଗ ଅଧୀନରେ ୪୧୭ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତେବେ ୧୫ ବର୍ଷ ଧରି ୨ଟି ଗୋଷ୍ଠୀ ଦ୍ୱାରା ଛତୁଆ ବଣ୍ଟନ କରାଯାଉଛି। ଏହି ଛତୁଆ ଅତ୍ୟନ୍ତ ନିମ୍ନମାନର ହୋଇଥିବା ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ବୈଠକରେ ଜନପ୍ରତିନିଧି ଅଭିଯୋଗ କରିଥିଲେ। ଅଭିଯୋଗ




ଆଧାରରେ ଚଳିତ ବର୍ଷ ମାର୍ଚ୍ଚରେ ରିନ୍ୟୁଆଲ ବେଳେ ନୂତନ ଗୋଷ୍ଠୀଙ୍କ ଦ୍ୱାରା ଛତୁଆ ବଣ୍ଟନ କରାଯିବ ବୋଲି ଉଭୟ ବୈଠକରେ ରିଜୋଲ୍ୟୁସନ ମଧ୍ୟ ହୋଇଥିଲା। କିନ୍ତୁ ଏବେ ବି ସମ୍ପୃକ୍ତ ଦୁଇ ଗୋଷ୍ଠୀ ଦ୍ୱାରା ଛତୁଆ ବଣ୍ଟନ କରାଯାଉଛି। ଛତୁଆ ଏତେ ନିମ୍ନମାନର ଯେ ଲୋକେ ତାହାକୁ ଗୋରୁ କୁଣ୍ଡରେ ପକାଇଛନ୍ତି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ। ଗୁଣାତ୍ମକ ଶିକ୍ଷା ମଧ୍ୟ ମିଳୁନାହିଁ। ଏଥିପାଇଁ ଅନେକ କେନ୍ଦ୍ରକୁ ପିଲାମାନେ ନିୟମିତ ଆସୁନାହାନ୍ତି। ଅନ୍ୟପଟେ କେନ୍ଦ୍ରକୁ ୫ ଜଣ ପିଲା ଆସିଲେ ତାହାକୁ କାଗଜକଲମରେ ୧୫ ଦର୍ଶାଯାଉଛି। ନିୟମିତ ଶିଶୁମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଖାଦ୍ୟର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର ରହୁଥିବା ବେଳେ ଶିକ୍ଷା କାର୍ଯ୍ୟକ୍ରମ ପ୍ରାୟ ଅଚଳ ହୋଇପଡ଼ିଛି। ଏହାକୁ ନେଇ ଜିଲ୍ଲା ଓ ବ୍ଲକ ପ୍ରଶାସନର ଉଦାସୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେନ୍ଦ୍ରଗୁଡ଼ିକରେ ଗରିବ ଓ ଅବହେଳିତ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ସହ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କର ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ହିନ୍ଦୋଳ ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିୟମିତ ତଦାରଖ ଅଭାବ ତଥା ଆବଶ୍ୟକ ଭିତ୍ତିଭୂମି

**ନିମ୍ନମାନର ଛତୁଆ ଗୋଖାଦ୍ୟ ପାଲଟିଛି**

ନ ଥିବାରୁ ସରକାରଙ୍କ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଅନେକ ସ୍ଥାନରେ ଅଙ୍ଗନବାଡ଼ି କର୍ମୀମାନେ କେନ୍ଦ୍ରକୁ ଆସୁ ନ ଥିବା ବେଳେ କେବଳ ହେଲପର କେନ୍ଦ୍ରଗୁଡ଼ିକ ଚଳାଉଛନ୍ତି। ବିଭିନ୍ନ ଗ୍ରାମର ୧୧ ବର୍ଷରୁ ୧୮ ବର୍ଷୀୟ କିଶୋରୀ ବାଳିକାମାନଙ୍କୁ ମାସିକ ୧୬ଟି ଅଣ୍ଡା ଓ ଛତୁଆ ଯୋଗାଇଦେବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଅଧିକାଂଶ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ଅଣ୍ଡା, ଛତୁଆ ଦିଆଯାଉ ନ ଥିବା ବେଳେ କିଛି କେନ୍ଦ୍ରରେ ମାସିକ ୧୦ଟି ଅଣ୍ଡା ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଗତ ସମିତି ବୈଠକରେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟମାନେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ତ ଦୂର କଥା ଅଭିଯୋଗର ତଦନ୍ତ ମଧ୍ୟ ହୋଇପାରିଲା ନାହିଁ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଇ ଶୀଘ୍ର ସମାଧାନ କରିବା ସହିତ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସିଡିପିଓ ବିଦ୍ୟୁତପ୍ରଭା ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।

ବିଦ୍ୟୁତ ତାର ଚୋରି

## ୫ ଉଠା ଜଳସେଚନ ପଏଣ୍ଟ ଅକାମି

**ଭୁବନ,୧୧।୫(ସମିସ):** ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ୫ ବର୍ଷ ପୂର୍ବେ ଉଠାଜଳସେଚନ ବିଭାଗ ପକ୍ଷରୁ ଅଞ୍ଚଳର ସମସ୍ତ ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ପୁନରୁଦ୍ଧାର କରାଯାଇଥିଲା। ଘରୋଇ ବିଦ୍ୟୁତ ସଂଯୋଗରୁ ଅଲଗା କରାଯାଇ ସ୍ୱତନ୍ତ୍ର ବିଦ୍ୟୁତ ସଂଯୋଗ ମଧ୍ୟ ଦିଆଯାଇଥିଲା। ହେଲେ ଏହି ସୁବିଧା ଚାଷୀମାନଙ୍କୁ ଅଧିକ ଦିନ ସେବା ଦେଇପାରିଲା ନାହିଁ। ଜାତୀୟ ରାଜପଥ ୫୩ର ଦୟଣାବିଲ ଛକରୁ ନାଳକୂଳକୁ ଯାଇଥିବା ସ୍ୱତନ୍ତ୍ର ବିଦ୍ୟୁତ ଖୁଣ୍ଟରୁ ତାର ଚୋରି ହୋଇଯାଇଥିଲା। ଫଳରେ ସେବେଠାରୁ ପ୍ରାୟ ୪ ବର୍ଷ ହେଲାଣି ୫ଟି ଉଠାଜଳସେଚନ ପଏଣ୍ଟ ଅକାମି ହୋଇପଡ଼ିଛି।

ରାଇବୋଲ ଓ ଦୟଣାବିଲ ପଞ୍ଚାୟତ ଦେଇ ପ୍ରବାହିତ କୋରେଇଜୋର ନାଳ ଏହି ଅଞ୍ଚଳର ଚାଷୀଙ୍କ ପାଇଁ ମୁଖ୍ୟ ଜଳ ଉତ୍ସ। ମଠନୂଆଗାଁ ଓ ବମୁଆଁ ଅଞ୍ଚଳର ପ୍ରାୟ ୨୪୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ୫ଟି ଉଠାଜଳସେଚନ ପଏଣ୍ଟ ସ୍ଥାପନ କରାଯାଇଥିଲା। ବମୁଆଁରେ ଭାଗ୍ୟଧର ରାଉତଙ୍କ ନେତୃତ୍ୱରେ ଗୋଟିଏ ପଏଣ୍ଟ ଥିବାବେଳେ, ମଠନୂଆଗାଁରେ ଆର୍ତ୍ତବନ୍ଧୁ ସାମଲ ଓ ଅଁଳା ମୌଜାରେ ୧ ନମ୍ବର ଗଙ୍ଗାଧର ସାମଲ, ୨ ନମ୍ବର ଗୁଣ୍ଡୁରୀ ପାତ୍ର ଏବଂ ୩ ନମ୍ବର ଅନ୍ତର୍ଯ୍ୟାମୀ ସାମଲଙ୍କ ନେତୃତ୍ୱରେ ପଏଣ୍ଟ ସ୍ଥାପିତ ହୋଇଥିଲା। ନାଳର ପଶ୍ଚିମ ଭାଗରେ ୩ଟି ଓ ପୂର୍ବ ଭାଗରେ ୨ଟି ପଏଣ୍ଟ ରହିଛି। ତାର ଚୋରି ପରେ ଘରୋଇ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ନେଇ ମଠନୂଆଗାଁରେ ଆର୍ତ୍ତବନ୍ଧୁ ସାମଲଙ୍କ ପଏଣ୍ଟ କଷ୍ଟେମଷ୍ଟେ ଚାଲୁ ରହିଛି। ଅଁଳା ମୌଜାରେ ଗଙ୍ଗାଧର ସାମଲଙ୍କ ନେତୃତ୍ୱାଧୀନ ପଏଣ୍ଟ ମଧ୍ୟ କିଛିଦିନ ଚାଲୁଥିଲା। କିନ୍ତୁ ଗତ ମାସରେ ଅଁଳା ପଏଣ୍ଟର ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ତାହା ମଧ୍ୟ ଅଚଳ ହୋଇପଡ଼ିଛି। ଚାଷୀମାନେ ୨୦୦୮ରୁ ଏଠାରେ ଉନ୍ନତ ପଦ୍ଧତିରେ ଦୁଇ ଫସଲି ଚାଷ କରୁଛନ୍ତି। ଖରିଫ ଋତୁରେ ଧାନ ଓ ରବି ଋତୁରେ ମୁଗ, ବିରି ସହ ପନିପରିବା ଚାଷ କରାଯାଉଛି। ପଏଣ୍ଟ ଅଚଳ ହୋଇଯାଇଥିବାରୁ ଅଞ୍ଚଳର ଚାଷୀମାନେ ଅଧିକ ଟଙ୍କା ଖର୍ଚ୍ଚ କରି ଚାଷକାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସରକାର ଯଦି ଏହି ପଏଣ୍ଟଗୁଡ଼ିକରେ ପୁନଃ ବିଦ୍ୟୁତ ସଂଯୋଗ କରାଇ ସଚଳ କରନ୍ତି, ତେବେ ଚାଷୀମାନଙ୍କ ମୁହଁରେ ହସ ଫୁଟିବ ବୋଲି ଚାଷୀ ନେତା ଯାଜ୍ଞସେନ ଖିଲାର ପ୍ରକାଶ କରିଛନ୍ତି।

## ହିନ୍ଦୋଳରେ ଶିକ୍ଷା କ୍ଷେତ୍ରରେ ଚରମ ଅବହେଳା

**ଖଜୁରିଆକଟା,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଶିକ୍ଷା କ୍ଷେତ୍ରରେ ଚରମ ଅବହେଳାରୁ ସାମ୍ନାକୁ ଆସିଛି। ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ ଉଚ୍ଚବିଦ୍ୟାଳୟଗୁଡ଼ିକୁ ୫-ଟିରେ ରୂପାନ୍ତରିତ କରାଯାଇ ଚକାଚକ୍ କରାଯାଇଛି। କିନ୍ତୁ ପ୍ରକୃତରେ ସେହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ କାରଣରୁ ପାଠପଢ଼ାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ହାଇସ୍କୁଲ ଏବଂ ଗଣ୍ଡାନାଳୀ ପଞ୍ଚାୟତ ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ହିନ୍ଦୋଳ ହାଇସ୍କୁଲରେ ପ୍ରଧାନଶିକ୍ଷକ ନ ଥିବା ବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ଶ୍ରୀଜଗନ୍ନାଥ ବିଦ୍ୟାପୀଠରେ ଇତିମଧ୍ୟରେ ୬ ଶିକ୍ଷକ ଅବସର ନେଇସାରିଥିବା ବେଳେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଆଉ ବର୍ଷକ ମଧ୍ୟରେ ଅନ୍ୟ ୨ ଶିକ୍ଷକଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହେବାକୁ ଯାଉଛି। ସମସ୍ତ ଶିକ୍ଷକ ଅବସର ନେବାପରେ ୫-ଟିରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ରୂପାନ୍ତର କରାଯାଇଥିବା ଏହି ବିଦ୍ୟାଳୟ ଭୂତକୋଠିରେ ପରିଣତ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଯୋଗ୍ୟ ଯେ ଏହି ଉଚ୍ଚବିଦ୍ୟାଳୟ ସରକାରଙ୍କ ବ୍ଲକ୍ ଗ୍ରାଣ୍ଟରେ ଯାଉଛି। ସରକାର ଏହାକୁ ଗୁରୁତ୍ୱ ଦେଇ ଶିକ୍ଷକ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

■ ଆକ୍ସନ ମୁଡ୍‌ରେ ପରଜଙ୍ଗ ପୁଲିସ

## ବିଭିନ୍ନ ସ୍ଥାନରେ ଚଢ଼ଉ, ଜରିମାନା ଆଦାୟ

**ପରଜଙ୍ଗ,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନାଧିକାରୀ ସୁବ୍ରତ କୁମାର ସାହୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ଦଳ ଗଠନ କରି ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ କାର୍ଯ୍ୟସ୍ଥଳୀରେ ଅଚାନକ ଚଢ଼ଉ ଆରମ୍ଭ କରିଛନ୍ତି। ମଦ୍ୟପଙ୍କ ଆଡ୍ଡାସ୍ଥଳ, ରାସ୍ତା ଉପରେ ବେଆଇନ ପାର୍କିଂ, ମଦ୍ୟପ ଗାଡ଼ି ଚାଳକ, ବିନା କାଗଜପତ୍ର ଗାଡ଼ି, ହେଲେମେଟ ଆଦି ଧରପଗଡ଼ ଆରମ୍ଭ କରିଛନ୍ତି।

ପରଜଙ୍ଗ ଥାନାଠାରୁ ଅଳ୍ପ ଦୂର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଖଣ୍ଡିଆବନ୍ଧ ପୋଖରୀ ହୁଡ଼ାରେ ନିର୍ମାଣ ହୋଇଥିବା ଶୁଦ୍ଧିକ୍ରିୟା ଆଶ୍ରୟ ସ୍ଥଳ ଗୃହ ଓ ନିକଟରେ ଥିବା ପରଜଙ୍ଗ ଗ୍ରାମର ପୁରୁଣା ଗୋରୁହାଟ ପଡ଼ିଆରେ ଦୀର୍ଘଦିନରୁ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡ୍ଡା ଜମି ଆସୁଥିଲା। ଏମିତିକି ମଦ୍ୟପାନ ପରେ ବିଭିନ୍ନ ସମୟରେ ଗଣ୍ଡଗୋଳ, ରାସ୍ତାରେ ଯାଉଥିବା ଲୋକଙ୍କୁ ଦୁର୍ବ୍ୟବହାର, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା, ଚୋରି ରାହାଜାନି ପାଇଁ ସେଠାରେ ବସି ବ୍ଲୁପ୍ରିଣ୍ଟ କରାଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ରବିବାର ରାତିରେ ଥାନାଧିକାରୀଙ୍କ ସମେତ ଦୁଇଟି ଦଳ ସେଠାରେ ଚଢ଼ଉ କରିଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ମଦ୍ୟପମାନେ ଛତ୍ରଭଙ୍ଗ ଦେଇଥିଲେ। ପୁଲିସ ସେଠାରୁ ବିଭିନ୍ନ ବ୍ରାଣ୍ଡର ଅଧା ପିଆ ମଦ ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିଲା। ଦୁଇ ମଦ୍ୟପ ଚାଳକଙ୍କୁ ଗିରଫ କରିବା ସହ ଦୁଇଟି ବାଇକ୍ ଜବତ କରାଯାଇଛି। ସେହିପରି ଏକ ବୋଲେରୋ ଗାଡ଼ି ଜବତ କରିବା ସହ ମଦ ପିଇଥିବା ଚାଳକଙ୍କୁ ଗିରଫ ପରେ ଜାମିନରେ ଛଡ଼ାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଗାଡ଼ି କାଗଜପତ୍ର, ହେଲମେଟ ଇତ୍ୟାଦି ଯାଞ୍ଚ କରି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ କରାଯାଇଛି। ଚଢ଼ଉରେ ଥାନାଧିକାରୀ ସୁବ୍ରତ କୁମାର ବେହେରା, ଏଏସଆଇ କଳ୍ପନା ପଟ୍ଟନାୟକ, ଜଳନ୍ଧର ବାରିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଆଗକୁ ଚଢ଼ଉ ସହ ଯାଞ୍ଚ ଜାରି ରହିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।


## ଭୁବନ ଅଞ୍ଚଳରେ ଗୋରୁ ମାଫିଆ ସକ୍ରିୟ

● ଭିଡିଓ ଭାଇରାଲ

**ଭୁବନ,୧୧।୫(ସମିସ):** ଭୁବନ ଅଞ୍ଚଳରେ ଗୋରୁ ମାଫିଆ ସକ୍ରିୟ ଥିବା ଅଭିଯୋଗ ଆସିଛି। ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଗାଡ଼ିରେ ଗାଈକୁ ଉଠାଇ ନେଇଯାଇଥିବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଘଟଣା ଭୁବନ ଷ୍ଟେଟବ୍ୟାଙ୍କ ଶାଖା ସମ୍ମୁଖରେ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଏକ ଧଳା ରଙ୍ଗର ମହିନ୍ଦ୍ରା ସ୍କର୍ପିଓ ଗାଡ଼ିରେ ଆସିଥିବା ଦୁଇ ଦୁର୍ବୃତ୍ତ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଶୋଇଥିବା ଏକ ଗାଈକୁ ଜୋର ଜବରଦସ୍ତ ଗାଡ଼ି ପଛପଟେ ଭର୍ତ୍ତି କରି ସେଠାରୁ ନେଇଯାଇଥିଲେ। ଘଟଣା ସମୟର ଭିଡିଓ କେହିଜଣେ ମୋବାଇଲରେ ରେକର୍ଡ କରିଥିବା ବେଳେ ତାହା ବର୍ତ୍ତମାନ ଭାଇରାଲ ହେଉଛି। ଭୁବନ ଅଞ୍ଚଳରେ ଏପରି ଘଟଣା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସନ୍ତୋଷ ଦେଖାଦେଇଛି। ସେପଟେ ଗୋରୁ ମାଫିଆଙ୍କ ବିରୋଧରେ ପୁଲିସର କୋହଳ ମନୋଭାବକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ପଡ଼ା ଗ୍ରାମରେ ଅଗ୍ନିକାଣ୍ଡ: ୨ ବଖରା ପାଉଁଶ

**ଖଜୁରିଆକଟା,୧୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପଡ଼ା ଗ୍ରାମରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମୀଭୂତ ହୋଇଛି। ଗ୍ରାମର ଗିରୀଶ ନାହାକଙ୍କ ଘରେ କୌଣସି କାରଣରୁ ନିଆ ଲାଗିଥିଲା। ତାଙ୍କର ଦୁଇ ବଖରା ଘର ସହ ସମସ୍ତ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ସବୁକିଛି ପୋଡ଼ିଯାଇଛି। ଖଜୁରିଆକଟା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଫୋନ କରି ବିପନ୍ନ ପରିବାରକୁ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଆଲୋଚନା କରିଥିଲେ। ମଣ୍ଡଳ ସଭାପତି ସୁଜିତ ଜେନା ଓ କିଛି କର୍ମକର୍ତ୍ତା ରାଜସ୍ୱ ନିରୀକ୍ଷକଙ୍କ ସହ କ୍ଷତିଗ୍ରସ୍ତ ପରିବାର ଭେଟିଛନ୍ତି। ସରକାରଙ୍କ ପକ୍ଷରୁ ଏକ ଜରିପାଲ ଯୋଗାଇ ଦିଆଯାଇଛି। ଖୁବଶୀଘ୍ର ଅନ୍ୟ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦୀପାଲା ଉଦଘାଟିତ

**ଗଁଦିଆ,୧୧।୫(ସମିସ):**

ଢେଙ୍କାନାଳ ଜିଲ୍ଲା ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ବାଦପାଲା ମଞ୍ଚର ୩୬ତମ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ମିଶ୍ର ଏହାକୁ ଉଦଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଭାଇ ସତ୍ୟବାନ ପାତ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଶେଷଦେବ ମହାପାତ୍ର, କର୍ତ୍ତା ଶତ୍ରୁଘ୍ନ ମିଶ୍ର, ଅଧ୍ୟାପକ ବିକାଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ



ଯୋଗଦେଇଥିଲେ। ପୋରୁହଖୋଜ ଆଞ୍ଚଳିକ ବାଦ ପାଲା ମଞ୍ଚ ସମ୍ପାଦକ ସୁବ୍ରତ କୁମାର ସାହୁ, ଗଁଦିଆ ସ୍ମୃତି ସଂସଦ ଉପସଭାପତି ଡମ୍ବରୁଧର ସେଠୀ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ବୁଦ୍ଧଦେବ ପ୍ରଧାନ, ଶିକ୍ଷକ ଅଭୟ ଚରଣ ପାଣିଗ୍ରାହୀଙ୍କ ସହ ସମସ୍ତ ଆଞ୍ଚଳିକ ବାଦପାଲା ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଶିକ୍ଷାବିତ୍ ତଥା ପରିବେଶବିତ୍ ପ୍ରକୃତିବନ୍ଧୁ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାକବି କାଳିଦାସଙ୍କ ରଚିତ ରଘୁବଂଶମ କାବ୍ୟକୁ ସୁନାମଧନ୍ୟ ଗାୟକ ବେଦବିଶାରଦ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡା ପରିବେଷଣ କରିଥିଲେ। ଏହି ବାଦପାଲା ଆସନ୍ତା ୧୪ ତାରିଖ ରଜନୀରେ ବଢ଼ିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଉଦଯାପନୀ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଗାୟକଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି କୁହାଯାଇଛି।

## କାମାକ୍ଷାନଗର ବ୍ଲକରେ ଜନଶୁଣାଣି



**କାମାକ୍ଷାନଗର,୧୧।୫(ସମିସ):** କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୧ଟି ଅଭିଯୋଗ ଆସିଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଅଭିଯୋଗ କରିଥିଲେ। ଏସପି ଅଭିନବ ସୋନକର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଇଜିଏଚ୍‌କୁ ସମ୍ମାନଜନକ ଏନ୍‌ଏବିଏଚ୍ ମାନ୍ୟତା

**ରାଉରକେଲା, ୧୧।୫(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)କୁ ସମ୍ମାନଜନକ ନ୍ୟାସନାଲ୍ ହସ୍ପିଟାଲ୍ସ ଆଣ୍ଡ ହେଲ୍‌ଥକେୟାର୍ ପ୍ରୋଭାଇଡର୍ସ (ଏନଏବିଏଚ) ମାନ୍ୟତା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ ଆଇଜିଏଚ ନିରନ୍ତର ଭାବରେ ରୋଗୀ-କୈନ୍ଦ୍ରିକ ଚିକିତ୍ସା



ସେବା ପ୍ରଦାନ କରିବାରେ ବ୍ୟାପକ ପ୍ରଚେଷ୍ଟା କରିଆସୁଛି। ଭାରତୀୟ ଗୁଣବତ୍ତା ପରିଷଦର ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଥିବା ଏହି ଏନଏବିଏଚ ମାନ୍ୟତା ଆଇଜିଏଚରେ ସ୍ୱାସ୍ଥ୍ୟସେବା ପରିଚାଳନା, ରୋଗୀ ସୁରକ୍ଷା, ସଂକ୍ରମଣ ନିୟନ୍ତ୍ରଣ ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ପାଳନ କରାଯାଉଥିବା ଜାତୀୟସ୍ତରର ମାନଦଣ୍ଡକୁ ପ୍ରତିଫଳିତ କରୁଛି। ଏହି ସଫଳତା ପ୍ରମାଣ ଆଧାରିତ କ୍ଲିନିକାଲ୍ ଅଭ୍ୟାସ ନିର୍ଦ୍ଦେଶାବଳୀ (ସିଜିପିଏସ୍) ଏବଂ ମାନକ କାର୍ଯ୍ୟକ୍ଷମ ପ୍ରକ୍ରିୟା (ଏସଓପିଏସ) ଗ୍ରହଣ କରିବା ସହ ରୋଗୀଙ୍କର ଆଡମିଶନ୍ ଠୁ ନେଇ ଡିସଚାର୍ଜ ପର୍ଯ୍ୟନ୍ତ ସମସ୍ତ ସୁବିଧା ଏବଂ ଉନ୍ନତ ଯତ୍ନ ପ୍ରଦାନ କରିବାରେ ଆଇଜିଏଚର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି ମାନ୍ୟତା ପ୍ରକ୍ରିୟାକରଣରେ ଔଷଧ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା, ଶଲ୍ୟ ଚିକିତ୍ସାଗତ ସୁରକ୍ଷା ଅଭ୍ୟାସକୁ ବୃଦ୍ଧି କରିବା ଏବଂ ଦୃଢ଼ ସଂକ୍ରମଣ ନିବାରଣ ମାନକ କାର୍ଯ୍ୟକାରୀ କରିବା ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ସେହିପରି ଗୁଣାପକ ପରିବର୍ତ୍ତନର ଅଂଶ ଭାବରେ ଆଇଜିଏଚ ବ୍ୟାପକ ଭିତ୍ତିଭୂମିରେ ଉନ୍ନତିକରଣ, ସଂରଚିତ ଏବଂ ସନ୍ଧାନଯୋଗ୍ୟ ଡକ୍ୟୁମେଣ୍ଟେସନ୍ ସିଷ୍ଟମର ପ୍ରଚଳନ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ମାନଦଣ୍ଡ ସହିତ ସମନ୍ୱୟ ରଖିବା ପାଇଁ ଡାକ୍ତର, ନର୍ସ ଏବଂ ପାରାମେଡିକାଲ୍ କର୍ମଚାରୀମାନଙ୍କୁ ନିରନ୍ତର ତାଲିମ ଉପରେ ଗୁରୁତ୍ୱ ଦେଇଛି। ସୂଚନାଯୋଗ୍ୟ, ଏହି ଏନଏବିଏଚ ମାନ୍ୟତା ଅନ୍ୟ ଅଗ୍ରଣୀ କର୍ପୋରେଟ୍ ହସ୍ପିଟାଲ୍ ସହିତ ତୁଳନୀୟ ଉଚ୍ଚ-ଗୁଣବତ୍ତା ଚିକିତ୍ସା ମାନଦଣ୍ଡକୁ ସୁନିଶ୍ଚିତ କରି ସରକାରୀ ସ୍ୱାସ୍ଥ୍ୟସେବା ସେବା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜବୁତ କରିଥାଏ। ଏହି ପ୍ରମାଣପତ୍ର ଆଇଜିଏଚରେ ଆୟୁଷ୍ମାନ ଭାରତ (ପିଏମ-ଜେୱାଇ) ସମେତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟସେବା ଯୋଜନା ଅଧୀନରେ ହସ୍ପିଟାଲର ଯୋଗ୍ୟତାକୁ ବୃଦ୍ଧି କରିବ ବୋଲି ମଧ୍ୟ ଆଶା କରାଯାଉଛି। ଏହି ଐତିହାସିକ ସଫଳତା ଅଞ୍ଚଳର ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଆଇଜିଏଚ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଯାହା ଆଇଜିଏଚ ରେ ରୋଗୀ ସୁରକ୍ଷା ଏବଂ ଗୁଣାତ୍ମକ ସେବା ନିଶ୍ଚିତ କରିବା ଦିଗରେ ଆଇଜିଏଚର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଛି।

### ୪ ବ୍ଲକ୍ ପାଇଁ ଜଣେ ଶ୍ରମ ଅଧିକାରୀ

## ଶ୍ରମିକଙ୍କ ସମସ୍ୟା ସମାଧାନରେ ଉପୁଜୁଛି ବାଧା

**ବଣାଇଁ, ୧୧।୫(ସମିସ)**

ବଣାଇଁ ଉପଖଣ୍ଡରେ ହଜାର ହଜାର ଶ୍ରମିକ କାର୍ଯ୍ୟରତ ଥିବା ସତ୍ତ୍ୱେ ଚାରିଟି ବ୍ଲକ ପାଇଁ କେବଳ ଜଣେ ମାତ୍ର ଶ୍ରମ ଅଧିକାରୀ ନିଯୁକ୍ତ ରହିଥିବାରୁ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଠିକ୍ ସମୟରେ ସମାଧାନ ହୋଇପାରୁନାହିଁ। ଏହାକୁ ନେଇ ବଣାଇଁ ଶ୍ରମିକ ସଂଗଠନ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବଣାଇଁ, ଲହୁଣୀପଡ଼ା ସହିତ ମୋଟ ୪ଟି ବ୍ଲକର ଦାୟିତ୍ୱ ଜଣେ ଅଧିକାରୀଙ୍କ ଉପରେ ରହିଛି। ଏପରିକି ଏତେ ବିଶାଳ ଅଞ୍ଚଳରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ କୌଣସି ପ୍ରକାର ସରକାରୀ ଯାନବାହନ ସୁବିଧା ମିଳୁନାହିଁ। ଫଳରେ ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଯାଇ ଶ୍ରମିକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ କରିବାରେ ଅନେକ

### ଅଧିକାରୀଙ୍କୁ ସରକାରୀ ଯାନ, ଖାଲି ପଦବୀ ପୂରଣ ଦାବି

ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶ୍ରମିକ ସଂଗଠନର ଅଭିଯୋଗ ଅନୁସାରେ, ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ପାଇଁ ସରକାର ଚାରିଚକିଆ ଯାନ ବ୍ୟବହାର ପାଇଁ ଅର୍ଥ ପ୍ରଦାନ କରୁଥିବା ବେଳେ ଶ୍ରମ ବିଭାଗର ଅଧିକାରୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ନାହିଁ। ଏପରିକି ଜିଲ୍ଲା




ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କୋଟି କୋଟି ଟଙ୍କା ଥିଲେ ମଧ୍ୟ ଶ୍ରମ ଅଧିକାରୀଙ୍କ ପାଇଁ ଆବଶ୍ୟକ ସୁବିଧା କରାଯାଉନଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପଟେ ପୂର୍ବରୁ ବଣାଇଁରେ କାର୍ଯ୍ୟରତ ଥିବା ଶ୍ରମ ଅଧିକାରୀଙ୍କ ଛଅ ମାସ ପୂର୍ବରୁ ବଦଳି ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ନୂତନ ଅଧିକାରୀଙ୍କୁ ନିଯୁକ୍ତ କରାଯାଇନାହିଁ। ବର୍ତ୍ତମାନ କୋଇଡା ଶ୍ରମ ଅଧିକାରୀଙ୍କୁ ବଣାଇଁ ଓ ଲହୁଣୀପଡ଼ା ଅଞ୍ଚଳର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେଣୁ ଖାଲି ପଦ ଶୀଘ୍ର ପୂରଣ କରିବା ସହ ଶ୍ରମ ଅଧିକାରୀଙ୍କ ପାଇଁ ଯାନବାହନ ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ବଣାଇଁ ଶ୍ରମିକ ସଂଗଠନ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି।

## ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**ରାଉରକେଲା, ୧୧।୫(ସମିସ):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୨ ଦିନିଆ ରାଉରକେଲା ଗସ୍ତରେ ଆସି ରାଉରକେଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭାରତୀୟ ଜନତା ପାର୍ଟି(ବିଜେପି)ର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ରାଉରକେଲା



ହାଉସରେ ବୈଠକ କରିଥିଲେ। ଏହି ବୈଠକରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟ୍ଟା, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ, ଜିଲ୍ଲା, ମଣ୍ଡଳ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟ୍ଟା ନେତୃତ୍ୱରେ ଏକ ପ୍ରତିନିଧୀ ମଣ୍ଡଳୀ ମନ୍ତ୍ରୀଙ୍କୁ ସହରର ବିବିଧ ଉନ୍ନୟନ କାର୍ଯ୍ୟ ପାଇଁ ଏକ ସ୍ୱାରକ ପତ୍ର ପ୍ରଦାନ କରିଥିଲେ। ଯାତାୟାତ ଜନିତ ଭିଡ଼ ଏବଂ ରାସ୍ତା ପାଖରେ ପାର୍କିଂ ସମସ୍ୟା କମାଇବା ପାଇଁ ଏକ ମଲ୍ଟିପାର୍କିଂ ନିର୍ମାଣ, ବାହାର ଅଞ୍ଚଳରୁ ଆସୁଥିବା ଅତିଥି ଓ ପର୍ଯ୍ୟଟକମାନଙ୍କର ରହିବା ସୁବିଧା ପାଇଁ ଏକ ଅତିଥି ଭବନ ସ୍ଥାପନ, ଛାତ୍ରଛାତ୍ରୀ, ଯୁବପିଢ଼ି ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରାର୍ଥୀମାନଙ୍କ ପାଇଁ ଏକ ଆଧୁନିକ ଇ-ଲାଇବ୍ରେରୀ ସ୍ଥାପନ, ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ଉପକାର ପାଇଁ ଗୁରୁତ୍ୱପୂର୍ଣ୍ଣ ସାର୍ବଜନିକ ସ୍ଥାନଗୁଡ଼ିକରେ ପାନୀୟ ଜଳ ପଏଣ୍ଟ ସ୍ଥାପନ, ବର୍ଷା ଋତୁରେ ଜଳଜମା, ଅସ୍ୱଚ୍ଛ ପରିବେଶ ଏବଂ ରୋଗ ବ୍ୟାପନକୁ ରୋକିବା ପାଇଁ ଡ୍ରେନେଜ୍ ସମସ୍ୟାର ତୁରନ୍ତ ସମାଧାନ, ବିନୋଦନ, ଶାରୀରିକ ସୁସ୍ଥତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା କାର୍ଯ୍ୟକଳାପ ପ୍ରୋତ୍ସାହନ ପାଇଁ ପାର୍କ ଓ ଷ୍ଟାଡିୟମ୍‌ର ଯଥୋଚିତ ରକ୍ଷଣାବେକ୍ଷଣ ପ୍ରଭୃତି ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳରେ ଜିଲ୍ଲା ସଭାନେତ୍ରୀଙ୍କ ସହିତ ଜିଲ୍ଲା ଉପସଭାପତି ସତ୍ୟ ସାହୁ, ସାଧାରଣ ସମ୍ପାଦକ ରଞ୍ଜିତ୍ ନାୟକ, ସମ୍ପାଦକ ପ୍ରଣତାପ ଦାସ, ସମ୍ପାଦିକା ନମ୍ରତା ବାଗ, କାର୍ଯ୍ୟାଳୟ ସମ୍ପାଦିକା ଜ୍ୟୋତି ମଞ୍ଜରୀ ଷଡ଼ଙ୍ଗୀ, ରାଜ୍ୟ ଅଳ୍ପ ସଂଖ୍ୟକ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ ଉପସ୍ଥିତ ଥିଲେ।

### ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ପରଲୋକ

## ‘ଶ୍ରମିକ ଆନ୍ଦୋଳନର ଏକ ଯୁଗର ଅବସାନ’

**ରାଉରକେଲା, ୧୧।୫(ସମିସ):** ରାଉରକେଲା ସହରର ତଥା ସୁନ୍ଦରଗଡ଼ ଜିଲ୍ଲାର ବିଶିଷ୍ଟ ଶ୍ରମିକ ନେତା, ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ, ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ବିୟୋଗ ପରେ ରାଉରକେଲା ତଥା ସୁନ୍ଦରଗଡ଼



ଜିଲ୍ଲାର ଶ୍ରମିକ ଆନ୍ଦୋଳନର ଏକ ଯୁଗର ଅବସାନ ହୋଇଛି। ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ଇସ୍ପାତ କାରଖାନା ଡିଆଇସି ଆଲୋକ ବର୍ମା, ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡ. କେ ହେମଲତା, ଏସଡବ୍ଲୁଏଫ୍ଆଇ ସାଧାରଣ ସମ୍ପାଦକ ଲଳିତ ମୋହନ ମିଶ୍ରା, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ବସନ୍ତ ନାୟକ, ପୂର୍ବତନ ବିଧାୟକ ସୁବ୍ରତ ତରାଇ, ପ୍ରଭାତ ମହାପାତ୍ର, ସମାଜସେବୀ ସଞ୍ଜିବ ମହାନ୍ତି, ଧିରେନ ସେନାପତିଲ, ସାବିର ହୁସେନ୍, ଜ୍ଞାନ ରଞ୍ଜନ ଦାସ, ଅଭୟ କୁମାର ଦାସ, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ସଦାନନ୍ଦ ସାହୁ, ଦେବାନନ୍ଦ ତନ୍ତୀ, ପ୍ରଶାନ୍ତ ବେହେରା, ଶଶଧର ନାୟକ, ପ୍ରଦୋଷ ମହାନ୍ତି, ଅଜିତ ନାୟକ, ଗୋପାଳ ଦାସ, ନିତ୍ୟ କିଶୋର ମହାନ୍ତି, ଆଇନଜୀବୀ ଗିରିଶ ମହାପାତ୍ର, ପୂର୍ଣ୍ଣ ପ୍ରଧାନ, ଅନନ୍ତ ବିଶୋଇ, ଦଣ୍ଡପାଣି ଚୈଧୁରୀ, ଏମ୍. ମାଲେଶ୍ୱରମ, ସୁଦାମ ଦାଶ, ସନ୍ତୋଷ ନାୟକ, ରଘୁ ବଳ, ବିଜୟ ହରିଚନ୍ଦନ, ସାନ୍ତନୁ କୁମାର ଦାସ, ଗଗନ ପଣ୍ଡା, ସୁଶିଳା ମୁଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନର ପ୍ରତିନିଧିମାନେ ପ୍ରମୁଖ ଶୋକ ପ୍ରକାଶ କରି ଏଭଳି ମତବ୍ୟକ୍ତ କରିଛନ୍ତି। କମ୍ରେଡ୍ ବିଷ୍ଣୁ ମହାନ୍ତିଙ୍କ ବିୟୋଗ ନିଷ୍ପେଷିତ, ଖଟିଖିଆ, ମେହନତୀ ମଣିଷ, ଶ୍ରମିକ, କୃଷକମାନଙ୍କ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେମାନେ ଶୋକବାର୍ତ୍ତାରେ ଜଣାଇଛନ୍ତି।

### ଏଚ୍‌ଏମଏସ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଶୋକ

ବିଶିଷ୍ଟ ଶ୍ରମିକ ନେତା ସିଆଇଟିୟୁସିର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ହିନ୍ଦ୍ ମଜଦୂର ସଭାର ରାଜ୍ୟ ଶାଖା ସଭାପତି ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ବିୟୋଗ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ଅପୂରଣୀୟ କ୍ଷତି ବୋଲି କହିବା ସହ ସିଆଇଟିୟୁସିର ରାଜ୍ୟ ଶାଖାର ସାଧାରଣ ସମ୍ପାଦକ ଓ ପରେ ସର୍ବଭାରତୀୟସ୍ତରରେ ସିଆଇଟିୟୁସିର ଉପସଭାପତି ଭାବରେ ଶ୍ରମିକ ଶ୍ରେଣୀ ସଂଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରି ବହୁ ଶ୍ରମିକ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ବୋଲି କହିଥିଲେ। ଏଥିସହ ସେ ଏଚ୍‌ଏମ୍‌ଏସ୍‌ର ରାଜ୍ୟ ପରିଷଦ ପକ୍ଷରୁ ସ୍ୱର୍ଗୀୟ ବିଷ୍ଣୁ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

### ଗୋପବନ୍ଧୁ ପାଠାଗାରରେ ଶୋକସଭା

ରାଉରକେଲାର ଜଣାଶୁଣା ସମାଜସେବୀ, ପାଠାଗାରର ଉପଦେଷ୍ଟା ସ୍ୱର୍ଗତ ବିଷ୍ଣୁ ଚରଣ ମହାନ୍ତିଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ଉପସଭାପତି ଡଃ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା ପରେ ଲକ୍ଷ୍ମଣ ନାଥ ଦାସ, କିଶୋରୀ ମୋହନ କର, ସୁନୀଲ କୁମାର ମହାନ୍ତି, ଅଜୟ କୁମାର ମହାନ୍ତି ଏବଂ ଜଗବନ୍ଧୁ ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ହରିହର ନାୟକ, ଜ୍ଞାନେନ୍ଦ୍ର କୁମାର ରାୟ, ଦେବରାଜ ଗଉଡ଼, ଗଗନ ବିହାରୀ ଜେନା, ନଗେନ ସାମନ୍ତରାୟ, ବ୍ରହ୍ମାନନ୍ଦ ପାଢ଼ୀ, ରମାକାନ୍ତ ଷଡ଼ଙ୍ଗୀ, ସୁରେନ୍ଦ୍ର କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା, ସାଧୁଚରଣ ନାୟକ, ଶରତ ଚନ୍ଦ୍ର ମହାନ୍ତି ଏବଂ ଭୀମସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛ ପଡ଼ି କାର୍ କ୍ଷତିଗ୍ରସ୍ତ

**ରାଉରକେଲା, ୧୧।୫ (ସମିସ):** ଲାଠିକଟା ଅଞ୍ଚଳରେ ଶନିବାର ରାତିରେ ଝଡତୋଫାନରେ ଗଛ ପଡ଼ି ଏକ କାର୍ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଅଞ୍ଚଳର ସୁଇଡିହି ପେଟ୍ରୋଲ ପମ୍ପ ନିକଟରେ କାରଟି ପାର୍କିଂ ହୋଇଥିଲା। ରାତିରେ ଝଡାତୋଫାନ ହେବା ଫଳରେ ଏକ ଶାଗୁଆନ ଗଛର ଡାଳ ଭାଙ୍ଗି ପଡ଼ି କାର ଉପରେ ପଡ଼ିଥିଲା। ଏଥିରେ କାରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ମାଗଣା ଏକ୍ସ-ରେ କାର୍ଯ୍ୟକ୍ରମ

**ବଣାଇଁ, ୧୧।୫ (ସମିସ):** ପ୍ରଧାନମନ୍ତ୍ରୀ ୧୦୦ ଦିନିଆ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅବସରରେ ବଣାଇଁ ବ୍ଲକ ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସାନ ଗୋଗୁଆ ଗ୍ରାମରେ ସୋମବାର ମାଗଣା ଏକ୍ସ-ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୪ ବର୍ଷରୁ ଊର୍ଦ୍ଧ୍ୱ ସମ୍ବେଦନଶୀଳ ବ୍ୟକ୍ତିଙ୍କ ଏକ୍ସ-ରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡା. ବିଶ୍ୱରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିପିଏମ୍ ତୁଷାରକାନ୍ତ ମହାପାତ୍ର ଓ ଏସଟିଏସ ପ୍ରଦୀପ୍ତ ରଞ୍ଜନ ମଲ୍ଲ ପରିଚାଳନା କରିଥିଲେ।

## ‘ଜୁଭେନ୍‌ଟିକା’ ସଚେତନତା କାର୍ଯ୍ୟକ୍ରମ

**ବଣାଇଁ, ୧୧।୫(ସମିସ):** ବଣାଇଁ ପୁଲିସ ଥାନା ପରିସରରେ ଶିଶୁ ଏବଂ ମହିଳାଙ୍କ ସୁରକ୍ଷା, ଅଧିକାର ଓ ସମ୍ପର୍କିତ ଆଇନ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜୁଭେନ୍‌ଟିକା ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ପୋକ୍ସୋ ଆଇନ, ଗୃହ ହିଂସା ନିରୋଧ ଆଇନ, ସାଇବର ଅପରାଧରୁ ସୁରକ୍ଷା, ମହିଳା ସୁରକ୍ଷା ଓ ଆପତକାଳୀନ ସହାୟତା ସେବା ସମ୍ବନ୍ଧରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଉପସ୍ଥିତ ଅଧିକାରୀମାନେ ସମାଜରେ ଶିଶୁ ଓ ମହିଳାଙ୍କ ଉପରେ ଘଟୁଥିବା ଅନ୍ୟାୟ ଓ ଅପରାଧକୁ ରୋକିବା ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର। ଏହି ସଚେତନତା କାର୍ଯ୍ୟକ୍ରମରେ ବଣାଇଁ ସିଡିପିଓ ବୀଣାପାଣି ନାୟକ, ବଣାଇଁ ଥାନାର ଏସ୍‌ଆଇ ଆଦିତ୍ୟ ବେହେରା, ଏଏସଆଇ ପର୍ଶୁରାମ ମହାନ୍ତ, ଆସୁମତୀ ନାୟକଙ୍କ ସହିତ ବଣାଇଁ ଅଞ୍ଚଳର ଅନେକ ଶିଶୁ, ମହିଳା, ଛାତ୍ରୀ ଓ ଥାନା କର୍ମଚାରୀମାନେ ଯୋଗଦେଇଥିଲେ। ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ଓ ପ୍ରଶ୍ନୋତ୍ତର ମାଧ୍ୟମରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା। ଶେଷରେ ସମାଜରେ ଶିଶୁ ଓ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅଭିମତ ପ୍ରକାଶ ପାଇଥିଲା।

### ଆର୍‌ଏସ୍‌ପି ସମ୍ପ୍ରସାରଣ ପ୍ରକ୍ରିୟା

## ସ୍ଥାନାନ୍ତରିତ କାଟେ ବସ୍ତିର ୫ ଜଣଙ୍କୁ ନିଯୋଜନପତ୍ର ପ୍ରଦାନ

**ରାଉରକେଲା, ୧୧।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଗ୍ରୀନଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ଲାଣ୍ଟର ଅଧୀନରେ ଥିବା ଅଞ୍ଚଳରୁ ସ୍ଥାନାନ୍ତରିତ ହେଉଥିବା କୁଟୀରବାସୀଙ୍କୁ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରାଯାଉଛି। ଏହି କ୍ରମରେ ଇସ୍ପାତ କାରଖାନା ପକ୍ଷରୁ ପ୍ରତି କୁଟୀରର ଜଣେ ସଦସ୍ୟଙ୍କୁ ଚୁକ୍ତିଭିତ୍ତିକ ନିଯୋଜନ ପତ୍ର ପ୍ରଦାନ କରାଯିବା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କାଟେ ବସ୍ତିରୁ ସ୍ଥାନାନ୍ତରିତ ହୋଇଥିବା କୁଟୀରବାସୀଙ୍କ ମଧ୍ୟରୁ ୫ ଜଣ ବ୍ୟକ୍ତିଙ୍କୁ ଆଜି ଏହି ନିଯୋଜନ ପତ୍ର ପ୍ରଦାନ କରାଯାଇଛି। ସେମାନେ ହେଲେ ଅଞ୍ଜୁ ଡୁଙ୍ଗଡୁଙ୍ଗ ଲାକ୍ରା, ବାରାନିକା ଲାକ୍ରା, ସମିର ଲାକ୍ରା, ଆଲୋକ ଲାକ୍ରା ଏବଂ ଅନିତା ନାୟକ। ସେମାନେ ଆରଏସପିରେ କାର୍ଯ୍ୟରତ ଠିକା ସଂସ୍ଥା ପ୍ରାଚୀ ରୋଡୱେଜ୍ ଅଧିନରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ଏହି ନିଯୁକ୍ତି ପ୍ରଦାନ କାର୍ଯ୍ୟକ୍ରମ ବେଳେ ପ୍ରାଚୀ ରୋଡୱେଜ୍‌ର ପ୍ରୋପାଇଟର ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଆସନ୍ତା କାଲି କାଟେ ବସ୍ତିର ଅବଶିଷ୍ଟ ୧୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏ ମଧ୍ୟରେ, ରାଉରକେଲା ଇସ୍ପାତ କାରଖାନା କାଟେ ବସ୍ତିରୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ



ହୋଇଥିବା ୧୭ଟି ପରିବାରକୁ ଚେକ୍ ମଧ୍ୟ ହସ୍ତାନ୍ତର କରିସାରିଛି। କ୍ଷତିପୂରଣ ପ୍ରସ୍ତାବ ଅନୁଯାୟୀ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ମୋଟ ୫,୧୭,୬୨୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତ୍ୟେକ କୁଟୀର ବଦଳରେ ୬୫୦ ବର୍ଗଫୁଟର ଏକ ବିକଶିତ ପ୍ଲଟ୍ ପ୍ରଦାନ କରାଯିବ ଏବଂ ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇଏସଆଇ ଚିକିତ୍ସା ସୁବିଧା ଅନ୍ତର୍ଭୁକ୍ତ କରାଯିବ। ଆରଏସପି ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୪.୭୫ ନିୟୁତ ଟନ୍‌ରୁ ୯.୮ ନିୟୁତ ଟନ୍‌କୁ ବୃଦ୍ଧି କରିବ। ଏହି ସମ୍ପ୍ରସାରଣ ସ୍ଥାନୀୟ ବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା ରାଜ୍ୟ ପାଇଁ ସମୃଦ୍ଧିର ଏକ ନୂତନ ଲହରୀ ଆଣିବ। ଏହି ଗ୍ରୀନଫିଲ୍ଡ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆରଏସପି ନିଜ ଅଧୀନରେ ଥିବା କାରଖାନା ସଂଲଗ୍ନ ୧୨୦୦ ଏକର ଜମି ବ୍ୟବହାର କରିବ। ଯଦିଓ ଏହି ଜମି ସରକାରୀ ଭାବେ ରାଉରକେଲା ଇସ୍ପାତ କାରଖାନାର ଅଧୀନରେ ଅଛି, ତେବେ ସମୟକ୍ରମେ ଏହି ସ୍ଥାନରେ ବିଭିନ୍ନ ଅବରୋଧ ସୃଷ୍ଟି ହୋଇଛି। ପ୍ଲାଣ୍ଟର ବୃଦ୍ଧି ସହିତ ସମ୍ପୃକ୍ତ ସମୁଦାୟକୁ ମଧ୍ୟ ଆଗକୁ ନେବା ନିଶ୍ଚିତ କରିବା ପାଇଁ କାରଖାନା ପକ୍ଷରୁ ବର୍ତ୍ତମାନ ସେଠାରେ ରହୁଥିବା ପରିବାରଗୁଡ଼ିକ ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଏକ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରାଯାଉଛି।

## ଆରଏସପିରେ ‘ସୁରକ୍ଷା ନେତୃତ୍ୱ’ ଉପରେ ତାଲିମ

**ରାଉରକେଲା, ୧୧।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଏସଏସଓ ରାଞ୍ଚି ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ‘ସୁରକ୍ଷା ନେତୃତ୍ୱ’ ଉପରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏଚଆର-ଏଲ ଏଣ୍ଡ ଡି ବିଭାଗର ସିଜିଏମ ପିକେ. ସାହୁ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ଏସଏସଓ ରାଞ୍ଚିର ଜିଏମ ଇନ୍‌ଚାର୍ଜ ସୁରେଶ କୁମାରଙ୍କ ସମେତ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବ୍ୟକ୍ତି ଭାବରେ ଟାଟା ଷ୍ଟିଲ୍ ଜାମସେଦପୁରର ସୁରକ୍ଷା ତାଲିମର ବରିଷ୍ଠ ଏରିଆ ମ୍ୟାନେଜର ସୁକେଶ କୁମାର ଝା ଉପସ୍ଥିତ ଥିଲେ। ବିଭାଗୀୟ ସୁରକ୍ଷା ଅଧିକାରୀ (ଡିଏସଓ), କ୍ଷେତ୍ର ସୁରକ୍ଷା ଅଧିକାରୀ (ଏଏସଓ) ଏବଂ ଲାଇନ ମ୍ୟାନେଜରଙ୍କ ସମେତ ପ୍ରାୟ ୩୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ବିଶ୍ୱରଞ୍ଜନ ପଲ୍ଲାଇ ସୁରକ୍ଷା କେବଳ ନିୟମର ଏକ ସେଟ୍ ନୁହେଁ, ବରଂ ଏକ ନେତୃତ୍ୱ-ଚାଳିତ ମାନସିକତା ଏବଂ ସାମୂହିକ ଦାୟିତ୍ୱ ବୋଲି କହିଛନ୍ତି। କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାର କାର୍ଯ୍ୟାନ୍ୱୟନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବିଷୟବସ୍ତୁ ଏବଂ ବ୍ୟବହାରିକ ପଦ୍ଧତିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ସମୟସୂଚୀ ପ୍ରଦର୍ଶିତ ହୋଇଥିଲା। ସେଲରେ ସୁରକ୍ଷା ପରିଚାଳନା ଉପରେ ଆୟୋଜିତ ଅଧିବେଶନଟି ସୁରେଶ କୁମାରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସୁକେଶ କୁମାର ଝାଙ୍କ ଦ୍ୱାରା ବୈଷୟିକ ଅଧିବେଶନଗୁଡ଼ିକ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିପଦ-ଭିତ୍ତିକ ସୁରକ୍ଷା ଆଭିମୁଖ୍ୟ, ଆଚରଣଭିତ୍ତିକ ସୁରକ୍ଷାକୁ ଆଲୋଚନା ପରିସର ଭୁକ୍ତ କରାଯାଇଥିଲା। ଅସୁରକ୍ଷିତ କାର୍ଯ୍ୟ ତଥା ଅସୁରକ୍ଷିତ ପରିସ୍ଥିତି ଏବଂ କାର୍ଯ୍ୟ ପରମିଟ୍ ସିଷ୍ଟମ ଏବଂ ସକାରାତ୍ମକ ବିଚ୍ଛିନ୍ନତା ଭଳି ପ୍ରମୁଖ କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁର୍ଘଟଣା ରିପୋର୍ଟିଂ ଏବଂ ତଦନ୍ତ ପଦ୍ଧତି ଉପରେ ଅଧିବେଶନରେ ସମୟୋଚିତ ରିପୋର୍ଟିଂ, ମୂଳ କାରଣର ବିଶ୍ଳେଷଣ ତଥା ପୂର୍ବ ବିପଦର ପୁନରାବୃତ୍ତିକୁ ଏଡାଇବା ପାଇଁ ପ୍ରତିରୋଧକ କାର୍ଯ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଏସ୍‌ଓ, ଏଏସ୍‌ଓ ଏବଂ ଲାଇନ ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ ଏବଂ ନିରନ୍ତର ଶିକ୍ଷା ଏବଂ ସୁରକ୍ଷା ନେତୃତ୍ୱ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସେକ୍ଟର -୨ କମ୍ୟୁନିଟି ସେଣ୍ଟର୍ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

**ରାଉରକେଲା, ୧୧।୫ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଦ୍ୱାରା ସଞ୍ଚାଳିତ ସେକ୍ଟର -୨ ସ୍ଥିତ କମ୍ୟୁନିଟି ସେଣ୍ଟର୍ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ଶିକ୍ଷକ ତଥା ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମସ୍ତଙ୍କ ମଙ୍ଗଳ ଓ କଲ୍ୟାଣ ନିମନ୍ତେ ଶ୍ରୀ ଅକ୍ରୁର ମାର୍ଥାଙ୍କ ପୌରୋହିତ୍ୟ ଓ ଯଜମାନ ସସ୍ତ୍ରୀକ ନରେନ୍ଦ୍ର ବେହେରାଙ୍କ ଦ୍ୱାରା ଯଜ୍ଞ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉର୍ମିଳା ସାହୁ, ପ୍ରକାଶିନି ଭଞ୍ଜ, ସୁନୀତା କର, ମନୋରମା ମୁଦୁଲି, ସୁଭଶ୍ରୀ ସ୍ୱାଇଁ, ଶଶିକଳା ସାହାଣୀ, କାଞ୍ଚନ ବେହେରା ପ୍ରାରମ୍ଭିକ ସଙ୍ଗୀତ ଓ ଗୁରୁ ବନ୍ଦନା ଗାନ କରିଥିଲେ। ଏହି କେନ୍ଦ୍ରର ଅନ୍ୟତମ ଯୋଗ ଶିକ୍ଷକ ଉର୍ମିଳା ସାହୁ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦ୍ରର ବିବିଧ କାର୍ଯ୍ୟକ୍ରମ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଭାରତ ସ୍ୱାଭିମାନ ନ୍ୟାସର ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି, ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ମତବ୍ୟକ୍ତ କରିଥିଲେ। ରାଉରକେଲା ଇସ୍ପାତ କାରଖାନା ତରଫରୁ ସମସ୍ତ କମ୍ୟୁନିଟି ସେଣ୍ଟର ଗୁଡିକରେ ଯୋଗକେନ୍ଦ୍ର ପାଇଁ ସ୍ଥାନ ଦେଇଥିବାରୁ ତାର ପ୍ରଶଂସା କରିଥିଲେ। ଯୋଗକୁ ବ୍ୟାପକତା କରିବା ସହିତ ଯୋଗ କେନ୍ଦ୍ରର ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନି ସ୍ୱାଇଁ, ଜିଲ୍ଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ପିୱାଏସ ପ୍ରଭାରୀ ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ମିଡିଆ



ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର, କମ୍ୟୁନିଟି ସେଣ୍ଟର ସମ୍ପାଦକ ପ୍ରଶାନ୍ତ କୁମାର ବିହାରୀ ଥିଲେ। ବିଶ୍ୱଜିତ ଜେନା ମଞ୍ଚ ପରିଚାଳନା କରିଥିଲେ। ଯାଦବ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରର ଭଉଣୀମାନେ ଟିକି, ଶୁଭଶ୍ରୀ, ସନ୍ଧ୍ୟା, କାଞ୍ଚନ, ଉର୍ମିଳା, ମୀନତି ଡଲି, ଶଶିକଳା, ପୁଷ୍ପା, କାଶ୍ମୀର, ସରସ୍ୱତୀ, ସଞ୍ଜୁ, ସୁରଭି, ମମତା ଓ ଛୋଟ ଛୋଟ ଛୁଆମାନେ ଯୋଗ ନୃତ୍ୟ ପରିବେଷଣ କରିଥିଲେ। କମ୍ୟୁନିଟି ସେଣ୍ଟରର ପୂର୍ଣ୍ଣ ଚନ୍ଦ୍ର ସାହୁ ଓ କାର୍ଯ୍ୟକର୍ତ୍ତାମାନେ ସମସ୍ତ ସହଯୋଗ କରିଥିଲେ।

### ■ ଇସ୍ପାତ୍ ସାହିତ୍ୟ ସଂସଦ ପକ୍ଷରୁ ଭୀମଭୋଇଙ୍କ ଜୟନ୍ତୀ

## ‘ସମାଜ ଗଠନର ଆଲୋକବର୍ତ୍ତିକା ସାଜିଛି ସନ୍ଥକବିଙ୍କ କାଳଜୟୀ ସାହିତ୍ୟ’

**ରାଉଲକେଲା, ୧୧।୫(ସମିସ)**

ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳନ ଅବସରରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବିଷ୍ଣୁ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଉଲକେଲା ଇସ୍ପାତ କାରଖାନାର ପ୍ରାକ୍ତନ ଚିଫ ଜେନେରାଲ ମ୍ୟାନେଜର ତଥା ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ସଭାପତି ଇଞ୍ଜିନିୟର ସ୍ୱରୂପ ପାଣିଗ୍ରାହୀ




ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଣ୍ଡିତ ହରିହର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାୟକ ମଞ୍ଚାସୀନ ଥିଲେ। ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଏବଂ ସାମ୍ପ୍ରଦାୟିକତା ବିରୁଦ୍ଧରେ ଭୀମଭୋଇ ଶତାଧିକ ବର୍ଷ ଆଗରୁ ଲେଖା ମାଧ୍ୟମରେ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ସୁସ୍ଥ ସମାଜ ଗଠନରେ ଆଲୋକବର୍ତ୍ତିକା ହୋଇ ରହିବ ବୋଲି ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏବଂ ଗୌତମ ଦାସ ଓ ମମତା ଜେନାଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ଉପେନ୍ଦ୍ର ବସ୍ତିଆ, ସବିତା ବସ୍ତିଆ, ବିଜୟିନୀ ଜେନା, ସୁଶାନ୍ତ ନାୟକ, ବବିତା ମହାଳିକ, ନୃସିଂହ ଚରଣ ବିଶ୍ୱାଳ, ହରିହର ବେହେରା, ତ୍ରିଲୋଚନ ମଥାନ, ପ୍ରଭାତୀ ନାୟକ, ଅଶୋକ ପଟ୍ଟନାୟକ, ଗୌତମ ଦାସ, ମମତା ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଇ ପ୍ରକଳ୍ପକୁ ଅବହେଳା ଲୋକଙ୍କ ଆସ୍ଥା ସହ ଖେଳ: ବିଜେଡି

**ସମ୍ବଲପୁର, ୧୧।୫ (ସମିସ)**

ପଶ୍ଚିମ ଓଡ଼ିଶାର ଆସ୍ଥା, ଭାବନା ପ୍ରତୀକ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ କେନ୍ଦ୍ର କରି ନିର୍ମିତ ସମଲେଇ ପ୍ରକଳ୍ପ ଆଜି ଅବହେଳା ଓ ଅବ୍ୟବସ୍ଥାର ଶିକାର ହୋଇଥିବା ଅଭିଯୋଗ କରି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ସମ୍ବଲପୁରକୁ ଆନ୍ତର୍ଜାତୀୟ ଧାର୍ମିକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ଉଦ୍ଦେଶ୍ୟରେ ବିପୁଳ ଅର୍ଥ ବ୍ୟୟ କରି ସମଲେଇ ପ୍ରକଳ୍ପ କାର୍ଯ୍ୟ କରାଯାଇଥିଲା। ମା'ଙ୍କ ଦର୍ଶନ ଓ ଏହି ପ୍ରକଳ୍ପରେ ହୋଇଥିବା ନିର୍ମାଣ ସମ୍ବଲପୁରରେ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। କିନ୍ତୁ ବର୍ତ୍ତମାନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ସମଗ୍ର ପରିସର ତାହାର ପୂର୍ବ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରକଳ୍ପ ପରିସରରେ ଥିବା ଉଦ୍ୟାନ, ସବୁଜିମା ଓ ସୌନ୍ଦର୍ଯ୍ୟବର୍ଦ୍ଧକ ବ୍ୟବସ୍ଥାଗୁଡ଼ିକ ଧୀରେ ଧୀରେ ନଷ୍ଟ ହେଉଛି। ଅନେକ ସ୍ଥାନରେ ଘାସ ଶୁଖିଯାଇଥିବା ବେଳେ ଗଛଗୁଡ଼ିକର ଯଥେଷ୍ଟ ଯତ୍ନ ନିଆ ଯାଉନାହିଁ। ସୁରକ୍ଷା ପାଇଁ କରାଯାଇଥିବା ସିସି କ୍ୟାମେରା ବ୍ୟବସ୍ଥା, ରାତିରେ ଆଲୋକୀକରଣ ବ୍ୟବସ୍ଥା ଠିକ୍ ଭାବରେ କାମ କରୁନଥିବାରୁ ଭକ୍ତ ଓ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରେ ଅବ୍ୟବହୃତ ସାମଗ୍ରୀ ଓ ଆବର୍ଜନା ପଡ଼ି ରହୁଥିବାରୁ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ମନ୍ଦିର ପରିସରର ସଫାସୁତୁରା ଉପରେ ଯଥେଷ୍ଟ ଗୁରୁତ୍ୱ ନ ଦିଆଯାଉଥିବାରୁ ଭକ୍ତମାନଙ୍କ ମନରେ ଅସନ୍ତୋଷ ବଢ଼ୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ପ୍ରକଳ୍ପରେ କାମ କରୁଥିବା ଅନେକ କର୍ମଚାରୀ ଦୀର୍ଘଦିନ ଧରି ଦରମା ପାଇନଥିବାରୁ କାର୍ଯ୍ୟରେ ଅନିୟମିତତା ଦେଖାଦେଉଛି। ଯେଉଁ ପ୍ରକଳ୍ପକୁ ପଶ୍ଚିମ ଓଡ଼ିଶାର ଗର୍ବ ବୋଲି ପ୍ରଚାର କରାଯାଉଥିଲା, ଆଜି ସେହି ପ୍ରକଳ୍ପର ଏପରି ଅବସ୍ଥା ଦେଖି ସାଧାରଣଲୋକ ନିରାଶ ହେଉଛନ୍ତି। ସରକାରଙ୍କ ଅନାଗ୍ରହ ଓ ଅବହେଳା ଯୋଗୁଁ ଏହି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରିଛନ୍ତି। ମା' ସମଲେଶ୍ୱରୀଙ୍କ ପୀଠ କେବଳ ଏକ ଧାର୍ମିକସ୍ଥଳୀ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ଅସ୍ମିତା ସହ ଜଡ଼ିତ। ଏହି ପବିତ୍ର ସ୍ଥାନର ରକ୍ଷଣାବେକ୍ଷଣରେ ଅବହେଳା କେବେବି ସହ୍ୟ କରାଯିବ ନାହିଁ। ଗୋଟିଏପଟେ ରାଜନେତା ମାନଙ୍କର ଲଗାତାର ରାଜନୈତିକ କାର୍ଯ୍ୟକ୍ରମ ପାଇଁ ନୂତନ ନିର୍ମାଣକୁ ବ୍ୟବହାର କରୁଥିବା ବେଳେ ସାମାନ୍ୟ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ନ ଦେବା ନିନ୍ଦାର ବିଷୟ ବୋଲି ଶ୍ରୀ ମହାନ୍ତି ପ୍ରେସ ବିବୃତିରେ କହିଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପର ସମସ୍ତ ଅବ୍ୟବସ୍ଥା ସୁଧାରିବା ସହିତ ନିୟମିତ ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ସୁନିଶ୍ଚିତ କରନ୍ତୁ। ନଚେତ୍ ଆସନ୍ତା ଦିନରେ ସମ୍ବଲପୁରବାସୀ ଏହାର ଦୃଢ଼ ଜବାବ୍ ଦେବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# 'ପ୍ରାଇଡ୍ ଅଫ୍ ଓଡ଼ିଶା'ରେ ସମ୍ବଲପୁରର ୪ ଜଣ

**ସମ୍ବଲପୁର, ୧୧।୫ (ସମିସ):** ଓଷ୍ଟନ ଓଡ଼ିଶା ଫେସନ ଇଭେଣ୍ଟ୍ର ପ୍ରାଇଡ୍ ଅଫ୍ ଓଡ଼ିଶାରେ ସମ୍ବଲପୁରର ୪ ଜଣ କୃତିତ୍ୱ ହାସଲ କରିଛନ୍ତି। ଝାରସୁଗୁଡ଼ା ଆଇକନିକ ଫେସନ ଏକାଡେମୀ ପକ୍ଷରୁ ସେହେବାଜ ଖାନଙ୍କ ନିର୍ଦ୍ଦେଶନାରେ ଭାରତରେଲୋ ଠାରେ ସଞ୍ଜୋଗ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ମିସେସ ବର୍ଗରେ ସମ୍ବଲପୁର ଜାଭିଆ ଇରାମ ବିଜେତା ହୋଇଥିବା ବେଳେ ଇଲ୍ଲା ପଟ୍ଟନାୟକ ପ୍ରଥମ ରନର୍ସଅପ୍ ହୋଇଥିଲେ। ସେହେପରି ମିସ ବର୍ଗରେ ସାଲୋନୀ ଦାସ ଶର୍ମା ବିଜେତା, ମିଷ୍ଟର ବର୍ଗରେ ପ୍ରତେଶ ଦାସ ବିଜେତା ହୋଇଛନ୍ତି। ସମସ୍ତ ବିଜେତା ମାନେ ସମ୍ବଲପୁର ସହରର। ଜୁରି ମେମ୍ବର ଭାବେ ସମ୍ବଲପୁରର ପୂଜା ଚଣ୍ଡା, ଟିମରେ ଶିପ୍ରା ଚକ୍ରବର୍ତ୍ତୀ ପ୍ରମୁଖ ରହିଥିଲେ। ପ୍ରତିଯୋଗୀ ମାନେ ପିନ୍ଧିଥିବା ସମ୍ବଲପୁରର ବସ୍ତ୍ରକୁ ରେଙ୍ଗାଲିର ମଞ୍ଜୁଶ୍ରୀ ମେହେର ଡିଜାଇନ କରିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



## ବୁର୍ଲାରେ ଯୁବକଙ୍କୁ ଛୁରାମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, ଅଧିକାଂଶ ନାବାଳକ ସମ୍ପୃକ୍ତି

**ସମ୍ବଲପୁର, ୧୧।୫(ସମିସ):** ଗତକାଲି ବୁର୍ଲାରେ ପୂର୍ବଶତ୍ରୁତାକୁ ନେଇ ଜଣେ ଯୁବକଙ୍କ ସଂଘବଦ୍ଧ ଭାବେ ୫ରୁ୬ ଜଣ ଆକ୍ରମଣ କରିଥିଲେ। ଛୁରା ଭୁଜାଲି, ଖଣ୍ଡାରେ ଅତର୍କିତ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଆକ୍ରମଣର ଶିକାର ହୋଇ ବୁର୍ଲାର ବିକି ରଏ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ମହତାବ ନଗରର ଟୁଲୁ ବଞ୍ଚୋରକୁ ବୁର୍ଲା ଥାନା ପୁଲିସ ଗିରଫ କରିଛି। ଏହି ଘଟଣାରେ ୫ରୁ୬ ଜଣ ନାବାଳକ ରହିଥିବା ବୁର୍ଲା ଏସଡିପିଓ ବାଲେଶ୍ୱର ଗିଦ୍ଧି କହିଛନ୍ତି। ସୂଚନା ଅନୁସାରେ ବିକି ଓ ଟୁଲୁ ପୂର୍ବରୁ ଜେଲରେ ଥିଲେ। କୌଣସି କଥାକୁ ନେଇ ଜେଲରେ ଉଭୟଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥିଲା। ପ୍ରଥମେ ଟୁଲୁ ଜେଲରୁ ବାହାରିଥିଲା। କିଛି ଦିନ ପୂର୍ବରୁ ବିକି ଜେଲରୁ ବାହାରିଥିଲା। ରବିବାର ବୁର୍ଲା ଜଗନ୍ନାଥ ମନ୍ଦିର ପାଖରେ ବିକି ରହିଥିଲା। ଏହି ସମୟରେ ଖବର ପାଇ ଟୁଲୁ ୫-୬କୁ ସାଙ୍ଗରେ ନେଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଂଘବଦ୍ଧ ଭାବେ ବିକି ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣାର ତଦନ୍ତ ଜାରି ରହିଥିବା ପୁଲିସ କହିଛି।

**ଜେଲରୁ ଆରମ୍ଭ ହୋଇଥିଲା ଝଗଡ଼ା**

# ଗୁଡ଼େଶ୍ୱର ବାବାଙ୍କ 'ଥାଳ ଉଠା' ସମ୍ପନ୍ନ

**ସମ୍ବଲପୁର, ୧୧।୫ (ସମିସ) :** ସହରର ଅନ୍ୟତମ ପ୍ରମୁଖ ଶୈବ ପୀଠ ଶ୍ରୀ ଶ୍ରୀ ଗୁଡ଼େଶ୍ୱର ବାବାଙ୍କ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ 'ଥାଳଉଠା'ରୀତିନୀତିରେ ସମ୍ପନ୍ନ ହୋଇଛି। ମନ୍ଦିର କମିଟି ସଭ୍ୟ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ମନ୍ଦିର ପୂଜକ ରାଜ କୁମାର ମହାପାତ୍ରଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପ୍ରଥମେ ବାବାଙ୍କ ପୂଜାର୍ଚ୍ଚନା ପରେ ଥାଳଉଠା କାର୍ଯ୍ୟ କରାଯାଇଥିଲା। ଏହାସହ ଶୀତଳଷଷ୍ଠୀ ଯାତ୍ରା ପାଇଁ ପାଣ୍ଠି ସଂଗ୍ରହ କାର୍ଯ୍ୟ ଅନୁକୂଳ ହୋଇଥିଲା। ଚଳିତବର୍ଷ ଗୁଡ଼େଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାରେ ପଟ୍ଟନାୟକପଡ଼ା ନିବାସୀ ଅମିତ ସ୍ୱାଇଁ ଓ ଜୋସ୍ନାରାଣୀ ସ୍ୱାଇଁ ମାତା ପାର୍ବତୀଙ୍କୁ କନ୍ୟାଦାନ କରିବେ। ସେହିପରି ଗୁଡ଼େଶ୍ୱର ବାବାଙ୍କ ପିତାମାତା ଭାବରେ ବଡ଼ବଜାର ନିବାସୀ ସୁଶାନ୍ତ ଶେଖର ରାଉତ ଓ ଅଞ୍ଜଳି ରାଉତ ଦାୟିତ୍ୱ ନିର୍ବାହ କରିବେ। କାର୍ଯ୍ୟକ୍ରମରେ ଗୁଡ଼େଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଭୀମ ସାହୁ, ସମ୍ପାଦକ ଆର୍ତ୍ତ ମିଶ୍ର, କୋଷାଧକ୍ଷ ଅନିଲ ଟିବ୍ରେୱାଲଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



# 'ସେତୁ' ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କ ସମ୍ବର୍ଦ୍ଧନା



**ସମ୍ବଲପୁର, ୧୧।୫ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ଭବନର ସ୍ୱାଧୀନତା ସଂଗ୍ରାମୀ ସଭାକକ୍ଷରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ଆଜି ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିବର୍ଷ ଭଳି 'ସେତୁ' ପକ୍ଷରୁ ଦିଆଯାଉଥିବା ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସମ୍ବଲପୁର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧନୁପାଲିର ଛାତ୍ର ବିଶ୍ୱ ପ୍ରସାଦ ବଳଙ୍କୁ "କ୍ଷୀରୋଦ ପ୍ରସାଦ ମିଶ୍ର ସ୍ମୃତି ପୁରସ୍କାର" ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ମ୍ୟୁନିସିପାଲ୍ ହାଇସ୍କୁଲ, ଏକାତାଲି, ଝାରସୁଗୁଡ଼ାର ଛାତ୍ର ନମନ ପ୍ରଧାନ ଓ ଶ୍ରୀ ଅରୋମା ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃଜ୍ୟୋତି, ଝାରସୁଗୁଡ଼ାର ଛାତ୍ର ସୁଦାମ ବେହେରାଙ୍କୁ "ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର" ପ୍ରଦାନ କରାଯାଇଥିଲା। ସଭାପତି ଡଃ ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆଜି 'ସେତୁ'ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ହରି ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ରବି ନାରାୟଣ ପ୍ରଧାନ ୨୦୨୫-୨୬ ର ଅଡିଟ୍ ରିପୋର୍ଟ ଏବଂ ୨୦୨୬-୨୭ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ। ଉପସଭାପତି କାମଦେବ ସାହୁ ମଞ୍ଚାସୀନ ଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। 'ସେତୁ'ର ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, ଡ. ସିଦ୍ଧାର୍ଥ ପଣ୍ଡା, ଅଶୋକ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ଥାନାରେ ପୁଲିସର ବ୍ରିଫିଂ ପରେଡ୍



**ସମ୍ବଲପୁର, ୧୧।୫ (ସମିସ) :** ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଜି ଜିଲ୍ଲାର ବିଭିନ୍ନ ଥାନାରେ ପୁଲିସର ସ୍ୱତନ୍ତ୍ର ବ୍ରିଫିଂ ପ୍ୟାରେଡ୍ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଚ୍ଚପଦସ୍ଥ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରିବାସହ ଜନସାଧାରଣଙ୍କ ସହ ସୁସମ୍ପର୍କ ରକ୍ଷା କରି କିଭଳି ଅପରାଧ ରୋକାଯାଇପାରିବ, ସେନେଇ ରଣନୀତି ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। ଅଧିକାରୀମାନେ ପୁଲିସ ବାହିନୀକୁ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁର ସହରାଞ୍ଚଳର ଟାଉନ ଥାନା, ଧନୁପାଲି ଥାନା, ଅଇଁଠାପାଲି ଥାନା, କ୍ଷେତରାଜପୁର ଥାନା ଆଦି ସମସ୍ତ ଥାନାରେ ପୁଲିସର ବ୍ରିଫିଂ ପ୍ୟାରେଡ୍ କରାଯାଇଥିବା ସୂଚନା ମଳିଛି।

# ବୁଲେଟ୍ ଧକ୍କାରେ ଜଣେ ଗୁରୁତର

**ସମ୍ବଲପୁର, ୧୧।୫ (ସମିସ):** ସୋମବାର ଅପରାହ୍ଣରେ ଭାଲୁପାଲି ଛକରେ ବୁଲେଟ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଜଣକ ବୈଦାରନୁଆପାଲିର କୃଷ୍ଣଚନ୍ଦ୍ର ପଟ୍ଟା(୬୭) ବୋଲି ପୁଲିସ କହିଛି। ସୂଚନା ଅନୁଯାୟୀ, କୃଷ୍ଣଚନ୍ଦ୍ର ରାସ୍ତା ପାରି ହେଉଥିବାବେଳେ ବୁଲେଟ୍ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ତାପସ କୁମାର ପରିଡ଼ା ଓ ନାଗଭୂଷଣ ମନ୍ତ୍ରୀ ଉଦ୍ଧାର କରି ନିକଟସ୍ଥ ଘରୋଇ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାର୍କୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ବୁଲେଟ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଅଇଁଠାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଲେଟ୍‌କୁ ଜବତ କରିବାସହ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ୨୮ ବଟୁଙ୍କ ଉପନୟନ ଧାରଣ

**ସମ୍ବଲପୁର, ୧୧।୫ (ସମିସ):** ସ୍ଥାନୀୟ ଝାଡୁଆପଡ଼ା ଅରଣ୍ୟକ ସେବା ସଂସ୍ଥା ଓ ଯୁବ ଉଦୟନ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମପୁରା ମନ୍ଦିର ପ୍ରାଙ୍ଗଣ ବଡ଼ ଦୁଆରରେ ଆଜି ୬୧ତମ ସାମୂହିକ ବ୍ରତୋପନୟନ ଆୟୋଜିତ ହୋଇଛି। ଏହି ସଂସ୍କାର ଅନୁଷ୍ଠାନରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳର ୨୮ ଜଣ ବାଳକ ଉପନୟନ ଧାରଣ କରିଥିଲେ। ନୀତିବିଧି ସହିତ ବ୍ରତ ପରେ ବଟୁବୃନ୍ଦ ମାମୁଁମାନଙ୍କ ଗହଣରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିରରେ ଦେବ ଦର୍ଶନ କରିଥିଲେ। ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ଉପେନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଉତ୍ତମ ରଥ, ପଣ୍ଡିତ ମହେନ୍ଦ୍ର ପୂଜାରୀ, ପଣ୍ଡିତ ବିଦ୍ୟାଭୂଷଣ ନାୟକ, ପଣ୍ଡିତ ମନବୋଧ ପାଢ଼ୀ, ପଣ୍ଡିତ ନିଗମାନନ୍ଦ ପୂଜାରୀ, ପଣ୍ଡିତ ନିରଞ୍ଜନ ପୂଜାରୀ, ପଣ୍ଡିତ ଶୈଳେନ୍ଦ୍ର ପୂଜାରୀ, ପଣ୍ଡିତ ଅମରେନ୍ଦ୍ର ପୂଜାରୀ, ପଣ୍ଡିତ ଯଜ୍ଞେଶ୍ୱର ବାବୁ ପ୍ରମୁଖ ବ୍ରତ ପରିଚାଳନା କରିଥିଲେ। ସେବା ସଂସ୍ଥା ଓ ଯୁବ ଉଦୟନର ସରୋଜ ଦଲପତ, ସଞ୍ଜୟ କୁମାର ମିଶ୍ର, ସୁଭେନ୍ଦ୍ର ପଣ୍ଡା, ଶେଖର ପାଢ଼ୀ, ପ୍ରାଣରଞ୍ଜନ ପଣ୍ଡା, ସଞ୍ଜୀବ ପାଢ଼ୀ, ସୁଶାନ୍ତ ପୁରୋହିତ, ଅଭିଷେକ ମିଶ୍ର, ଡ. ସିଦ୍ଧାର୍ଥ ପଣ୍ଡା, ମିଲୁ ପାଣିଗ୍ରାହୀ, ପ୍ରବୀଣ ଦୀକ୍ଷିତ, ଆଶିଷ ସୂପକାର ଓ ବାବୁଲୁ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ଏମ୍‌ସରେ ମେରା ଭାରତ ତରଫରୁ ପ୍ରଯୁକ୍ତିବିଦ୍ୟା ଦିବସ

**ସମ୍ବଲପୁର, ୧୧।୫ (ସମିସ):** ପରଧିଆପାଲି ସ୍ଥିତ ଏମ୍‌ସ ମହାବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ମେରା ଯୁବ ଭାରତ ସମ୍ବଲପୁର ପକ୍ଷରୁ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଏମ୍‌ସ ମହାବିଦ୍ୟାଳୟର ଏମ୍ ଡି ଶ୍ରୀମନ୍ତ ପାତ୍ର ସ୍ୱାଗତ ଅଭିଭାଷଣ ଦେଇ ସଭାକୁ ଆରମ୍ଭ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର୍ ବ୍ୟମକେଶ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ସମାଜ ସେବୀ ସୁଧିର ବୋହିଦାର, ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଏବଂ ଏମ୍‌ସ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତାପସ ରଞ୍ଜନ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ମନୁଷ୍ୟ ଜୀବନରେ ପ୍ରଯୁକ୍ତିବିଦ୍ୟାର ମହତ୍ତ୍ୱ କଣ ଅତିଥିମାନେ ସୂଚାଇ ଦେଇଥିଲେ। କାର୍ଯ୍ୟକ୍ରମରେ ପିଏମ୍ ଇଣ୍ଟର୍ଣ୍ଣସିପ୍ ଯୋଜନାର ପୋଷ୍ଟର ଅତିଥି ମାନଙ୍କଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ଯୋଜନାରେ ୧୮ରୁ ୨୫ ବର୍ଷର ଯୁବକ ଯୁବତୀମାନେ ମୋ ଭାରତ ପୋର୍ଟାଲକୁ ଯାଇ ଅନଲାଇନରେ ଆବେଦନ କରି ପାରିବେ।




# ଜମନକିରା ବ୍ଲକରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର/ଜମନକିରା, ୧୧।୫ (ସମିସ) :** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୨ଟି ଆବେଦନ ଗ୍ରହଣ କରାଯାଇଥିବାବେଳେ ୪୫ଟି ବ୍ୟକ୍ତିଗତ ଏବଂ ୨୭ଟି ଗୋଷ୍ଠୀଗତ ଆବେଦନ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ କେନାଡ଼ିପାରେ ମନରେଗା ଦୁର୍ନୀତି, ଲିଫ୍ଟ ପଏଣ୍ଟ ଅଚଳ - ଚାଷୀ ହନ୍ତସନ୍ତ, କେନାଲ ପାଣି ଆସୁନି ଜଳକର ଦେଉଛି ଚାଷୀ ଆଦି ସହିତ ରାସ୍ତାଘାଟ ନିର୍ମାଣ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟ ଅଭିଯୋଗ ରହିଥିଲା। କେନାଡ଼ିପା ଗ୍ରାମ ପଞ୍ଚାୟତର ମନରେଗା (ଭିବି ଜି ରାମ ଜି), ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ଆଦି ବିଭିନ୍ନ ପ୍ରକଳ୍ପରେ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତିର ତଦନ୍ତ ପାଇଁ ପଞ୍ଚାୟତବାସୀ ଦାବି ଜଣାଇଥିଲେ।

ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସି ସର୍ବନନ୍, କୁଚିଣ୍ଡା ଏସଡିପିଓ ସୁବୋଧ ନାୟକ, ଜମନକିରା ବିଡିଓ ରବୀନ୍ଦ୍ର ସେଠୀ, ତହସିଲଦାର ପ୍ରବୀଣା ବିଲୁଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ରୋଜଲୀନା ତିର୍କୀଙ୍କ ସମେତ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜଣେ ଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ରେଡକ୍ରସ ଅଧୀନରେ ୫୦ ହଜାର ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ସ୍ଥାନୀୟ ଉତ୍ପାଦ ଏବଂ ହସ୍ତଶିଳ୍ପ, କୁଟୀର ଶିଳ୍ପର ଏକ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

# ବିରଳ ରକ୍ତ ଦେଇ ଜୀବନ ବଞ୍ଚାଇଲେ ସାମାଜିକ କର୍ମୀ

**ସମ୍ବଲପୁର, ୧୧।୫ (ସମିସ) :** ସମ୍ପ୍ରତି ଗ୍ରୀଷ୍ମ ଋତୁରେ ସମ୍ବଲପୁରର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଏବଂ ଭିମ୍‌ସାର ରକ୍ତଭଣ୍ଡାରରେ ରକ୍ତର ଉତ୍କଟ ଅଭାବ ଦେଖାଦେଇଛି। ସାଧାରଣ ବର୍ଗର ରକ୍ତ ମଧ୍ୟ ଉପଲବ୍ଧ ହେଉନାହିଁ। ବହୁ ସମୟରେ କେତେକ ବର୍ଗର ରକ୍ତ ଷ୍ଟକ୍ 'ଶୂନ' ହେବା ନଜିର ରହିଛି। ଏପରିସ୍ଥଳେ ବିରଳ ରକ୍ତ ବର୍ଗ ମିଳିବା କଷ୍ଟକର ବ୍ୟାପାର। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତିଙ୍କ ରକ୍ତ ପାଇଁ ଅପେରସନ ଅଟକି ରହିଥିଲା। ମହିଳାଙ୍କ ବ୍ଲଡ଼ ଗ୍ରୁପ୍ 'ଏ ପଜିଟିଭ' ଅଟେ। ଏନେଇ ସମ୍ବଲପୁର, ବୁର୍ଲା ତଥା ଆଖପାଖ ଅଞ୍ଚଳ ସହିତ ବରଗଡ଼ ପର୍ଯ୍ୟନ୍ତ ଯୋଗାଯାଗ କରାଯାଇଥିଲା। ଏନେଇ ଖବରପାଇ ସାମାଜିକ କର୍ମୀ ଆର୍ତ୍ତତ୍ରାଣ ଶତପଥୀ, ଯିଏକି ଜଣେ ନିୟମିତ ରକ୍ତଦାତା, 'ଏ ପଜିଟିଭ' ରକ୍ତ ଦେଇଥିଲେ। ଯାହା କି ମହିଳାଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏପରିସ୍ଥଳେ ଅଧିକରୁ ଅଧିକ ସଚେତନ ହେବାସହ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ରକ୍ତଦେବା ପାଇଁ ଆଗେଇ ଆସିବାକୁ ଶ୍ରୀ ଶତପଥୀ ଅନୁରୋଧ କରିଛନ୍ତି।



# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୧୧।୫(ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠରେ ରବିବାର ସନ୍ଧ୍ୟାରେ ଗୁରୁ କୃଷ୍ଣଚନ୍ଦ୍ର ବାଗଙ୍କ ସଂଯୋଜନାରେ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଭଜନ ସନ୍ଧ୍ୟାକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ବାବୁ କହିଥିଲେ ଯେ, ସମଲେଶ୍ୱରୀ ପୀଠ କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଜୀବନ୍ତ ପ୍ରତୀକ। କାର୍ଯ୍ୟକ୍ରମରେ ସମ୍ବଲପୁରର ବିଭିନ୍ନ ପ୍ରତିଷ୍ଠିତ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ମୃତ୍ୟୁଞ୍ଜୟ ସାହାଣୀ, ସବିତା ହୋତା, ନିତାଇ ଚାନ୍ଦ ଭୋଇ, ରବୀନ୍ଦ୍ର ପଣ୍ଡା, ରାଜକୁମାର ବୋଷ, ଶୁଭଲକ୍ଷ୍ମୀ ବହିଦାର, ସାନିଆ ମହାରଣା, ମାନସ ଷଡ଼ଙ୍ଗୀ, ଦିଲ୍ଲୀପ ବାଗ, ଅଙ୍କିତ ଷଡ଼ଙ୍ଗୀ, ଶ୍ରୁତି ଦାସ ଓ ଅର୍ଜୁନ ଚାନ୍ଦ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରିଆ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷ ଡ. ଶ୍ୟାମସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ରତନ ଲାଲ ଶର୍ମା, ସନ୍ତୋଷ ପିଙ୍ଗ, କ୍ଷେତ୍ରମଣି ବିଭାର, ରାଜେନ୍ଦ୍ର ସିଂହ, ରତନ ପୂଜାରୀ, ଲାଲ ଅନଙ୍ଗ ସାଇ ଦେଓ, ଜୟକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ବାମରା ମିନି ଷ୍ଟାଡିୟମରେ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କୁଚିଣ୍ଡା, ୧୧।୫(ସମିସ)**

ବାମରା ହାଇସ୍କୁଲ ନିକଟସ୍ଥ ମିନି ଷ୍ଟାଡିୟମ୍‌ରେ ସପ୍ତମ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବାମରା ରାଇଫଲ୍ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ବାମରା ଅଗ୍ନିଶମ ବିଭାଗ ଅଧିକାରୀ ପବିତ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍‌ରେ ତରେଇକେଲା ଦଳ ଶକ୍ତିଶାଳୀ ପ୍ରଦର୍ଶନ କରି କେନ୍ଥୁପାଣି ଦଳକୁ ୫୪ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଲଇଡ଼ା ଦଳ ଗଡ଼ପୋଷ ଦଳକୁ ୨୮ ରନ୍‌ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିଥିଲା। ପରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଲଇଡ଼ା ଓ ତରେଇକେଲା ଦଳ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଲଇଡ଼ା ଦଳ ୮ ଓଭରରେ ୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ତରେଇକେଲା ଦଳ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୫ ଓଭରରେ ବିନା କୌଣସି ୱିକେଟ୍ ହାରାଇ ଲକ୍ଷ୍ୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପ୍ଟେନ୍ ମହେନ୍ଦ୍ର ପୃଷେଠ, ଅଗ୍ନିକ ବିଜୟ ରାଉତ ଓ ନିରଜ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବାମରା ରାଇଫଲ୍ କ୍ରିକେଟ୍ କ୍ଲବ୍‌ର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ବାବଲୁ ନାଏକ ଓ ବସନ୍ତ ଦାସ ଆମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ହୀରା ସିଂହ, ଗୌତମ ଶୁକ୍ଳା, ସଂସ୍କାର ଅଗ୍ରୱାଲ, ରାହୁଲ ଖଣ୍ଡେଲୱାଲ, କରଣ ଠାକୁର, ସୌରଭ ପ୍ରସାଦ, ଅଜୟ ସିଂହ, ଆକାଶ ପଟେଲ ଓ ଶୁଭମ୍ ନାଏକ ସହ ଅନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।



# ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

## ଗୁଡେଶିରା ବଜାର ପ୍ରାଙ୍ଗଣରେ ଶୁଭାରମ୍ଭ କଲେ ବିଧାୟକ



**ବରଗଡ଼, ୧୧ । ୫(ସମିସ)**

ଚଳିତ ରବି ଧାନ ସଂଗ୍ରହ କ୍ରୟ ବିକ୍ରୟ ପ୍ରକ୍ରିୟାର ଶୁଭାରମ୍ଭ ବରଗଡ଼ ନିୟନ୍ତ୍ରଣ ବଜାର କମିଟି ଅଧିନସ୍ଥ ଗୁଡେଶିରା ବଜାର ପ୍ରାଙ୍ଗଣରେ ପରିସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୂ ପ୍ରସନ୍ନ ଆଚାର୍ଯ୍ୟ, ଉପନିବନ୍ଧକ ସମବାୟ ସମିତି ସମୂହ ଯୁଗଳ କିଶୋର ଦାଶ ଓ ନିୟନ୍ତ୍ରଣ ବଜାର କମିଟିର ସମ୍ପାଦକ ଗୋବିନ୍ଦ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ଗୁଡେଶିରା ମହିଳା ଚାଷୀ ଲିଲି ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ତୁରୁଙ୍ଗା ଗ୍ରାମର ଚାଷୀ ସୁରେନ୍ଦ୍ର ମହାପାତ୍ର ଓ ରଘୁନାଥ ମହାପାତ୍ରଙ୍କ ଧାନ ଶୁଭାରମ୍ଭ ଦିନ ବିକ୍ରୟ ହେଇଥିଲା । ଏହି ଅବସରରେ ୪ ଜଣ ଚାଷୀଙ୍କୁ ପାକ୍ସ ଓ ଆରଏମ୍‌ସି ତରଫରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଡେଶିରା, ପଥର୍ଲା, ଗୋବିନ୍ଦପୁର ଓ ଚକରକେନ୍ଦ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସ୍ଥାନୀୟ ଅଗ୍ରଣୀ ଚାଷୀ ଅନନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ଦାଶ, ଗୋବିନ୍ଦପୁର ପେକ୍ସର କର୍ମଚାରୀ ବରଗଡ଼ ଆରଏମ୍‌ସି କର୍ମଚାରୀ, ଗୁଡେଶିରା ୟାର୍ଡ ଇନଚାର୍ଜ ଗୋକୁଳାନନ୍ଦ ଆଚାର୍ଯ୍ୟ, ପବନ କୁମାର ଦାଶ ଓ ସମାଜସେବୀ ମନୋଜ ମହାପାତ୍ର, ଶ୍ରବଣ ଲାଠଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସମ୍ପାଦକ ଗୋବିନ୍ଦ ନାଗଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

## ପଦ୍ମପୁର ଆର୍‌ଏମ୍‌ସି ୫୯ କେନ୍ଦ୍ରରେ ହେବ କ୍ରୟ

**ପଦ୍ମପୁର, ୧୧।୫(ସମିସ):** ପଦ୍ମପୁର ଆରଏମ୍‌ସି ଅଧୀନରେ ଚଳିତ ବର୍ଷର ରବିଋତୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପଦ୍ମପୁର ଉପଜିଲ୍ଲାପାଳ ତଥା ଆରଏମ୍‌ସି ସଭାପତି ହେମସାଗର ଭୋଇ ଆନୁଷ୍ଠାନିକ ଭାବରେ ଧାନ କ୍ରୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ପଦ୍ମପୁର ଆରଏମ୍‌ସି ପକ୍ଷରୁ ମୋଟ ୫୯ଟି ଧାନ କ୍ରୟ କେନ୍ଦ୍ରରେ ରବି ଧାନ କ୍ରୟ କରାଯିବ । ଏହାମଧ୍ୟରୁ ୧୧ଟି ମୁଖ୍ୟ ବଜାର ରହିଥିବା ବେଳେ ୨୫ଟି ସମବାୟ ସମିତି ଧାନ କ୍ରୟ ପ୍ରକ୍ରିୟାରେ ସମ୍ମିଳିତ ହୋଇଛନ୍ତି । ଚାଷୀମାନେ ସୁଚାରୁ ଭାବରେ ଧାନ ବିକ୍ରୟ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସୁବିଧା ଉପଲବ୍ଧ କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ଭୋଇ କହିଛନ୍ତି । ଚାଷୀମାନଙ୍କୁ ଧାନ ବିକ୍ରୟରେ କୌଣସି ପ୍ରକାର ଅସୁବିଧା ନ ହେବାକୁ ପ୍ରଶାସନ ସତର୍କ ରହିଛି । ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ଆରଏମସି ଓ ସମବାୟ ବିଭାଗର କର୍ମଚାରୀମାନେ ମଣ୍ଡିଗୁଡିକରେ ନିୟୋଜିତ ହୋଇଛନ୍ତି । ଆରଏମ୍‌ସି ସମ୍ପାଦକ ରବିନାରାୟଣ ପଣ୍ଡା, ସହକାରୀ ନିବନ୍ଧକ ଗୋପାଳ ପୃଷେଠ, ୟାର୍ଡମ୍ୟାନ ସମରେନ୍ଦ୍ର ପଣ୍ଡା, ବାସୁଦେବ ମିଶ୍ର, ବିନୋଦ ସାହୁ, ସୁଦୀପ୍ତ କୁମାର ମହାନ୍ତି, ରବୀନ୍ଦ୍ର ବୁଢ଼ିଆ ସହ ଅନ୍ୟାନ୍ୟ କର୍ମଚାରୀ ଓ ସମବାୟ ସମିତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



## ଆରମ୍ଭରୁ ଅସନ୍ତୋଷ: ଟୋକନ୍ କମ୍ ଆସୁଛି; କେମିତି ବିକିବେ ଧାନ

**ବିଜେପୁର, ୧୧।୫ (ସମିସ):** ରବି ଧାନ କିଣିବା ପାଇଁ ସୋମବାର ଦିନଠାରୁ ମଣ୍ଡି ଆରମ୍ଭ ହୋଇଛି । କିନ୍ତୁ ଟୋକନ ଅନିୟମିତତା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଚାଷୀମାନେ ଟୋକନ ଅପେକ୍ଷାରେ ରହିଛନ୍ତି । କେତେକ ଚାଷୀଙ୍କ ଟୋକନ ଆସୁଥିବା ବେଳେ ଅନେକଙ୍କ ଟୋକନ ଆସି ନାହିଁ । ଯେଉଁମାନଙ୍କ ଟୋକନ ଆସୁଛି ଆବଶ୍ୟକ ଠାରୁ କମ୍ ଆସୁଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଘରେ ନ ପଶୁଣୁ ଚାଲ ବାଜିବା ନ୍ୟାୟରେ ମଣ୍ଡି ଖୋଲିବା ଅଥବା ଟୋକନ ଆସିବା ପ୍ରଥମ ଦିନ ହିଁ ଚାଷୀଙ୍କ ମଧ୍ୟରେ ଅନିୟମିତା ପାଇଁ ଉଦବେଗ ପ୍ରକାଶ ପାଇଛି । ଏନେଇ ବିଜେପୁର ଅଞ୍ଚଳରେ ମେଳି ବାନ୍ଧିଛନ୍ତି ଚାଷୀ । ବ୍ଲକ ଅନ୍ତର୍ଗତ ତାଳପଦର ଗ୍ରାମରେ ଖିରୋଦ୍ର ପ୍ରଧାନ, ରମେଶ ସାଗର, ନେତ୍ରାନନ୍ଦ ସାହୁ, କନ୍ଦର୍ପ ପ୍ରଧାନ, ଦାମ୍ବୋଦର ବିଶ୍ୱାଳ, କ୍ଷେତ୍ରମୋହନ ସାହୁ, ଶୁଶାନ୍ତ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ମାନେ ସୋମବାର ସନ୍ଧ୍ୟାରେ ବୈଠକରେ ସାମିଲ ହୋଇଥିଲେ । କିଏ ଛଅ ଏକଡ ଚାଷ କରିଛି ୧୫କୁଇଣ୍ଟାଲ ଆସିଛି ତ ଆଉ କିଏ ୧ହେକ୍ଟର ଚାଷ କରିଛି ୮କ୍ୟୁଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ଆସିଛି । ସେଟେଲାଇଟ୍ ସର୍ଭେରେ ଅନେକ ପ୍ରକାର ତ୍ରୁଟି ରହିଥିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଅନେକ ଚାଷୀଙ୍କ ଟୋକନ ପଞ୍ଜୀକରଣ ହୋଇ ନ ପାରି ରିଭର୍ଟ ହୋଇଥିବାରୁ ସ୍ଥାନୀୟ ସମବାୟ ସମିତି କର୍ମଚାରୀମାନେ ସର୍ଭେ କରି ରିପୋର୍ଟ ଦାଖଲ କରିଥିଲେ । କିନ୍ତୁ ତା ସତ୍ତ୍ୱେ ମଧ୍ୟ ଟୋକନ ପ୍ରଦାନ ଦିଗରେ ଅନିୟମିତତା ରହିଥିବାରୁ ସମବାୟ ସମିତିର ସେବା ପ୍ରତି ଚାଷୀମାନେ କ୍ଷୁବ୍ଧ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ କେତେକ ଚାଷୀଙ୍କ ଖରିଫ ଧାନ ଏ ଯାଏ ବିକ୍ରି ହୋଇ ପାରି ନ ଥିବା ବେଳେ ରବି ଧାନ ବିକ୍ରିରେ ଏଭଳି ସ୍ଥିତି ଉପୁଜିବା ସମ୍ଭାବନାରେ ଚାଷୀମାନେ ଆଶଙ୍କାରେ ରହିଛନ୍ତି । ଚାଷୀଙ୍କ ଧାନ ବିକ୍ରି ସମସ୍ୟାକୁ ପ୍ରଶାସନ ଗମ୍ଭୀରତାର ସହିତ ଗ୍ରହଣ କରି ଟୋକନ ବ୍ୟବସ୍ଥାରେ ପୁନଃ ସଂସ୍କାର ଆଣିବା ପାଇଁ ଚାଷୀମାନେ ଦାବି କରୁଛନ୍ତି ।

## ଜମି ତୁଳନାରେ ଟୋକନ୍ କମ୍

**ଅମ୍ବାଭୋନା, ୧୧ । ୫(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କଣ୍ଡପଲା, ଭୁକ୍ତା ଓ ଲଖନପୁର ସୋସାଇଟିରେ ରବି ଋତୁର ଧାନ କ୍ରୟ ପାଇଁ ଟୋକନ ବଣ୍ଟନକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ମିଳିଥିବା ସୂଚନାନୁସାରେ, ମୋଟ ୨୩୬୬ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସମସ୍ତଙ୍କୁ ଟୋକନ ମିଳିନାହିଁ । କଣ୍ଡପଲା ସୋସାଇଟିରେ ୯୬୩ ଜଣ ମଧ୍ୟରୁ ୮୮୯ ଜଣଙ୍କୁ ଟୋକନ ମିଳିଥିବା ବେଳେ ୭୪ ଜଣ ବଞ୍ଚିତ ହୋଇଛନ୍ତି । ସେହିପରି ଭୁକ୍ତା ସୋସାଇଟିରେ ୯୦୧ ଜଣ ମଧ୍ୟରୁ ୮୦୫ ଜଣଙ୍କୁ ଟୋକନ ମିଳିଥିବାବେଳେ ୯୬ ଜଣ ବାଦ ପଡ଼ିଛନ୍ତି । ଲଖନପୁର ସୋସାଇଟିରେ ୫୦୨ ଜଣ ମଧ୍ୟରୁ ୪୭୪ ଜଣଙ୍କୁ ଟୋକନ ମିଳିଥିବା ବେଳେ ୨୮ ଜଣ ବଞ୍ଚିତ ହୋଇଛନ୍ତି । ଏଭଳି ମୋଟ ୧୯୮ ଜଣ ଚାଷୀ ଟୋକନରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି ।ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଏହି ବଞ୍ଚିତ ଚାଷୀମାନେ ପୁଣି ଗତ ଖରିଫ ଋତୁର ୧୧୩ ଜଣ ଚାଷୀଙ୍କ ପରି ଅଫିସରୁ ଅଫିସ ଘୁରିବେ କି? । ଏନେଇ ଜିଲ୍ଲା ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହେଉଛି ।ଲଖନପୁର ସୋସାଇଟିର ଚକ୍ରାମାଲ ଗ୍ରାମର ଚାଷୀ ସନ୍ତୋଷ ସାହୁ ଅଭିଯୋଗ କରିଛନ୍ତି ଯେ, ସେ ଜଳସେଚନ ସୁବିଧା ସହ ୧.୯୦ ଡିସିମିଲ ଜମିରେ ଧାନ ଚାଷ କରିଥିଲେ, କିନ୍ତୁ ତାଙ୍କୁ କେବଳ ୧୧.୭ଚକ୍ୱିଣ୍ଟାଲ ଟୋକନ ମିଳିଛି, ଯେଉଁଥିରେ ୨୭କ୍ୱିଣ୍ଟାଲ ମିଳିବା କଥା ଥିଲା ।ଅନ୍ୟ ପକ୍ଷରେ, କଣ୍ଡପଲା ସୋସାଇଟିର ମୁଛମଲଦା ଗ୍ରାମର ରାଧେଶ୍ୟାମ ସାହୁ ଗୋଟିଏ ହେକ୍ଟର ଜମିରେ ଚାଷ କରିଥିଲେ ମଧ୍ୟ ତାଙ୍କୁ ମାତ୍ର ୨କ୍ୱିଣ୍ଟାଲ ୮୬ କେଜି ଧାନର ଟୋକନ ମିଳିଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି ।କିଛି ଚାଷୀଙ୍କୁ ପର୍ଯ୍ୟାୟକ୍ରମେ ଟୋକନ ମିଳୁଥିବା ବେଳେ, ଦୋଳଗୋବିନ୍ଦ ସାହୁ (୧୯କ୍ୱିଣ୍ଟାଲ), ଜୀବର୍ଦ୍ଧନ ମେହେର (୪୧.୩୪କ୍ୱିଣ୍ଟାଲ), ଗଜେନ୍ଦ୍ର ବେହେରା (୩୬.୬୬କ୍ୱିଣ୍ଟାଲ) ଓ ଶୋଭାରାମ ସାହୁ (୧୫.୦୮ କ୍ୱିଣ୍ଟାଲ) ଟୋକନ ପାଇଥିବା ଜଣାପଡ଼ିଛି ।ଏହାସହିତ, ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚାଷୀମାନେ ମଣ୍ଡିରେ ଥଣ୍ଡା ପାଣି, ଓ ଆର ଏସ, ଔଷଧ, ତାରପୋଲିନ ଓ ଆଶ୍ରୟ ସ୍ଥଳୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।ବାରପାହାଡ କୃଷକ ସଂଗଠନ ସଭାପତି ଇଶାନ ଚନ୍ଦ୍ର ଭୋଇ କହିଛନ୍ତି ଯେ, ପ୍ରଥମେ ଖରିଫ ଋତୁରେ ବଞ୍ଚିତ ୧୧୩ ଜଣ ଚାଷୀଙ୍କ ଧାନ କ୍ରୟ କରାଯିବା ଉଚିତ ଓ ରବି ଋତୁରେ ବଞ୍ଚିତ ୧୯୮ ଜଣ ଚାଷୀଙ୍କୁ ଶୀଘ୍ର ଟୋକନ ଦେବା ସହ ଜମି ତୁଳନାରେ କମ ଟୋକନ ମିଳିଥିବା ଚାଷୀଙ୍କ ମାମଲାର ସଂଶୋଧନ କରି ବଳକା ଧାନ ବିକ୍ରୟକୁ ଅନୁମତି ଦେବା ଆବଶ୍ୟକ ।

### ଅନୁକୂଳ କଲା କୃଷକ ସଂଗଠନ

## ପ୍ରଥମ ଦିନରେ ବିକ୍ରି ହେଲା ୬୯୫ ପ୍ୟାକେଟ୍



**ଅତାବିରା, ୧୧।୫(ସମିସ):** ଚଳିତ ରବି ଫସଲର ଧାନ ସଂଗ୍ରହ ସୋମବାର ଦିନଠୁ ଆରମ୍ଭ ହୋଇଛି । ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ ଗୋଡଭଗା ଓ ଝରାପାଲି ମାର୍କେଟୟାର୍ଡକୁ ୧୦ ହଜାର ୯୯୯ ପାକେଟ ଧାନ ଆସିଥିବା ବେଳେ କେବଳ ଗୋଡଭଗା ମଣ୍ଡିରୁ ୪ ଜଣ ଚାଷୀଙ୍କ ୩ଶହ କ୍ୱିଣ୍ଟାଲର ୬୯୫ ପାକେଟ୍ ଧାନ ଡିସ୍ପୋଜାଲ ହୋଇଛି । ଗୋଡଭଗା ମଣ୍ଡିରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ପୂର୍ବାହ୍ଣରେ ପରଂପରା ଅନୁଯାୟୀ ରବି ଧାନ ଅନୁକୂଳ କରାଯାଇଥିଲା । ଏଥିରେ ପ୍ରଥମେ ଆଣିଥିବା ଦୁଇ ଚାଷୀ ଖଇରପାଲିର ମୁରଲି ରାଓ ଓ କୁମେଲସିଂହାର ସେଣ୍ଟିଆ ରାଓଙ୍କ ଉତ୍ତୋରୀୟ ଦେଇ ସମ୍ମାନିତ କରାଯାଇ ଅନୁକୂଳ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଗଠନ ସଭାପତି ଭୁବନ ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ନରେନ୍ଦ୍ର ପ୍ରଧାନ, ସୁରେଶ କର୍ଣ୍ଣ, କୁବେର ପ୍ରଧାନ, ଦେବେନ ପ୍ରଧାନ, ବି ପାପା ରାଓ, କୃଷ୍ଣ ବାବୁ, ତ୍ରିଲୋଚନ ନାଏକ, ରାମ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।ପରେ ମଧ୍ୟାହ୍ନରେ ପ୍ରଶାସନ ପକ୍ଷରୁ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଅତିରିକ୍ତ ଜିଲ୍ଲାପାଳ ତଥା ଅତାବିରା ଆର ଏମସି ଅଧ୍ୟକ୍ଷ ମଧୁଛନ୍ଦା ସାହୁ ଆନୁଷ୍ଠାନିକ ଭାବେ ରବି ଧାନ ଶୁଭାରମ୍ଭ କରିଥିଲେ ।

### ■ ପଦ୍ମପୁର ବଡ଼ବନ୍ଧ ସୌନ୍ଦର୍ଯ୍ୟକରଣରେ ଅନିୟମିତତା

## ଉଠିଗଲାଣି ଟାଇଲ୍, ମରାମତି ଦାବି

**ପଦ୍ମପୁର, ୧୧।୫ (ସମିସ):** ପଦ୍ମପୁର ସହରର ବଡ଼ବନ୍ଧର ଆଦର୍ଶ ପୋଖରୀ ଭାବେ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ପରିଲକ୍ଷିତ ହେଉଛି । ରାଜ୍ୟ ସରକାର ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରି ପୋଖରୀର ସୌନ୍ଦର୍ଯ୍ୟକରଣ କରିଥିବା ବେଳେ, ନିମ୍ନମାନର କାର୍ଯ୍ୟ ଯୋଗୁଁ ଏବେ ସବୁକିଛି ନଷ୍ଟ ହେବାକୁ ବସିଲାଣି । ସହରବାସୀଙ୍କ ପ୍ରାତଃ ଭ୍ରମଣ ଓ ସୌନ୍ଦର୍ଯ୍ୟ ପାଇଁ ବଡ଼ବନ୍ଧ ହିଡ଼ରେ ପଥଚାରୀ ମାର୍ଗ ନିର୍ମାଣ ସହ ଟାଇଲ୍ ବିଛା ଯାଇଥିଲା । ମାତ୍ର ବର୍ଷେ ନ ପୂରୁଣୁ ହିଡ଼ରେ ଲାଗିଥିବା ଟାଇଲ୍ ଓ ଇଟା ଗୁଡ଼ିକ ଉପୁଡ଼ିବା ଆରମ୍ଭ କଲାଣି । ସ୍ଥାନେ ସ୍ଥାନେ ଫାଟ ସୃଷ୍ଟି ହେବା ସହ ରାସ୍ତା ଦବି ଯାଇଥିବାରୁ ଏହା ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି । ବଡ଼ବନ୍ଧ ହିଡ଼ରେ ପ୍ରତିଦିନ ଶତାଧିକ ଲୋକ ବୁଲାବୁଲି କରନ୍ତି । ମାତ୍ର ଟାଇଲ୍ ଉପୁଡ଼ି ଯାଇଥିବା ଯୋଗୁଁ ପଥଚାରୀମାନେ ହନ୍ତସନ୍ତ ହେଉଛନ୍ତି । ବିଶେଷ କରି ବରିଷ୍ଠ ନାଗରିକ ଓ ଛୋଟ ପିଲାମାନେ ଏଠାରେ ଚାଲିବା ବେଳେ ଝୁଣ୍ଟି ପଡ଼ି ଆହତ ହେଉଛନ୍ତି । ସହର ବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଥିବା ଏହି ବନ୍ଧର ଦୁର୍ଦ୍ଦଶା ଦେଖି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ କାର୍ଯ୍ୟର ମାନ ଏବଂ ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଯଥାଶୀଘ୍ର ଏହାର ସ୍ଥାୟୀ ପ୍ରତିକାର ଓ ମରାମତି କରିବା ସହ ଏହି ଅନିୟମିତତା ପାଇଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।



## ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଇକମାଳ, ୧୧।୫(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମୀନତି ଟେଟେ ସଭାପତିତ୍ୱରେ ଏ-୧ ଓ ଏ-୨ ପାଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଅତିଥି ଭାବରେ ଗିରୀଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ । ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଏ-୧ ପାଇଥିବା ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ଓ ଏ-୨ ପାଇଥିବା ଛାତ୍ରୀ ସୋନିଆରାଣୀ ମହାନନ୍ଦ, ପରମିତା ବେହେରା, ଭାଲ୍ଲୁରୀ ସାଇ ତେଜସ୍ୱୀନୀ ଓ ଭୂମିସୂତା କୁମ୍ଭାର ତାଙ୍କ ପାଠପଢ଼ା ଅନୁଭୂତି ବଖାଣିଥିଲେ । ଶିକ୍ଷକ କ୍ରିଷ୍ଣା ବାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ନରହରି ସିଂ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ଅଭିଜିତ ରାଏ, ବିକ୍ରମ ସିଂ, ଶଙ୍କରଲାଲ ମହାନନ୍ଦ, କଲ୍ୟାଣ ଦନ୍ତା, ସଲୋନି ପ୍ରିୟଦର୍ଶିନୀ ସେଠ, ନରେଶ ଧାକଡ, ଚିତ୍ତରଞ୍ଜନ ସାହା, ସଦାନନ୍ଦ ଭୋଇ, ନୀଳମଣି ପୁଟା, ସବିତା ସାହୁ ସମେତ ଉତ୍ତୀର୍ଣ୍ଣ ହୋଇଥିବା ଅଭିଭାବକ ଅଭିଭାବିକା ଉପସ୍ଥିତ ଥିବା ବେଳେ ଶିକ୍ଷକ ନରହରି ସିଂ ଧନ୍ୟବାଦ ଦେଇଥିଲେ ।ସେହିପରି କେନାବୁଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଫୁଲମତୀ ସାହୁ ସଭାପତିତ୍ୱ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ ଦ୍ୱାଦଶ ପ୍ରଧାନ, ଡୋଲାମଣୀ ମାହାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାମଦେବ ସାହୁ, ସମ୍ପାଦକ ଦୁଃଖୀଶ୍ୟାମ ସାହୁ, ସଭ୍ୟା କ୍ଷୀରବତୀ ନାଏକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ତଥା ଅଭିଭାବକ ଅଭିଭାବିକାମାନେ ଉପସ୍ଥିତ ଥିଲେ ।

### ଛୋଟଅନକିରେ ଭୟାବହ ଅଗ୍ନିକାଣ୍ଡ

## ଜୀବନ୍ତ ଦଗ୍ଧ ହୋଇ ଦୋକାନୀଙ୍କ ମୃତ୍ୟୁ

**ଝାରବନ୍ଧ, ୧୧।୫ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଛୋଟଅନକି ଗ୍ରାମର ଡୁଙ୍ଗୁରିପଡ଼ାରେ ସୋମବାର ଏଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଦୋକାନୀଙ୍କ ମୃତ୍ୟୁ ଘଟିଛି । ମୃତକ ସ୍ଥାନୀୟ ଅଞ୍ଚଳର ସୁନ୍ଦରମଣି ଭୋଇ (୬୫) । ଦୋକାନ ଘରରେ ହଠାତ୍ ନିଆଁ ଲାଗିଯିବାରୁ ସେ ପଦାକୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି । ସୂଚନା ପାଇ ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ଏଏସ୍‌ଆଇ ଗୟାରାମ ଷଣ୍ଡ ଏବଂ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦନ୍ତ ଆରମ୍ଭ କରିଥିଲେ । ସେହିପରି ଅଗ୍ନିଶମ ବିଭାଗର ଓଆଇସି କୃଷ୍ଣଚନ୍ଦ୍ର ଶବର ଓ ତାଙ୍କ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବହୁ ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ । ସ୍ଥାନୀୟ ଲୋକଙ୍କ ପ୍ରାରମ୍ଭିକ ଅନୁମାନ ଅନୁଯାୟୀ, ବିଦ୍ୟୁତ ସଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ । ନିଆଁରେ ଦୋକାନର ସମସ୍ତ ସାମଗ୍ରୀ ସହ ଘରର ଅନ୍ୟାନ୍ୟ ଜିନିଷପତ୍ର ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଛି । ପୁଲିସ ପକ୍ଷରୁ ଘଟଣାର ସଠିକ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ।

## ଭେଡେନରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଭେଡେନ, ୧୧।୫ (ସମିସ):** ଭେଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ଅତାବିରା ବ୍ଲକ ବିଡିଓ ରିପୁନାଥ ସୁନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅନୁଷ୍ଠିତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନକାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୬୮ଟି ଅଭିଯୋଗ ମଧ୍ୟରୁ ୫୬ ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବିଡିଓ ସୌଭାଗ୍ୟ ପଧାନ, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରାହି ହୁସେନ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ସମେତ ବ୍ଲକ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ ବିଡିପିଏଲ

## ହ୍ୱାଇଟ ହର୍ଷ ଅତାବିରା ଚାମ୍ପିଅନ

**ବରଗଡ଼, ୧୧ । ୫(ସମିସ)**

ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନ ଅନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ ବିଡିପିଏଲ-୮ ସୋମବାର ଫାଇନାଲ ମ୍ୟାଚ୍‌ରେ ବରଗଡ଼ ଯୋଦ୍ଧାସକୁ ହରାଇ ହ୍ୱାଇଟ ହର୍ଷ ଅତାବିରା ଷଷ୍ଠ ଥର ପାଇଁ ଚାମ୍ପିଅନ୍ ହୋଇଛି ।ହ୍ୱାଇଟ ହର୍ଷ ଅତାବିରା ଓ ବରଗଡ଼ ଯୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବରଗଡ଼ ଯୋଦ୍ଧାସ ଦଳର ଅଧିନାୟକ ମନୋଜ ଶର୍ମା ଟସ୍ ଜିଣି ପ୍ରଥମେ ଅତାବିରା ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ । ଅତାବିରା ଦଳ ବ୍ୟାଟିଂ ଆରମ୍ଭ କରି ରୋହନ କୁମାରଙ୍କ ୨୩ ବଲରେ ୮ ଚୌକା ସହ ୩୬ ରନ୍, ଦେବବ୍ରତ ପ୍ରଧାନଙ୍କ ୧୭ ରନ୍, ସୌମ୍ୟ ଲେଙ୍କାଙ୍କ ୧୮ ରନ୍, ଶୁଭମ୍ ବିଷ୍ଟଙ୍କ ୧୮ ରନ୍, ଅତୁଲ୍ୟ କର୍ଣ୍ଣଙ୍କ ୧୪ ରନ୍ ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ୧୫୯/୯ ରନ୍ କରିଥିଲେ । ପ୍ରତିପକ୍ଷ ବରଗଡ଼ ଯୋଦ୍ଧାସ ପକ୍ଷରୁ ସେକ ହେୟାତ୍ ୩୮/୨ ୱିକେଟ, ଅଂଶୁମାନ ମିଶ୍ର ୧୫/୨ ୱିକେଟ, ପ୍ରକାଶ ମାହାନା ୨୬/୨ ୱିକେଟ, ଜ୍ୟୋତି ପ୍ରକାଶ ସେଠ୍ ୩୩/୨ ୱିକେଟ, ଶୟଦ୍ ଜାକି ୨୩/୧ ୱିକେଟ୍ ନେଇଥିଲେ ।ଜବାବରେ ବରଗଡ଼ ଯୋଦ୍ଧାସ ଦଳ ବ୍ୟାଟିଂ ଆରମ୍ଭ କରିଥିଲା । ମ୍ୟାଚ୍‌ର ଦ୍ୱିତୀୟ ଓଭରର ପଞ୍ଚମ ବଲ ଚାଲିଥିବା ବେଳେ ଦଳୀୟ ସ୍କୋର ୬/୦ ଥିଲା, ଏହି ସମୟରେ ଝଡ ତୋଫାନ ସହ ଘଡ ଘଡ଼ି ସହ ପ୍ରବଳ ବର୍ଷା ହେବା ଯୋଗୁଁ ମ୍ୟାଚ୍ ଆଉ ଖେଳାଯାଇ ପାରିନଥିଲା । ପ୍ରତିଯୋଗିତା ର ନିୟମରେ ଫାଇନାଲ ପାଇଁ ଗୋଟିଏ ଦିନ ରଜର୍ଭ ଥିବାରୁ ଆଜି ପୁଣି ଖେଳ ସେହି ୧.୫ ଓଭରରୁ ଆରମ୍ଭ ହୋଇଥିଲା । ଆଜିର ଦିନରେ ବ୍ୟାଟିଂ ଆରମ୍ଭ କରି ବରଗଡ଼ ଯୋଦ୍ଧାସ ଦଳ ପକ୍ଷରୁ ପ୍ରକାଶ ମାହାନାଙ୍କ ୬୧ ରନ୍, ବିନୟ ଶର୍ମାଙ୍କ ୧୫ ରନ୍, ଅଂଶୁମାନ ମିଶ୍ରଙ୍କ ୧୫ ରନ୍, ସଞ୍ଜୟ ଡୁଙ୍ଗୁରିଙ୍କ ୧୪ ରନ ସଂଗ୍ରହ କରିବା ଫଳରେ ଦଳ ୨୦ ଓଭରରେ ୮ ୱିକେଟ ହରାଇ ୧୩୨ ରନ୍ କରିବାକୁ ସକ୍ଷମ ହେବାରୁ ହ୍ୱାଇଟ ହର୍ଷ ଅତାବିରା ଫାଇନାଲ ମ୍ୟାଚ୍‌କୁ ୨୭ ରନର୍ ଜିତି ବିଡିପିଏଲ-୮ ର ଚାମ୍ପିଅନ୍ ହେବା ସହ ଷଷ୍ଠ ଥର ପାଇଁ ଚାପିଆନସିପ ଜିତିବାରେ ସଫଳ ହୋଇଥିଲା । ଫାଇନାଲ ମ୍ୟାଚର ଖେଳ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ ଅମ୍ପାୟାର ହନୁ ଅଗ୍ରୱାଲ ଓ ଅକ୍ଷୟ ସାହାଣୀ । ତୃତୀୟ ଅମ୍ପାୟାର ଥିଲେ ସାଜନ୍ ସାହୁ ଓ ଶୁଭମ୍ ପାତ୍ର ଚତୁର୍ଥ ଅମ୍ପାୟର ଥିଲେ । ସ୍କୋରର ଥିଲେ ମନୋଜ କୁମାର ପାତ୍ର, ଅଶୋକ ସାହୁ । ମ୍ୟାଚ୍ ରେଫରି ଥିଲେ ହରିହର ପ୍ରଧାନ । ଭାଷ୍ୟକାର ଭାବରେ ସନ୍ତୋଷ ନାୟାର ଓ ମନୋଜ ସିଂ କାର୍ଯ୍ୟ ତୁଲାଇଥିଲେ । ଲାଇଭ ଷ୍ଟ୍ରିମିଙ୍ଗ କରିଥିଲେ ନିଶିକାନ୍ତ ରାଉତ । ମ୍ୟାଚ୍ ପରେ ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବର ଅତିଥି ଭାବରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବଶିଷ୍ଠ ଶିଳ୍ପପତି ତଥା କ୍ରୀଡା ସଂଗଠକ ଚନ୍ଦ୍ର ଶେଖର ବାଗ ଯୋଗଦେଇ ବିଜୟୀ ଦଳ, ଉପବିଜେତା ତଥା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ମ୍ୟାଚ୍ ଅଫିସିଆଲ୍‌ମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ । ବିଜେତା ଅତାବିରା ଦଳକୁ ନଗଦ ୧ ଲକ୍ଷ ଟଙ୍କା ସହ ଚମ୍ପିଅନ୍ ଟ୍ରଫି, ଉପବିଜେତା ବରଗଡ଼ ଯୋଦ୍ଧାସକୁ ନଗଦ ୬୦ ହଜାର ଟଙ୍କା ସହ ରନର୍ ଅପ ଟ୍ରଫି ପ୍ରଦାନ କରାଯାଇଥିଲା । ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ଅତାବିରା ଦଳର ଦେବବ୍ରତ ପ୍ରଧାନଙ୍କୁ ଟ୍ରଫି ସହ ନଗଦ ୨ହଜାଟଙ୍କା, ଗୁରୁ ନାନକ ରଙ୍ଗରାଜ ପକ୍ଷରୁ ଜସୱନ୍ତ ସିଂ ପ୍ରତିଯୋଗିତାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବରେ ମହମ୍ମଦ ସଲିମ ସ୍ମାରକୀ ଟ୍ରଫି ସହ ନଗଦ ୫ହଜାର ଟଙ୍କା ବରଗଡ଼ ଯୋଦ୍ଧାସ ଦଳର ପ୍ରକାଶ ମାହାନାଙ୍କୁ ପ୍ରଦାନ କରିଥିଲେ । ସେହିପରି ଗୁରୁ ନାନକ ରଙ୍ଗରାଜ ପକ୍ଷରୁ ଆମରଜିତ ସିଂ ଶ୍ରେଷ୍ଠ ବୋଲର ଭାବରେ ବରଗଡ଼ ଯୋଦ୍ଧାସ ଦଳର ସୟଦ ଜେକିଙ୍କୁ ନଗଦ ୫ହଜାର ଟଙ୍କା ସହ ୱିଲସନ ସିଂ ସ୍ମାରକୀ ଟ୍ରଫି, ଏଇ ମିଶନ ଇଂଲିଶ ମିଡିୟମ ସ୍କୁଲର ଚେୟାରମ୍ୟାନ ଯଶବୀର ସିଂ ଶ୍ରେଷ୍ଠ ଖେଳାଳୀ ଭାବରେ ମା'ସମଲେଶ୍ୱରୀ ଇଲେଭେନ୍ ଦଳର ଖେଳାଳି ଦେବବ୍ରତ ପ୍ରଧାନଙ୍କୁ ମାରିଓ ମେଲେଟୋ ସ୍ମାରକୀ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି, ହାର୍ଦ୍ଦିକ ପଟାଡିଆ ଶ୍ରେଷ୍ଠ ଉଦୀୟମାନ ଯୁବ ଖେଳାଳି ଭାବରେ କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବ୍‌ର ସ୍ୱରିତ ଦାଶଙ୍କୁ ସଂଗ୍ରାମାଦିତ୍ୟ ସ୍ମାରକୀ ଟ୍ରଫି ସହ ଶ୍ରୀଜି ଜ୍ୱେଲର୍ସ ପକ୍ଷରୁ ପ୍ରଦତ୍ତ ଦୁଇଗ୍ରାମ ରୂପା ମୁଦ୍ରା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଆୟୋଜକ କମିଟି ପକ୍ଷରୁ ଅତିଥି ଓ ଫ୍ରାଞ୍ଚାଇଜି ଦଳ ମାନଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।




### ୧୩ ଦିନିଆ ରକ୍ତଦାନ ଶିବିର

## ଏକାଦଶ ଦିନରେ ୬୧ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୧୧।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶ ରେ ଦୂର କରିବା ପାଇଁ ଶ୍ରୀରବି ଶଙ୍କର ଜିଙ୍କ ଜନ୍ମଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂ ପରିବାରର ମିଳିତ ଆନୁକୂଲ୍ୟରେ ୧୩ ଦିନିଆ ରକ୍ତଦାନ ଶିବିରର ସୋମବାର ଏକାଦଶ ଦିନରେ ଗୋଟିଏ ଦିନରେ ଦୁଇଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ରକ୍ତଦାନ ଶିବିର ବରଗଡ଼ ବ୍ଲକ ଖଣ୍ଡହଥା ପଞ୍ଚାୟତର ନୂଆଁଗଡ଼ ସାହୁ ବ୍ରିକ୍ସ ଠାରେ ଶିବିର ଅନୁଷ୍ଠିତ ହୋଇଥିଲା ।ବରେଣ୍ୟ ଅତିଥି ଭାବରେ ସାହୁ ବ୍ରିକ୍ସର ମାଲିକ ବଟ କୃଷ୍ଣ ସାହୁ ଓ ଆର୍ଟ ଅଫ ଲିଭିଂ ଆପେକ୍ସ ସଦସ୍ୟ ତଥା ନିଷ୍ଠା ପରିବାରର ଉପସଭାପତି କ୍ଷିରୋଦ୍ର ସାହୁ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୩୮ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ସେହିପରି ସନ୍ଧ୍ୟାରେ ଦ୍ୱିତୀୟ ରକ୍ତ ଦାନ ଶିବିର ବରଗଡ଼ ବ୍ଲକ ଗୁଡେଶିରାସ୍ଥିତ ସାଉନ୍ତ ପୁରରେ ଥିବା ଗୌରୀଶଙ୍କର ଷ୍ଟିଲ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ବରେଣ୍ୟ ଅତିଥି ଭାବରେ ଗୌରୀ ଶଙ୍କର ଷ୍ଟିଲର ମାଲିକ କମଲ ଅଗ୍ରୱାଲ ଓ କପିଲ ଅଗ୍ରୱାଲ ଶୁଭାରମ୍ଭ କରିଥିଲେ । ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୨୩ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉଭୟ ଶିବିରରୁ ମୋଟ ୬୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉଭୟ ଶିବିରକୁ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂର ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ ।

### ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

# ଆଭାସୀରେ ହାଜର ହେଲେ ଏମ୍‌କେସିଜି କର୍ତ୍ତୃପକ୍ଷ

ବ୍ରହ୍ମପୁର,୧୧।୫(ସମିସ): ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶୁଣାଣି ହୋଇଛି। ପ୍ରଥମତଃ ମାମଲାରେ ଗିରଫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମକୁ ବିରୋଧ କରି ସେମାନଙ୍କ ପକ୍ଷରୁ ଦାଖଲ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ଆରମ୍ଭ ହୋଇଥିଲା। ପ୍ରସିକ୍ୟୁସନଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ମିଶ୍ର ଓ ସହଯୋଗୀ ପିପି ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ କରିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ। ଯାହା ଆଗାମୀ ୧୪ତାରିଖରେ ପୁଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି। ପ୍ରସିକ୍ୟୁସନ ପକ୍ଷରୁ ଯୁକ୍ତି ଉପସ୍ଥାପନ ପରେ ଡିଫେନ୍ସ ପକ୍ଷରୁ ତାହାକୁ ଖାରଜ କରିବାକୁ ଯୁକ୍ତି ଉପସ୍ଥାପନ କରାଯିବ। ଏହି ଶୁଣାଣି ବେଳେ ଆଇନଜୀବୀ ମଦନ ଦଳେଇଙ୍କ ବ୍ୟତୀତ ଅନ୍ୟ ସମସ୍ତ ୧୪ଜଣ ଉଭୟ ବ୍ରହ୍ମପୁର ଓ ଫୁଲବାଣୀ ଜେଲରୁ ଆଭାସି ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ। ସେହିଭଳି ପୂର୍ବରୁ ଏହି ମାମଲାରେ ଗିରଫ ହୋଇ ଜାମୀନରେ ଥିବା ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ ଶୁଣାଣି ବେଳେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ସେପଟେ ଏମକେସିଜି ମେଡିକାଲରେ ଚିକିତ୍ସାଧିନ ଥିବା ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ତାଙ୍କ ପତ୍ନୀ କରିଥିବା ପିଟିସନ ଉପରେ ଆଜି ଶୁଣାଣି ହୋଇଥିଲା। ୧୮ ବର୍ଷ ପୂର୍ବେ ମଦନଙ୍କ ଗୋଡରେ ହୋଇଥିବା ଅସ୍ତ୍ରୋପଚାର ଜରିଆରେ ଗୋଡରେ ଲାଗିଥିବା ଷ୍ଟିଲ ରଡ ଖସିଯିବା ଯୋଗୁଁ ଯନ୍ତ୍ରଣା ଅନୁଭବ କରୁଥିବା ଅଭିଯୋଗ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ସ୍ୱତନ୍ତ୍ର ମେଡିକାଲ ବୋର୍ଡର ପରାମର୍ଶ କ୍ରମେ ମଦନଡ଼ଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରେ ଭର୍ତ୍ତି ହେବାର ଦିର୍ଘ ଏକମାସ ପରେ ମଧ ତାଙ୍କର ଅସ୍ତ୍ରୋପଚାରରେ ଅହେତୁକ ବିଳମ୍ବ କରାଯାଇଥିଲା। ପରବର୍ତ୍ତି ସମୟରେ ଏନେଇ ପ୍ରଶ୍ନ ଉଠିବାରୁ ମଦନଙ୍କ ଅନିଛା ସତ୍ତ୍ୱେ ତାଙ୍କୁ ତରବରିଆ ଭାବେ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ପରେ କୋର୍ଟଙ୍କ ହସ୍ତକ୍ଷେପ ପରେ ଅସ୍ତ୍ରୋପଚାର ସ୍ଥଗିତ ରହିଥିଲା। ତେବେ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମ ନଥାଇ ସୁଦ୍ଧା ଡାକ୍ତର କେଉଁ ପରିସ୍ଥିତିରେ ଓ କାହାରି ଚାପରେ ଅସ୍ତ୍ରୋପଚାର ପାଇଁ ନେଇଥିଲେ ତାହାକୁ ନେଇ ଉଠିଥିଲା ପ୍ରଶ୍ନ। ଏହାର ଉତ୍ତରରେ ଡାକ୍ତରଖାନା କର୍ତ୍ତୃପକ୍ଷ କୋର୍ଟରେ ଲିଖିତ ବୟାନ ଦେଇଥିଲେ। ଯେଉଁଥିରେ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ନଥିବା ଏବଂ ତାହାକୁ ବାହାରୁ ମଗାଯାଇଥିବା କୁହାଯାଇଥିଲା।

- ଅଭିଯୁକ୍ତଙ୍କ ଡିସଚାର୍ଜ ଆବେଦନ ନେଇ ପ୍ରସିକ୍ୟୁସନ ପକ୍ଷରୁ ଶୁଣାଣି ଆରମ୍ଭ, ପରବର୍ତ୍ତୀ ଶୁଣାଣି ୧୪ରେ
- ଅସ୍ତ୍ରୋପଚାରରେ ବିଳମ୍ବ ନେଇ ଲିଖିତ ଉତ୍ତର ରଖିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୋର୍ଟଙ୍କ ସାନି ନିର୍ଦ୍ଦେଶ

ଏହି ମାମଲାରେ ଆଜି କୋର୍ଟରେ ଶୁଣାଣି ବେଳେ ଏମକେସିଜି ମେଡିକାଲର ଭାରପ୍ରାପ୍ତ ଅଧିକ୍ଷକ ପ୍ରଫେସର ଡାକ୍ତର ସାଗର ପୃଷ୍ଟି, ଡାକ୍ତର ଅବନୀ ମିଶ୍ର ଓ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡାକ୍ତର ସୁଧୀର ମହାପାତ୍ର ଆଭାସି ଜରିଆରେ ହାଜର ହୋଇ ନିଜର ମତ ରଖିଥିଲେ। ଆବଶ୍ୟକ ସରଞ୍ଜାମ ଖୁବ୍‌ଶୀଘ୍ର ଆସିବା ପରେ ଅସ୍ତ୍ରୋପଚାର କରାଯିବ ବୋଲି କହିବା ପରେ ଏନେଇ ଲିଖିତ ବୟାନ କୋର୍ଟ ଦେବାକୁ କୁହାଯାଇଥିଲା। ତେବେ ବିଚାରାଧିନ ବନ୍ଦୀଙ୍କ ପ୍ରତି ଡାକ୍ତରଖାନାରେ ଯେଉଁଭଳି ବ୍ୟବହାର କରାଯାଉଛି ତାକୁ ନେଇ ଆଗାମୀ ଚିକିତ୍ସାକୁ ନେଇ ସନ୍ଦେହ କରିଛନ୍ତି ଖୋଦ୍ ଅଭିଯୁକ୍ତ ଓ ସେମାନଙ୍କ ପରିବାରବର୍ଗ। ଡାକ୍ତରଖାନା କର୍ତ୍ତୃପକ୍ଷ ଲିଖିତ ଉତ୍ତର ରଖିବା ପରେ ମଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ପରବର୍ତ୍ତି ପଦକ୍ଷେପ ନିର୍ଭର କରୁଥିବା କହିଛନ୍ତି ମଦନଙ୍କ ଓକିଲ ଦୀପକ ପଟ୍ଟନାୟକ। ଆଜିର ଶୁଣାଣି ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ, କପିଳେଶ୍ୱର ପଟ୍ଟନାୟକ, କୈଳାସ ପଣ୍ଡା, କୃଷ୍ଣ ପଟ୍ଟନାୟକ, ଚକ୍ରପାଣି ନାହାକ, ଆଶ୍ରିତ ବେହେରା ଓ ରଞ୍ଜନ ନାହାକ ପ୍ରମୁଖ ଉପସ୍ଥିତ ରହି ମକଦ୍ଦମା ପରିଚାଳନା କରିଥିଲେ।

## ବ୍ରାଉନ୍‌ସୁଗର ଜବତ; ଆଉ ଜଣେ ଯୁବକ ଗିରଫ



ବ୍ରହ୍ମପୁର,୧୧।୫(ସମିସ): ବ୍ରହ୍ମପୁର ସହରରୁ ଆଉ ଜଣେ ଯୁବକଙ୍କ ନିକଟରୁ ବ୍ରାଉନସୁଗର ଜବତ ହୋଇଛି। ବ୍ରହ୍ମପୁର ହଳଦିଆପଦର ବାଇପାସ ସର୍ଭିସ ରୋଡ୍ ନିକଟରେ ନିଶାଦ୍ରବ୍ୟ କାରବାର ଚାଲିଥିବା ବେଳେ ଗୋଷାଣୀନୂଆଗାଁ ଥାନା ପୁଲିସ ପକ୍ଷରୁ ଚଢଉ କରାଯାଇ ବଡ଼ବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଶାସ୍ତ୍ରୀନଗର ଅଞ୍ଚଳର ସନ୍ତୋଷ ପାତ୍ର(୩୬)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୬.୬୯ ଗ୍ରାମ ବ୍ରାଉନସୁଗାର ସମେତ ୨ଟି ମୋବାଇଲ୍ ଫୋନ୍, ଏକ କଳା ପଲିଥିନ ବ୍ୟାଗ୍‌ଆ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(୧୬୬/୨୬) ରୁଜୁ ହେବା ସହ ସନ୍ତୋଷଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲୁରହିଥିବା ସ୍ୱତନ୍ତ୍ର ଅଭିଯାନ 'ନିଶାମୁକ୍ତ ଓଡ଼ିଶା' ଜରିଆରେ ପୁଲିସ ପକ୍ଷରୁ ନିଶା ବୋପାରୀଙ୍କୁ କାବୁ କରିବାକୁ ଚେଷ୍ଟା ଜାରି ରହିଥିଲା।

ଗତକାଲି ଥାନାର ଏସଆଇ ଗୌରବ ରଞ୍ଜନ ଦାସ ଓ ତାଙ୍କ ଟିମ୍ ଗତକାଲି ସନ୍ଧ୍ୟା ପ୍ରାୟ ୮ ଟା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ହଳଦିଆପଦର ବାଇପାସ ସର୍ଭିସ ରୋଡ୍ ନିକଟରେ ନିଶାଦ୍ରବ୍ୟ କାରବାର ଚାଲିଥିବା ସୂଚନା ପାଇଥିଲେ। ସେଠାରେ ଅଚାନକ ଚଢ଼ାଉ କରି ପୁଲିସ ସନ୍ତୋଷକୁ କାବୁ କରିଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ଏକ ଗିପ୍-ସିଲ ଜରି ପ୍ୟାକେଟରେ ୬.୬୯ ଗ୍ରାମ ଓଜନର ବ୍ରାଉନସୁଗାର ମିଳିଥିଲା। ସେ ଏହି ବ୍ରାଉନସୁଗର କେଉଁଠୁ ଆଣିଥିଲେ ଏବଂ କାହାକୁ ବିକ୍ରି କରିଥାନ୍ତେ ସେନେଇ ତଦନ୍ତ ଜାରି ରହିଛି। ପ୍ରକାଶଥାଉକି, ୨ଦିନ ତଳେ ଏମକେସିଜି ଖେଳପଡିଆ ନିକଟରୁ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଛତ୍ରପୁରର ତନ୍ମୟ କୁମାର ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୭ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା।

## ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଗିରଫ

ବ୍ରହ୍ମପୁର,୧୧।୫(ସମିସ): ମଦ୍ୟପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ନିଜ ସ୍ତ୍ରୀକୁ କାତିରେ ଆକ୍ରମଣ କରିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ରାଧାକୃଷ୍ଣ ମଠ ସାହିର ବିଚିତ୍ର ମହାଙ୍କୁଡ (୪୭)। ବିଚତ୍ର ଜଣେ ଦିନମଜୁରିଆ ଭାବେ କାମ କରନ୍ତି। ସେ ସବୁବେଳେ ମଦ୍ୟପାନ କରି ଘରକୁ ଆସିବା ସହ ସାମାନ୍ୟ କଥାରେ ସ୍ତ୍ରୀ ସୁନୀତା ମହାଙ୍କୁଡଙ୍କ ସହ ଝଗଡ଼ା କରି ଗାଳିଗୁଲଜ କରନ୍ତି। ପରିବାର ଚଳାଇବା ପାଇଁ ସେ କୌଣସି ଆର୍ଥିକ ସହାୟତା ମଧ ଦିଅନ୍ତି ନାହିଁ। ଶନିବାର ରାତି ପ୍ରାୟ ୧୦ଟା ସମୟରେ ବିଚିତ୍ର ମଦ୍ୟପାନ କରି ଘରକୁ ଆସି ସୁନୀତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସୁନୀତା ଏହାର ପ୍ରତିବାଦ କରିବାରୁ ଏକ ଲୁହା କାତି ବାହାର କରି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ସୁନୀତା ଅଳ୍ପକେ ବର୍ତ୍ତି ଯାଇ ଘରୁ ବାହାରକୁ ପଳାଇ ଆସିଥିଲେ। ପରଦିନ ସକାଳେ ବିଚିତ୍ର ପୁଣି ଥରେ ମଦ୍ୟପାନ କରି ସୁନୀତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅନ୍ୟ ଉପାୟ ନପାଇ ସୁନୀତା ସଦର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(୨୭୯/୨୬) ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ବିଚିତ୍ର ନିକଟରୁ ଆକ୍ରମଣରେ ବ୍ୟବହୃତ ଲୁହା କାତିକୁ ଜବତ କରିଛି।

## ଫାର୍ମାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ !

- ଅନୁମତି ବିନା ଦୀର୍ଘ ବର୍ଷ ଧରି ସେଲ୍ଫ ଫାଇନାନ୍ସ ସ୍କିମରେ ଚାଲିଥିଲା ପାଠ୍ୟକ୍ରମ
- ପିସିଆଇ ଅନୁମୋଦନ ବିହୀନ ପାଠ୍ୟକ୍ରମର ସାର୍ଟିଫିକେଟକୁ ମିଳୁନି ମାନ୍ୟତା
- ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ ଛାତ୍ରଛାତ୍ରୀଙ୍କୁ ଛଟେଇ ପରେ ଉଠିଛି ବିବାଦ

ବ୍ରହ୍ମପୁର,୧୧।୫(ସମିସ): ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ବିନା କୌଣସି ଅନୁମୋଦନରେ କ୍ୟାମ୍ପସରେ ଏମ. ଫାର୍ମା ପାଠ୍ୟକ୍ରମ ଖୋଲିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ୩୦ଟି ସିଟ ବିଶିଷ୍ଟ ଏମ ଫାର୍ମା ବା ଫାର୍ମାସ୍ୟୁଟିକାଲ୍ସରେ ସ୍ନାତ୍ତୋକତର ଡୀଗ୍ରୀ ପାଠ୍ୟକ୍ରମ ପ୍ରାୟ ୨୦୦୮ରୁ ୧୦ମଧ୍ୟରେ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ଯାହା ସମ୍ପୂର୍ଣ୍ଣ ସେଲ୍ଫ ଫାଇନାନ୍ସ ସ୍କିମରେ ପରିଚାଳିତ। ତେବେ ଏଥିପାଇଁ ପୂର୍ବରୁ ଏଆଇସିଟିଇର ଅନୁମୋଦନ ବା ସ୍ୱୀକୃତି ରହିଥିଲା। ଦୁଇବର୍ଷିଆ ତଥା ୪ଟି ସେମିଷ୍ଟାର ବିଶିଷ୍ଟ ଏହି ପାଠ୍ୟକ୍ରମରେ ପ୍ରତିବର୍ଷ ୩୦ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯାଉଥିଲା। ସେମାନଙ୍କ ଠାରୁ ନାମଲେଖା ଓ ଫର୍ମଫିଲପ ବ୍ୟତୀତ ପ୍ରତି ସେମିଷ୍ଟାର ପାଇଁ ୩୫ହଜାର ୮ଶହ ଟଙ୍କା ନିଆଯାଉଥିଲା। ଫଳରେ ଏହି କୋର୍ସ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମୋଟାମୋଟି ଭାବେ ପ୍ରାୟ ଦେଢ ଲକ୍ଷରୁ ଅଧିକ ଫି ଦେବାକୁ ପଡୁଥିଲା। ୨୦୧୫ମସିହାରେ ଏଆଇସିଟିଇ ପରିବର୍ତ୍ତେ ପିସିଆଇ ବା ଫାର୍ମା କାଉନସିଲ ଅଫ ଇଣ୍ଡିଆ ଗଠନ ହୋଇ ଏହି ପାଠ୍ୟକ୍ରମ ପାଇଁ ଅନୁମୋଦନ ଦେଲା। ତେବେ ୨୦୧୫ମସିହାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏହି ଏମ. ଫାର୍ମା ପାଠ୍ୟକ୍ରମ ପାଇଁ ଅନୁମତି ବା ସ୍ୱୀକୃତି ମିଳିନାହିଁ। ଯଦ୍ୱାରା ଏଠାରୁ ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟର ମୂଲ୍ୟ ଆଦୌ ନାହିଁ। ଏନେଇ ଛାତ୍ରଛାତ୍ରୀମାନେ ଅବଗତ ହେବାରେ ବିଳମ୍ବ ହୋଇଥିଲା। ୨୦୨୦ରୁ୨୨ମସିହାରେ ଏନେଇ ଜଣାପଡିବା ପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହ୍ଲାଇଥିଲେ। ଫଳରେ ବାଧ ହୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍ୟ ଉପାୟ ନପାଇ ପିଲାଙ୍କୁ ସେମାନଙ୍କର ଟ୍ରାନ୍ସଫର ସାର୍ଟିଫିକେଟ ବା ଟିସି ନେଇଯିବାକୁ ପରାମର୍ଶ ଦେଇଥିଲେ। ବହୁ ଛାତ୍ରଛାତ୍ରୀ ଟିସି ନେଇଯାଇଥିବା ବେଳେ କିଛି ଛାତ୍ରଛାତ୍ରୀ ତାହା ନକରି ନିଜର ଅଧ୍ୟୟନ ଜାରି ରଖିଛନ୍ତି।

ଏଭଳି ଛାତ୍ରଛାତ୍ରୀ ମାତ୍ର ୪ଜଣ ଥିବା ଜଣାପଡିଛି। ଟିସି ନେଇଯାଇଥିବା ଛାତ୍ରଛାତ୍ରୀ ସେମାନଙ୍କ ଟଙ୍କା ଫେରସ୍ତ ଦାବି କରିଥିଲେ ହେଁ ତାହା ସେମାନଙ୍କୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ଜଣାପଡିଛି। ବିଭିନ୍ନ ଆଇନଜତ ସମସ୍ୟା ଉପୁଜିବାରୁ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷ ବିଶ୍ୱବିଦ୍ୟାଳୟରୁ ଏମ ଫାର୍ମା ପାଠ୍ୟକ୍ରମକୁ ବାଦ ଦେବା ନେଇ ଓଜେଇଇକୁ ଚିଠି ଲେଖିଥିଲେ। ପରବର୍ତ୍ତି ସମୟରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ବୈଠକରେ ଆଲୋଚନା ପରେ ଏହି ପାଠ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ଗତବର୍ଷ ଠାରୁ ଏହି ଏମ. ଫାର୍ମା ପାଠ୍ୟକ୍ରମରେ ଆଉ କୌଣସି ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯାଉନାହିଁ। ଏଭଳି ପରିସ୍ଥିତିରେ ବିଭାଗରେ ୨୦୨୪-୨୫ମସିହାର ମାତ୍ର ୪ଜଣ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ରହିଥିବା ବେଳେ ବିଭାଗରେ ଜଣେ ଠିକା ଶିକ୍ଷକ ଓ ଜଣେ ପଅନ କାର୍ଯ୍ୟରତ ଥିବା ଜଣାପଡିଛି। ୨୦୧୫ମସିହାରୁ ପିସିଆଇ ସ୍ୱୀକୃତି ନଥାଇ ସୁଦ୍ଧା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିବର୍ଷ ୩୦ଜଣ ଲେଖାଏଁ ହିସାବରେ ଦିର୍ଘ ୧୦ବର୍ଷରେ ପ୍ରାୟ ୩ଶହ ଛାତ୍ରଛାତ୍ରୀଙ୍କୁ ସେଲ୍ଫଫାଇନାନ୍ସ ସ୍କିମରେ ଏମ.ଫାର୍ମା ପାଠ୍ୟକ୍ରମ ଜରିଆରେ ସାର୍ଟିଫିକେଟ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇ ଠକିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ସାର୍ଟିଫିକେଟ ବଳରେ ଦେଶର ବିଭିନ୍ନ ସ୍ଥାନରେ ନିୟୋଜିତ ଥିବା ଛାତ୍ରଛାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କେଉଁଠି କାହାକୁ ଚାକିରୀରୁ ବାହାର କରାଯାଇଛି ତ ଆଉ କିଏ କାଳେ ଧରାପଡିଯିବା ଭୟରେ ଲୁଚିଛପି କାମ କରୁଥିବା ଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏକ୍ଷେତ୍ରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିଥିବା ଅଭିଯୋଗ ହୋଇଛି।

## ସମସ୍ତ ଥାନାରେ ବ୍ରିଫିଂ ପରେଡ୍




ବ୍ରହ୍ମପୁର,୧୧।୫(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାର ସମସ୍ତ ଥାନାରେ ରୋଲ୍ କଲ୍ ଏବଂ ବ୍ରିଫିଂ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳ ୯ଟା ସମୟରେ ସମସ୍ତ ଥାନାରେ "ରୋଲ୍ କଲ୍ ଏବଂ ବ୍ରିଫିଂ ପରେଡ୍' ହୋଇଯାଇଛି। ପୁଲିସ ବାହିନୀ ମଧ୍ୟରେ ଶୃଙ୍ଖଳା ବୃଦ୍ଧି ଏବଂ କାର୍ଯ୍ୟକ୍ଷେତ୍ରରେ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଥାନା ଅଧିକାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପରେଡରେ ସମସ୍ତ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ଦିନର ପ୍ରାଥମିକ କାର୍ଯ୍ୟ, ବିଚାରାଧୀନ ତଦନ୍ତ ଏବଂ ପାଟ୍ରୋଲିଂ କାର୍ଯ୍ୟସୂଚୀ ସମ୍ପର୍କରେ କର୍ମଚାରୀମାନଙ୍କୁ ଅବଗତ କରାଯାଇଥିଲା। ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବା ସହିତ ଅଭିଯୋଗ ଗୁଡ଼ିକର ସଅଳ ସମାଧାନ ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା। ରାଜ୍ୟ ପୁଲିସ ମୁଖ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ଉଚ୍ଚକୋଟୀର ବ୍ୟବସାୟିକ ଆଚରଣ ଓ ଶୃଙ୍ଖଳା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ଏବଂ ଅପରାଧ ରୋକିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥିଲା।

### ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ବୈଠକ

## ପୂରଣ ହେବ ୧୬ ବିଭାଗର ୧୧୨ ପଦବୀ

ବ୍ରହ୍ମପୁର,୧୧।୫(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସୋମବାର ଚଳିତ ଶିକ୍ଷାବର୍ଷର ୪ର୍ଥ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣକୁ ଗୁରୁତ୍ୱ ଦିଆଯାଇଛି। ଅନୁମୋଦନ ପରେ ମଧ ଦୀର୍ଘ ବର୍ଷ ହେବ ବିଶ୍ୱବିଦ୍ୟାଳୟର ୧୬ଟି ବିଭାଗର ମୋଟ ୧୧୨ଟି ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ନିମନ୍ତେ ନିଯୁକ୍ତ ପ୍ରକ୍ରିୟାକୁ ନେଇ ଆଲୋଚନା କରିଥିଲେ। ଏନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ କରି ୟୁଜିସି ନିୟମ ମୁତାବକ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ କରିବାକୁ ସିଣ୍ଡିକେଟ ବୈଠକରେ ଅନୁମୋଦନ ମିଳିଛି। ବିଭିନ୍ନ ବିଭାଗର ସମ୍ମିଶ୍ରଣକୁ ନେଇ ଉପୁଜୁଥିବା ସମସ୍ୟା ଓ ଏହାର ପ୍ରତିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ନିଷ୍ପତି ହୋଇଥିଲା। ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ଭିତ୍ତିଭୂମିର ଅଭାବକୁ ହୃଦୟଙ୍ଗମ କରି ଦ୍ୱିତୀୟ କ୍ୟାମ୍ପସ ପାଇଁ ଉପଯୁକ୍ତ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆକୁ ସୁରକ୍ଷା ପ୍ରଦାନ ସହ ଅନେକ ସମୟରେ ଆସୁଥିବା ଅନେକ ଅଭିଯୋଗକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ଲଗାଇବାର ପ୍ରସ୍ତାବ ଆଗତ ହୋଇଛି। ବୈଠକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଉପକୁଳସଚିବ ପ୍ରଶାନ୍ତ କୁମାର ନରେନ୍ଦ୍ର, ପିଜିସି ଡ. ମନୋଜ କୁମାର ପଟ୍ଟନାୟକ, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ନାରାୟଣ ବେହେରା, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଡ. ଯତୀନ ବିଷୋୟୀ ଓ ସିଣ୍ଡିକେଟ ସଦସ୍ୟ ଭି. ଶେଷଗିରି ରାଓ, ସାମ୍ବାଦିକ ପ୍ରମୋଦ ପଣ୍ଡା, ପ୍ରଫେସର ରାମଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଇଓ ଅଫିସ ଦୁର୍ନୀତି ବିରୋଧରେ ସଂଗ୍ରାମ ଆହ୍ୱାନ

ଛତ୍ରପୁର/ଗଞ୍ଜାମ,୧୧।୫(ସମିସ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା ) ଗଞ୍ଜାମ ଜିଲ୍ଲାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଏକ ବନ୍ଧୁମିଳନ ବଟେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପରିଚାଳିତ ବୈଠକରେ ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଆଲୋଚନା କରି ସେ ସବୁର ସମାଧାନ କରିବାରେ ରାଜ୍ୟ ସରକାରଙ୍କ କାଳ କ୍ଷେପଣ ନୀତି ବିରୁଦ୍ଧରେ ସମାଲୋଚନା କରିଥିଲେ। ଓଷ୍ଟାର ପ୍ରାକ୍ତନ କୋଷାଧ୍ୟକ୍ଷ ତଥା ଗଞ୍ଜାମର ପୂର୍ବତନ ସମ୍ପାଦକ କାମରାଜୁ ମହାରଣା ଓଷ୍ଟା ଗଠନରେ ଗଞ୍ଜାମର ତତ୍କାଳୀନ ଶିକ୍ଷକ ସମାଜର ଭୂମିକା ଏବଂ ଗଞ୍ଜାମର ଶିକ୍ଷକ ସଂଗଠନର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ନବନିର୍ବାଚିତ ସମ୍ପାଦକ ରାମ ଚନ୍ଦ୍ର ପୋଲାଇ ନୂତନ କାର୍ଯ୍ୟକାରୀ କମିଟିର କାର୍ଯ୍ୟ ଶୈଳୀ ଉପରେ ନିଜର ଚିନ୍ତନ ପ୍ରକାଶ କରିଥିଲେ ଏବଂ ଡି. ଇ.ଓ ଅଫିସ ବିରୁଦ୍ଧରେ ଆନ୍ଦୋଳନ ପାଇଁ ସଂଗଠନର ତରିକା ଉପରେ ମତବ୍ୟକ୍ତ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ କର୍ମକର୍ତ୍ତା ବୃନ୍ଦ ଲକ୍ଷ୍ମୀନାରାୟଣ ଶତପଥୀ, କୋରା ମହାରଣା, ବିଜୟ ବିଶ୍ୱାଳ, ସୁଶାନ୍ତ ନାୟକ, ପ୍ରଶାନ୍ତ ପତି, ରାମ ଚନ୍ଦ୍ର ଗୌଡ଼, ବିଦାୟୀ ସଭାପତି ସନ୍ତୋଷ କୁମାର ଜେନା ଓ ସମ୍ପାଦକ ବିଜୟ କୁମାର ବେହେରା, ଏଲୋଷ୍ଟା ଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା କାର୍ଯ୍ୟକାରୀ କମିଟି ସଦସ୍ୟ ମଧୁସୂଦନ ଦେ ପ୍ରମୁଖ ଉଦବୋଧନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ ସ୍ୱାଗତ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସୁଦୀପ୍ତ କୁମାର ପଟ୍ଟନାୟକ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ପୋଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବାଞ୍ଛନୀୟ ଶିଶୁଙ୍କ ସୁରକ୍ଷା ନେଇ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ




- ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ନଜର ଆଢୁଆଳରେ ବ୍ୟବସ୍ଥା
- ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇ ଚୁପ ବସିଛି ଜିଲ୍ଲା ଶିଶୁ ମଙ୍ଗଳ ବିଭାଗ
- ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ନଦେଇ ବାସ୍ତବିକତାକୁ ଧ୍ୟାନ ଦେବାକୁ ଦାବି

ବ୍ରହ୍ମପୁର,୧୧।୫(ସମିସ): ବିଭିନ୍ନ ସମୟରେ ନବଜାତକ ଶିଶୁ ସେ ପୁତ୍ର ହେଉ ଅଥବା କନ୍ୟା ଅଲୋଡା ହୋଇପଡୁଥିବା ଦେଖିବାକୁ ମିଳୁଛି। ଏପରିକି ସମାଜରେ ନିଜର ତଥା ନିଜ ପରିବାରର ଇଜ୍ଜତ ରକ୍ଷା କରିବାକୁ ଯାଇ କୁମାରୀମାନେ ମାତୃତ୍ୱ ଲାଭ କରିବା ପରେ ନବଜାତକଙ୍କୁ ଏଣେତେଣେ ଫୋପାଡି ଦେଉଥିବା ଭଳି ଘଟଣା ଲୋକଲୋଚନକୁ ଆସିଛି। କେତେକ କ୍ଷେତ୍ରରେ ଶିଶୁମାନଙ୍କୁ ଜୀବତ ତ ଆଉ କେତେବେଳେ ମୃତ ଉଦ୍ଧାର କରାଯାଉଛି। ଏଭଳି ପରିସ୍ଥିତିରୁ ନବଜାତକଙ୍କୁ ସୁରକ୍ଷା ଦେବାକୁ ଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ କ୍ରାଡେଲ ବେବି ରିସେପସନ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଯେଉଁଠାରେ କୁମାରୀମାନେ ମାତୃତ୍ୱ ଲାଭ ପରେ ନବଜାତକଙ୍କୁ ନମାରି ବରଂ ସେମାନଙ୍କୁ ସୁରକ୍ଷିତ ଭାବେ ନିଜର ନାମବକୁ ଗୋପନ ରଖି ହସ୍ତାନ୍ତର କରିପାରିବେ। ଏଥିପାଇଁ ସେମାନଙ୍କୁ କିଛି କରିବା ଆବଶ୍ୟକ ନଥିବା ବେଳେ କେବଳ ନିର୍ଦ୍ଦିଷ୍ଟ କେନ୍ଦ୍ର ସମ୍ମୁଖରେ ଥିବା ବାକ୍ସରେ ନବଜାତକଙ୍କୁ ଛାଡି ସେଠାରେ ଥିବା କଲିଂ ବେଲକୁ ଦବାଇଲେ ସେଠାରେ ନିୟୋଜିତ କର୍ମଚାରୀ ତୁରନ୍ତ ସେଠାକୁ ଆସି ନବଜାତକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇପାରିବେ। ଏବଂ ପରବର୍ତ୍ତି ସମୟରେ ସମ୍ପୂର୍ଣ୍ଣ ମାଗଣାରେ ଉକ୍ତ ନବଜାତକର ରକ୍ଷଣାବେକ୍ଷଣ ଓ ଲାଳନପାଳନ ଉଚିତ ଭାବେ କରାଯାଇପାରିବ। ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଏହି ଅଭିଯାନ ଜରିଆରେ ଅନେକ ଅବାଞ୍ଛିତ ତଥା ନବଜାତକଙ୍କ ଜୀବନବଞ୍ଚିପାରିବ। ତେବେ ଏନେଇ ପ୍ରଚାର ଓ ପ୍ରସାରର ଅଭାବ ଥିବା ଦେଖିବାକୁ ମିଳିଛି। ସହରରେ ଉତ୍କଳ ବାଳାଶ୍ରମ ମୁଖ୍ୟଫାଟକ ନିକଟରେ ପ୍ରତିଷ୍ଠା କରାଯାଇଥିବା ସ୍ୱତନ୍ତ୍ର ବାକ୍ସକୁ ଦେଖିଲେ ଏହା କେତେ କାର୍ଯ୍ୟକାରୀ ହେଉଛି ଓ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ ହେଉଛି। ଷ୍ଟିଲ ବାକ୍ସ ଭିତରେ ଚାଦର ଘୋଡାଇ ନବଜାତକଙ୍କ ସୁରକ୍ଷିତ ରହଣୀ ପାଇଁ ବ୍ୟବସ୍ଥା ରହିଥିବା ବେଳେ ତାହାର ରକ୍ଷଣାବେକ୍ଷଣ ନିୟମିତ ହେଉନଥିବାରୁ ଅଳିଆ ଓ ଅଳନ୍ଧୁରେ ଭର୍ତ୍ତି ବାକ୍ସରେ କେହି କେବେ ମଧ ନିଜର ଅବାଞ୍ଛିତ ଶିଶୁକୁ ରଖିବାକୁ ଚାହିଁବନାହିଁ। ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଉକ୍ତ ବାକ୍ସରେ ନବଜାତକଙ୍କୁ ରଖିଲେ ଇନଫେକ୍ସନ ହେବା ସୁନିଶ୍ଚିତ। ସେପଟେ ବାକ୍ସ ଉପରେ ଲାଗିଥିବା କଲିଂ ବେଲ ଯାହା କେନ୍ଦ୍ରର କର୍ମଚାରୀଙ୍କ ଜାଣିବା ପାଇଁ ଉଦ୍ଦିଷ୍ଟ ତାହା ମଧ କାର୍ଯ୍ୟ କରୁନଥିବା ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ସହରର ବିଭିନ୍ନ ସ୍ଥାନରୁ ତଥା ଉପକଣ୍ଠରୁ ଯଦିଓ ବିଭିନ୍ନ ଅବସ୍ଥାରେ ଏକାଧିକ ନବଜାତକଙ୍କୁ ଉଦ୍ଧାର କରାଯାଇଛି ହେଲେ ଏହି କେନ୍ଦ୍ରକୁ ନେଇ ବ୍ୟବହାର କରୁନଥିବା ସୂଚନା ମିଳିଛି। ଏନେଇ ସହରବାସୀ କେତେ ଅବଗତ ତାହା ଦୂରେଥାଉ, ଖୋଦ୍ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶ୍ରୀମତୀ ବିବିତା ପାତ୍ର ନିଜ ଟିମ ସହ ଉତ୍କଳ ବାଳାଶ୍ରମ ପରିଦର୍ଶନରେ ଆସିଥିଲେ ହେଁ ନିଜର କିମ୍ବା ତାଙ୍କ ଟିମ ସଦସ୍ୟାଙ୍କର ନଜର ଆଢୁଆଳରେ ରହିଯାଇଛି ଏହି ସ୍ୱତନ୍ତ୍ର କେନ୍ଦ୍ର। ଏକ ଘରୋଇ ସଂସ୍ଥାକୁ ଏହି ଦାୟିତ୍ୱ ପ୍ରଦାନ କରି ଯେଉଁଳି ପ୍ରଶାସନ ଚୁପ ରହିଯାଇଛି ଏହା ସେଠାରେ ପ୍ରତିଷ୍ଠା ହୋଇଥିବା ଷ୍ଟିଲ ବାକ୍ସର ସ୍ଥିତିରୁ ସ୍ପଷ୍ଟ ହେଉଛି। ପ୍ରଶାସନ ସହିତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଜଳସମ୍ପଦ ବିଭାଗ ଓ ପୌର ପ୍ରଶାସନର ବିଫଳତା

# ପଟ୍ଟାମୁଣ୍ଡାଇ କେନାଲ ପାଲଟିଛି ଆବର୍ଜନା କୁଣ୍ଡ

ପଟ୍ଟାମୁଣ୍ଡାଇ,୧୧।୫(ସମିସ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଜୀବନ୍ତ କିମ୍ବଦନ୍ତୀ ହେଉଛି ପଟ୍ଟାମୁଣ୍ଡାଇ କେନାଲ। ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ପ୍ରବାହିତ ପଟ୍ଟାମୁଣ୍ଡାଇ କେନାଲର ଅନେକ ଗୁରୁତ୍ୱ ରହିଛି। ଏହି କେନାଲର ସ୍ୱଚ୍ଛ ନିର୍ମଳ ଜଳ ଓ କୁଳୁ କୁଳୁ ନାଦ ସନ୍ଧ୍ୟା ସମୟରେ କେନାଲ କୂଳରେ ବସିବା ପାଇଁ ବାଧ କରିଥାଏ। ବନ୍ୟା ସମୟରେ ବନ୍ୟାର ପ୍ରଖରସ୍ରୋତ ଦେଖିବାକୁ କେନାଲ ପୋଲ ଉପରେ ଲୋକଙ୍କ ଭିଡ଼ ଜମି ଥାଏ। ଏହାର ନିର୍ମଳ ଜଳ ପାଇଁ ପ୍ରତ୍ୟେକ ଜନସାଧାରଣ କେନାଲରେ ଗାଧୋଇବା ସହିତ ଗୃହପାଳିତ ପଶୁପକ୍ଷୀ ଗାଧୋଇବା ଓ ପାଣି ପିଇବା ଦେଖାଯାଇଥାଏ। ମୋଟାମୋଟି ଭାବେ ପଟ୍ଟାମୁଣ୍ଡାଇ କେନାଲ ପଟ୍ଟାମୁଣ୍ଡାଇ ବଜାରର ଶୋଭାବର୍ଦ୍ଧନ କରିଥାଏ। କେନାଲ କୂଳରେ ବସବାସ କରୁଥିବା ଲୋକ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି। ବନ୍ୟା ସମୟରେ ପଟ୍ଟାମୁଣ୍ଡାଇ କେନାଲ ଦେଇ ବନ୍ୟା ଜଳ ନିଷ୍କାସିତ ହୋଇ ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପଟ୍ଟାମୁଣ୍ଡାଇ କେନାଲ ଜଳରେ ଅଞ୍ଚଳର ଶସ୍ୟ ଭଣ୍ଡାର ପୂରି ଉଠିଥାଏ। ପଟ୍ଟାମୁଣ୍ଡାଇ କେନାଲ ସମେତ ଏହାର ଶାଖା କେନାଲ ଦ୍ୱାରା ହଜାର ହଜାର ଏକର ଜମି ଜଳସେଚିତ ହୋଇଥାଏ। ଏବେ ଶ୍ରୀହୀନ ହୋଇପଡିଛି ପଟ୍ଟାମୁଣ୍ଡାଇ କେନାଲ। ଏହା ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ପରିବେଶ ଦୂଷିତ ହେବା ସହ ଜଳସେଚନ ବାଧାପ୍ରାପ୍ତ ହେଉଛି। ଜଳ ସମ୍ପଦ ବିଭାଗ

**ପରିବେଶ ଦୂଷିତ, ଜଳସେଚନ ବାଧାପ୍ରାପ୍ତ**

ଓ ପୌର ପ୍ରଶାସନର ଅପାରଗତା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ପଟ୍ଟାମୁଣ୍ଡାଇ କେନାଲ ନାଁକୁ ମାତ୍ର ନବୀକରଣ କରାଯାଇଥିବାବେଳେ ଲୋକେ ଏଠାରେ ଅଳିଆ ପକାଉଛନ୍ତି। ଏହା ପରିବେଶକୁ ଦୂଷିତ କରୁଥିବାବେଳେ କେନାଲ ପୋତି ହୋଇପଡିଥିବାରୁ ଜଳ ଧାରଣ କ୍ଷମତା ହରାଇ ବସିଛି। ପଟ୍ଟାମୁଣ୍ଡାଇ କେନାଲର ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ ଶାଖା କେନାଲକୁ ପାଣି ଯାଉନାହିଁ। ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ପରିବେଶବିତ, ପ୍ରକୃତିପ୍ରେମୀ ସାଧାରଣ ଜନତା ଓ ଚାଷୀଙ୍କୁ ବ୍ୟଥିତ କରିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅଳିଆ ଆବର୍ଜନା ପାଇଁ ମାଟିଆପାଳରେ ଡମ୍ପିୟାଡର୍ ରହିଛି ଓ ପ୍ରତ୍ୟେକ ଦିନ ଅଳିଆ ଗାଡି ସହରର ଗଳି କନ୍ଦି ବୁଲି ଅଳିଆ ସଂଗ୍ରହ କରୁଛି। ଏହାସତ୍ତ୍ୱେ ପଟ୍ଟାମୁଣ୍ଡାଇ କେନାଲ ଅଳିଆ ଆବର୍ଜନା ପ୍ରାଣକେନ୍ଦ୍ର ପାଲଟିଛି। ଜଳସମ୍ପଦ ବିଭାଗ ନିଜ ଅପାରଗତା ଲୁଚାଇବାକୁ ନିଦ୍ରାବିଷ୍ଟ ସାଜିଥିବାବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିରବଦ୍ରଷ୍ଟା ରହିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

### ● ସ୍ୱୟଂସିଦ୍ଧ ସମ୍ମାନ ସମାରୋହ

## ତାନସେନ ସିଂଙ୍କୁ ରାମନାରାୟଣ ନାୟକ ସ୍ମୃତି ସମ୍ମାନ

ରାଜକନିକା,୧୧।୫(ସମିସ): ରାଜକନିକାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାମନାରାୟଣ ନାୟକ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧ ପକ୍ଷରୁ ବର୍ତ୍ତନୀଠାରେ ଏକାଦଶ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ



ଦାମୋଦର ଧଳଙ୍କ ସଭାପତିତ୍ୱ ଓ ଉପସ୍ଥାପିକା ମନୀଷାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଜେପି ନେତାଙ୍କ ଗୌତମ ରାୟ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ସଂଗୀତଜ୍ଞ ଶରତ ନାୟକ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇ ମା' ମାଟିର ସେବା ପାଇଁ ଟ୍ରଷ୍ଟର ଉତ୍ସର୍ଗୀକୃତ ସେବା ମନୋଭାବର ପ୍ରଶଂସା କରିଥିଲେ। ଏହି ଉତ୍ସବରେ ପ୍ରଖ୍ୟାତ ସଂଗୀତଜ୍ଞ ତାନସେନ ସିଂଙ୍କୁ ରାଜ୍ୟସ୍ତରୀୟ ରାମନାରାୟଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ସାଇବର ବିଶେଷଜ୍ଞ ଧର୍ମରାଜ ଜେନାଙ୍କୁ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାଟ୍ରିକ ପରୀକ୍ଷାରେ ବିଶେଷ ସଫଳତା ପାଇଥିବା ପ୍ରିୟାଂଶୁ ପଲାଇ, ଶୁଚିସ୍ମିତା ଦାସ, ରୂପେଶ କୁମାର ବେହେରାଙ୍କୁ ସ୍ୱୟଂସିଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ପରିଚାଳକ ଶରତ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ କଟକର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା।

## ଚୋରାମଦ ଜବତ, ୨ ଗିରଫ

ପଞ୍ଚୁପାଣ୍ଡବ,୧୧।୫(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଚୋରାମଦ ଜବତ ହୋଇଥିବାବେଳେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୋମବାର ଦିନ ପ୍ରାୟ ୧୦ଟା ସମୟରେ ବେଆଇନ ମଦ କାରବାର କରୁଥିବା ଆଦିତ୍ୟ କରଠାରୁ ୩୬ ଲିଟର ଓ ବଳରାମ ସାହୁଙ୍କଠାରୁ ୮ ଲିଟର ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉ ସମୟରେ ଅବକାରୀ ବିଭାଗ ଅଧିକାରୀଙ୍କୁ ପ୍ରାୟ ଏକ ଘଣ୍ଟା ନକେଦମ୍ ହେବାକୁ ପଡ଼ିଥିଲା। ଜିଲ୍ଲା ଅବକାରୀ ବିଭାଗ ଏସଆଇ ମାନସ ରଞ୍ଜନ ମିଶ୍ରଙ୍କ ସହ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବେଲାରପୁର ବଜାରରେ ଦିନରାତି ବେଆଇନ ମଦ କାରବାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଏହାକୁ ଡେରାବିଶ ଥାନାର ବିଫଳତାକୁ ନେଇ ବୃଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହଭଳି ବେଣୀପୁର, ଛୋଟି, ଲକ୍ଷ୍ମୀନାରାୟଣପୁର, ମଙ୍ଗଳପୁର, ଏଣ୍ତର ପଞ୍ଚାୟତ, ଡେରାବିଶ ଓ ନିକିରାଇ ଥାନା ଅଧୀନରେ ଶତାଧିକ ବେଆଇନ ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଏହାକୁ ଗୁରୁତର ସହ ନେଇ ବେଆଇନ ମଦ କାରବାର ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ନୋଟିସ

ପଞ୍ଚୁପାଣ୍ଡବ,୧୧।୫(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ପଞ୍ଚୁପାଣ୍ଡବ ଛକଠାରୁ ଅଳାବାଙ୍କ ପର୍ଯ୍ୟନ୍ତ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ପାରାଦୀପ- ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ଅଳାବାଙ୍କ ପର୍ଯ୍ୟନ୍ତ ବେଆଇନ ଭାବେ ବହୁ ଦୋକାନ ଗୃହ କରି ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ଏହି ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ କେତେକ ସ୍ଥାନରେ ଗାଡ଼ି ଚଳାଚଳ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଦୁଇବର୍ଷ ମଧ୍ୟରେ ପ୍ରଶାସନ ପକ୍ଷରୁ ଦୋକାନ ଗୃହକୁ ବାରମ୍ବାର ଉଚ୍ଛେଦ ପରେ ବି କେତେକ ଦୋକାନୀ ରାଜପଥକୁ ଲଗାଇ ଦୋକାନ କରିଥିବା ଦେଖିବାକୁ ମିଳୁଛି। ରାଜପଥଠାରୁ ବେଆଇନ ଭାବେ ମାଡ଼ି ବସିଥିବା କେତେକ ଦୋକାନ ଗୃହ ପାଇ ଯାତ୍ରୀଙ୍କ ସହ ଗାଡ଼ି ଚଳାଚଳ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଡେରାବିଶ ତହସିଲଦାର ସରୋଜ ନାୟକ ବେଆଇନ ପ୍ରତିଷ୍ଠାର ମାଲିକଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ନୋଟିସ ପାଇବାର ୭ ଦିନ ମଧ୍ୟରେ ରାଜପଥକୁ ତୁରନ୍ତ ଖାଲି କରିବା ବା ପରିତ୍ୟାଗ ନକଲେ ୧୯ ତାରିଖରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ କେହି ପ୍ରଶାସନିକ ଅଧିକାରୀ ଦାୟୀ ରହିବେନାହିଁ ବୋଲି ନୋଟିସରେ ଉଲ୍ଲେଖ ରହିଛି।


## ଚୋରାମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା,୧୧।୫(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାବିଶ, ରାଜନଗର ଓ ରାଜକନିକା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅଚ୍ୟୁତପୁର ଗ୍ରାମର ପ୍ରଭାତ ମଲିକଙ୍କଠାରୁ ୪୧ ଲିଟର ବିଦେଶୀ ମଦ, ଆୟତନର ରାଜକିଶୋର ଧଳଙ୍କଠାରୁ ୩୨ ଲିଟର ଦେଶୀ ମଦ, ମହିଷାସୁର ଗ୍ରାମର ତ୍ରିଲୋଚନ ଜେନାଙ୍କଠାରୁ ୨୮ ଲିଟର ବିଦେଶୀ ମଦ, ଏଣ୍ଡୁଳାପୁର ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କଠାରୁ ୧୬ ଲିଟର ଦେଶୀ ରନ୍ଧା ମଦ, ବଳରାମପୁର ଗ୍ରାମର ତ୍ରିଲୋଚନ ଜେନାଙ୍କଠାରୁ ୩୬ ଲିଟର ବିଦେଶୀ ମଦ, ମଧୁପୁରର ଲକ୍ଷ୍ମୀଧର ମହଲଙ୍କଠାରୁ ୩୦ ଲିଟର ବିଦେଶୀ ମଦ, ବେଲାରପୁରର ବଳରାମ ସାହୁଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ଓଲଢିର ଲକ୍ଷ୍ମୀପ୍ରିୟା ବେହେରାଙ୍କଠାରୁ ୧୪ ଲିଟର ଦେଶୀ ମଦ ଓ ବେଲାରପୁରର ଆଦୀପ୍ତ କରଙ୍କଠାରୁ ୨୪ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତ, ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ବାବା ସ୍ୱପ୍ନେଶ୍ୱର କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାଜନଗର,୧୧।୫(ସମିସ): ରାଜନଗର ସଦର ବାବା ସ୍ୱପ୍ନେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ତରପଦା କ୍ରିକେଟ କ୍ଲବ ୧୭ ରନରେ ଜରିମୂଳ କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ତରପଦା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୫ ଓଭରରେ ୫ ୱିକେଟ ବିନିମୟରେ ୬୪ ରନ କରିଥିଲା। ଜବାବରେ ଜରିମୂଳ ଟିମ୍ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ମାତ୍ର ୪୭ ରନ କରି ପରାସ୍ତ ହୋଇଥିଲା। ସମାଜସେବୀ ସରୋଜ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୌମ୍ୟରଞ୍ଜନ ଦାସ ଓ ଦୀପକ ସେଠୀ ମ୍ୟାଚ ପରିଚାଳନା କରିଥିଲେ।

## ପ୍ରାକ୍ତନ ବ୍ଲକ୍ କଂଗ୍ରେସ ସଭାପତିଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୧୧।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ବିଶ୍ୱାଳଙ୍କ ଗତକାଲି ସନ୍ଧ୍ୟାରେ ତରଡ଼ିପାଳ ବାସଭବନରେ ପରଲୋକ ହୋଇଯାଇଛି। ସେ ରୋଗରେ ପୀଡିତ ହୋଇ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ଶିକ୍ଷକତା ଛାଡ଼ି ସମାଜସେବା ପାଇଁ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ତରଡ଼ିପାଳ ସରପଞ୍ଚ ଭାବେ ପଞ୍ଚାୟତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ଓବିସି ଅଧ୍ୟକ୍ଷ ମଳୟ ଦାସ, ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ତାପସ ଦାସ, କିଶୋର ତରାଇ, ସିପ୍ରା ମଲ୍ଲିକ, ପ୍ରଫେସର ନିର୍ମଳ ବିଶ୍ୱାଳ, ଇଂ ସରୋଜ ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ମାନସ ସାମଲ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଅଭିଷେକ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

### ● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୨ ଅଭିଯୋଗର ତ୍ୱରିତ ସମାଧାନ

କେନ୍ଦ୍ରାପଡ଼ା,୧୧।୫(ସମିସ): ମହାକାଳପଡ଼ା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକ ନିଜ ନିଜ ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଏହି ଶିବିରରେ ୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରେ ୨୧ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ଓ ଅନ୍ୟ ଅଭିଯୋଗଗୁଡ଼ିକୁ



ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଓଲଟିଲା ଗୋରୁ ବୋଝେଇ ଗାଡ଼ି

## ୭ ଗୋରୁ ଆହତ, ଡ୍ରାଇଭର ଅଟକ

କେନ୍ଦ୍ରାପଡ଼ା,୧୧।୫(ସମିସ): କେନ୍ଦ୍ରାପଡ଼ାରୁ ପାଟକୁରାକୁ ସଂଯୋଗ କରୁଥିବା ରାସ୍ତାର କୁଲୁସାହି ନିକଟରେ ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ି ଓଲଟିପଡ଼ିଥିଲା। ଗାଡ଼ିରେ ଥିବା ୭ ଗୋରୁ ଆହତ ହୋଇଥିବାବେଳେ ଡ୍ରାଇଭର ବର୍ତ୍ତିଯାଇଛନ୍ତି। ପରେ ପୁଲିସ ଡ୍ରାଇଭରକୁ ଅଟକ ରଖିଛି। ଏକ ଗୋରୁ ବୋଝେଇ ଗାଡ଼ିକୁ କେନ୍ଦ୍ରାପଡ଼ା ସଦର ଥାନାର ପିସିଆର ଭ୍ୟାନ ପିଛା କରିଥିଲା। ପୁଲିସକୁ ଦେଖି ଡ୍ରାଇଭର ଭୟଭୀତ ହୋଇ ଗାଡ଼ିକୁ ଅତ୍ୟଧିକ ଗତିରେ ଚଳାଇଥିବାବେଳେ କୁଲୁସାହି ନିକଟରେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟିକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ବିଦ୍ୟୁତ ଖୁଣ୍ଟି ଭାଙ୍ଗିଯାଇଥିବାବେଳେ ଗାଡ଼ିରେ ଥିବା ଗୋରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ି ୭ଟି ଗୋରୁ ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ପରେ ପାଟକୁରା ଥାନା ପୁଲିସ ଲୋକଙ୍କଠାରୁ ଖବର ପାଇ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ କରିଥିବା ଜଣାପଡ଼ିଛି।



## ସୋହମ୍ ସାହିତ୍ୟ ସଂସଦ ପକ୍ଷରୁ ମାତୃ ଦିବସ

ପଟ୍ଟାମୁଣ୍ଡାଇ,୧୧।୫(ସମିସ): ବିଶ୍ୱ ମାତୃ ଦିବସ ଅବସରରେ ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୋହମ୍ ପକ୍ଷରୁ "ବୋଉ" ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋହମ୍‌ର ସଭାପତି ବିଶିଷ୍ଟ କବି ତଥା ପରିବେଶବିତ୍ ଡଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ବିଶିଷ୍ଟ ପ୍ରାବନ୍ଧିକ ତଥା କଥାକାର ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ବୋଉ ହିଁ ଆମ ଜୀବନର ଓଁକାର ଓ ସନ୍ତାନ ପାଇଁ ମମତା ପଣରେ ବୋଉ ଈଶ୍ୱରଙ୍କଠୁ ଊର୍ଦ୍ଧ୍ୱରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଡଃ ଆଶୁତୋଷ ମହାପାତ୍ର ଯୋଗଦେଇ ମାଆ ଆମକୁ ଦୁନିଆ ଦେଖାଇ ଥାଏ। ମାଆ ପ୍ରତି ସନ୍ତାନମାନେ ଅବହେଳା ନ କରିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ବୋଉ ଶୀର୍ଷକ କବିତା ଆସରରେ କବି ଡଃ ମନୋରଞ୍ଜନ ଦାଶଙ୍କ ସଂଯୋଜନାରେ ଆଲୋକ ପତି, ଅଭିରାମ ଚୌଧୁରୀ, ସ୍ନିଗ୍ଧା ମହାନ୍ତି, ତ୍ରୈଲୋକ୍ୟ ଷଡ଼ଙ୍ଗୀ, ବିକାଶ ଲେଙ୍କା ଓ ଅର୍ପିତା ମହାପାତ୍ର ପ୍ରମୁଖ ବହୁ କବି ଓ କବୟିତ୍ରୀ ଯୋଗଦେଇ କବିତା ଆବୃତ୍ତି କରିଥିଲେ। ରାଜକିଶୋର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## କଳିଙ୍ଗ ଆବାସିକ ବିଦ୍ୟାଳୟରେ ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧୧।୫(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଆବାସିକ ବିଦ୍ୟାଳୟ କ୍ୟାମ୍ପସ-୧ ଓ ୨ର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ କ୍ୟାମ୍ପସ ୩ ଓ ୪ର ଅଧ୍ୟକ୍ଷ ଅନୀଲ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଚ୍ଚଶିକ୍ଷାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଅବିନାଶ ପଲେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

ମହାକାଳପଡ଼ା,୧୧।୫ (ସମିସ): ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଅନ୍ତର୍ଗତ ଜମ୍ବୁ ଗ୍ରାମର ରୀନାରାଣୀ ପ୍ରଧାନଙ୍କ ଚାଳଛପର ଘର ୮ ତାରିଖ ବିଳମ୍ବିତ ରାତିରେ ପୋଡ଼ିଯାଇଥିଲା। ବରଡାଙ୍ଗା ପଞ୍ଚାୟତର ଭିତରସୁବଳା ଗ୍ରାମର ସଦାଶିବ ଯୁବକ ସଂଘ ପକ୍ଷରୁ ପୀଡ଼ିତ ପରିବାରଙ୍କୁ ସହାୟତାର ହାତ ବଢ଼ାଯାଇଛି। ସଂଘର ସଦସ୍ୟ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ପ୍ରିୟରଞ୍ଜନ ଦାସ, ପ୍ରଶାନ୍ତ ସ୍ୱାଇଁ, ପ୍ରଦ୍ୟୁମ୍ନ ଭୂୟାଁ, ଗୌତମ ସାମଲ, ରଞ୍ଜନ ରାଉତ, ନିରଞ୍ଜନ ରାଉତ, ରାଜା ସ୍ୱାଇଁ, ବିଶ୍ୱରଞ୍ଜନ ବାରିକ, ସରୋଜ ବାରିକ, ଅଞ୍ଜନ ବସନ୍ତିଆ, ତପନ ରାଉଳ, ଦେବଦତ୍ତ ସାମଲ, ଶଙ୍କର ଦାସ ଓ ରୁଦ୍ର ଦାସଙ୍କ ସହ ସମସ୍ତ କର୍ମକର୍ତ୍ତା ପୀଡ଼ିତ ପରିବାରକୁ ବସ୍ତ୍ର, ରୋଷେଇ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



## ଅଗ୍ନିବିପନ୍ନ ପ୍ରଶାନ୍ତ ମଲିକଙ୍କୁ ସହାୟତା

ଡେରାବିଶ, ୧୧।୫(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ଆଦ୍ୟାଶା ଫାଉଣ୍ଡେସନ୍ ପକ୍ଷରୁ ଆଜି କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧ୍ୟାପକ ରମେଶ ଶତପଥୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ସନ୍ତୋଷ ମଲିକ, ଦୀପକ ଜେନା, ମନୋଜ ମଲିକ, ରାକେଶ ଜେନା, ଦାମୋଦର ମଲିକ, ଦୀପକ ମଲିକ ପ୍ରମୁଖ କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନ ପ୍ରଶାନ୍ତ ମଲିକଙ୍କ ଘରେ ପହଞ୍ଚି ପରିବାର ଚଳାଇବା ପାଇଁ ଛେଳି ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୬ ତାରିଖ ଦିନ ପ୍ରଶାନ୍ତଙ୍କ ଘରେ ଅଗ୍ନିକାଣ୍ଡ ଘଟି ୧୭ଟି ଛେଳି, ଦୁଇଟି ଗାଈ ପୋଡ଼ି ମରିଯାଇଥିଲେ।



## ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

ରାଜନଗର, ୧୧।୫(ସମିସ): ରାଜନଗର ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଦାସଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ଆଜି ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ଦାସ ୧୦ ବର୍ଷ ଧରି ରାଜନଗର ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ଥିଲେ। ସେ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ରାଜନଗର ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ, ସମ୍ପାଦକ ଜ୍ଞାନରଞ୍ଜନ ନାୟକ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାସ, ବିଜୟ କୁମାର ଗୁପ୍ତା, ବାବାଜୀ ମିଶ୍ର, ଆଇନଜୀବୀ ମହେଶ୍ୱର ସେଠୀ, ଆମ୍ବ କମିଟି ଅଧ୍ୟକ୍ଷ କୈଳାସ ପରିଡା, ସମବାୟବିତ୍ ଦିଲ୍ଲୀପ ପାତ୍ର, ଅରୁଣ ସାହୁ, ରାଧାକାନ୍ତ ରାଉତରାୟ, ବିଜୟ ନାୟକ, ବିଚିତ୍ର ମଲିକ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ମହାନ୍ତି, ସରପଞ୍ଚ ଅଶୋକ ମହାନ୍ତି, ପ୍ରେମାନନ୍ଦ ସାହୁ, ତ୍ରିଲୋଚନ ସାହୁ, ଜଇରାମ ରାଉତ, ଅନନ୍ତ ସେଠୀ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ପୁଅ ଦୁବାଇରେ ଥିବାରୁ ସାନଭାଇ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସ୍ୱର୍ଗତ ଦାସଙ୍କ ବିୟୋଗରେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



### ମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ଶେଷ ଓ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା/ମାର୍ଶାଘାଇ,୧୧।୫(ସମିସ)



ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ମାର୍ଶାଘାଇସ୍ଥ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାର ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ମନ୍ତ୍ରୀ ସ୍ୱାସ୍ଥ୍ୟ, କ୍ରୀଡ଼ା, ପାନୀୟଜଳ, ଦକ୍ଷତା ବିକାଶ, ଶିକ୍ଷା, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ବିଦ୍ୟୁତ୍, ଶିଳ୍ପ ସହ ବିଭିନ୍ନ ବିଭାଗ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗରେ ଚାଲିଥିବା ପ୍ରକଳ୍ପ ଓ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶଶାଙ୍କଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୧/୫/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୦,୧୭୨/- ସୁନା:୦୧.୬୭୦ ଗ୍ରାମ୍ ରୁପା: ୧୯.୪୦୦ ଗ୍ରାମ୍



ପତିଆରା ଜାହିର୍ କରୁଛନ୍ତି ରାଜନେତା

# ବିଶ୍ୱାସ ହରାଉଛି ପୁଲିସ



ପୁରୀ,୧୧।୫(ସମିସ): ପୁରୀ ଜିଲ୍ଲାରେ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଆଉ ଭୟ କରୁନାହାନ୍ତି ଅପରାଧୀ। ଖୋଲାଖୋଲି ହଣାକଟା କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଅପରାଧ ଘଟାଇବା ପରେ କେତେକ ଘଟଣାରେ ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି। ପୁଲିସ ବି ନାଚାର। ଅନେକ ମାମଲାରେ ପୁଲିସ ହାତ ଖୋଲୁନାହିଁ। ରାଜନୈତିକ ଚାପରେ ପୁଲିସ ନିଜ ନୈତିକ କର୍ତ୍ତବ୍ୟରୁ ବିଚ୍ୟୁତ ହେଉଛି। ଅପରପକ୍ଷେ ନିଜ ପତିଆରା ଜାହିର୍ କରୁଛନ୍ତି ରାଜନେତା। ସେମାନଙ୍କ ଚାପ ପୁଲିସ ବ୍ୟବସ୍ଥା ଉପରେ ଭାରିପଡୁଛି। ସତ କ'ଣ ପୁଲିସ ଜାଣୁଥିଲେ ବି ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛି, ଯେଉଁଥିପାଇଁ ପୁଲିସ ସାଧାରଣ ଜନତାଙ୍କ ବିଶ୍ୱାସ ହରାଉଥିବା ଚର୍ଚ୍ଚା ହେଉଛି। ନିକଟରେ ଏମିତି କିଛି ଘଟଣା ପୁରୀ ଜିଲ୍ଲା ପୁଲିସଙ୍କୁ ବଦ୍‌ନାମ କରୁଥିବା ବେଳେ ନିଜ ନିର୍ବାଚନମଣ୍ଡଳୀରେ ପତିଆରା ଦେଖାଉଛନ୍ତି ରାଜନେତା।

ନିକଟରେ କଣାସ ବର୍ବରକାଣ୍ଡ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଛି। କଣାସ ଥାନାଠାରୁ ମାତ୍ର ଅଧ କିଲୋମିଟର ଦୂର ଗୋଲାବଜାର ମାଛ ମାର୍କେଟରେ କିଛି ଦୁର୍ବୃତ୍ତ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣିଥିଲେ। ଏତିକିରେ ତାଙ୍କ ମନ ଶାନ୍ତ ପଡ଼ି ନ ଥିଲା। ୩ ଜଣ ଦୁର୍ବୃତ୍ତ ଗୋଟିଏ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇ ଚାଲିଯାଉଥିବାରୁ ଛାତିଥରା ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ଜାତୀୟସ୍ତରରେ ବି ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏମିତି ବି ଦେଖିଲେ ନିକଟରେ ପୁରୀ ଜିଲ୍ଲାରେ ଏକାଧିକ ଅପରାଧିକ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରହ୍ମଗିରିରେ ମା' ବାଳିହରଚଣ୍ଡୀ ପୀଠ ଜଙ୍ଗଲରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ୬ ବର୍ଷୀୟା ନାବାଳିକାର ଗୋଡ଼ହାତ ବାନ୍ଧି ଦୁଷ୍କର୍ମ, ଚୋରି ଅଭିଯୋଗରେ ଜଣେ ନାବାଳକର ବେକରେ ଚୋର ଲେଖାଥିବା ପ୍ଲାକାର୍ଡ ପକାଇ ରାସ୍ତାରେ ଚଲାଇ ଚଲାଇ ନେବା ଭଳି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏମିତି କିଛି ଘଟଣା ଘଟିଛି। ଏବେ କଣାସରେ ବର୍ବରତାର ସବୁ ସୀମା ଟପିଛି। ଯଦିଓ କିଛି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁଛି କିନ୍ତୁ ଅନେକ ମାମଲାରେ ପୁଲିସକୁ ହାତବାନ୍ଧିବାକୁ ଏକପ୍ରକାର ବାଧ କରାଯାଉଛି କହିଲେ କିଛି ଭୁଲ୍ ହେବ ନାହିଁ।

କଣାସ ବର୍ବରକାଣ୍ଡ ପଛରେ ରାଜନେତା ରହିଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏହି ଚାପ ଯୋଗୁଁ ପୁଲିସ ନିଜ ହାତଖୋଲା କାର୍ଯ୍ୟାନୁଷ୍ଠାନ ନେଇପାରିଲା ନାହିଁ ବୋଲି କୁହାଯାଉଛି। ଦୁର୍ବୃତ୍ତଙ୍କ ପଛରେ ରାଜନେତାଙ୍କ ହାତ ଅଭିଯୋଗ ମାମଲାର ବିଭିନ୍ନ ଦିଗକୁ ଲକ୍ଷ୍ୟ କଲେ ଏକପ୍ରକାର ସ୍ପଷ୍ଟ ହେଉଛି। ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ମଧ୍ୟ ଏଭଳି ଅଭିଯୋଗ କରିଛନ୍ତି। ଘଟଣା ପରେ ଯେତେବେଳେ ୪ ଅଭିଯୁକ୍ତଙ୍କୁ ଧରା ହେଲା ପ୍ରଥମେ ଗଣମାଧ୍ୟମ ସମ୍ମୁଖରେ ସ୍ଥାନୀୟ ବିଧାୟକ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ ଆଉ କିଛି ସମୟ ପରେ ପୁଲିସ୍ ପକ୍ଷରୁ ଏ ବିଷୟରେ ପ୍ରେସ୍‌ମିଟ କରାଯିବ। ତାହା ହିଁ ହେଲା। ବେଆଇନ ବାଲି ବ୍ୟବସାୟ ଯୋଗୁଁ ଏଭଳି ଘଟିଛି ଏବଂ ମୁଖ୍ୟ ଅଭିଯୁକ୍ତ ବିଧାୟକଙ୍କ ଛତ୍ରଛାୟାରେ ରହୁଥିବା ବିରୋଧୀ ଅଭିଯୋଗ କରିଥିଲେ। ସତ୍ୟବାଦୀ ବିଧାୟକ ଗଣମାଧ୍ୟମ ସମ୍ମୁଖରେ ତୁରନ୍ତ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲେ। ଗୋଟିଏ ଦିନ ପରେ ସୋମବାର ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ ହାପି ସୋମବାର ପୁରୀ କୋର୍ଟରେ ଆତ୍ମସମର୍ପଣ କରିଥିଲା। ତେଣୁ ବିଧାୟକ କହିବା ପରେ ଆତ୍ମସମର୍ପଣକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ପୁଲିସ ଯଦି ୩୬ ଘଣ୍ଟା ଭିତରେ ୪ ଜଣଙ୍କୁ ଧରିପାରିଲା ତେବେ ମୁଖ୍ୟ ଅଭିଯୁକ୍ତକୁ କାହିଁକି ଧରିପାରିଲା ନାହିଁ ତାହାକୁ ନେଇ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ଥିଲା। ବିଧାୟକଙ୍କ ସହ ଅଭିଯୁକ୍ତଙ୍କ ଫଟୋ ଭାଇରାଲ ହେବା, ଅଭିଯୁକ୍ତଙ୍କ ଘର ଆଗରେ ପ୍ରାୟ ହଜାରେ ଟ୍ରିପ୍ ବାଲି ଗଦା ହେବାକୁ ନେଇ ପ୍ରଶ୍ନ ଉଠାଇଥିଲେ ପୂର୍ବତନ ବିଧାୟକ ଶ୍ରୀ ବଳିଆରସିଂହ। ତେଣୁ ପୁଲିସ ଉପରେ ଚାପ ଯୋଗୁଁ ଅଭିଯୁକ୍ତ ଏତେ ଦିନ ବାହାରେ ରହିଲା ବୋଲି ଚର୍ଚ୍ଚା ହେଉଛି।

ବ୍ରହ୍ମଗିରି ନାବାଳକ ବେକରେ 'ମୁଁ ଚୋର' ଲେଖାଥିବା ପ୍ଲାକାର୍ଡ ଝୁଲାଇବା ଘଟଣାରେ ମଧ୍ୟ ପୁଲିସ ନିରବ ରହିଲା। କାରଣ ଅଭିଯୁକ୍ତ ଶାସକ ଦଳର ଜଣେ ଆଗଧାଡ଼ିର ନେତାଙ୍କ ଭାଇ ହୋଇଥିବାରୁ ପୁଲିସ ଚାପର ବଶବର୍ତ୍ତୀ ହେଲା। ଏହି ଦୁଇଟି ନୁହେଁ ଏମିତି ଏକାଧିକ ଉଦାହରଣ ରହିଛି। ଆଉ ଏହିସବୁ ମାମଲାରେ ରାଜନେତା ପତିଆରା ଦେଖାଉଥିବା ବେଳେ ବିଚରା ପୁଲିସକୁ ବଦ୍‌ନାମ ମୁଣ୍ଡାଇବାକୁ ପଡୁଛି। ପୂର୍ବ ରେକର୍ଡରୁ ସେ ଦକ୍ଷ ଅଫିସର ହୋଇଥିଲେ ବି ରାଜନେତାଙ୍କ ଚାପରେ ଚୁପ୍ ରହିବା ତାଙ୍କ ଦକ୍ଷତା ଉପରକୁ ବି ପ୍ରଶ୍ନ ଉଠାଉଥିବା ସାଧାରଣରେ ଆଲୋଚନା ହେଉଛି।

## ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ଚନ୍ଦନ ମଉଜ



ପୁରୀ,୧୧।୫(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦ ଓ ୱେବ୍ ଚ୍ୟାନେଲ ଅନୁରାଗ ଟାଇମ୍ସ ପକ୍ଷରୁ ଚନ୍ଦନ ମଉଜ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ଏନ୍‌ବିଟିର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାହିତ୍ୟ ସାଧନା ପାଇଁ ସୁଶ୍ରୀ ହରପ୍ରିୟା ସାହୁଙ୍କ ସମେତ ସୁଦୀପ୍ତା ମିଶ୍ର, ମଣିରାମ ଜେନା, ଶୁଭନାରାୟଣ ସ୍ୱାଇଁ ଓ ଭୁବନେଶ୍ୱର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ବିଶ୍ୱମିତ ମିଶ୍ର, କାର୍ଯ୍ୟକାରୀ ସଭାପତି ଇଂ. ସୂର୍ଯ୍ୟନାରାୟଣ ରଥ ଓ ଉପସଭାପତି ବିଜୟ କୃଷ୍ଣ ବ୍ରହ୍ମା ଯୋଗଦେଇଥିଲେ। ବିଷ୍ଣୁପ୍ରସାଦ ମହାପାତ୍ର ଓ ଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଚିତ୍ରଲେଖା ମିଶ୍ର, ବିଶ୍ୱପ୍ରୀତ ମିଶ୍ର ଓ ଧନ୍ତୁ ମହାପାତ୍ର ଏହାକୁ ପରିଚାଳନା କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଚନ୍ଦନ ଗୀତ ଓ କବିତାପାଠ ଆୟୋଜନ କରାଯାଇଥିଲା। ଏଥିରେ ଶୈଳବାଳା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସୁଚେତା ମିଶ୍ର ସଭାପତିତ୍ୱ କରିଥିଲେ। ସର୍ବାଣୀ ଦାସ ଓ ସନ୍ୟାସୀ ନାୟକ ପରିଚାଳନା କରିଥିଲେ। ବହୁ ପ୍ରତିଷ୍ଠିତ କବି କବିତାପାଠ କରିଥିଲେ।

● ଚାଙ୍ଗଡ଼ା ଘର ନିକଟରେ ରକ୍ତ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୧।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଚାଙ୍ଗଡ଼ା ଘର ନିକଟରେ ରକ୍ତ ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ସୋମବାର ସକାଳ ୬ଟା ୫୫ରେ ଦ୍ୱାର ଫିଟିଥିଲା। ୭ଟା ୪୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ଶେଷ ହେବା ପରେ ଦର୍ଶନ ଚାଲିଥିଲା। ଅପରାହ୍ଣ ପ୍ରାୟ ୧ଟା ୧୫ରେ ଚାଙ୍ଗଡ଼ା ଘର ପାଖରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ଏହାପରେ ପୂଜାପଣ୍ଡା ସେବକମାନେ ଅପରାହ୍ଣ ୨ଟା ୪୦ରେ ମହାସ୍ନାନ ପୂଜା କରିଥିଲେ। ୨ଟା ୫୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକିଥିଲା ପୁଣି ସେହିଠାରୁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ୨୦୦୦ ଲିଟର ପୋଚ ଓ ୨୦ ଲିଟର ମଦ ଜବତ

ପୁରୀ,୧୧।୫(ସମିସ): ଦେଶୀ ମଦ ଭାଟିରେ ଚଢ଼ଉ କରି ୨୦୦୦ ଲିଟର ପୋଚ ଓ ୨୦ ଲିଟର ଦେଶୀ ମଦ ଜବତ କରିଛି ଚନ୍ଦନପୁର ଥାନା ପୁଲିସ୍। ପୁଲିସ ସୂଚନା ଅନୁଯାୟୀ, ଚନ୍ଦନପୁର ତିଆଡ଼ି ସାହିରେ ଥିବା ଏକ ଘର ପଛପଟେ ଚାଲିଥିଲା ବେଆଇନ ପୋଚ ଓ ଦେଶୀ ମଦ ବେପାର। ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଚଢ଼ଉ କରିବା ସମୟରେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ୨୦୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ ଏବଂ ଗୋଟିଏ ବଡ଼ ଡେକ୍‌ଚି ଜବତ କରିଛି। ତିଆଡ଼ି ସାହିର ଜଣେ ବ୍ୟକ୍ତି ତାଙ୍କ ଘର ପଛ ପାଶ୍ୱର୍ରେ ଦେଶୀ ମଦ ପ୍ରସ୍ତୁତ କରୁଥିବା ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଲୋକଙ୍କ ଉପସ୍ଥିତିରେ ଚଢ଼ଉ କରାଯାଇ ଘର ପଛ ପାଶ୍ୱର୍ରୁ ଉକ୍ତ ଜିନିଷପତ୍ର ଜବତ କରାଯାଇଥିଲା। କିନ୍ତୁ ପୁଲିସ ଦଳକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛି।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦ୍ୟଗୁରୁ ଥିଲେ ପୁରୀର ପୁଅ

ପୁରୀ,୧୧।୫(ସମିସ): ପଶ୍ଚିମବଙ୍ଗ ରାଜନୀତିରେ କ୍ଷମତା ପରିବର୍ତ୍ତନ ପରେ ଶପଥ ଗ୍ରହଣ ମଞ୍ଚରେ ସ୍ୱର୍ଗତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାଁ ବେଶ୍ ଚର୍ଚ୍ଚା ହୋଇଥିଲା। ତାଙ୍କ ବିଚାରଧାରା ଉପରେ ବିଜେପି ପ୍ରତିଷ୍ଠିତ ହୋଇଥିବାରୁ ଏହି ନାଁ ଚର୍ଚ୍ଚାକୁ ଆସିବା ସ୍ୱାଭାବିକ।



ତେବେ ଶୈଶବରୁ ଶ୍ୟାମାପ୍ରସାଦଙ୍କୁ ଗଢ଼ିବାରେ ଦୁଇଜଣ ଓଡ଼ିଆଙ୍କର ଥିଲା ପ୍ରଚ୍ଛନ୍ନ ହାତ। ଏ ସଂକ୍ରାନ୍ତରେ ବୋଧହୁଏ ଅନେକ ଓଡ଼ିଆଙ୍କର ଧାରଣା ନ ଥିବ। ହଁ, ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲେ ପୁରୀ ମାଟିର ପୁଅ ନାରାୟଣ ଶିରୋମଣି। ଶ୍ୟାମାପ୍ରସାଦଙ୍କ ଆଦ୍ୟ ଗୁରୁ ନାରାୟଣ ଶିରୋମଣି ଆଜି ବିସ୍ମୃତି ଗର୍ଭରେ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ରଚିତ 'ଓଡ଼ିଶାର ପାଣ୍ଡିତ୍ୟ ପରମ୍ପରା' ପୁସ୍ତକରେ ହୋଇଥିବା ଉଲ୍ଲେଖ ଅନୁଯାୟୀ, ଡ. ଶ୍ୟାମାପ୍ରସାଦଙ୍କ ଘରୋଇ ଇଂରାଜୀ ଶିକ୍ଷକ ଥିଲେ ମଧୁ ବାବୁ। ସଂସ୍କୃତ ଭାଷାର ଶିକ୍ଷକ ଥିଲେ ଜୟୀ ରାଜଗୁରୁଙ୍କ ବଂଶଧର ନାରାୟଣ ଶିରୋମଣି। ଡ. ମିଶ୍ରଙ୍କ ତଥ୍ୟ ମୁତାବକ, ୧୮୮୯ ମସିହାରେ ବୀର ହରେକୃଷ୍ଣପୁରରେ ନାରାୟଣ ଜନ୍ମ ଗ୍ରହଣ କରିଥିଲେ। ଉଚ୍ଚତର ସଂସ୍କୃତ ଶିକ୍ଷା ଲାଭ କରିବାକୁ କୋଲକାତା ଯାଇଥିଲେ। ସେ ସମୟରେ ସେଠାରେ ରୟାଲ ବେଙ୍ଗଲ ଟାଇଗର ଭାବେ ପରିଚିତ ସାର୍ ଆଶୁତୋଷ ମୁଖାର୍ଜୀ ପୁଅ ଶ୍ୟାମାପ୍ରସାଦ ଓ ଝିଅ ଅବନ୍ତୀଙ୍କୁ ସଂସ୍କୃତ ଶିକ୍ଷା ଦେବାକୁ ନାରାୟଣଙ୍କୁ ନିଯୁକ୍ତ କରିଥିଲେ। ସାର୍ ଆଶୁତୋଷ ନାରାୟଣଙ୍କୁ ପୁଅ ଭଳି ସ୍ନେହ କରୁଥିଲେ। ନାରାୟଣଙ୍କ ଗ୍ରାମ ବୀର ହରେକୃଷ୍ଣପୁରକୁ ସେ ତାଙ୍କ ପୁଅ ଝିଅଙ୍କୁ ଧରି ଆସିଥିଲେ। ତାଙ୍କୁ ଓଡ଼ିଆ ଘରର ପିଠାପଣାରେ ଆପ୍ୟାୟିତ କରିଥିଲେ ନାରାୟଣଙ୍କ ପରିବାରବର୍ଗ। ନାରାୟଣ ଏମ୍‌ଏ ପରୀକ୍ଷାରେ ୨ୟ ସ୍ଥାନ ଅଧିକାର କରିବାରୁ କୋଲକାତା ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲେ। ଏହା ଜାଣିବା ପରେ ସେ ଦୀକ୍ଷାନ୍ତ ଉତ୍ସବକୁ ନ ଯିବାକୁ ମନସ୍ଥ କରିଥିଲେ। ସାର୍ ଆଶୁତୋଷ ଏହା ଜାଣିବା ପରେ ଦୀକ୍ଷାନ୍ତ ଉତ୍ସବକୁ ୧୫ ଦିନ ଘୁଞ୍ଚାଇ ଦେଇଥିଲେ। ନାରାୟଣ ଓ ପ୍ରଥମ ହୋଇଥିବା ଛାତ୍ରଙ୍କ ପରୀକ୍ଷା ଖାତା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପୁନଃ ମୂଲ୍ୟାୟନ ପାଇଁ ପଠାଇବା ବ୍ୟବସ୍ଥା କରିଥିଲେ। ମୂଲ୍ୟାୟନ ପରେ ନାରାୟଣ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଲେ। ଅଥଚ ପ୍ରମାଣପତ୍ର ଓ ପଦକରୁ ନାରାୟଣଙ୍କ ମହାପାତ୍ର ସାଙ୍ଗିଆ ତଥା ଟାଇଟଲ୍ କାଟିଦେଇ କେବଳ ନାରାୟଣ କାବ୍ୟତୀର୍ଥ ଶିରୋମଣି ବୋଲି ଲେଖିଦେଲେ। ଯେପରି ସେ ଓଡ଼ିଆ ବୋଲି ଜଣା ନ ପଡ଼ିବେ। ପରେ ସେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରେରଣାରେ କୋଲକାତା ଛାଡ଼ି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ଶିକ୍ଷା ଓ ଓଡ଼ିଆ ଭାଷାର ଉନ୍ନତି ଲାଗି ୩୫ ବର୍ଷ ଇଚ୍ଛାପୁର ଅଞ୍ଚଳରେ କାର୍ଯ୍ୟ କରିଥିଲେ। ୧୯୪୬ ମସିହାରେ ଗାଁକୁ ଫେରି ବ୍ୟାକରଣ, ଭାଷା ଶୁଦ୍ଧି ଚନ୍ଦ୍ରିକା ଆଦି ପୁସ୍ତକ ରଚନାରେ ସମୟ ଦେଇଥିଲେ। ପୁରୀରେ ନିଖିଳ ଉତ୍କଳ ଗବେଷଣା କାର୍ଯ୍ୟାଳୟରେ ଶେଷ ଜୀବନ ଅତିବାହିତ କରିଥିଲେ। ତେବେ ଶ୍ୟାମାପ୍ରସାଦଙ୍କ ଆଦ୍ୟଗୁରୁ ନାରାୟଣ ଆଜି ବିସ୍ମୃତି ଗର୍ଭରେ ହଜିଯାଇଛନ୍ତି ବୋଲି ଡ. ମିଶ୍ର କହିଛନ୍ତି।

## ଗୁଣ୍ଡିଚା ବିହାର ନଳା ସଫେଇ ଦାବି



ପୁରୀ,୧୧।୫(ସମିସ): ରଥଯାତ୍ରାରେ ଗୁଣ୍ଡିଚା ବିହାର ନଳା ପାଲଟିଯାଏ ଭକ୍ତ, ପର୍ଯ୍ୟଟକଙ୍କ ଜବରଦଖଲ ଅଞ୍ଚଳ। ଏହି ନଳା ସହ ସଂଯୁକ୍ତ ଆଶ୍ରମ ଛକଠାରୁ ଷ୍ଟେସନ ଛକ ନଳା ଫୁଲି ଉଠେ। ଏମିତି ବି ନଳାପାଣି ଭାସିବାର ନଜିର୍ ରହିଛି। ନବକଳେବର ବର୍ଷ ଏହି ନଳା ନିର୍ମାଣ ପରଠାରୁ ସଫା ହୋଇ ନ ଥିଲା। ଗତବର୍ଷ ପୌର ଅଧିକାରୀ ଅଭିମନ୍ୟୁ ବେହେରା ପ୍ରଥମ ଥର ପାଇଁ ଜଳ ନିଷ୍କାସନ ଉପରେ ପଦକ୍ଷେପ ନେଲେ। ହେଲେ ଅସମୟ ବର୍ଷା ପ୍ରତିବନ୍ଧକ ସାଜିଲା। ଏବେ ଏହି ନଳାରେ ଅଣ୍ଟାଏ ପଙ୍କ। ଅଧିକାଂଶ ନଳା ଉପରେ ସ୍ଲାବ୍ ନାହିଁ। ଏ ବର୍ଷ ବର୍ଷାଦିନେ ରଥଯାତ୍ରା ହୋଇ ଘରେ ଘରେ ପାଣି ପଶିବା ପୂର୍ବରୁ ଏହି ନଳାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୋମବାର ଅଞ୍ଚଳର ମୁଖିଆ ଭଗବାନ ଦାଶଙ୍କ ନେତୃତ୍ୱରେ ବଦ୍ରି ମିଶ୍ର, ଅଶୋକ ମହାପାତ୍ର, ସୁରେନ୍ଦ୍ର ସାମନ୍ତରାୟ, ଅଶୋକ ରଥ, କୃତିବାସ ଦାଶ, ରାଜକିଶୋର ମିଶ୍ର ଓ ଯୋଗେନ୍ଦ୍ର ସିଂହସାମନ୍ତ ପ୍ରମୁଖ କମିଶନର ସ୍ନେହା ଅରଗୁଳାଙ୍କୁ ଦାବିପତ୍ର ଦେବା ସହ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରାଙ୍କ ସହ ଆଲୋଚନା କରିଛନ୍ତି। ଅଞ୍ଚଳର ଦୁରବସ୍ଥା ଦେଖିବାକୁ କମିଶନର ଓ ଯୁଗ୍ମ କମିଶନର ଖୁବ୍‌ଶୀଘ୍ର ଗୁଣ୍ଡିଚା ବିହାର ଆସନ୍ତୁ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର ଦାବି ରଖିଛନ୍ତି।

ମାତୃ ଦିବସରେ ପଣତକାନି ଉତ୍ସବ

## ମା'ର ପଣତକାନି ସବୁଠୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ



ପୁରୀ,୧୧।୫(ସମିସ): ମା'ର ପଣତକାନି ବ୍ରହ୍ମାଣ୍ଡର ସବୁଠାରୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ ବୋଲି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ମାତୃ ଦିବସ ଅବସରରେ ଆୟୋଜିତ ପଣତକାନି ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ମାଆ ଅଫୁରନ୍ତ ସ୍ନେହ ଓ ପ୍ରେମର ଉତ୍ସ। ଆଧୁନିକତାର ଚାପରେ ମାଆ ଓ ବୋଉ ଶବ୍ଦ ହଜିଯିବାକୁ ବସିଲାଣି। ମାତ୍ର କ୍ଷୁଦ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥ ଏବଂ ପରିବାରରେ ବିଭାଜନ ଯୋଗୁଁ

**ବୋଉ ଡାକରେ ଯେତେ ଆନନ୍ଦ ତାହା କେଉଁ ଶବ୍ଦରେ ନ ଥାଏ**

ସମ୍ପ୍ରତି ମାତୃଜାତି ଆଜି ବିପଦରେ ପଡ଼ିଛି ଓ ବୃଦ୍ଧା ଶ୍ରମ ସଂଖ୍ୟା ବଢ଼ି ଚାଲିଛି। ଏଥିପାଇଁ ସବୁସ୍ତରରେ ସଚେତନତା ସୃଷ୍ଟି ଉପରେ ଅତିଥିମାନେ କହିଛନ୍ତି। ସମାଜସେବୀ ସ୍ୱର୍ଗତ କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ଏହି ଉତ୍ସବକୁ ସ୍ୱେଚ୍ଛାସେବୀ ସଂଗଠନ ଦି ବେଲ୍ ଓ ଦି ମିରର୍ ଆୟୋଜନ କରିଥିଲେ। କ୍ଷେତ୍ରମୋହନ ଫାଉଣ୍ଡେସନ ଓ କଳିଙ୍ଗ ସ୍ମାର୍ଟ ସ୍କୁଲ୍ ଏଥିରେ ସହାୟତା କରିଥିଲେ।

ଆଇନଜୀବୀ ଦିଗମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଇଣ୍ଡିଆନ ମାଷ୍ଟର ସେଫ୍ ରନର୍ସ ଅପ୍ ସମ୍ମାନରେ ସମ୍ମାନିତ ଅଞ୍ଜୁ ପ୍ରଧାନ କହିଥିଲେ ଯେ, ଓଡ଼ିଆ ସଂସ୍କୃତିରେ ବୋଉ ଡାକ ଏକ ମହନୀୟ ଶବ୍ଦ। ଆଧୁନିକତାର ଚାପରେ ମାଆ ଓ ବୋଉ ଶବ୍ଦ ହଜିଯିବାକୁ ବସିଲାଣି। ଏହି ଅବକ୍ଷୟ ବିରୋଧରେ ସବୁସ୍ତରରେ ସଚେତନତା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଓଡ଼ିଆ ଭାଷା, ସାହିତ୍ୟ ଗବେଷିକା ଡ. ମନସା ଶ୍ରୀଚନ୍ଦନ ରାୟ। ମଣିଷର ଆଦ୍ୟ ସ୍ୱର ମାଆ, ପ୍ରିୟ ଭାଷା ମାଆ। ମାଆର ବିକଳ୍ପ ନାହିଁ। ମାଆର ପଣତକାନି ବ୍ରହ୍ମାଣ୍ଡର ସବୁଠାରୁ ନିର୍ଭୟ ଓ ନିରାପଦ ଆଶ୍ରୟସ୍ଥଳ ବୋଲି କହିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ଦି ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଦି ମିରର୍ ସଭାପତି ସମାଜସେବୀ ଲାୟନ୍ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିଶୁ ସାହିତ୍ୟିକ ସୁକାନ୍ତ କୁମାର ପଣ୍ଡା, ସମିତିସଭ୍ୟ ପ୍ରଦୀପ୍ତ ଭାନୁ ଘଟୁଆରୀ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାରୀନେତ୍ରୀ କଲ୍ୟାଣୀ ଘଟୁଆରୀ, ଶଶୀମଣି ଦେବୀ, ଜେମା ସ୍ୱାଇଁ ଓ ନଳିନୀ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଶତାୟୁ ମହିଳା ଶଶୀମଣି ଦେବୀ, ଜେମା ସ୍ୱାଇଁଙ୍କୁ ପଣତକାନି ସମ୍ମାନରେ ସମ୍ମାନିତ କରାଯାଇଛି। କିଛି ମହିଳା ମହାସଂଘକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମହିଳାଙ୍କ ମଧ୍ୟରେ ହୁଳହୁଳି, କାନ୍ଦଣା, ଝୋଟି, ମ୍ୟୁଜିକ୍ ଚେୟାର, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ କ୍ଷେତ୍ରମୋହନ ଫାଉଣ୍ଡେସନର ପୂର୍ବତନ ଅଧ୍ୟକ୍ଷା ସ୍ୱର୍ଗତା କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କଳିଙ୍ଗ ସ୍ମାର୍ଟ ସ୍କୁଲ୍ ପ୍ରିନ୍ସପାଲ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ସନ୍ଧ୍ୟାରାଣୀ ବାରିକ, ବିପିନ ଭୋଇ, ଲିପ୍ସା ମହାନ୍ତି, ମନ୍ଦାକିନୀ ପରିଡ଼ା, ଶୁଭସ୍ମିତା ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଅନିଲ ସାହୁ, ବନୀତା ଦୀକ୍ଷିତ, ରାଜଲକ୍ଷ୍ମୀ ଦାସ, ସବିତା ଶ୍ରୀଚନ୍ଦନ, ଓମ୍ ପ୍ରମୁଖ ସହଯୋଗ କରିଥିଲେ।

'ପୁଣ୍ୟୋତ୍ସବ' ଉଦ୍‌ଯାପିତ

# ସେବାରେ ଶତ୍ରୁ ମିତ୍ରର ପାର୍ଥକ୍ୟ ନ ଥାଏ




ପୁରୀ,୧୧।୫(ସମିସ): ସେବା ହେଉଛି ଏକ ଧର୍ମ। ଏହାର କୌଣସି ବିକଳ୍ପ ନାହିଁ। ସେବାରେ କୌଣସି ସ୍ୱାର୍ଥ ନ ଥାଏ କି ଶତ୍ରୁ ମିତ୍ରର ତୁଳନା କରାଯାଏ ନାହିଁ। ସମସ୍ତଙ୍କୁ ସମାନ ସ୍ନେହ ଆଉ ପ୍ରେମରେ ଯେଉଁ ସେବା ପ୍ରଦାନ କରାଯାଏ ତାହା ହିଁ ହେଉଛି ପ୍ରକୃତ ସେବା ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଫ୍ଲୋରେନ୍ସ ନାଇଟେଙ୍ଗଲ୍‌ଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଟାଉନ୍ ହଲ୍‌ରେ ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଦୁଇଦିନିଆ ବାର୍ଷିକୋତ୍ସବ 'ପୁଣ୍ୟୋତ୍ସବ'ର ସୋମବାର ଉଦ୍‌ଯାପନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ସେଠୀ ଉପସ୍ଥିତ ନର୍ସିଂ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ସେବା ଦେଉଥିବା ବ୍ୟକ୍ତି ସଙ୍ଗେ ସଙ୍ଗେ ତାହା ଭୁଲିଯିବା ଉଚିତ୍। କାରଣ ସେବା ପାଇଥିବା ଲୋକଠାରୁ କିଛି ପାଇବାର ଆଶାରେ ଏହାକୁ ମନେ ରଖିଲେ ତାହା ଆପଣଙ୍କୁ କଷ୍ଟ ଦେବ। କିନ୍ତୁ ଯିଏ ସେବା ପାଇଛି ସେ ସାରା ଜୀବନ ଆପଣଙ୍କୁ ମନେ ରଖିବେ। କାରଣ ତାହା ହିଁ ମାନବିକତା। ଆଉ ତାହା ହିଁ ହେଉଛି ଆପଣମାନଙ୍କ ପାଇଁ ଶ୍ରେଷ୍ଠ ସମ୍ବଳ। ହେଲେ ସମାଜରେ ଆଜି ଏହାର ଘୋର୍ ଅଭାବ ରହୁଛି। ଯାହାଙ୍କଠାରୁ ସେବା ପାଉଛେ ତାକୁ ଭୁଲିଯାଉଛେ। ଏମିତି ବି ଅନେକ ମାଆ-ବାପାଙ୍କୁ ହତାଦର କରୁଛନ୍ତି। ସାମ୍ପ୍ରତିକ ସମାଜ ଏକ ସନ୍ଧିକ୍ଷଣ ଦେଇ ଯାଉଛି। ଯେଉଁ ସନ୍ଧିକ୍ଷଣ ମଧ୍ୟରେ ମାନବିକତା ଘୋର୍ ଅଭାବ ପରିଲକ୍ଷିତ ହେଉଛି। ତେଣୁ ଏଭଳି ମାନସିକତାରୁ ଦୂରେଇ ସବୁ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସେମାନଙ୍କୁ ନିଜର ଭାବି ସେବା କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀ ସେଠୀ।

**● ସେବା ଏକ ତପସ୍ୟା, ଏହାକୁ ପଇସାରେ କିଣାଯାଏ ନାହିଁ**

**● ସେବା ଦେବା ପରେ ଭୁଲିଯିବା ଉଚିତ୍, ମନେ ରଖିଲେ କଷ୍ଟ ହେବ**

ମୁଖ୍ୟଅତିଥି ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଛାତ୍ରଛାତ୍ରୀଙ୍କୁ ଯେକୌଣସି କାମ କରୁଛ ନିଷ୍ଠାର ସହ କଲେ ନିଶ୍ଚିତ ସଫଳତା ମିଳିବ ବୋଲି କହିଥିଲେ। ପ୍ରିୟଙ୍କା ଦେବୀ ଅନୁଷ୍ଠାନର ଉଦାହରଣ ଦେଇ ସେ କହିଥିଲେ, ୨୦୦୮ରେ ୪୦ ପିଲାଙ୍କୁ ନେଇ ଗଢ଼ିଉଠିଥିବା ଏହି ଶିକ୍ଷାନୁଷ୍ଠାନରେ ଆଜି ୮୦୦ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି। ଏହିଭଳି ଏକ ଅନୁଷ୍ଠାନ ଯେତେବେଳେ ଯେଉଁ ପ୍ରକାର ସାହାଯ୍ୟ ଲୋଡ଼ିବ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର ବାହିନୀପତି ଫ୍ଲୋରେନ୍ସ ନାଇଟେଙ୍ଗଲ, ମଦର ଟେରେସାଙ୍କ ମହନୀୟ ସେବା ବିଷୟରେ ଆଲୋକପାତ କରିବା ସହ ସେବା ସ୍ନେହ, ସମର୍ପଣର ଗୋଟିଏ ପ୍ରତୀକ। ଯେଉଁମାନେ ନର୍ସିଂ ପାଠ୍ୟକ୍ରମକୁ ଆପଣାଇଛନ୍ତି ସେମାନେ ନିଜ କାର୍ଯ୍ୟଧାରା ଏବଂ ସଂକଳ୍ପକୁ ନେଇ ଗର୍ବ ଅନୁଭବ କରିବା ଉଚିତ୍। ସେବା ଏଭଳି ଏକ କର୍ତ୍ତବ୍ୟ ଓ ଏମିତି ଏକ ତପସ୍ୟା ଯାହାକୁ ପଇସାରେ କିଣାଯାଇପାରେ ନାହିଁ କିମ୍ବା ଏହାର ମୂଲ୍ୟାଙ୍କନ କରାଯାଇପାରେ ନାହିଁ। ଜଣେ ସେବିକାର ପାରିଶ୍ରମିକ କେହି କେବେ ଦେଇପାରନ୍ତି ନାହିଁ। ସେବା ଏକ ଆଧ୍ୟାତ୍ମିକ ଓ ନୈତିକ ପ୍ରବୃତ୍ତି। ଏହି ପ୍ରବୃତ୍ତି ଦ୍ୱାରା ମାନବିକତା ବଞ୍ଚିଛି, ମଣିଷପଣିଆ ତିଷ୍ଠି ରହିଛି। ସାମାଜିକ ସମ୍ପର୍କ ଓ ଭାଇଚାରାକୁ ସୁଦୃଢ଼ କରିଛି ସେବା ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଜୀବନରେ କୌଣସି ପୁଅ ତାଙ୍କ ମାଆର ଋଣ ଶୁଝିପାରି ନାହାନ୍ତି। ସେହିପରି ଯିଏ ଯେତେ ବଡ଼ ରୋଗୀ ହୋଇଥା'ନ୍ତୁ ନା କାହିଁକି ସେ କେବେହେଲେ ଜଣେ ସେବିକାର ଋଣ ଶୁଝିପାରିବ ନାହିଁ ବୋଲି କହିଥିଲେ। ସହ ନିର୍ଦ୍ଦେଶିକା ମଧୁସ୍ମିତା ରଥ ଓ ଅଧ୍ୟକ୍ଷା କମଳା ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟକାର କୁମୁଦଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ।

ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉନ୍ନତି ଓ ବିକାଶ ପାଇଁ ଅନବରତ ପରିଶ୍ରମ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟାପକ କାଳୀପ୍ରସନ୍ନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



**ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହ**

# 'ଆମ ସଂସ୍କୃତି ଓ ଚଳଣୀକୁ ନେଇ ନାଟକ ରଚନା ଉପରେ ଗୁରୁତ୍ୱ'

ଜଗତସିଂହପୁର,୧୧।୫(ସମିସ)




ବହୁ ପ୍ରାଚୀନ କାଳରୁ ଯାତ୍ରା ନାଟକ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଭାବେ ରହିଆସିଛି। ତେବେ ଓଡ଼ିଶାର ଯେଉଁ ନାଟ୍ୟକାରମାନେ ତାଙ୍କ ରଚିତ ନାଟକ ଦ୍ୱାରା ଓଡ଼ିଆ ଯାତ୍ରା ନାଟକକୁ ନୂଆ ଦିଶା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ। ତାଙ୍କ ସୃଷ୍ଟି ସମ୍ଭାରଥିଲା ଅନନ୍ୟ ଓ ଅସାଧାରଣ ଯାହା ଓଡ଼ିଆ ଯାତ୍ରା ନାଟକକୁ ଋଦ୍ଧିମନ୍ତ କରିଛି ବୋଲି ଜଗତସିଂହପୁର ସହର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କର ୭୬ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତପୋଷଣ କରିଛନ୍ତି। ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପରିଷଦର ସଭାପତି ସୁସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ।

ଏହି ଅବସରରେ ପରିଷଦର ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ଏବଂ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ସୁଧାକର ଦ୍ୱିବେଦୀଙ୍କ ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା ବରଂ ସମାଜକୁ ସୁଶିକ୍ଷା ଓ ସଚେତନ କରାଇବା ପାଇଁ ଅଭିପ୍ରେତ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ମାତ୍ର ୩୨ବର୍ଷ ଭିତରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ୨୦ ଖଣ୍ଡ ଉଚ୍ଚମାନର ନାଟକ ଲେଖି ନାଟ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଛାଡି ଯାଇଛନ୍ତି। ତେଣୁ ଆମ ଚଳଣି ଓ ସଂସ୍କୃତିକୁ ନେଇ ନାଟକ ରଚନା କରାଯାଉ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ, ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ ବାବାଜୀ ଚରଣ ସାହୁ, ବିଜୟ କୁମାର ରଥ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଦେବେନ୍ଦ୍ର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ ରାଉତ, ଅରୁଣ କୁମାର ରାଉତରାୟ, ଗଣେଶ୍ୱର ମାଣିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ସ୍ମୃତିପତ୍ର "ସୁଧାସୌରଭ"କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସେହିପରି ୯ ଜଣ କୃତୀ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ନାଟ୍ୟକାର ଓ ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶକ ସାରଦା ପ୍ରସାଦ ରଣା, ଖଳନାୟକ ଶୁଭେନ୍ଦୁ ଚୌଧୁରୀ, ଅଭିନେତା ହୃଷିକେଶ ମିଶ୍ର, ଆଭିନେତ୍ରୀ ଟିକିନା ସ୍ୱାଇଁ, ପ୍ରତିମା ରାଉତ, ହାସ୍ୟାଭିନେତା ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଗୋଚ୍ଛାୟତ, ସମାଜସେବୀ ବିଜନ ମହାପାତ୍ର। ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହକୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀର ପୃଷ୍ଠପୋଷାକତାରେ ପାଳନ କରିବା ସହିତ ନାଲିବର ଠାରୁ ରେଢ଼ୁଆ ପର୍ଯ୍ୟନ୍ତ ରାସ୍ତାକୁ ସୁଧାକର ସାରଣୀ ନାମରେ ନାମିତ କରିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ପରିଷଦର ସଦସ୍ୟ ସତ୍ୟରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମର ପରିଚାଳନାରେ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ, ରବିନାରାୟଣ ରଥ, ସୁକାନ୍ତ କୁମାର ଦ୍ୱିବେଦୀ, ତୁଳସୀ ପ୍ରସାଦ ମହାପାତ୍ର, ଗୋବିନ୍ଦ ଓଝା, ରାଜକିଶୋର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି, ଅଜୟ କୁମାର ବରାଳ, ସ୍ମୃତିରଞ୍ଜନ ରାଉତ, ଅନସୂୟା ଷଡ଼ଙ୍ଗୀ, ଅଶୋକ କୁମାର ମୁଦୁଲି, ରମେଶ ଚନ୍ଦ୍ର ବହିରା, ରଞ୍ଜନ କୁମାର ମିଶ୍ର, ମନୋଜ କୁମାର ଦ୍ୱିବେଦୀ, ତାପସ କୁମାର ମହାରଣା, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ଅଜୟ କୁମାର ଗୋଚ୍ଛାୟତ ଓ ଗଣମାଧ୍ୟମ ସଂଯୋଜକ ତପନ କୁମାର ରାଉତରାୟ ଓ ତନ୍ମୟ କାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ତିର୍ତ୍ତୋଲ,୧୧।୫(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୬ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ଭତ୍ତା ପାଇବା ପାଇଁ ୪ଟି, ପୁଲିସ ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ତିର୍ତ୍ତୋଲ ମହେଶ୍ୱର ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**■ ଚର୍ଚ୍ଚିକା ବଜାରରେ ଅଗ୍ନିକାଣ୍ଡ**

# ଜଳିଗଲା ଉପହାର ଦୋକାନ




ଜଗତସିଂହପୁର,୧୧।୫(ସମିସ): ଆଜି ଅପରାହ୍ନରେ ଜଗତସିଂହପୁର ସହରର ଚର୍ଚ୍ଚିକା ବଜାର ଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଉପହାର ଦୋକାନ ସମ୍ପୂର୍ଣ୍ଣ ଜଳିଯିବା ସହିତ ପାଖରେ ଥିବା ଅନ୍ୟ ଏକ ଦୋକାନର ଆଂଶିକ କ୍ଷତି ଘଟିଛି। ସୂଚନା ଅନୁସାରେ ଉକ୍ତ ଉପହାର ଦୋକାନଟି ଅଳ୍ପ କିଛିଦିନ ତଳେ ଖୋଲିଥିଲା ଓ ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ରହିଥିଲା। ଉପହାର ସାମଗ୍ରୀ ସହିତ ଏଠାରେ ଅନ୍ୟ ଗୃହ ଉପକରଣ ମଧ୍ୟ ବିକ୍ରି ପାଇଁ ରହିଥିଲା। ଆଜି ମଧ୍ୟାହ୍ନରେ ଉକ୍ତ ଦୋକାନୀ ଦୋକାନ ବନ୍ଦ କରି ଖାଇବାକୁ ଯାଇଥିବା ସମୟରେ ବିଦ୍ୟୁତ ସର୍ଟ୍‌ସର୍କିଟ ଯୋଗୁଁ ଉକ୍ତ ଦୋକାନରେ ନିଆ ଲାଗିଥିବା ସନ୍ଦେହ କରାଯାଉଛି। ଖବର ପାଇ ଦୋକାନୀ ଜଣକ ଆସି ସଟର ଖୋଲିଦେବା ପରେ ଦୋକାନ ଭିତରେ ନିଆଁ ଝଟକା ବାହାରିବା ସହିତ ଦୋକାନ ଭିତରେ ନିଆଁ ହୁତହୁତ ହୋଇ ଜଳୁଥିଲା। ଏଭଳି ଅଗ୍ନିକାଣ୍ଡ ଯୋଗୁଁ ପାଖରେ ଥିବା ଗୋଟିଏ ଦୋକାନ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡ ଘଟିଥିବା ଦୋକାନ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଅଗ୍ନିଶମ ବିଭାଗ ବିଳମ୍ବରେ ପହଞ୍ଚି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


## କାଦମ୍ବିନୀ ପରିଜାଙ୍କୁ 'ଓଡ଼ିଶା ଗୌରବ' ସମ୍ମାନ



ବିରିଡ଼ି,୧୧।୫(ସମିସ): ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ବୁଢାପଡ଼ା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ଡ଼. କାଦମ୍ବିନୀ ପରିଜାଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ବହୁମୁଖୀ ପ୍ରତିଭା ତଥା ବିଭିନ୍ନ ପୁସ୍ତକ ପୁସ୍ତିକାରେ ସ୍ଥାନ ପାଇଥିବା ଉଚ୍ଚକୋଟୀର ଲେଖା ବିଶେଷ ଭାବେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସଂଗଠନ ସହିତ ଜଡ଼ିତ ରହି କାର୍ଯ୍ୟ କରିଆସୁଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଓଡ଼ିଶା କଲଚରାଲ ଆର୍ଟ ଏକାଡେମୀ ଓ ମୂର୍ଚ୍ଛନା ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ବୈଶାଖୀ ଉତ୍ସବରେ ଓସିଏର ସଭାପତି ବସନ୍ତକୁମାର ଦାସ, ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥି, ବାଗ୍ମୀ ପ୍ରଫେସର ପ୍ରଶାନ୍ତ କୁମାର ଶତପଥି, ଦିନେଶ କୁମାର ମଲ୍ଲିକ, ବ୍ୟଙ୍ଗ କବି ସଂସଦ ରଥ ପ୍ରମୁଖ ବରେଣ୍ୟ ଅତିଥିମାନେ ଉପସ୍ଥିତ ରହି ତାଙ୍କୁ ସମ୍ମାନିତ କରିଥିଲେ।

## ପତ୍ନୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ନାଉଗାଁ,୧୧।୫(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ନିଜ ପତ୍ନୀକୁ ମରଣାନ୍ତକ ଆକ୍ରମଣ କରିଥିବା ସ୍ୱାମୀକୁ ନାଉଗାଁ



ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୋଗ କାରିଣୀ କଳ୍ପନା ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତି ପ୍ରାୟ ସାଢ଼େ ସାତଟା ସମୟରେ କଳ୍ପନା ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ସ୍ୱାମୀ ସୁଶାନ୍ତ ମହାନ୍ତି ଆସି ଖାଇବାକୁ ମାଗିଥିଲେ। କଳ୍ପନା ରୋଷେଇ କରୁଥିବା ବେଳେ କିଛି ସମୟ ଅପେକ୍ଷା କରିବାକୁ କହିବାରୁ ସୁଶାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାରିଦେବା ଉଦ୍ଦେଶ୍ୟ ରଖି ଏକ ତଡ଼ା ସାହାଯ୍ୟରେ ତାଙ୍କ ମୁଣ୍ଡ ଓ ହାତକୁ ବାଡେଇଥିଲେ। ଯାହାଫଳରେ କଳ୍ପନାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ତାଙ୍କ ହାତ ଭାଙ୍ଗି ଯାଇଥିଲା। ସେ ଚିତ୍କାର କରିବାରୁ କଳ୍ପନାଙ୍କ ଶାଶୁ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନିଷ୍ଠୁର ପ୍ରଶାନ୍ତ ନିଜ ମାଆକୁ ମଧ୍ୟ ଛାଡ଼ି ନଥିଲେ। ତାଙ୍କୁ ମଧ୍ୟ ବାଡ଼େଇ ଲହୁଲୁହାଣ କରିଦେଇଥିଲେ। ପରେ ଉଭୟେ ଶାଶୁ, ବୋହୂ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ମେଡିକାଲ ଯାଇ ଚିକିତ୍ସିତ ହେବାପରେ କଳ୍ପନା ଏହି ଘଟଣାକୁ ନେଇ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ନାଉଗାଁ ପୁଲିସ ଅଭିଯୋଗକୁ ଭିତ୍ତି କରି ସୁଶାନ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ରାଉନ୍‌ସୁଗର ବେପାରୀ ଗିରଫ



ବାଲିକୁଦା,୧୧।୫(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ତିହୁଡ଼ି ମରିଚପୁର ମୁଖ୍ୟ ରାସ୍ତା ଚାରିଆକଣ ଛକଠାରେ ଜଣେ ବ୍ରାଉନସୁଗର ବେପାରୀକୁ ପୁଲିସ କାବୁ କରିଛି। ତା' ନିକଟରୁ ୭ ଗ୍ରାମ ପାଖାପାଖି ବ୍ରାଉନସୁଗାର ଓ ଏକ ଟିଭିଏସ ଅପାଚି ଗାଡି, ଦୁଇ ହଜାର ଟଙ୍କା ସହ ଏକ ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତ ଜଗତସିଂହପୁର ଥାନା ଅନ୍ତର୍ଗତ ମୋହିଉଦିନପୁର ଗ୍ରାମର ସାହିଲ ଉଦିନ ଖାନ (୨୪)କୁ ଗିରଫ କରାଯାଇ ବାଲିକୁଦା ଥାନାରେ ୧୭୨/୨୬ରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବାଲିକୁଦା ଥାନା ପରିସରରେ ଏସ୍‌ଡିପିଓ ରଶ୍ମି ରଞ୍ଜନ ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଥାନା ଅଧିକାରୀ କାବୁଲି ବାରିକ ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଏସ୍‌ଡିପିଓ କହିଛନ୍ତି ବାଲିକୁଦା ଥାନା ଅଧୀନ ଅନନ୍ତପୁର ଅଞ୍ଚଳରେ ବ୍ରାଉନସୁଗାର କାରବାର ବ୍ୟାପକ ହେଉଥିବା ଅଭିଯୋଗ ହୋଇଥିଲା। ଏଣୁ ଏଥିପାଇଁ ଆମେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଓ ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ସେମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ ଜାରି ରଖିଥିଲୁ। ଏହି ଯୁବକ ସହ ସେହି ଅଞ୍ଚଳର ଅନ୍ୟ ଜଣେ ଯୁବକ ସାମିଲ ରହିଛି। ସେମାନେ ବ୍ରାଉନସୁଗର ଆଣି ତାକୁ ଅଳ୍ପ ଅଳ୍ପ ପରିମାଣ କରି ବିଭିନ୍ନ ସ୍ଥାନରେ ଲୁଚେଇ ରଖି ଯୁବପିଢ଼ିଙ୍କୁ ବିକ୍ରି କରୁଛନ୍ତି। ଆମେ ଏନେଇ ଉଦ୍ୟମ ଜାରି ରଖିଛୁ। ଉକ୍ତ ଯୁବକକୁ ଖୁବଶୀଘ୍ର ଗିରଫ କରାଯିବା ସହ କିଭଳି ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେବ ତାହା ଉପରେ ଜୋର ଦିଆଯିବ। ଆଜି ଜବତ ହୋଇଥିବା ବ୍ରାଉନସୁଗାର ମୂଲ୍ୟ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ଦେଇଥିଲେ।

# ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୧୧।୫(ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ରର ଚନ୍ଦନ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ମହାପ୍ରଭୁଙ୍କ ସହସ୍ର ନାମ ପାଠ କରାଯାଇଥିଲା।



ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଭୁବନେଶ୍ୱରରୁ ଆସିଥିବା ମୁରଲୀଧର ପଲାଇ। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ। ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡିଶା ସରକାରଙ୍କ ଅତିରିକ୍ତ ରିଲିଫ କମିଶନର ସୁଭାଷ ଚନ୍ଦ୍ର ନାଥଶର୍ମା କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ ଓ ସମର୍ପଣର ଠାକୁର। ତାଙ୍କ ନିକଟରେ ନିଜକୁ ସମର୍ପି ଦେଲେ ସେ ସବୁକିଛିର ସମାଧାନ କରାଇ ଦିଅନ୍ତି। ମୁଖ୍ୟବକ୍ତା ଭାବେ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିଗୌରବ ସଚ୍ଚିଦାନନ୍ଦ ମହାରାଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱରସ୍ଥ ବିମ୍ ଅନୁଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ଯୋଗଦେଇଥିଲେ। ଉକ୍ତଳେ ଭଉଁରି ଆଧାରରେ ଚଳନ୍ତି ବିଗ୍ରହ ମଦନମୋହନ ଡିଗି ନରେନ୍ଦ୍ରରେ ଚାପକୁ ବିଜେ କରିଥିଲେ ଏବଂ ଦୀର୍ଘ ସମୟ ଧରି ଚାପ ଖେଳିଥିଲେ। ଶେଷରେ ବଟଶ୍ରୀକ୍ଷେତ୍ରର ଠାକୁର ରାଜା ନୀଳକଣ୍ଠ ଶତପଥି ଅତିଥିମାନଙ୍କୁ ଅଙ୍ଗଲାଗି ବସ୍ତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରିଥିଲେ। ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥଲେ। ୨୧ଦିନ ବ୍ୟାପୀ ଏହି ଭବ୍ୟ ସମାରୋହକୁ ପରିଚାଳନା କରିବାରେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ, ରୁଦ୍ରପ୍ରତାପ ସ୍ୱାଇଁ, ଉମାକାନ୍ତ ଗୋଚ୍ଛାୟତ, ଦିବ୍ୟଜିତ୍ ଏବଂ ଅକ୍ଷୟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଗୋଚର ଜାଗାରୁ ଜବରଦଖଲ ଉଚ୍ଛେଦ

ପାରାଦୀପ, ୧୧।୨ (ସମିସ): ସରକାରୀ ଗୋଚର ଜମିରେ ତିଆରି ହୋଇଥିବା ଘର ଉପରେ ଆଜି ଜିଲ୍ଲା ପ୍ରଶାସନ ବୁଲଡୋଜର ବୁଲାଇଛି। କୁଜଙ୍ଗ ତହସିଲଦାର ଓ ପୁଲିସ ପ୍ରଶାସନର ଉପସ୍ଥିତିରେ କରାଯାଇଥିଲା ଏହି ଉଚ୍ଛେଦ। ଘଟଣା ଘଟିଛି ପାରାଦୀପ ଉପକଣ୍ଠ ନୂଆଗଡ ଗ୍ରାମରେ। ସେଠାରେ ଥିବା ଏକ ୪ ଏକର ବିଶିଷ୍ଟ ଗୋଚର ଜମିକୁ କିଛି ବାହାର ଜିଲ୍ଲାର ବ୍ୟକ୍ତି ମାଡିବସି ଏଠାରେ କୋଠାଘର ନିର୍ମାଣ କରି ରହୁଥିଲେ। ବର୍ତ୍ତମାନ ଏହି ଜାଗାରେ ସରକାରୀ ଆଇଟିଆଇର ଏକ ନୂତନ କ୍ୟାମ୍ପସ ତିଆରି ହେବାକୁ ସ୍ଥିର କରାଯାଇ ଟଙ୍କା ମଧ୍ୟ ଆସିଥିଲା। ହେଲେ ଉକ୍ତ ଜାଗା ଉପରେ ଘର ନିର୍ମାଣ ହୋଇଥିବା ପ୍ରଶାସନ ଜାଣିବା ପରେ ସେମାନଙ୍କୁ ନୋଟିସ କରାଯାଇଥିଲା। ବାରମ୍ବାର ନୋଟିସ ସତ୍ତ୍ୱେ ସେମାନେ ନ ଶୁଣିବାରୁ ବାଧ ହୋଇ ଜିଲ୍ଲା ପ୍ରଶାସନ ଉଚ୍ଛେଦ ପକ୍ରିୟା ଆରମ୍ଭ କରିଛି। ତେବେ ଏହି ଜାଗା ସରକାରୀ ଜାଗା ବୋଲି ଆମେ ଜାଣିନାହୁଁ, ଗ୍ରାମର କିଛି ବ୍ୟକ୍ତି ଏହି ଜାଗାକୁ ଆମକୁ ବିକ୍ରୟ କରିଥିଲେ ଏବଂ ଖୁବ୍ ଶୀଘ୍ର ପଟ୍ଟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରେ ଆଉ ଧରାଛୁଆଁ ଦେଇନଥିଲେ, ଏବେ ପ୍ରଶାସନ ଉଚ୍ଛେଦ ପକ୍ରିୟା ଆରମ୍ଭ କରିବା ପରେ ସେମାନେ ବେସାହାରା ହୋଇ ପଡିଛନ୍ତି। ଅନ୍ୟପକ୍ଷରେ ଏହି ଉଚ୍ଛେଦ ପକ୍ରିୟା ଆଜି ଆରମ୍ଭ ହୋଇଛି ଏବଂ ଏହା ପାଖାପାଖି ୫ ଦିନ ଲାଗିବ ବୋଲି କୁଜଙ୍ଗ ତହସିଲଦାର ପ୍ରକାଶ କରିବା ସହିତ ଖୁବ୍‌ଶୀଘ୍ର ଅନ୍ୟ ସରକାରୀ ଜାଗାରୁ ବି ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ।



## ଆଶ୍ରା ଜରାନିବାସରେ ସତ୍‌ସଙ୍ଗ

ନାଉଗାଁ,୧୧।୫(ସମିସ): ନାଉଗାଁ ବ୍ଲକସ୍ଥିତ ଆଶ୍ରା ଜରାନିବାସରେ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରିଙ୍କ ଦ୍ୱାରା ତିନି ଦିବସୀୟ ଭଗବଦ୍ ଗୀତା ଭକ୍ତିଯୋଗ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟର ୨୦ଟି ଶ୍ଳୋକ ଉପରେ ଆଲୋଚନା କରାଯାଇଥିଲା। ଗୀତା ପଢି ତାକୁ ଜୀବନରେ ପାଳନ କରିଲେ ମନୁଷ୍ୟ ଜୀବନରେ ଶାନ୍ତି, ଆନନ୍ଦ ଏବଂ ସଫଳତା ପାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱାମୀ କମଳାନନ୍ଦ ମା, କୁହୁକିନି ମା', ସୁଧା ମା' ଏବଂ ମମତା ମା' ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଆଶ୍ରମର ସାଧ୍ୱୀ ଉମାମୟୀ ମା', ଶୀବମୟୀ ମା', ପ୍ରଭାସିନୀ ମା', ଅମି ମା' ଏବଂ ବାବାଜୀ ଗୁରୁଜୀ ଭଜନ ପରିବେଷଣ କରିଥିଲେ। ସତସଙ୍ଗ ଶେଷରେ ବନ୍ଦନା ମା' ଗୀତାମାତାଙ୍କ ଆରତୀ କରିଥିଲେ। ହରିହରାନନ୍ଦ ଧ୍ୟାନମନ୍ଦିର ମାତୃଆଶ୍ରମ କମିଟିର ସମସ୍ତ ସଦସ୍ୟା ଏହାକୁ ଆୟୋଜନ କରିଥିଲେ।

**ପାରାଦୀପ ପୋର୍ଟ ବଣିକ ସଙ୍ଘରେ ୫୦ ବର୍ଷର ପରମ୍ପରା ଭଙ୍ଗ**

# ସଂକ୍ରାନ୍ତିରେ ଦୋକାନ ଖୋଲିବାକୁ ନେଇ ଅସନ୍ତୋଷ

ପାରାଦୀପ,୧୧।୫(ସମିସ)

ବର୍ଷ ବର୍ଷର ପରମ୍ପରାକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ମାତ୍ର ହାତ ଗଣତି କେତେଜଣ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଆଜି ୫୦ ବର୍ଷର ପରମ୍ପରା ଭଙ୍ଗା ଯାଉଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଘଟିବାକୁ ଯାଉଛି ବଡ଼ପଡିଆସ୍ଥିତ ପାରାଦୀପ ପୋର୍ଟ ବଣିକ ସଙ୍ଘରେ। ବଣିକ ସଙ୍ଘ ଗଠନ ହେବା ପରଠାରୁ ସମସ୍ତ ବ୍ୟବସାୟୀଙ୍କ ସହମତିରେ ପ୍ରତ୍ୟକ ମାସର ସଂକ୍ରାନ୍ତି ଦିନ ହିଁ ସବୁ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରହି ଆସୁଛି। ହେଲେ ବର୍ଷ ବର୍ଷ ଧରି ରହିଥିବା ଏହି ନିୟମକୁ ଚଳିତ ମାସ ସଂକ୍ରାନ୍ତିରେ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ଗତକାଲି ବ୍ୟବସାୟୀ ସଂଘ ପକ୍ଷରୁ ଘଣ୍ଟ ବାଡ଼େଇ ସଂକ୍ରାନ୍ତିରେ ସମସ୍ତ ଦୋକାନ ବଜାର ବନ୍ଦ ନ କରି ଖୋଲା ରଖିବାକୁ କୁହାଯାଇଛି। ତେବେ ବର୍ତ୍ତମାନର କର୍ମକର୍ତ୍ତାଙ୍କ ମନମାନି ପାଇଁ ବ୍ୟବସାୟୀ ଭାଇମାନଙ୍କ ମଧ୍ୟରେ ଥିବା ଭାଇଚାର ଆଜି ନଷ୍ଟ ହେବାକୁ ଯାଉଥିବା ଅଭିଯୋଗ ହୋଇଛି।

ପୂର୍ବରୁ ୧୬ ବର୍ଷ ଧରି ସଂଘର ସଭାପତି ଥିବା ସନ୍ତୋଷ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ସମୟରେ ମଧ୍ୟ କୌଣସି ସଂକ୍ରାନ୍ତିରେ ଦୋକାନ ବଜାର ଖୋଲା ରହିବାକୁ ସହମତି ପ୍ରଦାନ କରିନାହାନ୍ତି। କେବଳ ବିଶ୍ୱକର୍ମା ପୂଜା ସମୟରେ ପଡୁଥିବା ସଂକ୍ରାନ୍ତିରେ ହିଁ ବ୍ୟବସାୟ ଖୋଲା ରଖିବାକୁ ଅନୁମତି ଦିଅନ୍ତି। କାରଣ ଦୂରଦୁରାନ୍ତର ଆସୁଥିବା ଲୋକଙ୍କ ପାଇଁ ପାରାଦୀପ ବିଶ୍ୱକର୍ମା ଯେହେତୁ ଗୁରୁତ୍ୱ ରହିଛି ସେହି ସମୟରେ ପଡୁଥିବା ସଂକ୍ରାନ୍ତିରେ ବଣିକ ସଙ୍ଘ ଅଧୀନ ସମସ୍ତ ଦୋକାନ ବଜାର ହିଁ ଖୋଲା ରୁହେ। ଏ ପ୍ରଥା ଆରମ୍ଭରୁ ଅଛି। କିନ୍ତୁ ଏହାକୁ ଛାଡି ଦେଲେ ଆଉ କୌଣସି ସଂକ୍ରାନ୍ତିରେ ଦୋକାନ ବଜାର ଖୋଲା ରୁହେ ନାହିଁ। ଏପରିକି ପୂର୍ବରୁ ଏକ ସଂକ୍ରାନ୍ତି ଧନତରାସ ଦିନ ପଡୁଥିଲେ ବି ବଡ଼ପଡିଆ ମାର୍କେଟର ସମସ୍ତ ସୁନା ଓ ଚାନ୍ଦି ବ୍ୟବସାୟୀମାନେ ପୂର୍ବତନ ସଭାପତି ଶ୍ରୀ ପଟ୍ଟନାୟକଙ୍କ ପାଖରେ ନିବେଦନ କରିବା ସହିତ ମିଳିତ ଭାବେ ଘୋଷଣା କଲେ ଯେ ଯଦି ଦୋକାନ ଖୋଲା ରହିବାକୁ ଅନୁମତି ଦିଅନ୍ତି ତେବେ ଏକଦା ଅଧିଷ୍ଠାତ୍ରୀ ଦେବୀ ମା'ଙ୍କ ଚାନ୍ଦି ତିଆରି ପାଇଁ ୧୫ ଲକ୍ଷ ଟଙ୍କାର ରୁପା ଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶ୍ରୀ ପଟ୍ଟନାୟକ ସମସ୍ତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଆଖିରେ ରଖି ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେବେ ବର୍ତ୍ତମାନର କର୍ମକର୍ତ୍ତା କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥ ପାଇଁ ପାଖାପାଖି ୧ ହଜାର ବ୍ୟବସାୟୀଙ୍କ ପାଇଁ ଦୀର୍ଘ ଦିନ ଧରି ରହିଥିବା ନିୟମ ଭାଙ୍ଗି ଦିଆଯାଉଛି।

ଏହି ଘଟଣାକୁ ନେଇ ଏବେ କିଛି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛି ବ୍ୟବସାୟ ଏହାକୁ ସମର୍ଥ ଜଣାଉଥିବା ବେଳେ ବହୁ ବ୍ୟବସାୟୀ ଏହାକୁ ଖୋଲାଖୋଲି ବିରୋଧ କରୁଛନ୍ତି। ତେବେ ଆଗକୁ ଆଉ କୌଣସି ବ୍ୟବସାୟୀ ସଂକ୍ରାନ୍ତିରେ ଦୋକାନ ବନ୍ଦ ନିୟମକୁ ମାନିବେ ନାହିଁ ବୋଲି ଆଲୋଚନା ହେଉଛି।

ଡ୍ରେନ୍ ପାଲଟିଛି ପଥଚାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ

# ଜବରଦଖଲରେ ସଂକୁଚିତ ହେଉଛି ରାସ୍ତା

ଦୋବଲ,୧୧।୫(ସମିସ)



କ୍ଷେଣ୍ଟପୁର-ଧାମନଗର ମୁଖ୍ୟ ରାସ୍ତାର ଦୋବଲ ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ପର୍ଯ୍ୟନ୍ତ ଲମ୍ବିଥିବା ଅଂଶରେ ଏବେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହୋଇଛି। ପ୍ରାୟ ୮୦୦ ମିଟର ଲମ୍ବର ଏହି ରାସ୍ତାର ଡାହାଣ ପଟେ ନିର୍ମାଣ ହୋଇଥିବା କଂକ୍ରିଟ ଡ୍ରେନ୍ ଏବେ ସ୍ଥାନୀୟ ଲୋକ ଓ ପଥଚାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଡ୍ରେନ୍ ନିର୍ମାଣରେ ତ୍ରୁଟି ଏବଂ ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ଦ୍ୱାରା ହୋଇଥିବା ସ୍ଲୋପିଂ ଯୋଗୁଁ ପ୍ରାୟ ୩୦ ଫୁଟ୍ ଚଉଡ଼ାର ରାସ୍ତା ଏବେ ସଂକୁଚିତ ହୋଇ ମାତ୍ର ୨୦ ଫୁଟ୍‌ରେ ସୀମିତ ହୋଇଯାଇଛି।

କିଛି ମାସ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତାର ଡାହାଣ ପାର୍ଶ୍ୱରେ ପ୍ରାୟ ୪ ଫୁଟ୍ ଚଉଡ଼ାର ଏକ କଂକ୍ରିଟ ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ଏହି ଡ୍ରେନ୍‌ର ଉପର ଭାଗ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୭ ଇଞ୍ଚ ଉଚ୍ଚା ରହିଛି। ଏହି ଅହେତୁକ ଉଚ୍ଚତା ଯୋଗୁଁ ଡ୍ରେନ୍‌ଟି ରାସ୍ତାକଡ଼ରେ ଏକ ବ୍ୟାରିକେଡ୍ ଭଳି ଛିଡ଼ା ହୋଇଛି। ଯାହାଫଳରେ ଗାଡ଼ିମୋଟର ରାସ୍ତାକଡ଼କୁ ଯାଇପାରୁନାହିଁ। ଦୋକାନୀ ଓ ଦୋକାନକୁ ଆସୁଥିବା ଗ୍ରାହକ ଡ୍ରେନ୍ ଏପଟେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଖାଲି ଏତିକି ନୁହେଁ, ଡ୍ରେନ୍ ଉଚ୍ଚା ହୋଇଥିବାରୁ ଡାହାଣ ପଟେ ଥିବା ଦୋକାନୀମାନେ ନିଜ ନିଜ ଦୋକାନକୁ ଗାଡ଼ି କିମ୍ବା ମାଲ୍‌ପତ୍ର ନେବା ପାଇଁ ଅସୁବିଧାରେ ପଡୁଥିଲେ। ଏଥିରୁ ରକ୍ଷା ପାଇବା ଲାଗି ସେମାନେ ରାସ୍ତା ଉପରୁ ଡ୍ରେନ୍ ପର୍ଯ୍ୟନ୍ତ ସିମେଣ୍ଟର 'ସ୍ଲୋପିଂ' କରିଦେଇଛନ୍ତି। ଏହି ସ୍ଲୋପିଂ ପାଇଁ ରାସ୍ତାର ମୁଖ୍ୟ ଅଂଶରୁ ଆଉ ୧ରୁ ୨ ହାତ ପର୍ଯ୍ୟନ୍ତ ଜାଗା ନଷ୍ଟ ହେଉଛି। ଫଳସ୍ୱରୂପ, ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ଓ ଯଜ୍ଞ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୮ରୁ ୯ ଫୁଟ୍ ସଂକୁଚିତ ହୋଇଯାଇଛି। ବସ୍‌ଷ୍ଟାଣ୍ଡ ପାଖରୁ କାଳୀବଜାର ମଝିରେ ପ୍ରାୟ ୨୫୦ଟି ଦୋକାନ ରହିଛି। ତା' ଭିତରେ ୧୦ରୁ ଅଧିକ ଗ୍ରୋସରୀ ଦୋକାନ, ୩ରୁ ଅଧିକ ମାଲ୍ ଗୋଦାମ, ୩ଟି ଲୁହା, ସିମେଣ୍ଟ, ରଡ୍, ଚିପ୍ସ ଓ ଟାଇଲ୍ ଦୋକାନ ରହିଛି। ଅନେକଗୁଡ଼ିଏ ପାନ ଦୋକାନ ଓ ଚା' ଜଳଖିଆ ଦୋକାନ ଅଛି। ଏସବୁ ଦୋକାନରେ ସବୁବେଳେ ଲୋକଙ୍କ କାରବାର ଥାଏ। ଯିବାଆସିବା ଲାଗି ରହିଥାଏ। ଗ୍ରୋସରୀ ମାଲ୍‌ଗୋଦାମର ମାଲିକମାନେ ବାହାର ରାଜ୍ୟରୁ ମାଲ୍ ଆଣୁଥିବାରୁ ଦିନ ସମୟରେ ମାଲ୍ ଅନ୍‌ଲୋଡିଂ କରିଥା'ନ୍ତି। ରାସ୍ତା ଉପରେ ୮ ଫୁଟ୍ ଚଉଡ଼ାର ମାଲ୍ ବୋଝେଇ ଟ୍ରକ୍ ଛିଡ଼ା ହେବାରୁ ରାସ୍ତା ଜାମ୍ ହୋଇଥାଏ। ସେହିପରି ମାର୍ବଲ, ସିମେଣ୍ଟ, ଛଡ଼ ଦୋକାନରେ ବି ମାଲ୍ ଲୋଡିଂ ଅନ୍‌ଲୋଡିଂ ପାଇଁ ସମୟ ଲାଗୁଥିବାରୁ ରାସ୍ତା ଉପରେ ଗାଡ଼ି ଛିଡ଼ା ହୋଇ ରହେ। ଟ୍ରାଫିକ୍ ସମସ୍ୟା ଉପୁଜିଥାଏ। ସେହିଭଳି ୨ରୁ ୩ଟି ଗାଡ଼ି ସର୍ଭିସିଂ ଦୋକାନୀ ଡ୍ରେନ୍ କାରଣରୁ ରାସ୍ତା ଉପରେ ହିଁ ଗାଡ଼ି ଧୂଆଧୋଇ କରୁଛନ୍ତି। ଏହି କାରଣରୁ ରାସ୍ତାରେ ଅଧିକାଂଶ ସମୟରେ ପାଣି ଜମୁଛି। ରାସ୍ତା ସଂକୁଚିତ ହେବାରୁ ବିପରୀତ ଦିଗରୁ ଦୁଇଟି ବଡ଼ ଗାଡ଼ି ଆସିଲେ ପାର୍ଶ୍ୱ ଦେଇ ଯିବା ପାଇଁ ଜାଗା ନାହିଁ। ଏହି କାରଣରୁ ଛୋଟବଡ଼ ଦୁର୍ଘଟଣା ଏବେ ନିତିଦିନିଆ ଘଟଣା ପାଲଟିଛି। ବିଶେଷ କରି ସନ୍ଧ୍ୟା ସମୟରେ ଭିଡ଼ ଯୋଗୁଁ ପରିସ୍ଥିତି ଅସମ୍ଭାଳ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି। ରାସ୍ତାକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ସହ ଡ୍ରେନ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

● ବାସୁଦେବପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

# ମଧ୍ୟାହ୍ନଭୋଜନ ଚାଉଳ ପରେ ୟୁସି ନାମରେ ଅର୍ଥ ଆଦାୟ !

ବାସୁଦେବପୁର,୧୧।୫(ସମିସ): ବାସୁଦେବପୁର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବ୍ଲକ୍‌ର ୨୩ଟି ସିଆରସିସି କ୍ଲଷ୍ଟର ରହିଛି। ଏହି କ୍ଲଷ୍ଟର ସିଆରସିସି ଅର୍ଥ ମାଧ୍ୟମ ସାଜିଛନ୍ତି। ପ୍ରତି ବିଦ୍ୟାଳୟର ଡ୍ରେସ୍, କମ୍ପୋଜିଟ ଗ୍ରାଣ୍ଟ ବାବଦରେ ୨୫ରୁ ୧୦୦ ଛାତ୍ରଛାତ୍ରୀ ୨୫ ହଜାର, ୧୦୦ରୁ ୨୦୦ ଛାତ୍ରଛାତ୍ରୀ ଥିବା ସ୍କୁଲ ୫୦ ହଜାର, ୩୦୦ ଛାତ୍ରଛାତ୍ରୀ ଥିବା ହାଇସ୍କୁଲକୁ ୧ ଲକ୍ଷ, ସେହିପରି ଏସ୍ଏମ୍‌ସି ମିଟିଙ୍ଗ ପାଇଁ ୩ହଜାର, ମାତୃଭାଷା ଦିବସ ୩ହଜାର, ଆଡ୍‌ମିସନ ୧୫ଶହ, ହାଇସ୍କୁଲର ଛାତ୍ରୀମାନଙ୍କୁ ରାଣୀଲକ୍ଷ୍ମୀବାଈ ତାଲିମ ପାଇଁ ହଜାରେ ଅନୁଦାନ ପ୍ରଦାନ କରାଯାଇଛି। ବହୁତ ସ୍କୁଲର ପ୍ରଧାନଶିକ୍ଷକ ଜମାରୁ ଏହି ଅର୍ଥ ଖର୍ଚ୍ଚ କରିନାହାନ୍ତି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଅର୍ଥର ବିନିଯୋଗ ପ୍ରମାଣ ପତ୍ର (ୟୁସି) ଚେକିଂ କରିବାକୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ଚିଠି ନମ୍ବର ୧୪୧୭ ତାରିଖ ୮ ମେ' ୨୦୨୬ ବଳରେ ୧୧, ୧୨ ଓ ୧୩ ତାରିଖ ସକାଳ ୭ଟାରୁ ୧୧ ପର୍ଯ୍ୟନ୍ତ ୯ଟି ସ୍ଥାନରେ ୟୁସି ଆଦାୟ କରାଯିବ। ଏଠାରେ ବ୍ୟାଙ୍କ ଷ୍ଟେଟମେଣ୍ଟ, କ୍ୟାସ୍‌ବୁକ୍, କ୍ରୟ କରିଥିବା ବିଲ୍‌ର ଓରିଜିନାଲ, ଡ୍ରେସ୍ କୋଟେସନ, ରିଜୋଲ୍ୟୁସନ, ପେମେଣ୍ଟ ଟ୍ରାଙ୍କିଂ ଆନାଲିସିସ୍, ଷ୍ଟକ୍ ରେଜିଷ୍ଟର ଆଦି ଯାଞ୍ଚ କରିବା ଆଳରେ ପ୍ରତି ସ୍କୁଲରୁ ୧ ହଜାରରୁ ୨ ହଜାର ପର୍ଯ୍ୟନ୍ତ ଆଦାୟ କରାଯାଉଥିବାର ଅଭିଯୋଗ ହେଉଛି। ବାସୁଦେବପୁର ବ୍ଲକ୍‌ର ଏଲିମେଣ୍ଟାରୀ ସ୍କୁଲ ୨୮୪ ଓ ହାଇସ୍କୁଲ ୩୪ଟି ରହିଛି। ଏଥିମଧ୍ୟରୁ ବ୍ଲକ୍‌ଗ୍ରାଣ୍ଟ ୧୪ଟି ସ୍କୁଲ ରହିଛି। ୩୦୦ରୁ ଊର୍ଦ୍ଧ୍ୱ ସ୍କୁଲରୁ ସିଆରସିସିଙ୍କ ମାଧ୍ୟମରେ ଆଦାୟ ହେଉଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ କାହା ପକେଟକୁ ଯିବ। ବିଇଓଙ୍କ କାର୍ଯ୍ୟାଳୟର ଚିଠି ନମ୍ବର-୮୯୫, ତାରିଖ ୬ ଏପ୍ରିଲ୍ ୨୦୨୬ ବଳରେ ୮ଟି ସ୍ଥାନରେ ୧୫ରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ଯାଞ୍ଚ ଆଳରେ ପକେଟ ଗରମ କରିଛନ୍ତି। ନାମକୁ ମାତ୍ର ଯାଞ୍ଚ କରିଥିବା ଅଧିକାରୀ ମଧ୍ୟାହ୍ନଭୋଜନ ଚାଉଳ ଷ୍ଟକ୍, କ୍ୟାସ୍ ବୁକ୍ ଚେକିଂ ଆଳରେ ୩୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ସବୁଠାରୁ କମ୍ ପିଲା ଥିବା ସ୍କୁଲରୁ ୫ଶହ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ଛାତ୍ରଛାତ୍ରୀ ଥିବା ସ୍କୁଲରୁ ୩ହଜାର ଟଙ୍କା ସିଆରସିସିଙ୍କ ମାଧ୍ୟମରେ ଆଦାୟ ହୋଇଥିବାର ଅଭିଯୋଗ ହୋଇଛି। ବାସୁଦେବପୁରରେ ପାନ ଦୋକାନଠାରୁ ଚା' ଦୋକାନରେ ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି। ମଧ୍ୟାହ୍ନଭୋଜନ ଚାଉଳରୁ ପ୍ରାୟ ୫ଲକ୍ଷ ଟଙ୍କା ଆଦାୟ ହୋଇଛି। ଆଦାୟ ହୋଇଥିବା ଅର୍ଥ କାହା କାହା ମଧ୍ୟରେ ଭାଗବାଣ୍ଟ ହେବ। କୁନି କୁନି କୋମଳମତି ଶିଶୁଙ୍କ ଖାଦ୍ୟରୁ ଭାଗ ନେଉଛି କିଏ? କେଉଁ ଅଧିକାରୀଙ୍କ ପକେଟ ଗରମ ହେଉଛି? ପ୍ରଧାନଶିକ୍ଷକମାନେ ମୁହଁ ଖୋଲି ପ୍ରତିବାଦ କରିବାକୁ ସାହସ କରିପାରୁ ନ ଥିଲେ ମଧ୍ୟ ଦୁର୍ନୀତି ଗୁମର ଖୋଲିବାକୁ ପରୋକ୍ଷ ଚର୍ଚ୍ଚା ଖୋରାକ୍ ଯୋଗାଉଛି। ଜିଲ୍ଲାପାଳ ହସ୍ତକ୍ଷେପ କରି ତଦନ୍ତ କଲେ ଅସଲ ଦୁର୍ନୀତିଖୋର୍ ଅଧିକାରୀଙ୍କ ନାମ ପଦାକୁ ଆସନ୍ତା।

**ମାଧ୍ୟମ ସାଜିଛନ୍ତି ସିଆରସିସି**

# ଷୋଡ଼ଶ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୧୧।୫ (ସମିସ): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ସହରର ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ



ଉଦ୍‌ଘାଟନ କରି କହିଲେ ଯେ, ସରକାରଙ୍କ ତରଫରୁ ଏହି ମହାନ ପର୍ବ ଆଗକୁ କେମିତି ଆହୁରି ଗୌରବମୟ ଭାବରେ ପାଳିତ ହେବ ସେ ଦିଗରେ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଲୋଚକ- ଗବେଷକ ଓ ସାହିତ୍ୟିକ ପ୍ରଦ୍ୟୁମ୍ନ କୁମାର ଶତପଥୀ କହିଲେ ଯେ, ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କ ପୁଣ୍ୟ ମାଟି ଯେଉଁମାଟି ଦିନେ ଓଡ଼ିଆ ଲୋକ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚେଇ ରଖିବାପାଇଁ ଯେଉଁ ଆପ୍ରାଣ ଉଦ୍ୟମ କରିଥିଲା ତାର ଫଳ ସ୍ୱରୂପ ଆମେ ଆଜି ଗର୍ବରେ କହୁଛୁ ଯେ ଆମେ ଓଡ଼ିଆ। ଏ ପବିତ୍ର ମାଟିରେ ପାଦ ଦେଇ ଓ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବରେ ଯୋଗ ଦେଇ ନିଜକୁ ଧନ୍ୟ ମନେ କରୁଛି। ଜଉକଣ୍ଢେଇ ଉତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମଞ୍ଚ ଆହ୍ୱାନ କରିଥିଲେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଓ ପ୍ରାକକଥା ରଖିଥିଲେ ଶିଳ୍ପୀ କେଶୁ ଦାସ। ଜିଲ୍ଲା ପରିଷଦର ସଭାପତି ନାରାୟଣ ପ୍ରଧାନ ସମ୍ମାନିତ ଅତିଥିଭାବରେ ଯୋଗ ଦେଇ କହିଲେ ଯେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଆମ ବାଲେଶ୍ୱର ବାସୀଙ୍କ ପାଇଁ ଏକ ଗୌରବର ଉତ୍ସବ। ଏହି ଅବସରରେ ଜଉକଣ୍ଢେଇ ବାହାଘର ଉତ୍ସବର ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ ଯାହାକୁ ସମ୍ପାଦନ କରିଥିଲେ ଡ଼ଃ କାଳିକିଙ୍କର ଦାସ। ଡାକ୍ତର କୁମାର ଗୋପାଳ ଜଉକଣ୍ଢେଇ ବାହାଘର କମିଟିର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଯୁଗ୍ମ ସମ୍ପାଦକ ରଘୁନାଥ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅଭିଭାଷଣରେ ଡ଼ଃ ଉପେନ୍ଦ୍ର ନାଥ ପାତ୍ର ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଆଜି କେମିତି ସମାଜରେ ଭଲପାଇବାର ବାର୍ତ୍ତା ଦେଉଛି ଓ ଲୋକହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛି ତାହା ଉଲ୍ଲେଖ କରିଥିଲେ ତଥା ଶିଳ୍ପୀ କେଶୁଦାସ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଆମ ଐତିହ୍ୟର ଏ ସମୁଜ୍ଜ୍ୱଳ ପରିପ୍ରକାଶ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ମିତାଲି ପ୍ରିୟା ଗିରି ଦଳର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଗୁରୁକୀର୍ତ୍ତି ଓଡିଶୀ ନୃତ୍ୟ ଅନୁଷ୍ଠାନ ଓଡିଶୀ ନୃତ୍ୟ ତଥା ଆଦି ମିଷ୍ଟକଳା ଏକାଡେମୀ ତରଫରୁ ପରିବେଷିତ ଝୁମର ନୃତ୍ୟ ସମସ୍ତଙ୍କ ମନ ମୋହି ନେଇଥିଲା। ଖ୍ରୀଷ୍ଟିଆନ ପଡ଼ିଆରେ ଆଜି ଶତାଧିକ ହସ୍ତକଳା ଓ ଅନ୍ୟାନ୍ୟ ଷ୍ଟଲ ଲାଗିଛି।

# ଅତିରିକ୍ତ ଜିଲ୍ଲାପାଳଙ୍କ ସାମ୍ବାଦିକ ୟୁନିୟନର ସାକ୍ଷାତ

ବାଲେଶ୍ୱର,୧୧।୫(ସମିସ): ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଶାଖାର ସଦସ୍ୟମାନେ ଆଜି ଅତିରିକ୍ତ ଜିଲ୍ଲାପାଳ



ତପନ କୁମାର ଖୁଣ୍ଟିଆଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଶ୍ରୀ ଖୁଣ୍ଟିଆ ଜିଲ୍ଲାର ଭୌଗଳିକ ସ୍ଥିତି, ସ୍ୱାଧିନତା ସଂଗ୍ରାମର ଅବଦାନ, ସାହିତ୍ୟ, ସଂସ୍କୃତି, ଲୋକକଳା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଫକୀରମୋହନ ସେନାପତିଙ୍କ କାଳଜୟୀ ଲେଖା ତାଙ୍କୁ ବେଶ ପ୍ରଭାବିତ କରିଛି ବୋଲି କହିଥିଲେ। ଏହାବ୍ୟତିତ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ଜାତୀୟ କାର୍ଯ୍ୟକାରିଣି ସଦସ୍ୟ ରାମ ନାରାୟଣ ଶତପଥି ଓଡ଼ିଶା ସାମ୍ବାଦିକ ୟୁନିୟନର ବିଭିନ୍ନ ସମୟରେ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜୋନାଏଲ ସମ୍ପାଦକ ରବୀନ୍ଦ୍ର ମହାକୁଡ଼, କୋଷାଧ୍ୟକ୍ଷ ସୁରେଶଚନ୍ଦ୍ର ଦାସ, କଞ୍ଚମଣି ସ୍ୱାଇଁ, ସଞ୍ଜୟ ମହାଲିକ, ପ୍ରଦୀପ ବେରା ପ୍ରମୁଖ ଉପସ୍ଥିତ ଥିଲେ।

● ଷୋହଳ ଭଉଣୀ ଡ୍ୟାମ୍‌ରେ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ମୁହଁ ଖୋଲିଲେ ୪ ଅଭିଯୁକ୍ତ, ୧୦ଲକ୍ଷ ମାଗିବା ଘଟଣାକୁ ଖଣ୍ଡନ



ଖଇରା,୧୧।୫ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କେନ୍ଦୁଭଦଳୀ ଗ୍ରାମର ସନାତନ ବାରିକଙ୍କ ପୁଅ ହେମନ୍ତଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ସନାତନଙ୍କ ଅଭିଯୋଗକୁ ନେଇ ଅଭିଯୁକ୍ତ ମାନେ ଗଣମାଧ୍ୟମ ପ୍ରତିନିଧି ଆଗରେ ମୁହଁ ଖୋଲିଛନ୍ତି। ପୁଲିସ ଏତଲାରେ ଅଭିଯୁକ୍ତ ଦର୍ଶାଇଥିବା ହେମନ୍ତଙ୍କ ଶଶୁର ଶୁକଦେବ ପରିଡା, ଗତ ପଞ୍ଚାୟତ ନିର୍ବାଚନର ସରପଞ୍ଚ ପ୍ରାର୍ଥି ଜୟନ୍ତ ନାୟକ, ନିରାକାର ମାଝୀ, ନବ କିଶୋର ପରିଡା ଓ ମାୟାଧର କୁଅଁର ଏକ ଖବରଦାତା ସମ୍ମିଳନୀ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ସେମାନେ ଦେଇଥିବା ତଥ୍ୟ ଅନୁଯାୟୀ ହେମନ୍ତଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସସ୍ମିତା ବାରିକ ନିର୍ଯ୍ୟାତନା ଅଭିଯୋଗ ଆଣିବା ପରେ ଏ ସମ୍ପର୍କରେ ଖଇରା ଥାନାରେ ପାଖାପାଖି ୨୦ଦିନ ତଳେ ଅଭିଯୋଗ ରୋଇଥିଲା। ଝିଅର ବାପା ଅମାରଗଡିଆ ଗ୍ରାମର ଶୁକଦେବଙ୍କ ନିମନ୍ତ୍ରଣ କ୍ରମେ ସେମାନେ ମଧ୍ୟସ୍ଥତା କରିଥିଲେ। କିଭଳି ସେମାନେ ପୁଣି ଥରେ ଭଲରେ ସଂସାର କରିବେ ସେମାନେ ସମସ୍ତ ପ୍ରକାର ଚେଷ୍ଟା କରିଥିଲେ। ଘଟଣାକୁ ନେଇ ହେମନ୍ତ ମଧ୍ୟ ଫୋନରେ ଗାଳି ଗୁଲଜ କରିଥିଲେ। ହେଲେ ତାଙ୍କ ନାମରେ ୧୦ ଲକ୍ଷ ଟଙ୍କା ମାଗିବା ନେଇ ଥାନାରେ ଅଭିଯୋଗ ହେବା ବା ଏ ସମ୍ପର୍କୀତ ଭିଡିଓ ଭାଇରାଲ କରାଯିବା ଭିଡିଓ ସମ୍ପୁର୍ଣ୍ଣ ଭିତ୍ତିହୀନ। ବରଂ ଏଭଳି ଭିଡିଓ ଅନ୍ୟ କୌଣସୀ ବ୍ୟକ୍ତିଙ୍କ ପ୍ରରୋଚନାରେ କରାଯାଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଶଶୁର ଶୁକଦେବ ସ୍ପଷ୍ଟୀକରଣ ଦେଇ ହେମନ୍ତ ତାଙ୍କ ଝିଅକୁ ନିର୍ଯାତନା ଦେଉଥିବା ନେଇ ଝିଅ ଥାନାର ଦ୍ୱାରସ୍ଥ ହୋଇଥିଲା। ପୋଲିସର ସମୟ ଅଭାବରୁ ତଥା ସମସ୍ତେ ଝିଅଜ୍ୱାଇଁଙ୍କ ମଧ୍ୟରେ ମିଳାମିଶା ଚାହିଁବାରୁ ମାମଲା ରୁଜୁ ହୋଇ ପାରିନଥିଲା। ପୁଲିସର ତଦନ୍ତ ଉପରେ ସେମାନଙ୍କର ଯଥେଷ୍ଟ ଭରସା ଅଛି। ସେମାନଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ଭରସା ଅଛି।

# ଭୋଗରାଇ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୧୧।୫ (ସମିସ): ଭୋଗରାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ୧୫୧ଟି ଅଭିଯୋଗ ଗ୍ରହଣ କରାଯାଇ ଥିଲା। ଏହି ଜନଶୁଣାଣୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ



ଦିବାକର ସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ଭୋଗରାଇ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇ ପାନୀୟ ଜଳ ସମସ୍ୟା, ରାସ୍ତା ମରାମତି, ବିଦ୍ୟୁତ ସେବା, ରାସନ କାର୍ଡ, ଭତ୍ତା, ଜମିଜମା ବିବାଦ, ଆବାସ ଯୋଜନା, ସ୍ୱାସ୍ଥ୍ୟସେବା ଓ ଆଇନଶୃଙ୍ଖଳା ସମ୍ପର୍କିତ ବିଭିନ୍ନ ସମସ୍ୟା ଉଠାଇଥିଲେ। ଅନେକ ଆବେଦକ ନିଜ ଅଞ୍ଚଳର ଦୀର୍ଘଦିନର ସମସ୍ୟା ସମ୍ପର୍କରେ ପ୍ରଶାସନଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ଯେପରି ସାଧାରଣ ଲୋକଙ୍କ ପାଖକୁ ସଠିକ୍ ଭାବେ ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନ ସଦା ସଚେତନ ରହିଛି। ଲୋକଙ୍କ ସମସ୍ୟା ନିକଟରୁ ଜାଣି ତାହାର ସମାଧାନ କରିବା ହିଁ ଏହି ଜନଶୁଣାଣୀର ମୂଳ ଉଦ୍ଦେଶ୍ୟ। ଆରକ୍ଷୀ ଅଧିକ୍ଷକ ମଧ୍ୟ ଆଇନଶୃଙ୍ଖଳା ସମ୍ବନ୍ଧୀୟ ଅଭିଯୋଗଗୁଡିକୁ ଗୁରୁତ୍ୱର ସହ ଶୁଣିଥିଲେ ଓ ସମାଧାନ ପାଇଁ ପୁଲିସ ବିଭାଗ ପକ୍ଷରୁ ଯଥାଚିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଏସଡିପିଓ ସୁବ୍ରତ ବେହେରା, ଭୋଗରାଇ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାହୁ, ତାଳସାରୀ ମେରାଇନ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ଅତିରିକ୍ତ ଟିକଟ କାଉଣ୍ଟର ଖୋଲିବାକୁ ଦାବି

ବାରିକପୁର,୧୧।୫(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ୨୦ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥା'ନ୍ତି। ଏହାଛଡ଼ା ଜାତୀୟ ରାଜପଥ ପାର୍ଶ୍ୱରେ ସ୍ୱାସ୍ଥ୍ୟ କେନ୍ଦ୍ରଟି ଥିବା ଯୋଗୁଁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନେ ପ୍ରାଥମିକ ଚିକିତ୍ସା ସକାଶେ ଏଠାକୁ ଆସିଥା'ନ୍ତି। ମେଡିକାଲରେ ସମସ୍ତ ଡାକ୍ତର ପଦ ପୂରଣ ହୋଇ ନ ଥିଲେ ସୁଦ୍ଧା କଷ୍ଟେମଷ୍ଟେ ଦୈନିକ ରୋଗୀ ସେବା ଯୋଗାଇ ଦିଆଯାଉଛି। ପରିତାପର ବିଷୟ ଯେଉଁ ରୋଗୀମାନେ ଏଠାକୁ ଆସୁଛନ୍ତି ସେମାନଙ୍କ ପାଇଁ ରୋଗର ଦୁଃଖଠାରୁ ଟିକଟ କାଉଣ୍ଟରରେ ଦୀର୍ଘ ସମୟଧରି ଠିଆ ହେବା ଦୁଃଖ ବଳିଯାଉଛି। ଅତି ମନ୍ଥର ଗତିରେ ରୋଗୀଙ୍କ ସମ୍ପର୍କୀୟ ଓ ରୋଗୀମାନଙ୍କୁ ଡାକ୍ତର ଦେଖାଇବା ପାଇଁ ଆଉଟ୍‌ଡୋର୍ ଟିକଟ୍ ପ୍ରଦାନ କରାଯାଉଛି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ମେଡିକାଲ ପକ୍ଷରୁ ୨ଟି ଟିକଟ କାଉଣ୍ଟର ଖୋଲିବାକୁ ଜନସାଧାରଣ ଦାବି କରିଛନ୍ତି।

# ଏକ୍ସପ୍ରେସ୍ ଟ୍ରେନ୍‌କୁ ପଥର ଫୋପାଡ଼ିବା ଘଟଣାରେ ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧୧।୫ (ସମିସ): ବାଲେଶ୍ୱର-ହଳଦୀପଦା ସେକ୍ସନରେ ଟ୍ରେନ୍ ନଂ ୨୦୮୯୦ ହମସଫର ଏକ୍ସପ୍ରେସ୍‌ରେ ପଥର ଫୋପାଡ଼ିବା ଘଟଣାରେ ଆରପିଏଫ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏପ୍ରିଲ ୧୩ ତାରିଖରେ ରାତି ପ୍ରାୟ ୯.୩୦ରେ ହମସଫର ଏକ୍ସପ୍ରେସ୍ ଉପରେ ପଥର ଫୋପାଡ଼ିବା ଘଟଣା ଘଟିଥିଲା। ଏନେଇ ଆରପିଏଫ ପୋଷ୍ଟ ବାଲେଶ୍ୱରେ ୫୩୬/୨୦୨୬ ନମ୍ବର ମାମଲା ରୁଜୁ ହୋଇଥିଲା। ଗୋପନ ସୂଚନା ଆଧାରରେ ମେ ମାସ ୯ ତାରିଖରେ ନୁଣିଆଯୋଡି ପୋଲ ନିକଟରେ ଆରପିଏଫ ଟିମ୍ ଚଢାଉ କରି ଯାଜପୁର ଜିଲ୍ଲା କୁଆଖିଆ ଥାନା ପ୍ରଥମଖଣ୍ଡି ଗ୍ରାମର ବିଭୂତି ସାମଲ (୨୩)ଙ୍କୁ ଗିରଫ କରିଥିଲା। ସେ ମୃତ ବିଶ୍ୱନାଥ ସାମଲଙ୍କ ପୁଅ। ପଚରାଉଚରା ବେଳେ ବିଭୂତି ସ୍ୱୀକାର କରିଛି ଯେ, ମଦ ପିଇବା ପାଇଁ ଟଙ୍କା ଦରକାର ଥିବାରୁ ସେ ଟ୍ରେନର କବାଟ ଓ ଫୁଟବୋର୍ଡ ନିକଟରେ ଥିବା ଯାତ୍ରୀଙ୍କ ଉପରେ ପଥର ଫୋପାଡ଼ି ମୋବାଇଲ ଛଡାଇ ବିକ୍ରି କରୁଥିଲା। ଏପ୍ରିଲ ୧୩ ତାରିଖ ରାତିରେ କବାଟ ବନ୍ଦ ଥିବାରୁ ନିରାଶ ହୋଇ ସେ ଚଳନ୍ତା ଟ୍ରେନ୍ ଉପରେ ପଥର ଫୋପାଡ଼ି ଫେରାର ହୋଇଯାଇଥିଲା। ଆରପିଏଫ ଓ କେନ୍ଦ୍ର ଆଇବି ଡିଏସ୍‌ପି ଏ.କେ. ମହାନ୍ତିଙ୍କ ଯୁଗ୍ମ ପଚରାଉଚରାରେ ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ତାକୁ ରେଲୱେ ଆକ୍ଟ ୧୯୮୯ର ଧାରା ୧୫୩ ଓ ୧୪୭ ଅନୁଯାୟୀ ଗିରଫ କରି ବାଲେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି।

# ଗୋ-ମାଂସ ବୋଝେଇ କାର୍‌କୁ ଭାଙ୍ଗିଲେ ଲୋକେ



ଭଦ୍ରକ,୧୧।୫(ସମିସ): ଭଦ୍ରକର ଆରଡ଼ି ଛକ ନିକଟରେ ଏକ ଗୋ-ମାଂସ ବୋଝେଇ କାର୍‌କୁ ଉତ୍ୟକ୍ତ ଲୋକ ଭାଙ୍ଗିଦେଇଛନ୍ତି। ଘଟଣା ଘଟିଛି ଗ୍ରାମାଞ୍ଚଳ ଥାନା ନିକଟ ଆରଡ଼ି ଛକ ନିକଟରେ। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଗୋ-ମାଂସ ବୋଝେଇ କାର୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ କାର୍‌ଟି ଧାମନଗରରୁ ଭଦ୍ରକ ଅଭିମୁଖେ ଆସୁଥିବାବେଳେ ପିଛା କରିଥିଲେ ଗୋ-ସେବକମାନେ। ପୁଲିସ ଏହି ଘଟଣାରେ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ହିଡ଼ମ୍ବାଇରୁ ହାଟ ରାସ୍ତା ଅବସ୍ଥା ସଂକଟାପନ୍ନ



ଦୋଳସାହି,୧୧।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତ ଅଧୀନ ହିଡ଼ମ୍ବାଇରୁ ହାଟ ରାସ୍ତାର ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଆଡ଼କୁ ଗତି କରୁଥିବା ସହ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ହିଡ଼ମ୍ବାଇରୁ ହାଟ ଭଦ୍ରକ-ଚାନ୍ଦବାଲି ରାଜପଥକୁ ସଂଯୋଗ କରୁଥିବାବେଳେ ଏହି ରାସ୍ତା ଦେଇ ଶହଶହ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ମହାବିଦ୍ୟାଳୟକୁ ନିୟମିତ ଭାବେ ଯାତାୟାତ କରୁଛନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ମରାମତି ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସେହିପରି ଏହି ରାସ୍ତା ଦେଇ ଭାରୀଯାନ ଯାତାୟାତ କରିବାର ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ଭାରୀଯାନ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ସଂକଟାପନ୍ନ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ଆଖଣ୍ଡଳମଣି ପୀଠରେ ସୋମନାଥ ମନ୍ଦିରର ସ୍ୱାଭିମାନ ପର୍ବ

ଆରଡ଼ି,୧୧।୫(ସମିସ): ସୋମବାର ଗୁଜରାଟସ୍ଥିତ ପ୍ରଭୁ ସୋମନାଥ ମନ୍ଦିରର ସ୍ୱାଭିମାନ ପର୍ବ ଓ ରୁଦ୍ରାଭିଷେକ, ପୂଜାପାଠ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପାଳନ କରାଯାଇଥିବା ବେଳେ ଓଡ଼ିଶାର ୧୩ଟି ଶୈବପୀଠରେ ଆଭାସୀ ମାଧ୍ୟମରେ ପ୍ରଶାସନ ପକ୍ଷରୁ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ପରିସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ମଞ୍ଚରେ ଆଭାସୀ ମାଧ୍ୟମରେ ପ୍ରଭୁ ସୋମନାଥ ମନ୍ଦିରର ଅନୁଷ୍ଠିତ ପୂଜାର୍ଚ୍ଚନା ଓ ରୁଦ୍ରାଭିଷେକ ସିଧାପ୍ରସାରଣ କରାଯାଇଥିଲା। ଏହି ମଞ୍ଚରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସକାଳ ୭ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶିବ ଭଜନ ସହ ଶିବ ତାଣ୍ଡବ ଆଦି ମଞ୍ଚରେ ପରିବେଷଣ କରାଯାଇଥିଲା। ବହୁ ସଂଖ୍ୟାରେ ଉପସ୍ଥିତ ଭକ୍ତ ଓ ଦର୍ଶକ ଏଥିରେ ସାମିଲ୍ ହୋଇଥିଲେ।

# ବରିଷ୍ଠ ଅଧିବକ୍ତା ଦୁର୍ଗା ପ୍ରସନ୍ନଙ୍କ ପରଲୋକ



ଭଦ୍ରକ,୧୧।୫(ସମିସ): ଭଦ୍ରକର ବରିଷ୍ଠ ଅଧିବକ୍ତା, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଦୁର୍ଗା ପ୍ରସନ୍ନ ରାୟ ମହାପାତ୍ରଙ୍କ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏହା ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଦୀର୍ଘ ଦିନ ହେବ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ଜଣେ ଦକ୍ଷ ଆଇନଜୀବୀ ଭାବେ ସେ ଦୀର୍ଘ ବର୍ଷ ଧରି ଓକିଲାତି କରିବା ସହ ଲମ୍ବା ସମୟଧରି ସରକାରୀ ଓକିଲ ରହିଥିଲେ। ଭଦ୍ରକ ଶ୍ରୀରାମ ମହାଯଜ୍ଞ କମିଟିର ସେ ବହୁ ବର୍ଷ ଧରି ସମ୍ପାଦକ ପଦ ଦକ୍ଷତାର ସହ ତୁଲାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଏକମାତ୍ର ପୁତ୍ର ଓ କନ୍ୟା ସହ ପରିବାର ଲୋକେ ଉପସ୍ଥିତ ଥିଲେ।

# ଟିପିଏନଓଡିଏଲ ୱାର୍କର୍ସ ଏମ୍ପ୍ଲୋଇଜ ୟୁନାଇଟେଡ ଫୋରମର ବିକ୍ଷୋଭ

ବାଲେଶ୍ୱର,୧୧।୫(ସମିସ)




ବାଲେଶ୍ୱର ଇଲେକ୍ଟ୍ରିକାଲ ସର୍କଲରସୁପରିଣ୍ଟେଣ୍ଡଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟିପିଏନଓଡିଏଲର ମନମୁଖୀ ଛଟେଇ ତଥା ଶ୍ରମିକ-ମାରଣ ନୀତି ବିରୋଧରେ ଟିପିଏନଓଡିଏଲ ୱାର୍କର୍ସ ଏମ୍ପ୍ଲୋଇଜ ୟୁନାଇଟେଡ ଫୋରମ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମଚାରୀ ଏବଂ ଶ୍ରମିକମାନେ ଏଥିରେ ସାମିଲ ହୋଇଥିଲେ। ଦୀର୍ଘ ବର୍ଷ ଧରି ଏହି ସଂସ୍ଥାରେ ମାତ୍ର ୧୦ ହଜାରରୁ ୧୫ହଜାର ଟଙ୍କା ଦରମାରେ କାର୍ଯ୍ୟ କରୁଥିବା ଅନେକ କର୍ମଚାରୀଙ୍କ ଛଟେଇ ପ୍ରକ୍ରିୟା ଆରମ୍ଭ ହେବା ଶ୍ରମିକ ମହଲରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଏହି ଶ୍ରମିକମାନେ ନିଜର ପରିଶ୍ରମ, ନିଷ୍ଠା ଓ ସଂସ୍ଥା ପ୍ରତି ଅଙ୍ଗୀକାର ଦେଇ ବର୍ଷର ପରେ ବର୍ଷ ସେବା କରିଆସିଥିବାବେଳେ, ଆଜି ସେମାନଙ୍କୁ ଏଭଳି ଅନିଶ୍ଚିତତାରେ ଛାଡ଼ିଦେବା ଅତ୍ୟନ୍ତ ଦୁଃଖଦ, ଅମାନବିକ ଓ ଅନ୍ୟାୟପୂର୍ଣ୍ଣ ବୋଲି ବିକ୍ଷୋଭକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପୂର୍ବରୁ ଏକାଧିକ ଥର ଟାଟା ପାୱାର ମ୍ୟାନେଜମେଣ୍ଟ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ କୌଣସିପ୍ରକାର ଆଲୋଚନା ପାଇଁ ଆହ୍ୱାନ ନ ହେବା ଓ ଶ୍ରମିକଙ୍କ ଦାବି ପ୍ରତି ଅନୁଦାର ମନୋଭାବ ଟିପିଏନଓଡିଏଲର ଶ୍ରମିକ-ମାରଣ ନୀତିକୁ ସ୍ପଷ୍ଟ କରୁଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ। ଏହି ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ୮ଟି ଶ୍ରମିକ ସଂଘ ଏକତ୍ରିତ ହୋଇ ଟିପିଏନଓଡିଏଲ ୱାର୍କର୍ସ ଏମ୍ପ୍ଲୋଇଜ ୟୁନାଇଟେଡ ଫୋରମ ଗଠନ କରିଛନ୍ତି। ଫୋରମ ପକ୍ଷରୁ ପୁନର୍ବାର ମ୍ୟାନେଜମେଣ୍ଟଙ୍କୁ ଏହି ଛଟେଇ ଆଦେଶ ତତକ୍ଷଣାତ୍ ପ୍ରତ୍ୟାହାର କରିବା ଓ ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପୁନଃନିଯୁକ୍ତିରେ ଅବସ୍ଥାପିତ କରିବାକୁ ଦାବି କରାଯାଇଛି। ଯଦି ଆଗାମୀ ଦିନରେ ଶ୍ରମିକ ଛଟେଇକୁ ବନ୍ଦ କରା ନ ଯାଏ କିମ୍ବା ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦିଆନଯାଏ, ତେବେ ଯେକୌଣସି ପରିସ୍ଥିତି ପାଇଁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ନିଜେ ଦାୟୀ ରହିବେ। ଶ୍ରମିକଙ୍କ ନ୍ୟାୟସଂଗତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ। ଏହି କାର୍ଯ୍ୟକ୍ରମରେ ଜଗଦୀଶ ଚନ୍ଦ୍ର ବେହେରା, ରବୀନ୍ଦ୍ରନାଥ ବେରା, ତପନ କୁମାର ବେହେରା, ଭରତ ଚନ୍ଦ୍ର ସେଠି, ସନ୍ତୋଷ ପୁହାଣ, ରାମଚନ୍ଦ୍ର ସାସମଲ ଏବଂ ରମାକାନ୍ତ ନାୟକ, ସଂଜୟ କୁମାର ସୋ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ୮.୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ସହିଦନଗର,୧୧।୫(ସମିସ): ଧୂଷୁରୀ ଥାନାଧିକାରୀ ସୁଦର୍ଶନ ବାଗେଙ୍କ ନିର୍ଦ୍ଦେଶକ୍ରମେ ଓ ଥାନା ଉପଅଧିକାରୀ ବାସୁଦେବ ଓରାମଙ୍କ ନେତୃତ୍ୱରେ ପୁଲିସ ୨ଜଣ ବ୍ରାଉନ୍‌ସୁଗର ବେପାରୀଙ୍କୁ ସହିଦ୍ ନଗରଠାରୁ ଗିରଫ କରିଛି। ସୂଚନାନୁଯାୟୀ, ଥାନା ଅଧିକାରୀ ବାସୁଦେବ ଓରାମଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏକ ସ୍ୱତନ୍ତ୍ର ଅପରେସନ କରି ବିଚିତ୍ର ମାଝୀ ଓ ଶତ୍ରୁଘ୍ନ ଜେନା ନାମକ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୮.୨୦ ଗ୍ରାମ୍ ବ୍ରାଉନ୍‌ସୁଗର, ଏକ ବାଇକ୍ ଓ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ।

## ୮ ବାଲିବୋଝେଇ ଟ୍ରକ୍ ଜବତ



ବାରିକପୁର,୧୧।୫(ସମିସ): ଗତ ୨ଦିନ ମଧ୍ୟରେ ଭଣ୍ଡାରିପୋଖରୀ ଥାନା ଓ ଖଣି ବିଭାଗ ପକ୍ଷରୁ ୮ଟି ବେଆଇନ ବାଲିବୋଝେଇ ଟ୍ରକ୍ ଜବତ କରାଯାଇଛି। ସ୍ଥାନୀୟ ବୈତରଣୀ ନଦୀର ଆଖୁଆପଦା, ଷଠିପୁର, କ୍ଷୀର ସରସଦା, ରୁଢ଼ିଆ ପ୍ରମୁଖ ସ୍ଥାନରୁ ଚୋରା ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବାବେଳେ ପୁଲିସ ଏହାକୁ ଧରିଥିବା ଜଣାପଡ଼ିଛି। ଥାନାଧିକାରୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ଛତାବର ଟୋଲ୍ ଗେଟ୍ ନିକଟରେ ଗାଡ଼ିଗୁଡ଼ିକୁ ଅଟକ ରଖାଯାଇଥିଲା। ଯାଞ୍ଚ କରିବା ପରେ ସେଥିରେ ବେଆଇନ ବାଲି ପରିବହନ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ତଦନୁଯାୟୀ ସମସ୍ତ ହାଇୱା ଟ୍ରକ୍‌କୁ ଜବତ କରାଯାଇ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଆଞ୍ଚଳିକ ଖଣି ବିଭାଗ ଓ ଥାନା ପକ୍ଷରୁ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିବା ସୂଚନା ଦିଆଯାଇଛି।

## ଦୋକାନ ଘର ଜାଳିଦେଲେ ଦୁର୍ବୃତ୍ତ



ବାରିକପୁର,୧୧।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ବୌଦ୍ଧ ବିହାର ନିକଟସ୍ଥ ମା' ସାନ୍ତେଶ୍ୱରୀ ପୀଠରେ ଥିବା ଏକ ଦୋକାନ ଘରକୁ କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗ୍ରାମର ଭରତ ରାଉତ ଗତ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ବ୍ୟବସାୟ ପ୍ରତିଷ୍ଠାନରେ ନିଆଁ ଲାଗିଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ଯାଜପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଦୋକାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡ ଯୋଗୁଁ ନଗଦ ଟଙ୍କା, ଫ୍ରିଜ୍, ଥଣ୍ଡା ପାନୀୟ, ରାସନ ସାମଗ୍ରୀ ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏନେଇ ଅଭିଯୋଗ ହେବା ପରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଚାଲିଛି ବେଧଡ଼କ ବେଆଇନ ବାଲି କାରବାର



ଭଦ୍ରକ,୧୧।୫(ସମିସ): ଭଦ୍ରକ ସହରାଞ୍ଚଳର ପ୍ରମୁଖ ରାସ୍ତାଘାଟ ଏବେ ବେଆଇନ ବାଲି ମାଫିଆଙ୍କ କବ୍‌ଜାରେ ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟିବାରେ ଲାଗୁଛି। ଏପରିକି ବହୁ ଧନଜୀବନ ବି ଉଜୁଡ଼ୁଛି। ତେବେ ଏଦିଗରେ ଜିଲ୍ଲା ପ୍ରଶାସନର ନିଘା ନାହିଁ ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଭଦ୍ରକ ସହରାଞ୍ଚଳର ସାଳନ୍ଦୀ ବାଇପାସ୍, ଡାହାଣିଗଡ଼ିଆ, ଚରମ୍ପା, ଗବସାହି ଓ ବାଗୁରାସ୍‌ର ପ୍ରମୁଖ ରାସ୍ତାକଡ଼ରେ ବାଲି ଗଚ୍ଛିତ କରି ବେପାର କରୁଛନ୍ତି ବାଲି ମାଫିଆମାନେ। ନିକଟରେ ସରକାରଙ୍କ ମାଇନ୍ସ ଓ ମିନରାଲ୍‌ସ ବିଭାଗ ଏହି ବ୍ୟବସାୟୀଙ୍କ ଲାଗି ଷ୍ଟୋରେଜ୍ ଲାଇସେନ୍ସ ପ୍ରଚଳନ କରିଥିଲେ ବି ଏହାକୁ ଫୁ' କରି ପ୍ରାୟ ୫୦ରୁ ଅଧିକ ବେଆଇନ ବାଲି ମାଫିଆ ସହରର ପ୍ରମୁଖ ରାସ୍ତାକୁ ଅବରୋଧ କରି ଏହି ବ୍ୟବସାୟ ବେଧଡ଼କ ଚଳାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବେଆଇନ କାରବାର ନେଇ ଏଠାକାର ଖଣି ବିଭାଗ(ଡେପୁଟି ଡାଇରେକ୍ଟର ମାଇନ୍ସ), ପୌର କର୍ତ୍ତୃପକ୍ଷ କି ତହସିଲ୍ କର୍ତ୍ତୃପକ୍ଷ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନଙ୍କ କାରବର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବେଆଇନ କାରବାର ବିରୋଧରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ବଡ଼ଧରଣର ଦୁର୍ଘଟଣା ଘଟି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏହାଛଡ଼ା ସରକାର ଲକ୍ଷ ଲକ୍ଷ ଟଙ୍କାର ଟିକସ ମଧ୍ୟ ହରାଇ ଚାଲିଛନ୍ତି ବୋଲି ମତପ୍ରକାଶ ପାଇଛି।

# ଭଦ୍ରକ ଜିଲ୍ଲାର ୭ ବ୍ଲକ୍‌ରେ 'ମନରେଗା' ଯୋଜନା ବାଟବଣା

ଭଦ୍ରକ,୧୧।୫(ସମିସ)



ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ୨୦୨୬-୨୭ ଆର୍‌ôଥକ ବର୍ଷରେ ବାଟବଣା ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତବର୍ଷଠାରୁ ଏହି ପ୍ରକଳ୍ପ ଉପରେ କଟକଣା କରିବାରୁ ଆକ୍ସନ୍ ପ୍ଲାନ ପ୍ରସ୍ତୁତ ହେଲାନାହିଁ। ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ପୂର୍ବରୁ ନୂଆ ଆର୍‌ôଥକ ବର୍ଷ ପାଇଁ ଶ୍ରମିକଙ୍କ ପାଇଁ କର୍ମନିଯୁକ୍ତି କରିବା ପାଇଁ 'ମନରେଗା' ଯୋଜନାର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି କରାଯାଏ। କିନ୍ତୁ ୨୦୨୬-୨୭ ବର୍ଷ ପାଇଁ ଭଦ୍ରକ ଜିଲ୍ଲାର ୨୧୮ ପଞ୍ଚାୟତରେ ଆକ୍ସନ୍ ପ୍ଲାନ୍ 'ମନରେଗା' ପ୍ରକଳ୍ପ ପାଇଁ ତିଆରି ହୋଇନାହିଁ। ଯାହାକି ୭ଟି ବ୍ଲକ୍ ପାଇଁ ୨୫୦ କୋଟି ଟଙ୍କାର ପ୍ରକଳ୍ପ ଫାଇଲ୍‌ରେ ବନ୍ଧା ହୋଇ ରହିଥିବା ଜଣାଯାଇଛି। ଫଳରେ ଶ୍ରମିକମାନେ କାମ ନ ପାଇ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାଯାଇଛି।

**ଗତବର୍ଷ କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ଉପରେ କଟକଣା କରିବାରୁ ଆକ୍ସନ୍ ପ୍ଲାନ ପ୍ରସ୍ତୁତ ହେଲାନି**

ସୂଚନାଯୋଗ୍ୟ, ଜିଲ୍ଲାରେ ୭ଟି ବ୍ଲକ୍‌ର ବିଡିଓମାନେ ୨୦୨୫-୨୬ ପୁରୁଣା ପ୍ରକଳ୍ପକୁ ଅନ୍‌ଗୋଇଙ୍ଗ୍ ପ୍ରକଳ୍ପ ଭାବରେ ବାଣ୍ଟୁଛନ୍ତି। ଶ୍ରମିକଙ୍କ ଅସନ୍ତୋଷକୁ ଲକ୍ଷ୍ୟ କରି ଜିଲ୍ଲାପାଳ, ଜିଲ୍ଲା ଉନ୍ନୟନ ଅଧିକାରୀ ଓ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେବା ପରେ ପ୍ରତି ବ୍ଲକ୍ ପିଛା ୧୦୦ରୁ ୧୫୦ ପ୍ରକଳ୍ପ ଖୋଜୁଛନ୍ତି। ଗୋଟିଏ ମାସ ମଧ୍ୟରେ କାମ କରିବାକୁ ନିୟମ ଅନୁସାରେ ଜୁନ୍ ୧୪ରେ ମୌସୁମୀ ଆସିବ ଓ ମନରେଗା କାମ ବନ୍ଦ ହେବ। ତେଣୁ ଏହି କାମ ୭ ତାରିଖ ମଧ୍ୟରେ ସାରି ୩୫ ଦିନ ମଧ୍ୟରେ ପ୍ରତି ବ୍ଲକ୍ ଅତି କମ୍‌ରେ ପୁରୁଣା ଅନ୍‌ଗୋଇଙ୍ଗ୍ ୧୦୦ ପ୍ରକଳ୍ପ ଖୋଜି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ହୋଇଛି। 'ମନରେଗା' ପ୍ରକଳ୍ପରେ ଅଧିକାଂଶ ମାଟି ଖୋଳା କାମ ହୋଇଥିବାରୁ ଏହି କାମ ସବୁ ବର୍ଷା ଦିନ ପୂର୍ବରୁ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ୨୦୨୫-୨୬ ଆର୍‌ôଥକ ବର୍ଷରେ ମଧ୍ୟ ମନରେଗା ପ୍ରକଳ୍ପ ବାଟବଣା ହୋଇଥିଲା। ଜିଲ୍ଲାରୁ ୨୫୦ କୋଟି ଟଙ୍କାର ପ୍ରକଳ୍ପ ତାଲିକା ଯାଇଥିଲା। ଯାହାକି ୪୨ ହଜାର ପ୍ରକଳ୍ପ ଭୁକ୍ତ ହୋଇଥିଲା। ପ୍ରତି ବ୍ଲକ୍‌ରେ ୬୦୦୦ରୁ ଅଧିକ ପ୍ରକଳ୍ପ ଆକ୍ସନ୍ ପ୍ଲାନ ଜରିଆରେ ଗତବର୍ଷ ଯାଇଥିଲା। ସେଥିରୁ କେଉଁ ବ୍ଲକ୍‌କୁ ୫ ହଜାର ଆଉ କେଉଁ ବ୍ଲକ୍‌କୁ ମଧ୍ୟ କେନ୍ଦ୍ର ସରକାରଙ୍କ ଅଙ୍କୁଶ ଯୋଗୁଁ ଏହା ୪ ହଜାର ପ୍ରକଳ୍ପ ଅନୁମୋଦନ ହୋଇଥିଲେ ମଧ୍ୟ ବାସ୍ତବରେ ତାହା ଫଳବତୀ ହେଲାନାହିଁ। ଏବେ ସୁଦ୍ଧା ବ୍ଲକ୍ ପିଛା ୧ କୋଟିରୁ ୨ କୋଟି ଟଙ୍କା 'ମନରେଗା' ପ୍ରକଳ୍ପର ଟଙ୍କା ପ୍ରଦାନ କରାଯାଇପାରୁ ନାହିଁ। କେନ୍ଦ୍ର ସରକାର ମନରେଗା ପ୍ରକଳ୍ପକୁ ନାମ ବଦଳାଇ ଶ୍ରମିକମାନଙ୍କ ପାଇଁ ନୂଆ ଯୋଜନା କରିଛନ୍ତି। ଏଥିପାଇଁ ଅର୍ଥ ମଧ୍ୟ ଆସିନାହିଁ। ତେଣୁ ୨୦୨୬-୨୭ ବର୍ଷ ପାଇଁ ଶ୍ରମିକମାନଙ୍କ ପାଇଁ ମନରେଗା ଅନ୍ଧାରରେ ରହିଗଲା। ବିଡିଓମାନେ ଏବେ ପୁରୁଣା ୨୦୨୫-୨୬ର ଅନ୍‌ଗୋଇଙ୍ଗ୍ ପ୍ରକଳ୍ପ ଖୋଜି ପୁରୁଣା କାମ ପ୍ରସ୍ତୁତ କରୁଛନ୍ତି, ଯାହାକି ପ୍ରତି ବ୍ଲକ୍ ପିଛା ୧୦୦ ପ୍ରକଳ୍ପ ଗୋଟିଏ ମାସ ପାଇଁ ଅନୁଦାନ ମିଳିବ। ଭଦ୍ରକ ଜିଲ୍ଲାରେ ମନରେଗା ପ୍ରକଳ୍ପ ଆଗକୁ ଯାଇପାରି ନ ଥିବାବେଳେ ଶ୍ରମିକ ଶ୍ରେଣୀର ଲୋକମାନେ ଉପଯୁକ୍ତ କାମ ପାଇବାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି।

# ଭଦ୍ରକ 'ସଞ୍ଜୀବ କିଆ'ରେ ନୂତନ 'କିଆ ସିରାସ୍' ଉନ୍ମୋଚିତ

**ଆଧୁନିକ ଡିଜାଇନ୍, ସ୍ମାର୍ଟ ଟେକ୍ନୋଲୋଜି ଓ ପ୍ରିମିୟମ୍ ଅନୁଭୂତି ସହ ଗ୍ରାହକଙ୍କ ପାଇଁ ନୂତନ ଅଧ୍ୟାୟ**




ଭଦ୍ରକ,୧୧।୫(ସମିସ): ଭଦ୍ରକ "ସଞ୍ଜୀବ କିଆ' ପକ୍ଷରୁ ନୂତନ ଏବଂ ବହୁ ପ୍ରତୀକ୍ଷିତ "କିଆ ସିରାସ୍'ର ଭବ୍ୟ ଉନ୍ମୋଚନ କାର୍ଯ୍ୟକ୍ରମ ଶୋ'ରୁମ୍‌ରେ ବହୁ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। ଏହି ବିଶେଷ ଅବସରରେ ଅଟୋମୋବାଇଲ୍ ପ୍ରେମୀ, ଗ୍ରାହକ, ବ୍ୟବସାୟୀ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ନୂତନ ଏସ୍‌ୟୁଭିର ଆକର୍ଷଣୀୟ ଡିଜାଇନ୍ ଓ ଫିଚର୍ସକୁ ନିକଟରୁ ଅନୁଭବ କରିଥିଲେ। ଏହି ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଭବାନୀଶଙ୍କର ହୁଇ ଯୋଗଦେଇଥିଲେ। ଏହା ସହିତ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅଭୀକ କୁମାର ମଲ୍ଲିକ, ସାଧାରଣ ପ୍ରବନ୍ଧକ ଶେଖ୍ ମୁସ୍ତାକ ଓ ଭଦ୍ରକ ଲୋକେସନ୍‌ର ସେଲ୍ସ ମ୍ୟାନେଜର ଅଜୟ ପୃଷ୍ଟି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅଧିକ ଗୌରବାନ୍ୱିତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭ ପ୍ରଦୀପ ପ୍ରଜ୍ୱଳନ ଓ ଅତିଥି ସ୍ୱାଗତ ସହ କରାଯାଇଥିଲା। ପରେ ଆକର୍ଷଣୀୟ ସଙ୍ଗୀତ ଓ ଲାଇଟ୍ ଶୋ' ମାଧ୍ୟମରେ ନୂତନ କିଆ ସିରାସ୍ ଉନ୍ମୋଚନ କରାଯାଇଥିଲା, ଯାହା ଉପସ୍ଥିତ ଅତିଥିମାନଙ୍କ ମନରେ ବିଶେଷ ଉତ୍ସାହ ସୃଷ୍ଟି କରିଥିଲା। ନୂତନ କିଆ ସିରାସ୍ ଆଧୁନିକ ଗ୍ରାହକଙ୍କ ରୁଚି ଓ ଜୀବନଶୈଳୀକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏହି ଏସ୍‌ୟୁଭିରେ ଆକର୍ଷଣୀୟ ଏକ୍ସଟେରିଅର ପ୍ରିମିୟମ୍ ଇଣ୍ଟେରିଅର, ଆଧୁନିକ ସୁରକ୍ଷା ବ୍ୟବସ୍ଥା ଓ ସ୍ମାର୍ଟ କନେକ୍ଟେଡ୍ ଟେକ୍ନୋଲୋଜି ସମ୍ମିଳିତ ହୋଇଛି। ସହର ଓ ହାଇୱେ ୨ ପ୍ରକାର ଯାତ୍ରା ପାଇଁ ଏହା ଏକ ଉତ୍କୃଷ୍ଟ ପସନ୍ଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଉପସ୍ଥିତ ଅତିଥିମାନେ ନୂତନ ପ୍ରୟାସକୁ ପ୍ରଶଂସା କରିବା ସହିତ ଗ୍ରାହକଙ୍କ ମଧ୍ୟରେ ଏହି ଗାଡ଼ି ନିଶ୍ଚିତ ଭାବେ ଜନପ୍ରିୟ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କ ପାଇଁ ଟେଷ୍ଟ ଡ୍ରାଇଭ୍, ଗାଡ଼ିର ବିଶେଷ ଫିଚର୍ସ ବିଷୟରେ ଡେମୋ ଓ ବିଶେଷ ଲଞ୍ଚ ଅଫର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ଅବସରରେ ଅନେକ ଗ୍ରାହକ ଗାଡ଼ି ବୁକିଂ କରିଥିବା ଜଣାଯାଇଛି।

**ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ 'କୃଷ୍ଣଚୂଡ଼ାର ହସ' କାର୍ଯ୍ୟକ୍ରମ**

## 'କୃଷ୍ଣଚୂଡ଼ା ଜୀବନଦର୍ଶନର ସଙ୍କେତ'




ଭଦ୍ରକ,୧୧।୫(ସମିସ): ପ୍ରକୃତିର ଶାଶ୍ୱତ ରୂପ ଏବଂ ମାନବୀୟ ସମ୍ପର୍କର ସୂକ୍ଷ୍ମତା ମଧ୍ୟରେ କୃଷ୍ଣଚୂଡ଼ା ଏକ ସେତୁ ସଦୃଶ ଓ ଏହା ମଣିଷର ଯାତନା ନିଦାଘରେ ପ୍ରେମର ଶ୍ରେଷ୍ଠ ଅଳଙ୍କାର ବିଛେଇଦିଏ ବୋଲି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଆୟୋଜିତ 'କୃଷ୍ଣଚୂଡ଼ାର ହସ' ସାରସ୍ୱତ ଗ୍ରୀଷ୍ମ ଆଲୋଚନା ଓ କବିତା ପାଠୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚର ଉପଦେଷ୍ଟା ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ରବିବାର ଅପରାହ୍ଣରେ ସ୍ଥାନୀୟ ବ୍ରିଗେଡ୍ ସୈନିକ ସ୍କୁଲ୍ ପରିସରରେ ଅନୁଷ୍ଠିତ "କୃଷ୍ଣଚୂଡ଼ାର ହସ' ଶୀର୍ଷକ ସାରସ୍ୱତ ଗ୍ରୀଷ୍ମ ଆଲୋଚନା ଓ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସ ଯୋଗଦେଇ ପ୍ରକୃତି ଓ ମାନବୀୟ ପ୍ରେମ ମଧ୍ୟରେ କୃଷ୍ଣଚୂଡ଼ା ରଙ୍ଗ ଗଭୀର ଜୀବନଦର୍ଶନର ସଙ୍କେତ ବହନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଘଟଗାଁ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ କବି ଚିତ୍ତରଞ୍ଜନ ନାୟକ ଯୋଗଦେଇ ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ବିମଳ ରସାନନ୍ଦର ଅନ୍ୱେଷା ଉଭୟ ସୃଜନ ଜଗତରେ ଓ କୃଷ୍ଣଚୂଡ଼ାର ରଙ୍ଗୀନ ଆଭାରେ ଫୁଟି ଉଠିଥାଏ ବୋଲି କହିଥିଲେ। ମଞ୍ଚ ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କବି ବିଶ୍ୱଜିତ୍ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉର୍ଦ୍ଦୁ କବି ମୁସ୍ତାକ୍ ଗହ୍ୱରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ନିରଞ୍ଜନ ବାରିକ, କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, କବି ବିଶ୍ୱନାଥ ନାୟକ, ଶିଶୁ ସାହିତ୍ୟିକ କଳ୍ପତରୁ ସେଠୀ, କବି ପି. ହୃଷୀକେଶ, ନରହରି ନାୟକ, ସୁବାସ ଚନ୍ଦ୍ର ଦାଶ, ଜୟନ୍ତ ମହାନ୍ତି, ବିଜୟ ବେହେରା, ଆଶୁତୋଷ କରଣ, ବୈକୁଣ୍ଠନାଥ ଓଝା, ମୁକୁନ୍ଦଦେବ ନାୟକ, ବସନ୍ତ ଦାସ, ପୀତାମ୍ବର ସେଠୀ, ବିପ୍ଳବ ରଞ୍ଜନ ପତି, ପ୍ରଦୀପ ମହାନ୍ତି, ରଞ୍ଜନ ନାୟକ, ଜ୍ଞାନରଞ୍ଜନ ନାୟକ, ହରିହର ମଲିକ, ମନୋରଞ୍ଜନ ମୁଦୁଲି, ଶେଖ୍ ଅବ୍‌ଦୁଲ୍ ଦୟାନ୍, ସୁବାସ ମହାନ୍ତି, ରୁବିଲତା ଦାସ, ନୀଳାମ୍ବର ସେଠୀ ପ୍ରମୁଖ କବି ସ୍ୱରଚିତ କବିତାପାଠ କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ ବେଦପାଠ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମଞ୍ଚ ସଂଯୋଜକ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● କାଳ ସାଜିଛି ଅଙ୍ଗୁଳି ଛାପ**

## ୨ ମାସ ହେଲା ଭତ୍ତାରୁ ବଞ୍ଚିତ ହିତାଧିକାରୀ



ବାରିକପୁର,୧୧।୫(ସମିସ): ଯେଉଁ ହିତାଧିକାରୀମାନେ ବ୍ୟାଙ୍କ ଖାତା ଜରିଆରେ ମାସିକିଆ ଭତ୍ତା ପାଉଥିଲେ ସେମାନେ ୨ ମାସ ହେବ ଏଥିରୁ ବଞ୍ଚିତ ହୋଇଛନ୍ତି। ସରକାରୀ ଭାବେ ଆକାଉଣ୍ଟଗୁଡ଼ିକର ଡେଭିଡ୍ ପ୍ରୋସେସିଙ୍ଗ୍ ପାଇଁ ସମୟ ଲାଗୁଛି। ତେଣୁ ଠିକ୍ ସମୟରେ ଭତ୍ତା ଆସୁନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ପ୍ରାୟ ୬୦୦୨ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୨ ମାସର ଭତ୍ତା ଆସିନାହିଁ। ଫଳରେ ଅସହାୟ ଗରିବ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଏବଂ ଗୁରୁତର ରୋଗରେ ପୀଡ଼ିତ ହିତାଧିକାରୀମାନେ ଭତ୍ତା ବିନା ମାସିକିଆ ଖର୍ଚ୍ଚ ତୁଲାଇପାରୁ ନାହାନ୍ତି। ସୂଚନା ମୁତାବକ, ରହଣିଆ ପଞ୍ଚାୟତ ରାଢୋ ଗାଁର ବିନୋଦ କୁଅଁର ଜଣେ ଭିନ୍ନକ୍ଷମ ତଥା ଗୁରୁତର କିଡ୍‌ନୀ ରୋଗୀ। ମାସିକିଆ ଭତ୍ତା ବିନା ଔଷଧ କିଣିବା ତାଙ୍କ ପାଇଁ କଷ୍ଟକର ହେଉଛି। ଯଦି ଖାତାକୁ ଭତ୍ତା ଟଙ୍କା ଆସେ ତାହେଲେ ବ୍ୟାଙ୍କ ଯାଇ ଅର୍ଥ ଆଣିବା ତାଙ୍କ ପାଇଁ କଷ୍ଟକର ହେବ। ଏପରି ସ୍ଥଳେ ହାତରେ ଭତ୍ତା ଟଙ୍କା ଦେବାକୁ ସେ ନିବେଦନ କରିଛନ୍ତି। ସେହିଭଳି ନରହରି ସାମଲ ଓ ପ୍ରଫୁଲ୍ଲ କୁଅଁରଙ୍କର ଆଙ୍ଗୁଠି ଛାପ ଆସୁ ନ ଥିବା ଯୋଗୁଁ ସେମାନେ ମଧ୍ୟ ଏହା ପୂର୍ବରୁ ବ୍ୟାଙ୍କରୁ ମାସିକିଆ ଭତ୍ତା ଆଣିପାରୁ ନାହାନ୍ତି। ଭତ୍ତା ବିନା ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା କଷ୍ଟକର ହେଉଛି। ଏଭଳି ଅନେକ ହିତାଧିକାରୀ ଭତ୍ତା ଗଣ୍ଡାକ ପାଇଁ ଅନେକ ଦହଗଞ୍ଜ ହେଉଛନ୍ତି। ବିଭିନ୍ନ ସମସ୍ୟା ଦେଖାଦେଉଥିବା ହିତାଧିକାରୀଙ୍କ ପାଇଁ ସରଳୀକରଣ ଭାବେ ହାତରେ ଭତ୍ତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

**ଦେଢ଼ ବର୍ଷ ପରେ ହେଲା ପଞ୍ଚାୟତ ସମିତି ବୈଠକ**

# ରାସନ କାର୍ଡ ଜାଲିଆତିର ଭିଜିଲାନ୍ସ ତଦନ୍ତ ହେବ: ବିଧାୟକ

ବାସୁଦେବପୁର,୧୧।୫(ସମିସ)




ବାସୁଦେବପୁର ବ୍ଲକ୍‌ରେ ନୂତନ ରାସନ କାର୍ଡ ଯୋଗାଇଦେବା ଆଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଛି। ବିଭିନ୍ନ ଆଳରେ ଯୋଗାଣ ଅଧିକାରୀ ତାଙ୍କର କର୍ମଚାରୀ ଓ ଏଜେଣ୍ଟମାନଙ୍କ ଦ୍ୱାରା ମୋଟା ଅଙ୍କର ଉତ୍କୋଚ ନେଇ ୧୦ ହଜାର ୫୨୧ ଜାଲ୍ ରାସନ କାର୍ଡ ପ୍ରସ୍ତୁତ କରିଛନ୍ତି। କାହାକୁ ମେଡିକାଲ ଆଳ ଦେଖାଇ କରିଛନ୍ତି ତ ପୁଣି କାହାର ରାତିଅଧିଆ ପ୍ରସ୍ତୁତ କରିଛନ୍ତି। କାର୍ଡ ପିଛା ଦେଢ଼ ହଜାରରୁ ଦୁଇ ହଜାର ଟଙ୍କା ଆଦାୟ କରାଯାଇଛି ବୋଲି ଅଡିଓ ରେକର୍ଡିଂ ଅଛି ବୋଲି ସରପଞ୍ଚ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ପାଖକୁ ଦୌଡ଼ି ଦୌଡ଼ି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ ହୋଇପାରୁ ନ ଥିବାବେଳେ ଏଜେଣ୍ଟ ମାଧ୍ୟମରେ ୨ହଜାର ଟଙ୍କା ଦେଇ କାର୍ଡ ନେଇ ସରପଞ୍ଚଙ୍କ ମୁହଁକୁ ଛାଟି ଦେଉଛନ୍ତି। ରାସନ କାର୍ଡ ଜାଲିଆତିର ଭିଜିଲାନ୍ସ ତଦନ୍ତ ହେବ ବୋଲି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବାସୁଦେବପୁର ପଞ୍ଚାୟତ ସମିତିର ୬ଷ୍ଠ ବୈଠକରେ ଯୋଗଦେଇ କହିଥିଲେ। ଯୋଗାଣ ଅଧିକାରିଣୀ ରାସନ କାର୍ଡ ଦୁର୍ନୀତିର ସନ୍ତୋଷଜନକ ଉତ୍ତର ଦେଇ ନ ପାରି ଥମଥମ ହୋଇଥିଲେ।

ନୂତନ ସଭାଗୃହରେ ଆୟୋଜିତ ବୈଠକରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଲୋକ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ପ୍ରସ୍ତାବିତ ରାସ୍ତା ଦୀର୍ଘ ଦେଢ଼ ବର୍ଷ ପରେ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ କୁମାର ଦାସ, ବିଡିଓ ତନ୍ମିତା କର, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ସହକାରୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ତରାଇ, ଆକାଉଣ୍ଟାଣ୍ଟ ସରୋଜ ଖୁଣ୍ଟିଆ, ଜିପିଓ ଅଲେଖ ମଳିକ ଯୋଗଦେଇଥିଲେ। ପଞ୍ଚାୟତ ସମିତିର ବୈଠକ ଦୀର୍ଘ ଦେଢ଼ ବର୍ଷ ପରେ ଅନୁଷ୍ଠିତ ହେଉଥିବାରୁ ସମିତିସଭ୍ୟମାନେ ଆପତ୍ତି ଉଠାଇଥିଲେ। କାର୍ଯ୍ୟକାଳ ସରିଆସୁଥିବାରୁ ଅବଶିଷ୍ଟ ସମୟ ପ୍ରତି ୨ ମାସରେ ଥରେ ବୈଠକ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ସରପଞ୍ଚ ଓ ସମିତିସଭ୍ୟମାନେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅଭିଯୋଗ କରିଥିଲେ। ପ୍ରାଣୀଧନ ଚିକିତ୍ସକଙ୍କ ନାମରେ ଆସିଥିଲା ସଙ୍ଗୀନ ଅଭିଯୋଗ। ଫଲ୍‌ଟ୍ରି ଫାର୍ମ ନାମରେ ହିତାଧିକାରୀ ଅର୍ଥ ଉଠାଇ ନେଇଛନ୍ତି। ହେଲେ ବାସ୍ତବରେ ପଲ୍‌ଟ୍ରି ଫାର୍ମ ନାହିଁ। ଫାର୍ମ ନାମରେ ସବସିଡି ଅର୍ଥ ତୁମର ଅଧେକୁ ମୋର ଅଧେ। ଗୋଟିଏ ଉଦାହରଣ ଦେଇଥିଲେ ସରପଞ୍ଚ। ଅସାଧୁ ଅଧିକାରୀଙ୍କ ଅର୍ଥଲୋଭୀ ମନୋଭାବ ଯୋଗୁଁ ବାଟବଣା ହେଉଛି ସରକାରୀ ଯୋଜନା। ତଦନ୍ତ କଲେ ମାଳମାଳ ଦୁର୍ନୀତି ପଦାକୁ ଆସିବ। ସେହିପରି ମତ୍ସ୍ୟ ବିଭାଗ ସବ୍‌ସିଡି ଆଳରେ ପୁରୁଣା ପୋଖରୀ ଦେଖାଇ ଅର୍ଥ ଲୁଟ୍ ଚାଲିଛି। ଏପରି କାରବାର ଆଉ ଚଳିବ ନାହିଁ ବୋଲି ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଥିଲେ। ପଞ୍ଚାୟତ ସମିତି ବୈଠକର କିଛି ଲୋକ ପ୍ରତିନିଧିଙ୍କ ବଦଳରେ ସେମାନଙ୍କ ସମ୍ପର୍କୀୟମାନେ ବସିଥିଲେ। ଏପରିକି ବୈଠକରେ ଏକାଧିକ ପ୍ରଶ୍ନ କରିଥିଲେ। ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଫେଲୋସିପ୍ ସଭାଗୃହରେ ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମ ଉଦ୍‌ଘାଟିତ




ଭଦ୍ରକ,୧୧।୫(ସମିସ): ସୋମବାର ଫେଲୋସିପ୍ ସଭାଗୃହରେ ଚରମ୍ପା କଲେଜ ଓ ପାଳିଆ ବିନ୍ଧା କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମ ୧୫ ଦିନ ପାଇଁ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଫେଲୋସିପ୍‌ର ସମ୍ପାଦକ ଏସ୍. ଏମ୍. ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଅଧ୍ୟାପିକା ସୁକାନ୍ତି ମହାପାତ୍ର ଓ ଅଧ୍ୟାପିକା ଅନିତା ମଞ୍ଜରୀ ଯୋଗଦେଇଥିଲେ। ୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଟ୍ରେନିଂ ଆରମ୍ଭରେ ବରିଷ୍ଠ ଅଭିବକ୍ତା ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ପବନ ଶର୍ମା, ବିଷୟ ବିଶାରଦ ଭାବେ ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଚିନ୍ତାଧାରା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଲିପ୍‌ସା ନାୟକ (ପ୍ରୋଗ୍ରାମ ମ୍ୟାନେଜର) ପରିଚାଳନା କରିଥିଲେ। ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ସମସ୍ତ ସୋସିଆଲ ଆକ୍ଟିଭିଟିର ପରିଭାଷା ଜଣିବା ପାଇଁ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟକୁ ଦୀର୍ଘ ୧୫ ଦିନ ଧରି ଆଗେଇନେବା ପାଇଁ ଫେଲୋସିପ୍ ପ୍ରୟାସ କରିଛି। ଏଥିରେ ଶିଶୁ ସମସ୍ୟା, ନାରୀ ସମସ୍ୟା, ସାଇବର କ୍ରାଇମ୍, ତୃତୀୟଲିଙ୍ଗ, କ୍ଲାଇମେଟ୍ ମ୍ୟାନେଜ୍‌ମେଣ୍ଟ ଓ ସ୍ୱାସ୍ଥ୍ୟା ସମ୍ବନ୍ଧୀୟ ବିଷୟରେ ଆଲୋକପାତ କରାଯିବ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ବିଚାର ମଞ୍ଚ ସମ୍ପାଦକ ସୁଧାକର ରାଉତ ଓ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ବ୍ୟବସ୍ଥାଟି ଶିକ୍ଷା ଜଗତରେ ଖୁବ୍ ଆଦୃତ ହୋଇଛି।